# ଧରିତ୍ରୀ
DHARITRI

ଶନିବାର, ମେ ୩୦/୨୦୨୦ (୨୦ ପୃଷ୍ଠା) | Saturday, May 30/2020

୪୬ଶ ଭାଗ ୧୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### ସୋନୁଙ୍କ ପରେ ସ୍ୱରା

ପ୍ରବାସୀଙ୍କୁ ଘରେ ପହଞ୍ଚାଇବାରେ ସୋନୁ ସୁଦଙ୍କ ପରେ ଚର୍ଚ୍ଚାକୁ ଆସିଛି ଅଭିନେତ୍ରୀ ସ୍ୱରା ଭାସ୍କରଙ୍କ ନାଁ। ହଜାରେ ପ୍ରବାସୀ ଶ୍ରମିକଙ୍କୁ ସେ ଘରେ ପହଞ୍ଚାଇଥିବା କହିଛନ୍ତି।

୧୦ ୨୦

### ଅଶୋକ ସାହୁଙ୍କୁ ଗୁରୁଦାୟିତ୍ୱ

ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏଶନ(ଓଜିଏ) ସମ୍ପାଦକ ଅଶୋକ ସାହୁ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ( ଜିଏଫ୍ଆଇ) ଚୟନ କମିଟି ଅଧକ୍ଷଭାବେ ନିଯୁକ୍ତ ହୋଇଛନ୍ତି।



# ଜୀବିକା ପାଇଁ ୧୭ ହଜାର କୋଟିର ପ୍ୟାକେଜ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

କୋଭିଡ୍‌-୧୯ ଜନିତ ଲକ୍‌ଡାଉନ୍ ପରେ ରାଜ୍ୟକୁ ଫେରି ଆସିଥିବା ଗ୍ରାମାଞ୍ଚଳ ଶ୍ରମିକମାନଙ୍କୁ ରାଜ୍ୟ ସରକାର ରୋଜଗାର ଯୋଗାଇ ଦେବେ। ଏଥିପାଇଁ ୨୦୨୦ ଜୁନ୍‌ରୁ ୨୦୨୧ ମାର୍ଚ୍ଚମଧ୍ୟରେ ଖର୍ଚ୍ଚହେବ ୧୭ ହଜାର କୋଟିଟଙ୍କା। ଯୁଦ୍ଧକାଳୀନଭିତ୍ତିରେ ପ୍ରବାସୀଙ୍କୁ ଜୀବିକା ଯୋଗାଇବାକୁ ଏହି ଯୋଜନା କରାଯାଇଛି। ଗ୍ରାମାଞ୍ଚଳରେ ଜୀବିକା ସୃଷ୍ଟି ପାଇଁ ଏହି ଅର୍ଥ ଖର୍ଚ୍ଚ ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ଉକ୍ତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ବୈଠକ ପରେ ଏହି ପ୍ୟାକେଜ୍ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି କୃଷି, ପଶୁପାଳନ, ମତ୍ସ୍ୟଚାଷ, ସମବାୟ, ଖାଦ୍ୟ ସୁରକ୍ଷା, ହସ୍ତଶିଳ୍ପ, ବୟନ ଶିଳ୍ପ, ଦକ୍ଷତା ବିକାଶ, ଖାଦ୍ୟ ସୁରକ୍ଷା, ପନିପରିବା, ଫଳ ଚାଷ, ପୋଖରୀ ଖୋଳା ଆଦି କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ ହେବ। ଏହାଛଡ଼ା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା କରାଯାଇଛି। ଏଥିରୁ ଗ୍ରାମାଞ୍ଚଳ କୃଷି ପାଇଁ ୨୦୦ କୋଟି ଟଙ୍କା ବ୍ୟୟ କରାଯିବ। ଏଥିରେ ୨୪ଲକ୍ଷ ୫୬ ହଜାର ଚାଷୀ ଉପକୃତ ହେବେ। ୪ ହଜାର ପାନ ଚାଷୀଙ୍କ ପାଇଁ ୧୬ କୋଟି ଖର୍ଚ୍ଚ ହେବ। ୧୦ ହଜାର ଚାଷୀ ଏବଂ ୫ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛତୁ ଚାଷ ପାଇଁ ସହାୟତା ଯୋଗାଇ ଦିଆଯିବ। ୩ ହଜାର ଫୁଲଚାଷୀଙ୍କୁ ମଧ୍ୟ ସହାୟତା ମିଳିବ। ସେହିପରି

### ମନ୍ତ୍ରୀ ପରିଷଦ ବୈଠକ



- ଗ୍ରାମାଞ୍ଚଳ ଶ୍ରମିକଙ୍କୁ ମିଳିବ ରୋଜଗାର
- କୃଷି ପାଇଁ ୨୦୦ କୋଟି, ଦକ୍ଷତା ବିକାଶ ଲାଗି ୧୫୦ କୋଟି
- ପୋଖରୀ ଖୋଳା ଲାଗି ୧ ହଜାର କୋଟି
- କୋଭିଡ୍ ଯୋଦ୍ଧାଙ୍କୁ ପ୍ରଶଂସା

୧୦ ଲକ୍ଷ ଚାଷୀଙ୍କୁ ସାଢେ ୫ ଲକ୍ଷ କୁଇଣ୍ଟାଲ ବିହନ ଯୋଗାଇ ଦିଆଯିବ। ଏଥିରେ ୭୫ ପ୍ରତିଶତ ରିହାତି ଦେବାର ବ୍ୟବସ୍ଥା ରହିଛି। ୫୦ ହେକ୍ଟର ଜମିରେ ପରିବା ଚାଷ ପାଇଁ ୫ ଲକ୍ଷ ଚାଷୀଙ୍କୁ ହାଇବ୍ରିଡ୍ ବିହନ ଯୋଗାଇ ଦିଆଯିବ। ସେହିପରି ଆଉ ୫ ଲକ୍ଷ ଚାଷୀଙ୍କୁ ପରିବା ବିହନ କିଟ୍ ଯୋଗାଇ ଦିଆଯିବ। ୩୮ ହଜାର ୯୦୦ମତ୍ସ୍ୟ ଚାଷୀଙ୍କୁ ସହାୟତା ପାଇଁ ଏହି ଯୋଜନାରେ ୧୧୧. ୪୭କୋଟି ଟଙ୍କା ଖର୍ଚ୍ଚ କରାଯିବ। ୫ ହଜାର ଚାଷୀଙ୍କ ପାଇଁ ୨ ହଜାର ହେକ୍ଟରରେ ମତ୍ସ୍ୟଚାଷ ଲାଗି ସହାୟତା ଦିଆଯିବ। ୧୫ ହଜାର ଚାଷୀ ଏବଂ ୧୫୦୦ ମହିଳା ଏସ୍‌ଏଚଜିଙ୍କୁ ମତ୍ସ୍ୟ ଚାଷ ପାଇଁ ସହାୟତା ଦେବା ସହିତ ୨୫୦ ପ୍ରାଥମିକ ମତ୍ସ୍ୟ ସମବାୟ ସମିତିକୁ ମଧ୍ୟ ଏହି ଯୋଜନାରେ ସହାୟତା ମିଳିବ। ୧୮୦୦ ମତ୍ସ୍ୟଜୀବୀଙ୍କୁ ମାଛଧରା ଉପକରଣ ଯୋଗାଇ ଦିଆଯିବ। ୧୫ ହଜାର ଚାଷୀଙ୍କୁ ପୋଖରୀ ଖୋଳିବା, ଚିଙ୍ଗୁଡି ଓ ସାମୁଦ୍ରିକ ମତ୍ସ୍ୟ ଚାଷ କରିବାକୁ ସହାୟତା ଯୋଗାଇ ଦିଆଯିବ। ୧୦ ହଜାର ୬୦୦ ମତ୍ସ୍ୟଜୀବୀଙ୍କୁ ଜୀବିକା ସହାୟତା ଦେବାକୁ ବ୍ୟବସ୍ଥା କରାଯାଇଛି। ପଶୁପାଳନ କ୍ଷେତ୍ରରେ ୫୨୫୦ ଜଣ ଚାଷୀଙ୍କୁ ସହାୟତା ଦେବା ପାଇଁ ୬୨.୨୩ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ କୁକୁଡା ଚାଷୀଙ୍କୁ ସାମିଲ କରାଯାଇଛି। ୪,୫୦୦ କୁକୁଡା ଫାର୍ମ ସ୍ଥାପନ ପାଇଁ ପଦକ୍ଷେପ ନିଆଯିବ। ନିଜ ଗାଁକୁ ଫେରୁଥିବା ପ୍ରବାସୀ ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇ ଦେବା ମଧ୍ୟ ସରକାରଙ୍କ କାମ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦ କୋଟି ଶ୍ରମଦିବସ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି। ୪୦ ହଜାର ଶ୍ରମିକଙ୍କ ଦକ୍ଷତା ବିକାଶ ପାଇଁ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ମୋ ପୋଖରୀ ଯୋଜନାରେ ୧ ହଜାର କୋଟି ଟଙ୍କା ବ୍ୟୟରେ ୧.୦୫ ଲକ୍ଷ ଫାର୍ମ ପଣ୍ଡ ଖୋଳାଯିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ମଧ୍ୟ ଏହି ପ୍ୟାକେଜ୍‌ରେ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଖରିଫ୍ ଋତୁରେ ୬୮ ଲକ୍ଷ ଚାଷୀଙ୍କୁ ୯,୭୦୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯିବ। ୩୦ ଲକ୍ଷ ଲୋକଙ୍କୁ ଫସଲବୀମା ଯୋଜନାରେ ସାମିଲ କରାଯିବ। ଏଥିସହିତ ହସ୍ତତନ୍ତ ଓ ବୟନ ଶିଳ୍ପ ପାଇଁ ୩୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। କୋଭିଡ୍‌-୧୯ କାଳରେ ୩.୧୮ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପ୍ୟାକେଜ୍ ଦ୍ୱାରା ଜୀବିକା ହରାଇଥିବା ଲୋକମାନଙ୍କୁ ରୋଜଗାର ପନ୍ଥା ମିଳିବା ନେଇ ଆଶା କରାଯାଉଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ଏଥିସହିତ କୋଭିଡ୍‌-୧୯ ମହାମାରୀ ସଂକ୍ରମଣକୁ ରୋକିବା ପାଇଁ ଯୋଦ୍ଧା ଭାବେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀ, ଆଶା, ଏଏନ୍‌ଏମ୍, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପରିମଳ କର୍ମଚାରୀ, ପୋଲିସ, ଅଗ୍ନିଶମ କର୍ମଚାରୀ, ହୋମଗାର୍ଡ, ସରପଞ୍ଚମାନଙ୍କର ଉତ୍ସର୍ଗୀକୃତ ସେବାକୁ ମନ୍ତ୍ରୀ ପରିଷଦ ବୈଠକରେ ଉଚ୍ଚ ପ୍ରଶଂସା କରାଯାଇଛି। ଏଥିସହିତ ଏହି ମହାମାରୀ ସଂକ୍ରମଣକୁ ରୋକିବା ଦିଗରେ ସରକାରୀ କର୍ମଚାରୀ, ଶିକ୍ଷକ, ସାମାଜିକ କର୍ମୀ ଏବଂ ରାଜ୍ୟ ସରକାରଙ୍କ ଉଦ୍ୟମକୁ ମଧ୍ୟ ପ୍ରଶଂସା କରାଯାଇଛି।

## ଅଜିତ ଯୋଗୀଙ୍କ ଦେହାନ୍ତ



**ରାୟପୁର,୨୯।୫ (ଆଇଏଏନ୍‌ଏସ୍)**

ଛତିଶଗଡ଼ର ପ୍ରଥମ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି। ପ୍ରାୟ ୩ ସପ୍ତାହ ଧରି ରାୟପୁରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଯୋଗୀ ଶୁକ୍ରବାର ଅପରାହ୍ନ ୩ଟା ୩୦ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୭୪ ବର୍ଷ ହୋଇଥିଲା। ରାୟପୁରର ଶ୍ରୀ ନାରାୟଣ ହସ୍ପିଟାଲର ମେଡିକାଲ ବୁଲେଟିନ୍‌ରେ କୁହାଯାଇଛି ଯେ, ଯୋଗୀଙ୍କୁ ସେଠାରେ ମେ ୯ରେ ଭର୍ତ୍ତି କରାଯାଇଥିଲା। ସେବେଠୁ ସେ କୋମାରେ ଥିଲେ। ଶୁକ୍ରବାର ୧ଟା ୩୦ରେ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ଡାକ୍ତରୀ ଦଳ ତାଙ୍କୁ ବଞ୍ଚାଇବା ପାଇଁ ଯଥାସମ୍ଭବ ଉଦ୍ୟମ କରିଥିଲେ। ହେଲେ ସେମାନେ ଏଥିରେ ବିଫଳ ହୋଇଛନ୍ତି। ଅଜିତ ଯୋଗୀଙ୍କ ପୁଅ ଅମିତ ଯୋଗୀ ଟୁଇଟର୍‌ରେ ବାପାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଅମିତ ଲେଖିଛନ୍ତି, କେବଳ ସେ ☞ପୃଷ୍ଠା-୪

## ଯିଏ ଯୋଉଠି ଥାଆନ୍ତୁ, ଗାଆନ୍ତୁ ‘ବନ୍ଦେ ଉତ୍କଳ ଜନନୀ’

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

କରୋନା ଯୁଦ୍ଧରେ ନିଜ ସୁଖ, ସ୍ୱଚ୍ଛନ୍ଦକୁ ତ୍ୟାଗ କରି ସଂକ୍ରମଣ ରୋକିବା ପାଇଁ ଦିନରାତି ଏକ କରିଦେଇଥିବା କୋଭିଡ ଯୋଦ୍ଧାମାନଙ୍କୁ ଶନିବାର ସମ୍ମାନ ଦିଆଯିବ। ସେମାନଙ୍କ ମହତ୍ କାର୍ଯ୍ୟକୁ ଉତ୍ସାହିତ କରିବା ପାଇଁ ସନ୍ଧ୍ୟା ସାଢେ

### ସବୁ ଓଡ଼ିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

୫ଟା ସମୟରେ ଦେଶ ବିଦେଶର ସବୁ ଓଡିଆ ଭଉଣୀଭାଇମାନଙ୍କୁ ‘ବନ୍ଦେ ଉତ୍କଳ ଜନନୀ ଗାନ’ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଓଡ଼ିଆ ଲୋକ ଦୁନିଆର ଯେଉଁଠାରେ ଥିଲେ ମଧ୍ୟ ଠିଆ ହୋଇ ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ସେ କହିଛନ୍ତି। ଏହି ସମୟରେ ସମସ୍ତ ଟ୍ରାଫିକ ବନ୍ଦ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସରକାରୀ, ବେସରକାରୀ କାର୍ଯ୍ୟାଳୟ, ରାସ୍ତାଘାଟ, ବିଲବାଡି, ଘର ବଜାର ଯିଏ ଯେଉଁଠାରେ ଥିଲେ ମଧ୍ୟ ନିଜ ସ୍ଥାନରେ ଠିଆ ହୋଇ ବନ୍ଦେ ଉତ୍କଳ ଜନନୀ ଗାନ କରିବେ। ଏହାଦ୍ୱାରା କୋଭିଡ ଯୋଦ୍ଧାମାନଙ୍କୁ ଉତ୍ସାହିତ ଓ ସମ୍ମାନିତ କରିବାକୁ ସେ ଅନୁରୋଧ କରିଛନ୍ତି।

## ଜ୍ୟୋତିର୍ବିଦ୍ ବେଜାନ ଦାରୁୱାଲାଙ୍କ ପରଲୋକ



**ନୂଆଦିଲ୍ଲୀ,୨୯।୫**

ଖ୍ୟାତନାମା ଜ୍ୟୋତିର୍ବିଦ୍ ବେଜାନ ଦାରୁୱାଲାଙ୍କର ଶୁକ୍ରବାର ପରଲୋକ ହୋଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ଗତ ସପ୍ତାହରେ ତାଙ୍କୁ ଅହମଦାବାଦର ଏକ ଘରୋଇ ହସ୍ପିଟାଲରେ ଭେଣ୍ଟିଲେଟରରେ ରଖାଯାଇଥିଲା। ତାଙ୍କଠାରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡିଥିଲା ବୋଲି ଗତ ଶନିବାର କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ପୁଅ ନାସ୍ତୁର ଏହାକୁ ଗୁଜବ କହି ଖଣ୍ଡନ କରିଥିଲେ। ବେଜାନ୍‌ଙ୍କୁ ନିମୋନିଆ ହେବା ସହ ଫୁସ୍‌ଫୁସ୍ ସଂକ୍ରମିତ ହୋଇଥିବା ନାସ୍ତୁର କହିଥିଲେ। ☞ପୃଷ୍ଠା-୪

## ୧୧ ବର୍ଷର ନିମ୍ନ ସ୍ତରରେ ଜିଡିପି



- ୪.୨% ସ୍ତରକୁ ଖସିଲା
- ଚତୁର୍ଥ ତ୍ରୈମାସ ଅଭିବୃଦ୍ଧି ୩.୧%

**ନୂଆଦିଲ୍ଲୀ,୨୯।୫**

କରୋନା ପାଇଁ ହୋଇଥିବା ଲକ୍‌ଡାଉନ ଯୋଗୁ ସାରା ଦେଶରେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ପଡ଼ିଛି। ଏଭଳି ସ୍ଥିତିରେ ଆର୍ଥିକ ବର୍ଷ ୨୦୧୯-୨୦ର ଚତୁର୍ଥ ତ୍ରୈମାସରେ ଅର୍ଥ ବ୍ୟବସ୍ଥା ଗତି ଧୀମା ହୋଇଯାଇଛି। ଖାଉଟି ଚାହିଦା ଏବଂ ଘରୋଇ ନିବେଶ କମିବା ଫଳରେ ଏଭଳି ସ୍ଥିତି ଉପୁଜିଛି। ଚତୁର୍ଥ ତ୍ରୈମାସରେ ଦେଶର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ହାର ୩.୧% ସ୍ତରକୁ ଖସିଛି। ସେହିଭଳି ୨୦୧୯-୨୦ ଆର୍ଥିକ ବର୍ଷରେ ଜିଡିପି ୪.୨% ସ୍ତରକୁ ଖସିଥିବା ଶୁକ୍ରବାର ସରକାର ଜାରି କରିଥିବା ରିପୋର୍ଟରୁ ସାମ୍ନାକୁ ଆସିଛି। ୨୦୧୮-୧୯ରେ ଦେଶର ଅଭିବୃଦ୍ଧି ୬.୧% ରହିଥିଲା। ହେଲେ ଘରୋଇ ବଜାର ସାମ୍ନାରେ ବିଭିନ୍ନ ଚ୍ୟାଲେଞ୍ଜ ରହିବାରୁ ଏହା ୧୧ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ଜଣାପଡ଼ିଛି।

ସରକାର ସାରା ଦେଶରେ ମାର୍ଚ୍ଚ୨୫ଠାରୁ ଲକ୍‌ଡାଉନ ଘୋଷଣା କରିଥିଲେ। ଏହା ବର୍ତ୍ତମାନ ସୁଦ୍ଧା ୪ଟି ପର୍ଯ୍ୟାୟରେ ବୃଦ୍ଧି କରାଯାଇଛି। ବିଭିନ୍ନ କଟକଣା ଯୋଗୁ ଆର୍ଥିକ ବର୍ଷ ଆରମ୍ଭରୁ ବାଣିଜ୍ୟ କାରବାରକୁ ଶକ୍ତ ଧକ୍କା ଲାଗିଛି। ୨୦୧୯-୨୦ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଅଭିବୃଦ୍ଧି ୪.୭% ସ୍ତରରେ ରହିଥିଲା। ଏହା ଚତୁର୍ଥ ତ୍ରୈମାସରେ ୪.୬% ରହିବା ନେଇ ପୂର୍ବାନୁମାନ କରାଯାଇଥିଲା। ମାତ୍ର ଗତ କିଛି ମାସ ଧରି ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ରେଲ୍‌ୱେର ଆଭ୍ୟନ୍ତରୀଣ ସଙ୍କଟ

# କାମାଥ ହୋଇପାରନ୍ତି ଅର୍ଥମନ୍ତ୍ରୀ

### ସୀତାରାମନ ବିଦାହେବା ନେଇ ଜୋର୍ ଧରିଲା ଚର୍ଚ୍ଚା

**ନୂଆଦିଲ୍ଲୀ,୨୯।୫**

ଜଣାଶୁଣା ବ୍ୟାଙ୍କର୍ କୁନ୍ଦପୁର ବାମନ କାମାଥ ଭାରତର ପରବର୍ତ୍ତୀ ଅର୍ଥମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ତଥ୍ୟାଭିଜ୍ଞ ମହଲରେ ଚାଲିଥିବା ଆଲୋଚନାକୁ ସତ ବୋଲି ମାନିଲେ ୫ ସଦସ୍ୟ ବିଶିଷ୍ଟ ବ୍ରିକ୍ସ ରାଷ୍ଟ୍ର ନେତୃତ୍ୱାଧୀନ ନ୍ୟୁ ଡେଭେଲପମେଣ୍ଟ ବ୍ୟାଙ୍କ (ଏନ୍‌ଡିବି) ଅଧ୍ୟକ୍ଷ ପଦରୁ ସଦ୍ୟ ଅବସର ନେଇଥିବା କେ.ଭି. କାମାଥ ଦେଶର ଅର୍ଥମନ୍ତ୍ରୀ ଦୌଡ଼ରେ ଆଗୁଆ ଅଛନ୍ତି। ଅର୍ଥନୈତିକ ଉତ୍ତରଦାୟିତ୍ୱ ପରିଚାଳନା କ୍ଷେତ୍ରରେ ବହୁ ଅନୁଭୂତି ଥିବା କାମାଥ ଜଣେ ଅଣରାଜନୈତିକ ବ୍ୟକ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଅତୀତରେ କେତେଜଣ ଅଣରାଜନୈତିକ ତଥା ଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅନୁଭୂତି ସମ୍ପନ୍ନ ବିଶେଷଜ୍ଞଙ୍କୁ କେନ୍ଦ୍ର କ୍ୟାବିନେଟରେ ସାମିଲ କରିଥିବାରୁ ବର୍ତ୍ତମାନର ସଙ୍କଟ ସମୟରେ କାମାଥଙ୍କୁ ଅର୍ଥମନ୍ତ୍ରୀ ଦାୟିତ୍ୱ ଦେବା ପାଇଁ ଚିନ୍ତା କରୁଥିବା ଜଣାପଡ଼ିଛି।



ନିର୍ମଳା ସୀତାରାମନ



କେ.ଭି. କାମାଥ

ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ ମହାମାରୀ କରୋନା ଅର୍ଥନୀତିକୁ ଉଜାଡ଼ିଦେଇଛି। ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଲକ୍‌ଡାଉନ୍ ଯୋଗୁ କଳକାରଖାନା, ଶିଳ୍ପ, ବାଣିଜ୍ୟ ଓ ଅନ୍ୟ ବ୍ୟବସାୟଗୁଡ଼ିକ ଏକପ୍ରକାର ଠପ୍ ହୋଇଯାଇଛି। ସରକାର ବିଭିନ୍ନ ଉପାୟରେ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ଯଥାସାଧ୍ୟ ଉଦ୍ୟମ ଜାରି ରଖିଛନ୍ତି। କିନ୍ତୁ ସାମ୍ପ୍ରତିକ କ୍ଷତିକୁ ଦେଖିଲେ ଏତେ ସହଜରେ ଅର୍ଥନୀତି ସଜାଡ଼ି ହେବା ଭଳି ମନେହେଉ ନାହିଁ। ଏଭଳି ସମୟରେ ଅଭିବୃଦ୍ଧି ହାରକୁ ସ୍ଥିର ରଖି ଅର୍ଥନୀତିକୁ ଉଦ୍ଧାର କରିବା ପାଇଁ ୭୨ ବର୍ଷୀୟ ଅଭିଜ୍ଞ ☞ପୃଷ୍ଠା-୪


DADLS - 10

ଓଡ଼ିଶା ସରକାର

### ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ ଚାରୁ ଭାଷମୟୀ,
ଜନନୀ, ଜନନୀ, ଜନନୀ ।

ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।

ଘନ ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ - କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।



### ନିବେଦନ

“ଓଡ଼ିଶା ମାଟି ସହ ସମ୍ପର୍କ ଥିବା ସମସ୍ତଙ୍କୁ ଆମର ସାଢ଼େ ଚାରିକୋଟି ଓଡ଼ିଆ ଭାଇଭଉଣୀଙ୍କୁ ମୁଁ ଅନୁରୋଧ କରୁଛି ଯେ ମଇ ୩୦ ତାରିଖ ଶନିବାର ସନ୍ଧ୍ୟା ୫.୩୦ ମିନିଟ୍ ସମୟରେ ଆପଣମାନେ ଦୁନିଆରେ ଯେଉଁଠାରେ ବି ଥାଆନ୍ତୁ, ସମସ୍ତେ ସାମାଜିକ ଦୂରତା ରକ୍ଷା କରି “ବନ୍ଦେ ଉତ୍କଳ ଜନନୀ” ସଙ୍ଗୀତ ଗାନ କରନ୍ତୁ । ଏହାର ଉଦ୍ଦେଶ୍ୟ ହେଉଛି ଆମର କୋଭିଡ ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ।”

ବନ୍ଦେ ଉତ୍କଳ ଜନନୀ

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0011/2021

**କେନ୍ଦ୍ରୀୟ ଯୋଜନାରେ ଆଉ ୨୩ ଲଘୁ ବନଜାତ ଦ୍ରବ୍ୟ ସାମିଲ**

କେନ୍ଦ୍ର ସରକାର ଶୁକ୍ରବାର ଆଉ ୨୩ଟି ଲଘୁ ବନଜାତ ଦ୍ରବ୍ୟକୁ କେନ୍ଦ୍ରୀୟ ଯୋଜନାରେ ସାମିଲ କରିଛନ୍ତି। ଆଦିବାସୀମାନେ ଯେପରି ଉପଯୁକ୍ତ ମୂଲ୍ୟ ପାଇପାରିବେ ସେଥିପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ୨୩ଟି ନୂଆ ଲଘୁ ବନଜାତ ସାମଗ୍ରୀ ମଧ୍ୟରେ ରହିଛି ବଣତୁଳସୀ ମଞ୍ଜି, ବଣ ଜିରା, ତେନ୍ତୁଳି ମଞ୍ଜି, ବାଉଁଶ ଝାଡ଼ୁ ଓ ଲାଖ ମଞ୍ଜି। ଏହିସବୁ ସାମଗ୍ରୀକୁ ସର୍ବନିମ୍ନ ସହାୟକ ମୂଲ୍ୟ ମିଳିବ।



# ମଧ୍ୟସ୍ଥତା ପ୍ରସ୍ତାବକୁ ଚାଇନାର ପ୍ରତ୍ୟାଖ୍ୟାନ

ୱାଶିଂଟନ/ବେଜିଂ/ନୂଆଦିଲ୍ଲୀ,୨୯।୫

ଭାରତ ଓ ଚାଇନା ମଧ୍ୟରେ ଚାଲିଥିବା ସୀମା ବିବାଦରେ ପୁଣି ମୁଣ୍ଡ ପୂରାଇବାକୁ ଉଦ୍ୟମ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଲଦାଖ ସୀମା ବିବାଦକୁ ନେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ ଭଲ ନାହିଁ । ମୋଦିଙ୍କ ସହ ସେ ଏନେଇ ଆଲୋଚନା କରିଥିବା ଟ୍ରମ୍ପ୍ କହିଛନ୍ତି। ଏହାସହ ଏହି ପ୍ରସଙ୍ଗରେ ଆମେରିକା ମଧ୍ୟସ୍ଥତା କରିବାକୁ ଆଗ୍ରହୀ ବୋଲି ସେ ଦୋହରାଇଛନ୍ତି। ତେବେ ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟକୁ ଭାରତ ଖଣ୍ଡନ କରିଥିବାବେଳେ ମଧ୍ୟସ୍ଥ ପ୍ରସ୍ତାବକୁ ଚାଇନା ପ୍ରତ୍ୟାଖ୍ୟାନ କରିଦେଇଛି।



- ଚାଇନା ସହ ସୀମା ବିବାଦକୁ ନେଇ ମୋଦିଙ୍କ ମନ ଭଲ ନାହିଁ: ଟ୍ରମ୍ପ୍
- ଭାରତ କହିଲା ଆମେରିକା ରାଷ୍ଟ୍ରପତିଙ୍କ ସହ କଥା ହୋଇନାହାନ୍ତି ମୋଦି
- ସମାଧାନ ପାଇଁ ତୃତୀୟ ପକ୍ଷର ହସ୍ତକ୍ଷେପ ଅନାବଶ୍ୟକ: ଚାଇନା

ହ୍ୱାଇଟ୍ ହାଉସ୍‌ରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଗୁରୁବାର ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ କହିଥିଲେ, ଭାରତ-ଚାଇନା ମଧ୍ୟରେ ଲଦାଖରେ ବଡ଼ଧରଣର ସଂଘର୍ଷ ଚାଲିଛି, ଯାହାକୁ ନେଇ ମୋଦିଙ୍କ ମନ ଠିକ୍ ନାହିଁ। ମୋଦିଙ୍କ ସହ ନିକଟରେ ଆଲୋଚନା ବେଳେ ସେ ଏହି ବିଷୟ ଜାଣିବାକୁ ପାଇଥିବା ଟ୍ରମ୍ପ୍ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ମୋଦିଙ୍କୁ ଜଣେ ମହାନ୍ ଭଦ୍ରଲୋକ ବୋଲି ଅଭିହିତ କରିଥିଲେ। ଏହା ପୂର୍ବରୁ ବୁଧବାର ମଧ୍ୟ ଟ୍ରମ୍ପ୍ ଦୁଇଦେଶ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟ ଆସିବା ପରେ ଭାରତ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଗତ ଏପ୍ରିଲ ୪ ତାରିଖରେ ଦୁଇନେତା ହାଇଡ୍ରୋକ୍ସିକ୍ଲୋରୋକ୍ୱିନ୍ ନେଇ ଶେଷଥର କଥା ହୋଇଥିଲେ। ଟ୍ରମ୍ପ୍ ଓ ମୋଦିଙ୍କ ମଧ୍ୟରେ ଏବେ କିଛି ଆଲୋଚନା ହୋଇନାହିଁ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି।

ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି, ସାମରିକ ସଂଘର୍ଷର ସମାଧାନ ପାଇଁ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ ଅନାବଶ୍ୟକ। ଭାରତ ଓ ଚାଇନା କମ୍ୟୁନିକେଶନ୍ ଚ୍ୟାନେଲ ଜରିଆରେ ଏହାର ସମାଧାନ କରିପାରିବେ। ସେହିପରି ଚାଇନାର ସରକାରୀ ଗଣମାଧ୍ୟମ ଗ୍ଲୋବାଲ୍ ଟାଇମ୍ସ ପକ୍ଷରୁ ପ୍ରତିକ୍ରିୟା ଆସିଛି। ଉଭୟ ଭାରତ ଓ ଚାଇନା ଆମେରିକା ରାଷ୍ଟ୍ରପତିଙ୍କଠାରୁ ଏପରି ସାହାଯ୍ୟ ଲୋଡ଼ୁ ନାହାନ୍ତି ବୋଲି ଏଥିରେ କୁହାଯାଇଛି। ଗ୍ଲୋବାଲ ଟାଇମ୍ସ ମତରେ ଭାରତ ଓ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ସଦ୍ୟ ବିବାଦର ସମାଧାନ ହୋଇପାରିବ। ଏଥିଲାଗି ଦୁଇଦେଶ ଆମେରିକା ଉପରେ ସତର୍କ ରହିବା ଉଚିତ। କାରଣ ଆମେରିକା କ୍ଷେତ୍ରୀୟ ଶାନ୍ତି ଓ ଶୃଙ୍ଖଳାକୁ ବିପଦକୁ ଠେଲିଦେବା ଲାଗି କୌଣସି ସୁଯୋଗକୁ ହାତଛଡ଼ା କରେନାହିଁ। ଭାରତ ସହ ସୀମା ବିବାଦ ନିୟନ୍ତ୍ରଣାଧୀନ ବୋଲି ଚାଇନା ପକ୍ଷରୁ କୁହାଯିବା ପରେ ଟ୍ରମ୍ପ୍‌ଙ୍କ ଏହି ଅପ୍ରତ୍ୟାଶିତ ପ୍ରସ୍ତାବ ଆସିଛି। ପ୍ରକାଶ ଯେ, ଏହା ପୂର୍ବରୁ ମଧ୍ୟ ଟ୍ରମ୍ପ୍ ଭାରତ-ପାକିସ୍ତାନ ମଧ୍ୟରେ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ପାଇଁ ଏକାଧିକ ଥର ପ୍ରସ୍ତାବ ଦେଇଥିଲେ।

## ଭାରତ-ଚାଇନା ସୀମା ବିବାଦ




ଭାରତ ଓ ଚାଇନା ମଧ୍ୟରେ ସଦ୍ୟ ବିବାଦ ମେ ୫ ତାରିଖ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା। ଲଦାଖ ସୀମାର ପାଙ୍ଗୋଙ୍ଗ୍ ସୋ ହ୍ରଦ ନିକଟରେ ଭାରତୀୟ ଯବାନ ଓ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟ ମୁହାଁମୁହିଁ ହୋଇଥିଲେ। ଦୁଇଦିନ ଧରି ଚାଲିଥିବା ଏହି ସଂଘର୍ଷରେ ଦୁଇଦେଶର ଶତାଧିକ ସୈନ୍ୟ ଆହତ ହୋଇଥିଲେ। ଗତ ୯ ତାରିଖରେ ସିକିମ ସେକ୍ଟରର ନାଥୁ ଲା ପାସ୍ ନିକଟରେ ମଧ୍ୟ ଅନୁରୂପ ଘଟଣା ଘଟିଥିଲା। ଏଥିରେ ୧୫୦ ସୈନ୍ୟ ହାତାହାତି ହୋଇଥିବାବେଳେ ୧୦ ଆହତ ହୋଇଥିଲେ। ୨୦୧୭ରେ ଡୋକ୍‌ଲାମରେ ୭୩ ଦିନ ଧରି ବିବାଦ ଲାଗି ରହିବା ପରଠୁ ଭାରତୀୟ ଯବାନ ଓ ପିଏଲ୍‌ଏ ସୈନ୍ୟଙ୍କ ମଧ୍ୟରେ ଏଭଳି ଅନେକଥର ସଂଘର୍ଷ ଘଟିଲାଣି। ଭାରତ ଓ ଚାଇନା ମଧ୍ୟରେ ୩,୪୮୮ କି.ମି. ବିସ୍ତୃତ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ରହିଛି। ଚାଇନା ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍ବତର ଅଂଶ ବୋଲି ଦାବି କରୁଥିବାବେଳେ ଭାରତ ଏହାକୁ ବିରୋଧ କରିଆସୁଛି।




କାଲିଫର୍ନିଆର ଲସ୍ ଏଞ୍ଜେଲସ୍‌ରେ ୯ ମାସର ଗର୍ଭବତୀ ଥିବା ଆସିଷ୍ଟାଣ୍ଟ ନର୍ସ ୟୁଲିସା ବାରୋନ୍ ତାଙ୍କ ଝିଅକୁ ଧରି ଏକ କ୍ଲିନିକ୍‌କୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଛନ୍ତି।

## ସିଭିଲ ହସ୍ପିଟାଲକୁ କାଳକୋଠରି କହିଥିବା ବିଚାରପତିଙ୍କୁ ବେଞ୍ଚ୍‌ରୁ ହଟାଗଲା

ନୂଆଦିଲ୍ଲୀ,୨୯।୫

କରୋନା ସଂକ୍ରମିତଙ୍କ ଚିକିତ୍ସା କରୁଥିବା ଅହମଦାବାଦର ସିଭିଲ ହସ୍ପିଟାଲ କାଳକୋଠରିଠାରୁ ନିକୃଷ୍ଟ ବୋଲି କହିଥିବା ବିଚାରପତି ଇଲେଶ ଭୋରାଙ୍କୁ କୋଭିଡ୍ ମାମଲା ବିଚାର କରୁଥିବା ଗୁଜରାଟ ହାଇକୋର୍ଟ ବେଞ୍ଚ୍‌ରୁ ଗୁରୁବାର ହଟାଇଦିଆଯାଇଛି। ଗତ ୨୨ ତାରିଖରେ ଉକ୍ତ ଖଣ୍ଡପୀଠ ଦେଇଥିବା ରାୟରେ ଗୁଜରାଟ ସରକାରଙ୍କ କୋଭିଡ୍-୧୯ ପରିଚାଳନାଗତ ତ୍ରୁଟିକୁ କଡ଼ା ସମାଲୋଚନା କରାଯାଇଥିଲା। ସଂକ୍ରମିତଙ୍କ ସଂଖ୍ୟାକୁ ମନୁଷ୍ୟକୃତ ଭାବେ କମ୍ ଦେଖାଇବା ପାଇଁ ଘରୋଇ ଲାବ୍‌ରେ ପରୀକ୍ଷା ପାଇଁ ଅନୁମତି ଦିଆଯାଉ ନ ଥିବା କହି ଏଥିପାଇଁ ଖଣ୍ଡପୀଠ ଉପମୁଖ୍ୟମନ୍ତ୍ରୀ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନୀତୀନ ପଟେଲ ଏବଂ ବରିଷ୍ଠ ଆଇଏଏସ୍‌ମାନଙ୍କୁ ପ୍ରଶ୍ନ କରିଥିଲେ। କୋଭିଡ୍ ପରିଚାଳନା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରିବାକୁ ଥିବା ନୂଆ ବେଞ୍ଚ୍‌ରେ ମୁଖ୍ୟ ବିଚାରପତି ବିକ୍ରମନାଥ ସିଂଙ୍କ ସହ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ରହିଛନ୍ତି। ଜଷ୍ଟିସ୍ ଭୋରାଙ୍କୁ ଜଷ୍ଟିସ୍ ଛାୟାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠକୁ ବଦଳି କରାଯାଇଛି। ସେ ଅନ୍ୟ ମାମଲାର ଶୁଣାଣି କରିବେ।



ଜଷ୍ଟିସ୍ ଇଲେଶ ଭୋରା

## ଦିଲ୍ଲୀରେ ଭୂକମ୍ପ

ନୂଆଦିଲ୍ଲୀ,୨୯।୫: ଦିଲ୍ଲୀରେ ଶୁକ୍ରବାର ରାତିରେ ମଧ୍ୟମ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୪.୬ ଥିବାବେଳେ କେନ୍ଦ୍ରସ୍ଥଳ ଦିଲ୍ଲୀଠାରୁ ୬୫ କିଲୋମିଟର ଦୂର ହରିୟାଣାର ରୋହତକ ନିକଟରେ ବୋଲି ଭାରତର ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରାତି ୯ଟା ୮ ମିନିଟରେ ଭୂକମ୍ପ ହେବା ସହ ଏହାର ଝଟକା ଗୁରୁଗ୍ରାମ, ନୋଇଡା, ଉତ୍ତରପ୍ରଦେଶ ଓ ପଞ୍ଜାବରେ ମଧ୍ୟ ଅନୁଭୂତ ହୋଇଥିଲା। ଭୟରେ ଲୋକମାନେ ଘରୁ ବାହାରିଆସିଥିଲେ। ୭ରୁ ୮ ସେକେଣ୍ଡ ପର୍ଯ୍ୟନ୍ତ କମ୍ପନ ହୋଇଥିଲା ବୋଲି ଗୁରୁଗ୍ରାମର ଜଣେ ବ୍ୟକ୍ତି କହିଛନ୍ତି। ଚଳିତ ମାସରେ ଏହା ଦିଲ୍ଲୀରେ ତୃତୀୟ ଭୂକମ୍ପ।



ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକସ୍ଥିତ ସିଆମ୍ ମ୍ୟୁଜିୟମ୍‌ରେ ଭାଗ୍ୟ ଓ ସମୃଦ୍ଧିର ଦେବୀ ନାଗକୱାଙ୍କୁ ମାସ୍କ ପିନ୍ଧାଯାଇଛି।

## ହିଜ୍‌ବୁଲ ମୁଖ୍ୟଙ୍କୁ ପାକ୍‌ରେ ଆକ୍ରମଣ



ଇସ୍‌ଲାମାବାଦ,୨୯।୫: ପାକିସ୍ତାନରେ ହିଜ୍‌ବୁଲ ମୁଜାହିଦିନ ମୁଖ୍ୟ ସୟଦ ସଲାହୁଦ୍ଦିନଙ୍କ ଉପରେ ଆକ୍ରମଣ କରାଯାଇଛି। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ପାକିସ୍ତାନ ଆଇଏସ୍‌ଆଇର ଯୋଜନା କ୍ରମେ ୨୫ ତାରିଖରେ ସଲାହୁଦ୍ଦିନଙ୍କ ଉପରେ ଆକ୍ରମଣ କରାଯାଇଛି। ସଲାହୁଦ୍ଦିନଙ୍କୁ ଜୀବନରେ ମାରିବା ଲାଗି ନୁହେଁ ବରଂ ତାଙ୍କୁ ଏକ ବାର୍ତ୍ତା ଦେବା ଲାଗି ଏଭଳି କରାଯାଇଛି। ପାକ୍ ଦ୍ୱାରା ପରିଚାଳିତ ମିଳିତ ଜିହାଦ ପରିଷଦ(ୟୁଜେସି)ର ନେତୃତ୍ୱ ନେଇଆସୁଥିବା ସଲାହୁଦ୍ଦିନ ସମର୍ଥନ ନ ପାଇ ଆଇଏସ୍‌ଆଇ ଉପରେ ଖପ୍ପା ଥିଲେ। ହିଜ୍‌ବୁଲ କ୍ୟାଡର ଅସ୍ତ୍ରଶସ୍ତ୍ର ଓ ଉପଯୁକ୍ତ ପ୍ରଶିକ୍ଷଣରୁ ବଞ୍ଚିତ ହେଉଥିଲେ। ଦକ୍ଷିଣ କଶ୍ମୀରରେ ଭାରତୀୟ ସେନା ଦ୍ୱାରା ହିଜ୍‌ବୁଲ ମୁଖ୍ୟ ରିଆଜ୍ ନାଇକୋ ନିହତ ହେବା ପରେ ସଲାହୁଦ୍ଦିନ ଆଇଏସ୍‌ଆଇ କାର୍ଯ୍ୟକଳାପକୁ ସମାଲୋଚନା କରିଆସୁଥିଲେ।

## ହଂକଂ ସୁରକ୍ଷା ଆଇନକୁ କଡ଼ା ବିରୋଧ

### ମିଳିତ ବିବୃତି ଜାରି କଲେ ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ ଓ କାନାଡା

ବେଜିଂ,୨୯।୫

ଚାଇନା ପାର୍ଲାମେଣ୍ଟରେ ବେଜିଂ ସୁରକ୍ଷା ବିଲ୍ ପାସ୍ ହେବାର ଦିନକ ପରେ ଏହାକୁ କଡ଼ା ବିରୋଧ କରାଯାଇଛି। ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ ଓ କାନାଡା ଏହି ପ୍ରସ୍ତାବିତ ଆଇନ ପ୍ରତିବାଦରେ ଶୁକ୍ରବାର ଏକ ମିଳିତ ବିବୃତି ଜାରି କରିଛନ୍ତି। ହଂକଂ ଉପରେ ନୂଆ ସୁରକ୍ଷା ଆଇନ ଲଦିଦେବା ଫଳରେ ଏହି ବାଣିଜ୍ୟିକ ସହରର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି ହେବ। ଏହାସହ ୧୯୮୪ରେ ଚାଇନା-ବ୍ରିଟେନ ମଧ୍ୟରେ ହଂକଂର ସ୍ୱାୟତ୍ତତା ନେଇ ହୋଇଥିବା ଚୁକ୍ତିନାମାକୁ ଏହି ଆଇନ ଉଲ୍ଲଂଘନ କରୁଛି। ବ୍ରିଟେନ ବହିର୍ବ୍ୟାପାର ସଚିବ ଡୋମିନିକ୍ ରାବ୍, ଅଷ୍ଟ୍ରେଲୀୟ ବହିର୍ବ୍ୟାପାର ମନ୍ତ୍ରୀ ମାରିସେ ପେନେ, କାନାଡାର ବହିର୍ବ୍ୟାପାର ମନ୍ତ୍ରୀ ଫ୍ରାଙ୍କୋଇସ୍ ଫିଲିପ୍ ଚାମ୍ପାଗ୍‌ନେ ଏବଂ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଏହି ମିଳିତ ବିବୃତିରେ ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀମାନେ ବେଜିଂର ଉପରୋକ୍ତ ନିଷ୍ପତ୍ତିକୁ ଘୋର ବିରୋଧ କରିଛନ୍ତି।

## ଟ୍ରମ୍ପ୍‌ଙ୍କ ଟୁଇଟ୍‌କୁ ଉଡ଼ାଇଦେଲା ଟୁଇଟର

ୱାଶିଂଟନ,୧୮(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକ ସଦ୍ୟ ଟୁଇଟ୍‌କୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟର ଉଡ଼ାଇଦେବା ସହ ଏହା ହିଂସା ବଢ଼ାଇବା ବିରୋଧୀ ନିୟମର ଉଲ୍ଲଂଘନ କରୁଥିବା ନେଇ ସତର୍କ କରାଇଦେଇଛି। ତୃତୀୟ ପକ୍ଷ ୟୁଜର ପୋଷ୍ଟ କରୁଥିବା ବିଷୟର ଆଇନଗତ ଛାଡ଼ ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ପଦାରେ ପକାଇବା ଲକ୍ଷ୍ୟରେ ଆମେରିକା ରାଷ୍ଟ୍ରପତି ଏକ କାର୍ଯ୍ୟକାରୀ ଆଦେଶରେ ସ୍ୱାକ୍ଷର କରିବାର କିଛି ସମୟ ପରେ ଟୁଇଟର ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ହ୍ୟାଣ୍ଡକଫ୍‌ରେ ଥିବା ଜଣେ ଆଫ୍ରିକୀୟ-ଆମେରିକୀୟ ଜର୍ଜ ଫ୍ଲଏଡଙ୍କ ମୃତ୍ୟୁକୁ ନେଇ ମିନେଆପୋଲିରେ ଅଶାନ୍ତି ଲାଗି ରହିଥିବାବେଳେ ଏହାକୁ ଲକ୍ଷ୍ୟ କରି 'ଲୁଟ୍ ଆରମ୍ଭ ହେଲେ, ସୁଟ୍ ଆରମ୍ଭ ହୋଇଥାଏ' ବୋଲି ଟ୍ରମ୍ପ୍ ଟୁଇଟ୍ କରିଥିଲେ। ପୂର୍ବରୁ ଟୁଇଟର ଟ୍ରମ୍ପ୍‌ଙ୍କ ଦୁଇଟି ଟୁଇଟ୍‌କୁ ଫ୍ୟାକ୍ଟ-ଚେକିଂ ଲିଙ୍କ୍‌ରେ ସାମିଲ କରିଥିଲା।

## ଇଣ୍ଡିଆ ବଦଳରେ ଭାରତ

### ୨ରେ ଶୁଣାଣି ହେବ

ନୂଆଦିଲ୍ଲୀ,୨୯।୫(ପି.ଟି.)



ସମ୍ବିଧାନ ସଂଶୋଧନ କରି ଦେଶର ନାଁ ଇଣ୍ଡିଆ ବଦଳରେ 'ଭାରତ' କିମ୍ବା 'ହିନ୍ଦୁସ୍ଥାନ' ରଖିବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଜୁନ୍ ୨ରେ ଏହାର ଶୁଣାଣି କରିବାକୁ ଅଦାଲତ ନିଷ୍ପତ୍ତି ନେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧ରେ ସଂଶୋଧନ ଆଣିବା ଲାଗି ଉପଯୁକ୍ତ ପଦକ୍ଷେପ ନେବା ନିମନ୍ତେ ଆବେଦନ କରାଯାଇଛି। ଦେଶର ନାମ ବଦଳିବା ଦ୍ୱାରା ଆମ ନିଜ ଜାତୀୟତାବାଦ ଉପରେ ଗର୍ବ ଅନୁଭବ ହେବ ବୋଲି ପିଟିଶନରେ ଦାବି କରାଯାଇଛି। ଶୁକ୍ରବାର ପିଟିଶନର ଶୁଣାଣି ହେବାର ଥିଲା। ତେବେ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ରହି ନ ପାରିବାରୁ ୨ରେ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

ଦିଲ୍ଲୀର ଆବେଦନକାରୀଙ୍କ କହିବା ଅନୁଯାୟୀ ଦେଶର ନାଗରିକମାନଙ୍କୁ ଉପନିବେଶବାଦର ଅତୀତକୁ ଭୁଲିବାକୁ ହେଲେ ଏଭଳି ସଂଶୋଧନର ଆବଶ୍ୟକତା ରହିଛି। ଇଂଲିଶ ନାମକୁ ବଦଳାଗଲେ ଭବିଷ୍ୟତ ବଂଶଧରଙ୍କ ମଧ୍ୟରେ ଆମର ଜାତୀୟତାବାଦ ପ୍ରତି ଗର୍ବ ଆସିବ। ଇଣ୍ଡିଆ ପରିବର୍ତ୍ତେ ଭାରତ ଶବ୍ଦ ବ୍ୟବହାର ହେଲେ ଏହା ଦେଶର ସ୍ୱାଧୀନତା ପାଇଁ ଆମ ପୂର୍ବପୁରୁଷମାନଙ୍କ ଦୀର୍ଘଦିନର ସଂଗ୍ରାମକୁ ଯଥାର୍ଥ ପ୍ରତିପାଦନ କରିବ ବୋଲି ପିଟିଶନରେ କୁହାଯାଇଛି। ୧୯୪୮ ସମ୍ବିଧାନ ସଭା ଆଲୋଚନାରେ ଚିଠା ସମ୍ବିଧାନର ଅନୁଚ୍ଛେଦ ୧ ଉପରେ ବିତର୍କ ହୋଇଥିଲା। ସେତେବେଳେ ଦେଶର ନାଁ ଭାରତ କିମ୍ବା ହିନ୍ଦୁସ୍ଥାନ ରଖିବା ସପକ୍ଷରେ ଜୋର୍‌ଦାର ଦାବି ଉଠିଥିଲା। ଏବେ ଦେଶକୁ ମୂଳ ନାଁରେ ପରିଚିତ କରାଇବାର ସମୟ ଆସିଛି ବୋଲି ପିଟିଶନରେ କୁହାଯାଇଛି।

## ପଶ୍ଚିମବଙ୍ଗରେ ୧ରୁ ଖୋଲିବ ଉପାସନା ସ୍ଥଳ



କୋଲକାତା,୨୯।୫

ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାର ଭଳି ସମସ୍ତ ପୂଜାସ୍ଥଳ ପଶ୍ଚିମବଙ୍ଗରେ ଜୁନ୍ ୧ରୁ ଖୋଲାଯିବ। ୧୦ରୁ ଅଧିକ ଲୋକଙ୍କୁ ଏକାଥରେ ଛଡ଼ାଯିବ ନାହିଁ ଓ ସାମାଜିକ ଦୂରତ୍ୱ ରକ୍ଷା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ଘୋଷଣା କରିଛନ୍ତି। ରାଜ୍ୟରେ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଆମେ ସଫଳ ହୋଇଛୁ ଓ ପ୍ରବାସୀ ଶ୍ରମିକଙ୍କ ଆଗମନ ଯୋଗୁ କିଛି ରୋଗୀ ବଢ଼ିଥିବା ସେ ଗଣମାଧ୍ୟମକୁ କହିଛନ୍ତି।

## ପାକ୍‌ର ଓଆଇସି ଗୋଷ୍ଠୀ ଗଠନ ଉଦ୍ୟମ ପଣ୍ଡ

ନୂଆଦିଲ୍ଲୀ,୨୯।୫

- ସମର୍ଥନ ଦେଲେନି ମାଳଦ୍ୱୀପ, ୟୁଏଇ
- ଜାତିସଂଘରେ ଭାରତକୁ ଟାର୍ଗେଟ କରିଥାନ୍ତା ଏହି ଗୋଷ୍ଠୀ

ଜାତିସଂଘରେ ଇସ୍‌ଲାମିକ ସହଯୋଗ ସଂଗଠନ (ଓଆଇସି) ପ୍ରତିନିଧିମାନଙ୍କୁ ନେଇ ଇସ୍‌ଲାମଫୋବିଆ ଉପରେ ଏକ ଅନୌପଚାରିକ ଗୋଷ୍ଠୀ ଗଠନ ଲାଗି ପାକିସ୍ତାନ ଚଳାଇଥିବା ଉଦ୍ୟମକୁ ପଣ୍ଡ କରିଦେଇଛନ୍ତି ମାଳଦ୍ୱୀପ ଏବଂ ୟୁଏଇ। ଇସ୍‌ଲାମଫୋବିଆ ନାମରେ ଏହି ପ୍ରତିନିଧିମାନେ ଭାରତକୁ ଏକ ଘରକିଆ କରିବା ଲାଗି ଉଦ୍ୟମ ଚଳାଇଥିଲେ। ଏଭଳି ଗୋଷ୍ଠୀ ଗଠନ କେବଳ ଭୁଲ୍ ପଦକ୍ଷେପ ନୁହେଁ ଦକ୍ଷିଣ ଏସିଆରେ ଧର୍ମୀୟ ସଦ୍‌ଭାବ ପ୍ରତି ହାନିକାରକ ହେବ ବୋଲି ମାଳଦ୍ୱୀପ କହିଛି। ଭାରତ ବିରୋଧରେ କୌଣସି ପଦକ୍ଷେପକୁ ସମର୍ଥନ ଦେବ ନାହିଁ ବୋଲି ମାଳଦ୍ୱୀପ ସ୍ପଷ୍ଟ କରିଦେଇଛି। ସେହିପରି ପାକିସ୍ତାନର ଏଭଳି ଉଦ୍ୟମକୁ ୟୁଏଇ ସମର୍ଥନ ଦେବାକୁ ମନା କରିଦେଇଛି। ଇସ୍‌ଲାମଫୋବିଆ, ଜେନୋଫୋବିଆ ତଥା ଯେକୌଣସି ପ୍ରକାର ହିଂସାକୁ ମାଳଦ୍ୱୀପ ଦୃଢ଼ ବିରୋଧ କରେ ବୋଲି ନ୍ୟୁୟର୍କରେ ଏହାର ସ୍ଥାୟୀ ପ୍ରତିନିଧି ଥିଲ୍‌ମିଜା ହୁସେନ କହିଛନ୍ତି।

## ସୁସ୍ଥ ହେଲେଣି ୨୬ ଲକ୍ଷରୁ ଊର୍ଦ୍ଧ୍ୱ

ୱାଶିଂଟନ,୨୯।୫: ମହାମାରୀ କରୋନା ଯୋଗୁ ବିଶ୍ୱର ୨୧୩ ଦେଶରେ ୫୯.୪୪ ଲକ୍ଷ ଲୋକ ଆକ୍ରାନ୍ତ ହୋଇଛନ୍ତି। ସଂକ୍ରମଣ ଯୋଗୁ ଏପର୍ଯ୍ୟନ୍ତ ୩.୬୩ ଲକ୍ଷ ଲୋକଙ୍କ ଜୀବନ ଗଲାଣି। ଏହି ରୋଗର ସଫଳ ଚିକିତ୍ସା ଲାଗି କୌଣସି ଔଷଧ ବାହାରି ନ ଥିବାବେଳେ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସୁସ୍ଥ ହୋଇ ଘରକୁ ଫେରିଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ବିଶ୍ୱରେ ୪୩ ହଜାର ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ୧,୩୫୨ ଲୋକଙ୍କ ପ୍ରାଣ ଯାଇଛି। କେବଳ ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ୧୭.୭୧ ଲକ୍ଷରୁ ଅଧିକ ରହିଥିବା ୧.୦୩ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏଠାରେ ଆରୋଗ୍ୟ ହୋଇଥିବା ଲୋକଙ୍କ ସଂଖ୍ୟା ୪.୯୯ ଲକ୍ଷରୁ ଅଧିକ ରହିଛି। ଦ୍ୱିତୀୟ ସର୍ବାଧିକ ଭୂତାଣୁ ଆକ୍ରାନ୍ତ ବ୍ରାଜିଲରେ ୪.୩୮ ଲକ୍ଷରୁ ଅଧିକ ସଂକ୍ରମିତ ଥିବା ବେଳେ ସୁସ୍ଥ ହୋଇଛନ୍ତି ୧.୯୩ ଲକ୍ଷ।

## ଲକ୍‌ଡାଉନ ୫.୦ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୨୯।୫(ପି.ଟି.)

### ମୁଖ୍ୟମନ୍ତ୍ରୀଙ୍କ ମତାମତ ମୋଦିଙ୍କୁ ଜଣାଇଲେ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ଟେଲିଫୋନ ଯୋଗେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ମୁଖ୍ୟମନ୍ତ୍ରୀମାନଙ୍କ ମତାମତ ସମ୍ପର୍କରେ ଅବଗତ କରାଇଛନ୍ତି। ଲକ୍‌ଡାଉନ ୪.୦ ଶେଷ ହେବାକୁ ଆଉ ୨ ଦିନ ବାକି ଥିବାବେଳେ ମୋଦି-ଶାହା ବୈଠକ ପରେ ଲକ୍‌ଡାଉନ ୫.୦ ଆରମ୍ଭ ହେବା ନେଇ ଚର୍ଚ୍ଚା ଜୋର ଧରିଛି। କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ଲକ୍‌ଡାଉନ ପୁଣି ବଢ଼ାଇବା ନେଇ ଶନିବାର ନିଷ୍ପତ୍ତି ହୋଇପାରେ ବୋଲି ଜଣାପଡ଼ିଛି।

ଶାହା ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହେଲାବେଳେ ସେମାନଙ୍କଠାରୁ ଅତ୍ୟଧିକ ସଂକ୍ରମିତ ଅଞ୍ଚଳ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏଥିସହିତ ଜୁନ୍ ୧ରୁ କେଉଁସବୁ ସେକ୍ଟର ଖୋଲିବାକୁ ସେମାନେ ଚାହାନ୍ତି ବୋଲି ଶାହା ପଚାରି ବୁଝିଥିଲେ। ଅଧିକାଂଶ ମୁଖ୍ୟମନ୍ତ୍ରୀ ଲକ୍‌ଡାଉନ ଏକପ୍ରକାର ବଢ଼ିବା ସପକ୍ଷରେ ମତ ଦେଇଥିବାବେଳେ ଅର୍ଥନୈତିକ କାରବାର ବଢ଼ାଇବା ଓ ଧୀରେ ଧୀରେ ଜୀବନଯାତ୍ରା ସ୍ୱାଭାବିକ କରିବା ଲାଗି ଚାହିଁଛନ୍ତି। ତେଣୁ କେନ୍ଦ୍ର ସରକାର ଦିନେ ଦୁଇଦିନ ମଧ୍ୟରେ ଲକ୍‌ଡାଉନ ୫.୦ ଘୋଷଣା କରିପାରନ୍ତି।

କୋଭିଡ୍-୧୯ ସଙ୍କଟ ମୁକାବିଲା ଦାୟିତ୍ୱରେ ଥିବା ଦୁଇଟି ସରକାରୀ କମିଟି ଲକ୍‌ଡାଉନ ବଢ଼ାଇବା ସପକ୍ଷରେ ନାହାନ୍ତି। କେବଳ ଅତ୍ୟଧିକ ସଂକ୍ରମିତ ଅଞ୍ଚଳରେ କଟକଣା ବଳବତ୍ତର ରଖିବା କିମ୍ବା ବଢ଼ାଇବା ଲାଗି ସେମାନେ ପ୍ରସ୍ତାବ ଦେଇଛନ୍ତି। ଏହା ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳରେ କଟକଣା କୋହଳ ହେବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି। ସେହି ଅନୁଯାୟୀ ଆଗାମୀ ଦିନରେ ସ୍କୁଲ, କଲେଜ, ଧର୍ମୀୟ ସ୍ଥଳ, ସିନେମା ହଲ୍ ଆଦି ବନ୍ଦ ରହିବାକୁ ଥିବାବେଳେ ଅନ୍ତର୍ଜାତୀୟ ବିମାନ ଚଳାଚଳ ଉପରେ କଟକଣା ରହିପାରେ। ଏହାବ୍ୟତୀତ ଅନ୍ୟ ସମସ୍ତ ଅର୍ଥନୈତିକ କାର୍ଯ୍ୟକୁ ଲକ୍‌ଡାଉନ ୫.୦ରେ ଅନୁମତି ମିଳିପାରେ। ହୋଟେଲ, ରେଷ୍ଟୁରାଣ୍ଟ ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛଡ଼ାଯାଇପାରେ।

## ମାଙ୍କଡ଼ ନେଇଗଲେ କରୋନା ରକ୍ତ ନମୁନା

ନୂଆଦିଲ୍ଲୀ,୨୯।୫

ଉତ୍ତରପ୍ରଦେଶର ମିରଟ ମେଡିକାଲ କଲେଜ ପରିସରରେ ଦଳେ ମାଙ୍କଡ ଲାବରେଟୋରି ଟେକ୍‌ନିସିଆନ୍‌ଙ୍କୁ ଆକ୍ରମଣ କରି ତାଙ୍କଠାରୁ ସନ୍ଦିଗ୍ଧ କୋଭିଡ୍-୧୯ ସଂକ୍ରମିତଙ୍କ ରକ୍ତ ନମୁନା ଛଡ଼ାଇନେଇ ପଳାଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ସଂକ୍ରମଣ ବଢ଼ିବା ଆଶଙ୍କା ପ୍ରକାଶ ପାଇଛି। ଏହି ଦୃଶ୍ୟର ଭିଡିଓ ଚିତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଖବର ଅନୁଯାୟୀ ଉକ୍ତ ମେଡିକାଲରେ ସଂଗୃହୀତ ହୋଇଥିବା ରକ୍ତ ନମୁନାକୁ ଲାବରେଟୋରି ଟେକ୍‌ନିସିଆନ ଜଣକ ପରୀକ୍ଷା ପାଇଁ ନେଉଥିବାବେଳେ ଗଛରେ ବସିଥିବା



### ସଂକ୍ରମଣ ବୃଦ୍ଧି ଆଶଙ୍କା

ଦଳେ ମାଙ୍କଡ଼ ଧାଇଁଆସି ତାଙ୍କଠାରୁ ୩ଟି ନମୁନା କିଟ୍ ନେଇ ପଳାଇଥିଲେ। ସମ୍ପୃକ୍ତ ୩ ସନ୍ଦିଗ୍ଧଙ୍କଠାରୁ ପୁଣି ଥରେ ରକ୍ତ ନମୁନା ସଂଗ୍ରହ କରାଯାଇଛି। ତେବେ ମାଙ୍କଡମାନଙ୍କ ପାଖରେ ସନ୍ଦିଗ୍ଧ ନମୁନା ଥିବାରୁ ଉକ୍ତ ଅଞ୍ଚଳରେ ସଂକ୍ରମଣ ଆଶଙ୍କା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ମିରଟ ମେଡିକାଲ କଲେଜ ପରିସରରେ ମାଙ୍କଡଙ୍କ ଉପଦ୍ରବ ନୂଆ କଥା ନୁହେଁ। ବନ ବିଭାଗ କର୍ମଚାରୀଙ୍କୁ ଜଣାଇବା ସତ୍ତ୍ୱେ ମାଙ୍କଡକୁ ଧରାଯାଇପାରିନାହିଁ। ଘଟଣାର ତଦନ୍ତ କରାଯାଉଥିବା ମିରଟ ଜିଲା ଅଧିକାରୀ ଅନିଲ ଧିଙ୍ଗ୍ରା କହିଛନ୍ତି।

## ଚେନ୍ ଟାଣି ଟ୍ରେନ୍‌ରୁ ଓହ୍ଲାଇପଡ଼ିଲେ ୧୦୦୦ ପ୍ରବାସୀ

**ଛତ୍ରପୁର, ୨୯।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲାର ଛତ୍ରପୁର ରେଳଷ୍ଟେଶନରେ ଶୁକ୍ରବାର ସନ୍ଧ୍ୟାରେ ଚେନ୍ ପୁଲିଂ କରି ୧୦୦୦ ପ୍ରବାସୀ ଶ୍ରମିକ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଥିଲେ। ସୁରଟ୍‌ରୁ ଟ୍ରେନ୍‌ଟି ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ଗଞ୍ଜାମ ଜିଲାର ଶ୍ରମିକମାନେ ଏପରି କାଣ୍ଡ ଘଟାଇ ଥିବା ଜଣାପଡ଼ିଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଏସ୍‌ପି ବ୍ରିଜେଶ କୁମାର ରାୟ ବୁଝାଶୁଝା କରାଇ ଶ୍ରମିକଙ୍କ ପଞ୍ଜୀକରଣ କରାଇଥିଲେ। ସେମାନଙ୍କୁ ସ୍ୱତନ୍ତ୍ର ବସ୍‌ରେ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଛି।

### ସଂକ୍ଷେପରେ

## ହାଇଦ୍ରାବାଦରୁ ଚାଲି ଚାଲି ଆସିଥିବା ଶ୍ରମିକଙ୍କ ସୋରରେ ମୃତ୍ୟୁ

**ସୋର, ୨୯।୫(ଡି.ଏନ.ଏ.):** ହାଇଦ୍ରାବାଦରୁ ପଶ୍ଚିମବଙ୍ଗ ଅଭିମୁଖେ ଚାଲି ଚାଲି ଯାଉଥିବା ଜଣେ ଶ୍ରମିକଙ୍କର ସୋରଠାରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ପଶ୍ଚିମବଙ୍ଗ ପଶ୍ଚିମବାର୍ଡ଼ ଗ୍ରାମର ଆୟର ମହମ୍ମଦ (୫୨)। ଦୁଇ ଭାଇ ଆୟର ମହମ୍ମଦ ଓ ସେକ ଆଲିଙ୍ଗିର ହାଇଦ୍ରାବାଦର ଏକ କନଷ୍ଟ୍ରକଶନ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଉଭୟ ୧୦ଦିନ ହେଲା ହାଇଦ୍ରାବାଦରୁ ଫେରୁଥିଲେ। ସେମାନେ କିଛି ରାସ୍ତା ଟ୍ରକ୍‌ରେ ଓ କିଛି ରାସ୍ତା ଚାଲି ଚାଲି ଆସି ଶୁକ୍ରବାର ଭୋର ସମୟରେ ସୋର ୧୬ନଂ. ଜାତୀୟ ରାଜପଥ ବରଫକଳ ଛକ ନିକଟରେ ପହଞ୍ଚି ବିଶ୍ରାମ ନେଉଥିଲେ। ବଡ଼ଭାଇ ଆୟର ମହମ୍ମଦ ହଠାତ୍ ଅସୁସ୍ଥ ହୋଇ ଗୁରୁତର ହୋଇପଡ଼ିଥିଲେ। ସୋର ପୋଲିସ ପହଞ୍ଚି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୋର ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ତଦନ୍ତ ଜାରି ରଖିଛି।

## ମଦ ହୋମ୍ ଡେଲିଭରି କରିବେ ୪ ସଂସ୍ଥା

### ସ୍ୱିଗି, ଜୋମାଟୋ ସହ ସାମିଲ ହେଲେ ଆଉ ୨ ନୂଆ ସଂସ୍ଥା

**କଟକ ଅଫିସ,୨୯।୫:** ରାଜ୍ୟର ବିଭିନ୍ନ ସହରରେ ମଦର ହୋମ୍ ଡେଲିଭରି କରିବେ ୪ଟି ସଂସ୍ଥା। ଏଥିପାଇଁ ଅବକାରୀ କମିଶନର ସେମାନଙ୍କୁ ଅନୁମତି ଦେଇଛନ୍ତି। ପୂର୍ବରୁ ସ୍ୱିଗି ଓ ଜୋମାଟୋକୁ ଏହି ଅନୁମତି ମିଳିଥିଲା। ଗୁରୁବାର ହିପ୍ ବାର୍ ପ୍ରାଇଭେଟ୍ ଲିମିଟେଡ୍ ଓ ଶୁକ୍ରବାର ଦୁନିୟା ପ୍ରାଇଭେଟ୍ ଲିମିଟେଡ୍ ନାଁରେ ଆଉ ୨ଟି ସଂସ୍ଥାକୁ ଡେଲିଭରି ଅନୁମତି ଦିଆଯାଇଛି। ଦୁନିଆ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱର, ବାଲେଶ୍ୱର, ବାରିପଦା ଓ ବରଗଡ଼ ପୌରାଞ୍ଚଳରେ ମଦ ହୋମ୍ ଡେଲିଭରି କରିବ। ସେହିପରି ହିପ୍ ବାର୍ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଓ ରାଉରକେଲା ସହରରେ ଡେଲିଭରି ଦାୟିତ୍ୱ ନେବ। ପୂର୍ବରୁ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ପାଇଁ ଉଭୟ ସ୍ୱିଗି ଓ ଜୋମାଟୋକୁ ଏହି ଅନୁମତି ମିଳିଥିଲା। ଏଥିସହ ସ୍ୱିଗିକୁ ରାଉରକେଲା ଓ ଜୋମାଟୋକୁ ପୁରୀ ପାଇଁ ମଧ ଡେଲିଭରି ଅନୁମତି ଦିଆଯାଇଥିଲା।




## ଗୋପନ ରହିବ ଆକ୍ରାନ୍ତଙ୍କ ପରିଚୟ

**କଟକ ଅଫିସ,୨୯।୫**

### ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ



କରୋନା ଭୁତାଣୁ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବ। ଶୁକ୍ରବାର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଓ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ହସ୍ପିଟାଲ, ସରକାରୀ କିମ୍ବା ବେସରକାରୀ ହସ୍ପିଟାଲ, ସଙ୍ଗରୋଧ କେନ୍ଦ୍ରରେ ଥିବା ଆକ୍ରାନ୍ତ କିମ୍ବା ସନ୍ଦିଗ୍ଧଙ୍କ ପରିଚୟ ପ୍ରଘଟ ନ କରିବାକୁ ଏଥିରେ କୁହାଯାଇଛି। କରୋନା ମୁକାବିଲାରେ ସଂପୃକ୍ତ ସରକାରୀ ବିଭାଗଗୁଡ଼ିକୁ ଏହି ନିର୍ଦ୍ଦେଶ ଦିଆଯାଇଛି।

ଆବେଦନକାରୀ ଅନଙ୍ଗ କୁମାର ଓତା ଦର୍ଶାଇଥିଲେ ଯେ, କରୋନା ଆକ୍ରାନ୍ତ କିମ୍ବା ସନ୍ଦିଗ୍ଧଙ୍କ ପରିଚୟ ପ୍ରକାଶ କରିବା ଦ୍ୱାରା ସେମାନେ ସାମାଜିକ ବାସନ୍ଦର ଶିକାର ହେଉଛନ୍ତି। ସେମାନଙ୍କ ପରିଚୟ ସର୍ବସାଧାରଣରେ ପ୍ରକାଶ ନ କରିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶାବଳୀ ଜାରି କରିଥିଲେ। ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) ମଧ ପରିଚୟ ପ୍ରକାଶ ଉପରେ କଟକଣା ଲଗାଇଛି। ହେଲେ ଏହାକୁ ଉଲ୍ଲଂଘନ କରାଯାଉଛି। ଖୋଦ୍ ରାଜ୍ୟ ସରକାର ଏହାକୁ ମାନୁନାହାନ୍ତି। ଭୁବନେଶ୍ୱରର ଜଣେ, କେନ୍ଦ୍ରାପଡ଼ା ଜିଲାର ୧୩ ଜଣ ଆକ୍ରାନ୍ତଙ୍କ ପରିଚୟ ଓ ଠିକଣା ସାର୍ବଜନୀନ କରାଯାଇଥିଲା। ସୋସିଆଲ ମିଡିଆରେ ମଧ ଆକ୍ରାନ୍ତଙ୍କ ବିବରଣୀ ଭାଇରାଲ ହେଉଛି। ତେଣୁ ଆକ୍ରାନ୍ତଙ୍କ ପରିଚୟ ଗୋପନ ରଖିବା ପାଇଁ ପ୍ରାର୍ଥନା କରାଯାଇଥିଲା। ଏଥିରେ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କ ପକ୍ଷଭୁକ୍ତ କରାଯାଇଛି। ମାମଲାର ଶୁଣାଣି କରାଯାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରାଯାଇଛି। ଆଇନଜୀବୀ ସୁଶାନ୍ତ ଦାଶ ମାମଲା ପରିଚାଳନା କରୁଥିଲେ।

## ପର୍ଯ୍ୟଟନ ପ୍ରକଳ୍ପ ପାଇଁ ଇଡ୍‌କୋ ଜମି ଯୋଗାଇବ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

### କ୍ୟାବିନେଟ୍ ନିଷ୍ପତ୍ତି

- କୃଷି ସମ୍ପର୍କିତ ଅଣ୍ଡର ଗ୍ରାଜୁଏଟ୍ କୋର୍ସକୁ ପ୍ରଫେଶନାଲ ଡିଗ୍ରୀ ମାନ୍ୟତା
- ଅଙ୍ଗନୱାଡି ପିଲାଙ୍କୁ ମାଗଣାରେ ଜୋତା, ଶୀତବସ୍ତ୍ର ମିଳିବ
- ଆସ୍କା ସମବାୟ ଚିନି ଶିଳ୍ପକୁ ୧୫କୋଟି ଟଙ୍କାର ଋଣ ସହାୟତା
- ଶକ୍ତି ବିଭାଗ ଅଧୀନକୁ ଯିବ ଓରେଡା
- ସଂଶୋଧନ ହେଲା ସୋସାଇଟି ଆକ୍ଟ
- ପ୍ରତି ୫ ବର୍ଷରେ କରିବାକୁ ପଡ଼ିବ ନବୀକରଣ ଓ ଅଡିଟ୍

ରାଜ୍ୟରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ସହିତ ଓଡ଼ିଶାକୁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୦ ପ୍ରସ୍ତୁତ କରିଛନ୍ତି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି। ଏହାଦ୍ୱାର ହୋଟେଲ ପ୍ରକଳ୍ପଗୁଡ଼ିକ ସ୍ଥାପନ ସହଜ ହୋଇପାରିବ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଜମି ଆବଣ୍ଟନ ନେଇ ଥିବା ସମସ୍ୟା ଦୂର ହୋଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ସିଙ୍ଗଲୱିଣ୍ଡୋ କମିଟିର ସୁପାରିସରେ ଥରେ ଜମି ଆବଣ୍ଟନକୁ ଅନୁମତି ଦିଆଯିବା ପରେ ଆଉ କୌଣସି କମିଟିର ସୁପାରିସ ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟରେ ହୋଟେଲ, ରେଷ୍ଟୁରାଣ୍ଟ ଓ ପର୍ଯ୍ୟଟନ ପ୍ରକଳ୍ପ ପାଇଁ ଏଣିକି ଇଡ୍‌କୋ କେବଳ ଜମି ଆବଣ୍ଟନ କରିବ। ପ୍ରକଳ୍ପ ପାଇଁ ଇଡ୍‌କୋ ସରକାରୀ ଏବଂ ବେସରକାରୀ ଜମି ଚିହ୍ନଟ କରି ଅଧିଗ୍ରହଣ କରି ଲ୍ୟାଣ୍ଡବ୍ୟାଙ୍କ ଗଠନ କରିବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରୋକ୍ତ ବିଷୟ ସମେତ ୨୨ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଗଣମାଧ୍ୟମକୁ କହିଛନ୍ତି ଯେ, କୃଷି ଓ ଏହା ସମ୍ପର୍କିତ ପ୍ରାକ୍ ସ୍ନାତକ ପାଠ୍ୟକ୍ରମକୁ ପ୍ରଫେଶନାଲ ଡିଗ୍ରୀ କୋର୍ସର ମାନ୍ୟତା ଦିଆଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରୁ ଏହି ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବ। ମାଳତୀ ଦେବୀ ପ୍ରାକ୍ ପରିଧାନ ଯୋଜନାରେ ଅଙ୍ଗନୱାଡିରେ ପଢୁଥିବା ୩ରୁ ୬ ବର୍ଷ ପିଲାମାନଙ୍କୁ ବର୍ଷକୁ ଦୁଇହଳ ପୋଷାକ ସମେତ ଚଳିତ ଆର୍ଥିକ ବର୍ଷରେ ଜୋତା, ମୋଜା ଏବଂ ଆସନ୍ତା ଆର୍ଥିକ ବର୍ଷରେ ଶୀତବସ୍ତ୍ର ଦେବାକୁ ନିଷ୍ପତ୍ତି ହୋଇଛି।

ଆସ୍କା ସମବାୟ ଚିନିଶିଳ୍ପକୁ ୧୫କୋଟି ଟଙ୍କାର ଋଣ ସହାୟତା ଦିଆଯିବ। ଉକ୍ତ ଟଙ୍କାରେ ଚିନିଶିଳ୍ପ ଆଖୁଚାଷୀଙ୍କୁ ସେମାନଙ୍କ ବକେୟା ପ୍ରଦାନ କରିବ। ଏ ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ସେହିପରି ସୋସାଇଟି ଆକ୍ଟକୁ ରାଜ୍ୟ ସରକାର ସଂଶୋଧନ କରିଛନ୍ତି। ଏଣିକି ସବୁ ସୋସାଇଟିକୁ ପ୍ରତି ୫ ବର୍ଷରେ ଥରେ ନବୀକରଣ କରାଯିବ। ସେହିପରି ଚାଷୀଙ୍କ ଉତ୍ପାଦିତ ଶସ୍ୟ, ପନିପରିବା ବିକ୍ରି ପାଇଁ ଇ-ମାର୍କେଟ ବ୍ୟବସ୍ଥାକୁ କ୍ୟାବିନେଟ୍ ଅନୁମୋଦନ କରିଛି। ବିଜ୍ଞାନ ଓ କାରିଗରି ବିଭାଗ ଅଧୀନରେ ଥିବା ଓଡ଼ିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥା (ଓରେଡା)କୁ ଶକ୍ତି ବିଭାଗ ଅଧୀନକୁ ଆଣିବାକୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାର ସୌର ଶକ୍ତି, ପବନ ଶକ୍ତି, ସମୁଦ୍ର ତରଙ୍ଗ ଶକ୍ତି, ବାୟୋ ଏନର୍ଜି ଆଦି କ୍ଷେତ୍ରରେ ବଡ଼ ବଡ଼ ପ୍ରକଳ୍ପ ପାଇଁ ଅଧିକ ପୁଞ୍ଜି ବିନିଯୋଗକୁ ଆକୃଷ୍ଟ କରାଯାଇପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ରାଜ୍ୟ ସରକାର ନିକଟରେ ପେଟ୍ରୋଲ ଓ ଡିଜେଲ ଉପରେ ଭାଟ୍ ବଢ଼ାଇଥିଲେ। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା ରୁଲ୍‌କୁ ସଂଶୋଧନ କରିଛନ୍ତି। ସଂଶୋଧିତ ନିୟମରେ ୧୯୨ କନିଷ୍ଠ ଓଏଏସ୍ କ୍ୟାଡର୍ ସୃଷ୍ଟି କରାଯିବ।

## ବାଲେଶ୍ୱରରେ ଏନ୍‌ଡିଆର୍‌ଏଫ୍ ୟୁନିଟ୍ ସ୍ଥାପନ ହେବ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ଅନେକ ସମୟରେ ବାତ୍ୟା ଉପକୂଳ ଓଡ଼ିଶାକୁ ଛାରଖାର କରିଦେଉଛି। ଏହକୁ ଦୃଷ୍ଟିରେ ରଖି ବାଲେଶ୍ୱର ସଦର ତହସିଲ ଅଧୀନ ହିଡିଗାଁଠାରେ ଏନ୍‌ଡିଆର୍‌ଏଫ୍‌ର ଏକ ବାଟାଲିୟନ ସ୍ଥାପନ ହେବ। ଏଥିପାଇଁ ରାଜ୍ୟ ସରକାର ୩.୫୦ ଏକର ଜମି ଯୋଗାଇ ଦେବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛି। ରାଜ୍ୟ ସରକାର ଶିଳ୍ପଗୁଡ଼ିକୁ ଚଳଚଞ୍ଚଳ କରିବାକୁ ଶ୍ରମିକମାନଙ୍କ ପାଇଁ ଓଭରଟାଇମ୍ କାମ କରିବାକୁ ନିଷ୍ପତ୍ତି ନେଇଥିଲେ। ଆସନ୍ତା ୩ ମାସ ପାଇଁ ଶ୍ରମିକମାନଙ୍କ ଲାଗି ୭୨ ଘଣ୍ଟା ଓଭରଟାଇମ୍ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା। ତେବେ ଏହାକୁ ୧୧୫ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଏଥିସହିତ ଶ୍ରମିକମାନେ ୧୮୦ ଘଣ୍ଟା କାର୍ଯ୍ୟ କରିବା ପରେ ଛୁଟି ନେଇ ପାରିବେ। ଶ୍ରମ ଓ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମଧ କ୍ୟାବିନେଟ ମଞ୍ଜୁରୀ ମିଳିଛି।

## ଢେଙ୍କାନାଳ, ଧାମରାରେ ପ୍ରତିଷ୍ଠା ହେବ ଶିଳ୍ପ ପାର୍କ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

ଢେଙ୍କାନାଳ ଓ ଧାମରାରେ ଶିଳ୍ପ ପାର୍କ ପ୍ରତିଷ୍ଠା ହେବ। ୧ ହଜାର ଏକରରେ ଏହି ପାର୍କ ସ୍ଥାପନ ହେବ ଏବଂ ୬ରୁ ୭ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଢଙ୍କାନାଳରେ ମେଡିକାଲ ପାର୍କ ନିର୍ମାଣ କରାଯିବ। ସେହିପରି ଧାମରାରେ ଟେକ୍ସଟାଇଲ ପାର୍କ ତିଆରି କରାଯିବ। ଧାମରାରେ ୨୦ହଜାର ଏବଂ ଢେଙ୍କାନାଳରେ ୧୬ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ଅନୁମୋଦନ କରିଛି ବୋଲି ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ରାଜ୍ୟରେ ଅଧିକରୁ ଅଧିକ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଜବାହର ନବୋଦୟ ବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାର ୧ଟଙ୍କା ସେସ୍‌ରେ ଜମି ଯୋଗାଇ ଦେବେ। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। କୃଷି ସମ୍ବନ୍ଧୀୟ ଦୁଇଟି ଅଧ୍ୟାଦେଶକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସେଗୁଡ଼ିକ ହେଲା ଓଡ଼ିଶା ଏଗ୍ରିକଲ୍‌ଚର ପ୍ରଡ୍ୟୁସ ଆଣ୍ଡ କଣ୍ଟ୍ରାକ୍ଟ ଫାର୍ମିଂ ସର୍ଭିସ ଅଧ୍ୟାଦେଶ-୨୦୨୦ ଏବଂ ଓଡ଼ିଶା ଏଗ୍ରିକଲ୍‌ଚର ପ୍ରଡ୍ୟୁସ ଆଣ୍ଡ ଲାଇଭ ଷ୍ଟକ୍ ମାର୍କେଟିଂ ଅଧ୍ୟାଦେଶ-୨୦୨୦। ଏହା କଣ୍ଟ୍ରାକ୍ଟ ଫାର୍ମିଂକୁ ପ୍ରୋତ୍ସାହିତ କରିବ।

## ବିସିସି ବ୍ୟାଙ୍କ ପୂର୍ବତନ ସଭାପତିଙ୍କ ସମେତ ୩ ମୃତ

**ବ୍ରହ୍ମପୁର ଅଫିସ,୨୯।୫**

### ଶର୍ଟ ସର୍କିଟରୁ ଘରେ ନିଆଁ ଲାଗି ଶ୍ୱାସରୁଦ୍ଧ ହୋଇଗଲେ



ଅଲେଖ ଚୌଧୁରୀ

ବ୍ରହ୍ମପୁର ସହର ଗୋଷାଣିନୂଆଗାଁ ପାଣିଗ୍ରାହୀ ପେଣ୍ଠସାହିସ୍ଥିତ ଘରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗିଯିବାରୁ ବିଜେଡି ନେତା ତଥା ବ୍ରହ୍ମପୁର କେନ୍ଦ୍ର ସମବାୟ (ବିସିସି) ବ୍ୟାଙ୍କର ପୂର୍ବତନ ସଭାପତିଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଶର୍ଟ ସର୍କିଟରୁ ଶୀତତାପ ନିୟନ୍ତ୍ରକ ଯନ୍ତ୍ର (ଏସି) ପୋଡ଼ିଯାଇ ଘରେ ଧୂଆଁ ଭର୍ତ୍ତି ହୋଇଯିବାରୁ ବିସିସି ବ୍ୟାଙ୍କ ପୂର୍ବତନ ସଭାପତି ଅଲେଖ ଚୌଧୁରୀ, ତାଙ୍କ ଶାଳକ ଭଗବାନ ପାତ୍ର (୮୫) ଓ କେୟାର ଟେକର ସୁନୀଲ ବେହେରାଙ୍କ ଜୀବନ ଚାଲିଯାଇଛି।

ଗୁରୁବାର ରାତିରେ ଘରର ଉପର ମହଲାରେ ଅଲେଖ ଓ ତାଙ୍କ ସ୍ତ୍ରୀ ସୁଷମା ଶୋଇଥିଲେ। ଅସୁସ୍ଥ ଥିବା ଅଲେଖଙ୍କ ଶାଳକ ଭଗବାନ ଓ ତାଙ୍କ ଦେଖାଶୁଣା କରିବା ପାଇଁଥିବା କେୟାର ଟେକର ସୁନୀଲ ତଳ ମହଲାରେ ଶୋଇଥିଲେ। ରାତିପ୍ରାୟ ୩ ଟାରେ ଘରେ ଧୂଆଁ ଭର୍ତ୍ତି ହୋଇଯିବାରୁ ଅଣନିଶ୍ୱାସୀ ହୋଇ ଅଲେଖ ଓ ତାଙ୍କ ସ୍ତ୍ରୀ ବାହାରକୁ ଚାଲି ଆସିଥିଲେ। ତଳ ଘର ମଧ ଧୂଆଁମୟ ହୋଇଥିବା ଦେଖିଥିଲେ। ସେଠାରୁ ଭଗବାନ ଓ ସୁନୀଲଙ୍କୁ ଉଦ୍ଧାର କରିବା ପାଇଁ ଅଲେଖ ଭିତରକୁ ଯାଇ ଆଉ ଆସିପାରି ନ ଥିଲେ। ଉକ୍ତ ଘରେ ୩ ଜଣ ଯାକ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ଘରୁ କେହି ବାହାରୁ ନ ଥିବା ଦେଖି ଅଲେଖଙ୍କ ସ୍ତ୍ରୀ ନିକଟସ୍ଥ ଆପାର୍ଟମେଣ୍ଟରେ ରହୁଥିବା ତାଙ୍କ ବଡ଼ ପୁଅ ଧୀରେଜଙ୍କୁ ଫୋନ କରି ଡାକିଥିଲେ। ଧୀରେଜ ଏ ନେଇ ଅଗ୍ନିଶମ କାର୍ଯ୍ୟାଳୟକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଅଲେଖ, ଭଗବାନ ଓ ସୁନୀଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଗୋଷାଣି ନୂଆଗାଁ ପୋଲିସ ଶୁକ୍ରବାର ସକାଳେ ମେଡିକାଲରେ ପହଞ୍ଚି ୩ ମୃତଦେହ ଜବତ କରିଥିଲା। ଏ ନେଇ ନଂ.୬/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଅଲେଖଙ୍କ ମରଶରୀରକୁ ତାଙ୍କ ବାସଭବନ ନିଆଯାଇଥିଲା। ଲକ୍‌ଡାଉନ ନିୟମ କଡ଼ାକଡି ସତ୍ତ୍ୱେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ସମେତ ଜିଲାର ବହୁ ବିଧାୟକ, ବିଶିଷ୍ଟ ବ୍ୟକ୍ତି ସେଠାକୁ ଯାଇ ଅଲେଖଙ୍କ ଶେଷ ଦର୍ଶନ କରିବା ସହ ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୋଷାଣିନୂଆଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏହାପୂର୍ବରୁ ସେଠାରେ ଭଗବାନ ଓ ସୁନୀଲଙ୍କ ମୃତଦେହ ସତ୍କାର କରାଯାଇଥିଲା।

## ୧ରେ ମାନବଶୃଙ୍ଖଳ

**କଟକ ଅଫିସ,୨୯।୫**

ଘରୋଇ ବସ୍ କର୍ମଚାରୀଙ୍କ ନ୍ୟାୟୋଚିତ ଦାବି ପୂରଣ କରିବା ପାଇଁ ଶୁକ୍ରବାର କଟକ ମୋଟର କର୍ମଚାରୀ ୟୁନିୟନର ସାଧାରଣ ବୈଠକ ବାଦାମବାଡ଼ିରେ ଅନୁଷ୍ଠିତ ହୋଇଛି। ଓଡ଼ିଶା ପରିବହନ ଫେଡେରେଶନର ରାଜ୍ୟ ସଭାପତି ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ୨୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ଯୋଗ ଦେଇଥିଲେ। ଜୁନ ୧ରେ କଟକ ଜିଲାପାଳଙ୍କ ଅଫିସ ଆଗରେ ମାନବଶୃଙ୍ଖଳ କରି ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ କରିବ ସ୍ନାନଯାତ୍ରା ସିଧା ପ୍ରସାରଣ

**ପୁରୀ ଅଫିସ,୨୯।୫**

### ସବୁ ଚ୍ୟାନେଲକୁ ଦେବ ଲାଇଭ ଟେଲିକାଷ୍ଟ ଫିଡ୍

ଜୁନ୍ ୫ରେ ଦେବସ୍ନାନ ପୂର୍ଣ୍ଣିମା। ପ୍ରତିବର୍ଷ ବିଭିନ୍ନ ଚ୍ୟାନେଲ ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନଯାତ୍ରାର ସିଧା ପ୍ରସାରଣ କରିଆସୁଥିଲେ। ହେଲେ ଏଥର କରୋନା ପାଇଁ ଏଥିରେ ବ୍ୟତିକ୍ରମ ଘଟିବ। କୌଣସି ଚ୍ୟାନେଲ ଏଥର ଲାଇଭ୍ ଟେଲିକାଷ୍ଟ କରିପାରିବେ ନାହିଁ। ସ୍ନାନଯାତ୍ରାର ସିଧା ପ୍ରସାରଣ ଦାୟିତ୍ୱ ଏଥର ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଦିଆଯାଇଛି। ବିଭାଗ ଲାଇଭ ଟେଲିକାଷ୍ଟ ଓ ୱେବକାଷ୍ଟ କରାଇବା ସହ ସମସ୍ତ ଚ୍ୟାନେଲକୁ ଲାଇଭ ଟେଲିକାଷ୍ଟ ଫିଡ୍ ଯୋଗାଇବ। ଏହି ମର୍ମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ବିଭାଗୀୟ ସଚିବଙ୍କୁ ଚିଠି ଲେଖିଛନ୍ତି।

କରୋନା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ବର୍ତ୍ତମାନ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ସ୍ନାନଯାତ୍ରାରେ ସାମାଜିକ ଦୂରତ୍ୱ ପାଳନ ସହ ଶ୍ରୀମନ୍ଦିର ସମ୍ମୁଖରେ ବହୁ କଟକଣା ରହିବ। ଶ୍ରୀମନ୍ଦିର ପରିସର ସ୍ନାନମଣ୍ଡପରେ ହେବାକୁ ଥିବା ସ୍ନାନଯାତ୍ରାର ଲାଇଭ ଟେଲିକାଷ୍ଟ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବଙ୍କୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି। ଏ ବାବଦରେ ଶୁଭ୍ରାଂଶୁ ଶେଖର ପାଢୀଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ମୁଖ୍ୟ ପ୍ରଶାସକ ତାଙ୍କ ଚିଠିରେ ଦର୍ଶାଇଛନ୍ତି।

## ରାଜ୍ୟରେ ୧୭୦୦ ଟପିଲା ଆକ୍ରାନ୍ତ ସଂଖ୍ୟା

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

- ଆଉ ୭୫ ନୂଆ ପଜିଟିଭ୍
- ଆକ୍ରାନ୍ତ ହେଉଛନ୍ତି କମ୍, ସୁସ୍ଥ ହେଉଛନ୍ତି ଅଧିକ

ରାଜ୍ୟରେ ଆଉ ୬୩ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୧ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୨ ଲୋକାଲ କେସ୍ ରହିଛି। ତେବେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୨ଜଣ ଥିବାବେଳେ ଜଗତ୍‌ସିଂହପୁରରେ ୧୧, ଢେଙ୍କାନାଳରେ ୯, ନୟାଗଡ଼ରେ ୭, ବଲାଙ୍ଗୀରରେ ୬, ଗଞ୍ଜାମରେ ୪, କଟକ ଓ ବାଲେଶ୍ୱରରେ ୩ଜଣ ଲେଖାଏ ରହିଛନ୍ତି। ସେହିପରି ସୁନ୍ଦରଗଡ଼ରେ ୨ଜଣ ଚିହ୍ନଟ ହୋଇଥିବାବେଳେ ପୁରୀ, ମୟୂରଭଞ୍ଜ, ସମ୍ବଲପୁର, କୋରାପୁଟ, ଝାରସୁଗୁଡ଼ା ଓ ନବରଙ୍ଗପୁରରେ ଜଣେ ଲେଖାଏ ନୂଆ ଆକ୍ରାନ୍ତ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି। ଅନ୍ୟପକ୍ଷରେ ନୂଆପଡ଼ା ଜିଲାରେ ଆଉ ୧୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲାପାଳ ମଧୁସ୍ମିତା ସାହୁ ସୂଚନା ଦେଇଛନ୍ତି। ଫଳରେ ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୭୩୫ରେ ପହଞ୍ଚିଛି।

ତେବେ ଦିନକୁ ଯେତିକି ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ତା'ଠାରୁ ଅଧିକ ସୁସ୍ଥ ହେଉଥିବା ଜଣାପଡିଛି। ଶୁକ୍ରବାର ରାଜ୍ୟର ୯ ଜିଲାରୁ ୯୦ଜଣ ଆକ୍ରାନ୍ତ ସୁସ୍ଥହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଗତ୍‌ସିଂହପୁରରୁ ୨୩, ଯାଜପୁରରୁ ୨୨, ଭଦ୍ରକରୁ ୨୧, ଗଞ୍ଜାମରୁ ୧୫, କଟକରୁ ୩, ଖୋର୍ଦ୍ଧା ଓ ସମ୍ବଲପୁରରୁ ୨ଜଣ ଲେଖାଏ ଥିବାବେଳେ ବାଲେଶ୍ୱର ଓ ନୟାଗଡ଼ରୁ ଜଣେ ଲେଖାଏ ରୋଗୀ ଭଲ ହୋଇଛନ୍ତି। ଫଳରେ ବର୍ତ୍ତମାନ ରାଜ୍ୟରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୭୪୯ ଥିବାବେଳେ ସୁସ୍ଥଙ୍କ ସଂଖ୍ୟା ୯୭୭କୁ ବୃଦ୍ଧି ପାଇଯାଇଛି। ବିଶେଷକରି ଗତ ୪ଦିନର ତଥ୍ୟ ଓଡ଼ିଶା ପାଇଁ ଆଶ୍ୱସ୍ତି ଦେଇଛି। ଏହି ସମୟ ମଧ୍ୟରେ ଓଡ଼ିଶାରେ ୨୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୩୨୮ ଜଣ ସୁସ୍ଥ ହୋଇଛନ୍ତି। ଗଞ୍ଜାମ ଜିଲାରୁ ୬୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ଯାଜପୁର ଜିଲାରୁ ୭୦ ଜଣ, ବାଲେଶ୍ୱର ୨୯, କଟକରେ ୨୩ ଜଣ, ଭଦ୍ରକରେ ୫୫ ଜଣ, ଜଗସିଂହପୁରରେ ୨୩, ପୁରୀରେ ୧୯, ଖୋର୍ଦ୍ଧାରେ ୯, କେନ୍ଦ୍ରାପଡ଼ାରେ ୮, ନୟାଗଡ଼ରେ ୬, ବଲାଙ୍ଗୀର ଓ କେନ୍ଦୁଝରରେ ୪, ସମ୍ବଲପୁରରେ ୩, କନ୍ଧମାଳ ଓ ମୟୂରଭଞ୍ଜରେ ୨ଜଣ ଲେଖାଏ ସୁସ୍ଥ ହୋଇଛନ୍ତି। ସେହିପରି ବୌଦ୍ଧ, ସମ୍ବଲପୁର ଓ ସୁନ୍ଦରଗଡ଼ରେ ଜଣେ ଲେଖାଏ ରୋଗୀ ସୁସ୍ଥ ହୋଇଛନ୍ତି। କରୋନା ମୁକାବିଲାରେ ରାଜ୍ୟ ସରକାରଙ୍କର ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି।

### ଦୁଇ କରୋନା ସଂକ୍ରମିତଙ୍କ ମୃତ୍ୟୁ

#### ଅନ୍ୟ ରୋଗରେ ପୀଡ଼ିତ ଥିଲେ

କରୋନାରେ ଆକ୍ରାନ୍ତ ଥିବା ଦୁଇଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତେବେ ଏହି ମୃତ୍ୟୁ କରୋନା ଜନିତ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ଏନେଇ ଶୁକ୍ରବାର ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଖୋର୍ଦ୍ଧା ଜିଲାର ୪୨ବର୍ଷୀୟ ବ୍ୟକ୍ତିଙ୍କର କରୋନା ପଜିଟିଭ୍ ବାହାରିଥିଲା। ତେବେ ତାଙ୍କର ଯକୃତଜନିତ ସମସ୍ୟା ଯୋଗୁ ମୃତ୍ୟୁ ହେଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ବାଲେଶ୍ୱରର ୭୨ବର୍ଷୀୟ ବୃଦ୍ଧଙ୍କର କରୋନା ପଜିଟିଭ୍ ବାହାରିଥିଲା। କିନ୍ତୁ ତାଙ୍କର ରକ୍ତ କର୍କଟରେ ମୃତ୍ୟୁ ହେଇଥିବା ରିପୋର୍ଟରୁ ଜଣାପଡ଼ିଥିବା ବିଭାଗ କହିଛି। ତେଣୁ ଏହି ଦୁଇଜଣଙ୍କ ମୃତ୍ୟୁକୁ ରାଜ୍ୟ ସରକାର କରୋନା ମୃତ୍ୟୁ ସଂଖ୍ୟାରେ ମିଶାଇ ନାହାନ୍ତି।

### 'କୋଭିଡ୍୧୯ ଡ୍ୟାସ୍‌ବୋର୍ଡ'ରେ ନୂଆ ସାରଣୀ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ):** କରୋନା ସମ୍ପର୍କିତ ତଥ୍ୟ ଜନସାଧାରଣଙ୍କୁ ଜଣାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ 'କୋଭିଡ୍-୧୯ ଡ୍ୟାସ୍‌ବୋର୍ଡ' ଆପ୍ କାର୍ଯ୍ୟ କରୁଛି। ଏଥିରେ ପ୍ରତିଦିନ ଆକ୍ରାନ୍ତ ସମ୍ବନ୍ଧୀୟ ସମସ୍ତ ବିବରଣୀ ପ୍ରଦାନ କରାଯାଉଛି। ତେବେ ଶୁକ୍ରବାର ଅପରାହ୍ନରୁ ଡ୍ୟାସ୍‌ବୋର୍ଡରେ ଏକ ନୂଆ ସାରଣୀ ଯୋଡ଼ି ହୋଇଛି। ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଗୋଟିଏ ସାରଣୀରେ ପ୍ରକାଶ ପାଉଥିବାବେଳେ ଏହାକୁ ଦୁଇ ଭାଗ କରିଦିଆଯାଇଛି। ଗୋଟିଏ ଭାଗରେ କରୋନାଜନିତ ମୃତ୍ୟୁ ଓ ଅନ୍ୟଟିରେ ଅନ୍ୟ ରୋଗରେ କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ତଥ୍ୟ ଉପସ୍ଥାପନା କରାଯାଉଛି। ସୂଚନାଯୋଗ୍ୟ, ଏହି ସାରଣୀରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା, ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ସହ ସୁସ୍ଥ ଓ ମୃତ ଆକ୍ରାନ୍ତଙ୍କ ସଂଖ୍ୟା ଦିଆଯାଉଛି।

## ଗୋବର୍ଦ୍ଧନ ପୀଠ ଜମି ଫେରିଲା

**ପୁରୀ ଅଫିସ,୨୯।୫**

### ମଠ ନାଁରେ ରେକର୍ଡ ହେଲା ୩ ଏକର ୮୭ ଡେସିମିଲ ଜମି

ଗୋବର୍ଦ୍ଧନ ପୀଠ ଜମି ଫେରିବାକୁ ନେଇ ଦୀର୍ଘବର୍ଷ ଧରି ଯେଉଁ କଳ୍ପନାଜଳ୍ପନା ଲାଗି ରହିଥିଲା ତାହାର ଅନ୍ତ ଘଟିଛି। ଶୁକ୍ରବାର ଗୋବର୍ଦ୍ଧନ ମଠ ନାଁରେ ୩ ଏକର ୮୭ ଡେସିମିଲ ଜମି ରେକର୍ଡ ହୋଇଛି। ଫଳରେ ମଠର ମୂଳ ପୀଠ ଏବେ ସୁରକ୍ଷିତ ହୋଇଛି। ପୂର୍ବରୁ ଜିଲା ପ୍ରଶାସନ ଏହି ଜମିକୁ ଅଧିଗ୍ରହଣ କରି ଶ୍ରୀମନ୍ଦିର ପରିଚାଳନା କମିଟି ନାଁରେ ରେକର୍ଡ କରିଥିଲା। ଏହାକୁ ନେଇ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରବର୍ତ୍ତୀ ସମୟରେ ଗୋବର୍ଦ୍ଧନ ମଠକୁ ଦେବୋତ୍ତର ବିଭାଗ ଅଧୀନରୁ ମୁକ୍ତ କରାଯାଇଥିଲା। ଏହାପରେ ଶଙ୍କରାଚାର୍ଯ୍ୟ ଜମି ଫେରାଇବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା ହେବା ପରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଥିଲା। ସରକାର ଏହାକୁ ଅନୁମୋଦନ କରିଥିଲେ। ସେହି ଅନୁଯାୟୀ, ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁରୀ ସବ୍‌ରେଜିଷ୍ଟ୍ରାର ଅଫିସରେ ୩ ଏକର ୮୭ ଡେସିମିଲ ଜମି ଗୋବର୍ଦ୍ଧନ ମଠ ନାଁରେ ରେକର୍ଡ କରାଯାଇଛି। ପ୍ରାୟ ୪ବର୍ଷ ପରେ ଏହି ଜମି ମଠକୁ ଫେରିଥିବାରୁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନକୁ ମଠର ପାୱାର ଅଫ୍ ଆର୍ଟର୍ନି କୃଷ୍ଣଚନ୍ଦ୍ର ଦାଶ ଧନ୍ୟବାଦ ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ଉପପ୍ରଶାସକ ସୁବ୍ରତ ବେହେରା ଉପସ୍ଥିତ ରହି ରେକର୍ଡରେ ଦସ୍ତଖତ କରିଥିବା ବେଳେ ମଠ ପକ୍ଷରୁ ଦାଶ ଦସ୍ତଖତ କରିଥିଲେ।

**ଆଜିର ମନ୍ତବ୍ୟ**

ଭାରତ ଓ ଚାଇନା ମଧ୍ୟରେ ବିବାଦର ସମାଧାନ ପାଇଁ ଆମେରିକାର ମଧ୍ୟସ୍ଥତା ଅନାବଶ୍ୟକ। **-ଝାଓ ଲିଜିଆନ୍, ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅମର
ପରିବାରବର୍ଗ


ରୋନକ୍
ପରିବାରବର୍ଗ


ସିଦ୍ଧାର୍ଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ପେଶାଲ୍ ଟ୍ରେନ୍‌ର ଅଗ୍ରିମ ସଂରକ୍ଷଣ ଅବଧି ବଢ଼ିଲା

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ଭାରତୀୟ ରେଳପଥ ପକ୍ଷରୁ ମେ' ୧୨ରୁ ଚାଲୁଥିବା ୩୦ଟି ସ୍ୱତନ୍ତ୍ର ଟ୍ରେନ୍ ଓ ଜୁନ୍ ପହିଲାରୁ ଚାଲିବାକୁଥିବା ୨୦୦ ସ୍ୱତନ୍ତ୍ର ମେଲ ଏକ୍ସପ୍ରେସ ଟ୍ରେନ ସଂକ୍ରାନ୍ତ ନିର୍ଦ୍ଦେଶନାମାରେ ସଂଶୋଧନ କରାଯାଇଛି। ରେଳ ମନ୍ତ୍ରଣାଳୟ ଦ୍ୱାରା ସମସ୍ତ ସ୍ପେଶାଲ ଟ୍ରେନର ଅଗ୍ରିମ ସଂରକ୍ଷଣ ଅବଧିକୁ ୩୦ ଦିନରୁ ୧୨୦ ଦିନକୁ ବୃଦ୍ଧି କରାଯାଇଛି। ଏହି ସମସ୍ତ ଟ୍ରେନରେ ପାର୍ସଲ ଏବଂ ଲଗେଜ ବୁକିଂ ଅନୁମତି ଦିଆଯିବ। ଏହି ପରିବର୍ତ୍ତିତ ନିର୍ଦ୍ଦେଶନାମା ମେ ୩୧ ସକାଳ ୮ଟାରୁ କାର୍ଯ୍ୟକାରୀ ହେବ। ଅନ୍ୟାନ୍ୟ ସର୍ତ୍ତାବଳୀ ଯେପରି କି, ଚଳିତ ବୁକିଂ, ସଡକ ପାର୍ଶ୍ୱ ଷ୍ଟେଶନଗୁଡ଼ିକରେ ତତ୍କାଳ କୋଟା ଆବଣ୍ଟନ ନିୟମ ଇତ୍ୟାଦି ସମାନ ରହିବ। ଏହି ସଂଶୋଧିତ ନିର୍ଦ୍ଦେଶନାମା ଭାରତୀୟ ରେଳପଥର ୱେବସାଇଟ୍ www.indianrailways.gov.inରେ ଉପଲବ୍ଧ ରହିଥିବା ସୂଚନା ଦିଆଯାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କପାଳ ଲିଖନ**
**କେ କରିବ ଆନ।**

କପାଳରେ ଯାହା ଲେଖାହୋଇଥାଏ ତାହା ହିଁ ଅବଶ୍ୟ ଘଟିଥାଏ। ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ଏହାକୁ କାଟିବା ବା ବଦଳେଇବା ସହଜସାଧ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଖବାଲିଆ ଚାଟକୁ**
**କାଠଫାଳିଆ ପାହାର।**

ପ୍ରତ୍ୟେକ କାର୍ଯ୍ୟ ପାଇଁ ଉଚିତ ସମୟ ରହିଥାଏ। ଉଚିତ ସମୟରେ କାର୍ଯ୍ୟାରମ୍ଭ ନ କଲେ ତାହା ଫସରଫାଟି ଯାଇଥାଏ। ସେହିପରି ଯଥା ସମୟରେ ବିଦ୍ୟାରମ୍ଭ ନ କଲେ ତା'ର ସୁଫଳ ମିଳି ନ ଥାଏ। ବୟସ୍କ ଛାତ୍ରକୁ ଶାରୀରିକ ଦଣ୍ଡ ଦେଇ ପାଠପଢ଼ାରେ ମନୋନିବେଶ କରାଇବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିହନ, ସାର ମହଜୁଦ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ଚଳିତ ଖରିଫ ଚାଷ ନିମନ୍ତେ ଚାଷୀଙ୍କ ପାଇଁ ପ୍ୟାକ୍ସ, ଲ୍ୟାମ୍ପସ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ବିହନ ଓ ସାର ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିବା ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିହନ ଓ ସାର ଯୋଗାଣର ସଦ୍ୟତମ ସ୍ଥିତି ସମ୍ପର୍କରେ ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ମନ୍ତ୍ରୀ ସ୍ୱାଇଁ ଏହା କହିଛନ୍ତି। ଏହି ବୈଠକରେ ସମବାୟ ବିଭାଗ କମିଶନର ବୀର ବିକ୍ରମ ଯାଦବ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ଜେନା, ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ଯୋଗଦେଇଥିଲେ। ପ୍ୟାକ୍ସଗୁଡ଼ିକରେ ସାର ମହଜୁଦ ରଖିବା ପାଇଁ ରାଜ୍ୟକୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଣ ନିମନ୍ତେ କେନ୍ଦ୍ର ସାର ମନ୍ତ୍ରଣାଳୟ ସହିତ ନିୟମିତ ଯୋଗାଯୋଗ ରଖିବା ଦିଗରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଚାଷୀମାନେ ଯେପରି ସହଜରେ ଖରିଫ ଚାଷ ଲାଗି ଋଣ ପାଇପାରିବେ ସେଥିନିମନ୍ତେ ଅଧିକାରୀମାନେ ତତ୍ପରତା ପ୍ରକାଶ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଥିଲେ। ଏଥିସହିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଅଧିକ ସ୍ୱଳ୍ପକାଳୀନ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ କହିଥିଲେ। ଏତଦ୍‌ବ୍ୟତୀତ ରାଜ୍ୟରେ ରବିଧାନ ସଂଗ୍ରହ ସହିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କଠାରୁ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

# କେନ୍ଦ୍ର ସରକାରଙ୍କ ବର୍ଷ ପୂର୍ତ୍ତିକୁ ସପ୍ତାହେ ପାଳିବ ଭାଜପା

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ଶନିବାର ପୂରଣ ହେବ। ଏହି ବର୍ଷକ ମଧ୍ୟରେ ମୋଦି ସରକାର ବହୁ ବଡ଼ବଡ଼ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ ସଫଳ ହୋଇଛନ୍ତି। ମୋଦି ସରକାରଙ୍କ ଏହି ସମସ୍ତ ସଫଳତାର ବାର୍ତ୍ତା ଲୋକମାନଙ୍କ ନିକଟରେ ରାଜ୍ୟ ଭାଜପା ନେତାମାନେ ଆସନ୍ତା ସପ୍ତାହେ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପହଞ୍ଚାଇବେ। 'ଭୋକାଲ ଫର୍ ଲୋକାଲ'କୁ ଗୁରୁତ୍ୱ ଦେଇ ସ୍ଥାନୀୟ ତଥା ସ୍ୱଦେଶୀ ସାମଗ୍ରୀର ବ୍ୟବହାର ନିମନ୍ତେ ସମସ୍ତ କାର୍ଯ୍ୟକର୍ତ୍ତା ସଂକଳ୍ପ ନେବେ ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି।

ଗୋଲକ କହିଛନ୍ତି ଯେ, ମୋଦି ସରକାରଙ୍କ ପ୍ରଥମ ବର୍ଷର ପ୍ରମୁଖ ଉପଲବ୍ଧିର ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବ। ଭର୍ଚୁଆଲ ରାଲି ମାଧ୍ୟମରେ ରାଷ୍ଟ୍ରୀୟ ତଥା ରାଜ୍ୟସ୍ତରୀୟ ପ୍ରମୁଖ ନେତୃବୃନ୍ଦମାନେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଏବଂ ସାଧାରଣ ଜନତାଙ୍କ ସହ ଯୋଡିହୋଇ ଚର୍ଚ୍ଚା, ଆଲୋଚନା କରିବେ। ରାଜ୍ୟର ସମସ୍ତ ପ୍ରମୁଖ ସ୍ଥାନରେ ଖବରଦାତା ସମ୍ମିଳନୀ ଆୟୋଜନ ହେବ। ପ୍ରଧାନମନ୍ତ୍ରୀ, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସମେତ ପ୍ରମୁଖ ନେତୃବୃନ୍ଦଙ୍କ ବାର୍ତ୍ତା ଏବଂ କେନ୍ଦ୍ର ସରକାରଙ୍କ ଉପଲବ୍ଧିକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଯିବ। ଓଡ଼ିଶାରେ ଏହି ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପାଳନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ରାଜ୍ୟ ସଂଯୋଜକ ଭାବେ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନନ୍ତ ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜ୍ୟରେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି ପାଇଁ ବିଧାୟକ ବିଷ୍ଣୁ ସେଠୀ ଓ ରାଜ୍ୟ ସମ୍ପାଦକ ଯତୀନ ମହାନ୍ତିଙ୍କୁ ମିଳିତଭାବେ ଦାୟିତ୍ୱ ଦିଆଯାଇଛି। ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରଚାର ଓ ପ୍ରସାରର ଦାୟିତ୍ୱ ଲେଖାଶ୍ରୀ ସାମନ୍ତସିଂହାର ତୁଲାଇବେ। ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ଭର୍ଚୁଆଲ୍ ରାଲି ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ ଓ କାଳିନ୍ଦୀ ସାମଲ ଦାୟିତ୍ୱ ନେଇଛନ୍ତ ବୋଲି ଗୋଲକ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କାମାଥ ହୋଇପାରନ୍ତି ...

ବ୍ୟାଙ୍କର୍ କାମାଥ ଉପଯୁକ୍ତ ହେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନେକରିପାରନ୍ତି। ପ୍ରକାଶ ଯେ, ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା ଭଳି ବିକାଶଶୀଳ ବଜାର ଅର୍ଥନୀତିକୁ ନେଇ ବ୍ରିକ୍ସ ବ୍ୟାଙ୍କ ଗଠନ କରାଯାଇଛି। ବ୍ରିକ୍ସ ନେତୃତ୍ୱାଧୀନ ଏନ୍‌ଡିବି ମୁଖ୍ୟ ପଦରୁ ବୁଧବାର କେ.ଭି. କାମାଥ ଅବସର ନେବାବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଭିଡିଓ କନ୍‌ଫରେନ୍ସ ଜରିଆରେ ସ୍ୱତନ୍ତ୍ର ବୋର୍ଡ ଅଫ୍ ଗଭର୍ନର୍ସ ବୈଠକକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ସୀତାରାମନ କାମାଥଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ୧୯୪୭ ଡିସେମ୍ବର ୨ରେ କର୍ନାଟକର ମାଙ୍ଗାଲୁରୁରେ ଜନ୍ମିତ କାମାଥ କେଆର୍‌ଇସି ସୁରତକାଲରେ ମେକାନିକାଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ଶିକ୍ଷା ଅର୍ଜନ କରିବା ପରେ ଅହମଦାବାଦସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍)ରେ ପିଜି ଡିପ୍ଲୋମା କରିଥିଲେ। ଏହି ବିଶିଷ୍ଟ ଟେକ୍ନୋକ୍ରାଟ ଆଇସିଆଇସିଆଇ ବ୍ୟାଙ୍କର ନନ୍-ଏକ୍‌ଜିକ୍ୟୁଟିଭ୍ ଚେୟାରମ୍ୟାନ୍ ପଦରେ ରହି ପରବର୍ତ୍ତୀ ସମୟରେ ଉକ୍ତ ଘରୋଇ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭଳି ଅନେକ ଗୁରୁଦାୟିତ୍ୱ ଗ୍ରହଣ କରିଥିଲେ। ୨୦୦୯ ଏପ୍ରିଲ ୩୦ରେ କାମାଥ ଆଇସିଆଇସିଆଇ କାର୍ଯ୍ୟନିର୍ବାହୀ ଉତ୍ତରଦାୟିତ୍ୱରୁ ମୁକ୍ତ ହୋଇଥିଲେ। ୨୦୧୧ ଅଗଷ୍ଟ ୨୧ରେ ଇନ୍‌ଫୋସିସ୍ ଅଧ୍ୟକ୍ଷ ଏନ୍.ଆର୍. ନାରାୟଣମୂର୍ତ୍ତି ଅବସର ନେବା ପରେ କାମାଥଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇଥିଲା। ଇନ୍‌ଫୋସିସ୍‌ରେ ସେ ୨୦୧୫ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏବେ ଏନ୍‌ଡିବି ମୁଖ୍ୟ ପଦରୁ ବିଦାୟ ନେବା ପରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଥିବା ଜଣାପଡ଼ିଛି। କରୋନା ସଙ୍କଟ ବେଳେ ଅର୍ଥମନ୍ତ୍ରୀ ସୀତାରାମନ୍‌ଙ୍କ ପ୍ରଦର୍ଶନକୁ ନେଇ ଦେଶବାସୀ ସେତେଟା ସନ୍ତୁଷ୍ଟ ନ ଥିବାରୁ ସେ ବିଦା ହେବା ଓ କାମାଥ ନୂଆ ଅର୍ଥମନ୍ତ୍ରୀ ହୋଇ ଅର୍ଥ ବ୍ୟବସ୍ଥାର ମଙ୍ଗ ଧରିବା ଚର୍ଚ୍ଚାକୁ ବଳ ମିଳିଛି। ତେବେ ଏନେଇ ସରକାରୀ ଭାବେ କିଛି କୁହାଯାଇ ନାହିଁ।

### ୧୧ ବର୍ଷର ନିମ୍ନ ...

ବଜାରରେ ଉପୁଜିଥିବା ସମସ୍ୟା ଯୋଗୁ ଏହି ପୂର୍ବାନୁମାନ ମୁତାବକ ବଜାର ଅଭିବୃଦ୍ଧି ହାସଲ କରିପାରି ନାହିଁ। ମାତ୍ର ଚତୁର୍ଥ ତ୍ରୈମାସରେ ବଜାର ବିଶେଷଜ୍ଞମାନେ ଯେଉଁ ହାରରେ ଜିଡିପି ରହିବ ବୋଲି ଅନୁମାନ କରିଥିଲେ ସେହି ହାରଠାରୁ ଅଭିବୃଦ୍ଧି ଉନ୍ନତ ରହିଛି। ଚତୁର୍ଥ ତ୍ରୈମାସ ଜିଡିପି .୧୫% ରହିବା ନେଇ ବ୍ଲୁମ୍‌ବର୍ଗର ୨୮ ବିଶେଷଜ୍ଞ ଅନୁମାନ ଲଗାଇଥିଲେ। ସେହିଭଳି ଅଭିବୃଦ୍ଧି ୧.୧%କୁ ଖସିବ ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ଆକଳନ କରାଯାଇଥିଲା।

ମାର୍ଚ୍ଚରେ ବିକାଶ ହାର ଏତେଟା ଭଲ ରହିବନି ବୋଲି ପୂର୍ବରୁ ଅନେକ ଘଟଣା ସୂଚାଇ ଦେଇଥିଲା। ପରଫରମାନ୍ସ ହ୍ରାସ ହେବାକୁ ନେଇ ବିଶେଷଜ୍ଞମାନେ ପୂର୍ବାନୁମାନ କମାଇଥିଲେ। ଏହି ସମୟରେ ପ୍ରମୁଖ ଯାନ ନିର୍ମାତାଙ୍କର ବିକ୍ରିରେ ବୃହତ୍ ପରିମାଣରେ ହ୍ରାସ ଘଟିଛି। ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ମାର୍ଚ୍ଚରେ ୧୬.୭ ଖସିଛି। ଫେବୃୟାରୀରେ ଏହା ୪.୫% ବଢ଼ିଥିଲା। ବଜେଟ ପ୍ରସ୍ତୁତି ସମୟରେ ସରକାର ଜିଡିପିର ଆଗୁଆ ପୂର୍ବାନୁମାନ ଲଗାଇଥିଲେ। ୨୦୧୯-୨୦ରେ ଏହା ୫% ରହିବ ବୋଲି କୁହାଯାଇଥିଲା। ସେହିଭଳି ଜିଡିପି ୫% ରହିବା ନେଇ ଫେବୃୟାରୀ ୧୯ରେ ପୁଣି ଥରେ ପୂର୍ବାନୁମାନ କରାଗଲା। ଲକ୍‌ଡାଉନ ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ କିଭଳି ରହିବ ତାହା ଜୁନ୍ ତ୍ରୈମାସ ଜିଡିପି ଡାଟାରୁ ସାମ୍ନାକୁ ଆସିବ। ମାନୁଫାକ୍ଚରିଂ ଏବଂ ସର୍ଭିସ କ୍ଷେତ୍ର ସମ୍ପୂର୍ଣ୍ଣ ବନ୍ଦ ପଡ଼ିଥିବାରୁ କ୍ଷୟକ୍ଷତି ନେଇ ଆଗକୁ ଜଣାପଡ଼ିବ। ବିକାଶ ହାର ୪୫% କ୍ଷତିଗ୍ରସ୍ତ ହେବା ନେଇ ଗୋଲ୍ଡ ମ୍ୟାନ ସ୍ୟାଚ୍ ପକ୍ଷରୁ ଆକଳନ କରାଯାଇଛି। ମୌସୁମୀ ଉନ୍ନତ ରହିଲେ ଏହା ଗ୍ରାମାଞ୍ଚଳ ପାଇଁ ଉନ୍ନତ ରହିବ। କାରଣ ସହରରୁ ଫେରୁଥିବା ପ୍ରବାସୀ କୃଷି କ୍ଷେତ୍ରରେ କାମ ପାଇଯିବେ। କରୋନା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବା ଲାଗି ସରକାର ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। କ୍ଷୁଦ୍ର ବାଣିଜ୍ୟ ଏବଂ କୃଷକଙ୍କ ସବ୍‌ସିଡି ହାରରେ ଋଣ ପ୍ରଦାନ ନେଇ ଯୋଜନା ରଖାଯାଇଛି। ପ୍ୟାକେଜରେ ବିତ୍ତୀୟ ସହାୟତା ମାତ୍ର ୧% ରହିଛି। ଏଣୁ ଅର୍ଥ ବ୍ୟବସ୍ଥା ଉପରେ କିଭଳି ପ୍ରଭାବ ଦେଖାଉଛି ତାହା ଦେଖିବାକୁ ହେବ ବୋଲି ବିଶେଷଜ୍ଞ କହିଛନ୍ତି। ଚଳିତ ତ୍ରୈମାସରେ ରିଜର୍ଭ ବ୍ୟାଙ୍କ ୪୦% ରେପୋ ରେଟ୍ ହ୍ରାସ କରିଛି। ଫେବୃୟାରୀ ପରଠାରୁ ରେପୋରେ ୧୧୫ % ହ୍ରାସ ଘଟିଥିବା ଜଣାପଡ଼ିଛି। ହେଲେ ବ୍ୟାଙ୍କଗୁଡିକ ରେପୋ ହାର ହ୍ରାସର ଲାଭ ଗ୍ରାହକଙ୍କୁ କେତେ ପରିମାଣରେ ଦେଉଛନ୍ତି ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ।

### ଅଜିତ ଯୋଗୀଙ୍କ ...

ତାଙ୍କ ବାପାଙ୍କୁ ହରାଇନାହାନ୍ତି, ୨୦ ବର୍ଷୀୟ ଛତିଶଗଡ଼ ମଧ୍ୟ ତା'ର ପିତୃପୁରୁଷଙ୍କୁ ହରାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ପରାମର୍ଶକ୍ରମେ ଯୋଗୀ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଚାକିରି ଛାଡ଼ି କଂଗ୍ରେସରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ନେହେରୁ-ଗାନ୍ଧୀ ପରିବାରର ଅତି ଘନିଷ୍ଠ ଥିବା ଯୋଗୀ ୧୯୮୬ରେ ରାଜ୍ୟ ସଭାକୁ ଯାଇ ୧୯୯୮ ପର୍ଯ୍ୟନ୍ତ ଉଚ୍ଚ ସଦନରରେ ପ୍ରତିନିଧିତ୍ୱ କରିଥିଲେ। ୧୯୯୮ ଲୋକ ସଭା ନିର୍ବାଚନରେ ସେ ରାୟଗଡ଼ ଆସନରୁ ଲଢ଼ି ବିଜୟୀ ହୋଇଥିଲେ। କିନ୍ତୁ ବର୍ଷକ ପରେ ଶାହଡୋଲ୍ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ୨୦୦୦ରେ ମଧ୍ୟପ୍ରଦେଶରୁ ଅଲଗା ହୋଇ ଛତିଶଗଡ଼ ସ୍ୱତନ୍ତ୍ର ରାଜ୍ୟ ଗଠନ ହେବା ପରେ ଯୋଗୀ ଏହାର ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୩ରେ ଛତିଶଗଡ଼ରେ ପ୍ରଥମ ବିଧାନସଭା ନିର୍ବାଚନ ହୋଇଥିବାବେଳେ କଂଗ୍ରେସ ହାତରୁ କ୍ଷମତା ଛଡ଼ାଇନେଇ ୨୦୧୮ ପର୍ଯ୍ୟନ୍ତ ଭାଜପା ଶାସନ କରିଥିଲା। ୨୦୦୪ ସାଧାରଣ ନିର୍ବାଚନରେ ଯୋଗୀ କଂଗ୍ରେସରୁ ଲଢ଼ୁଥିବାବେଳେ ଏକ କାର୍ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଏହି ଦୁର୍ଘଟଣା ତାଙ୍କ ରାଜନୈତିକ ଜୀବନକୁ ଶିଥିଳ କରିଦେଇଥିଲେ ହେଁ ଉକ୍ତ ନିର୍ବାଚନରେ ସେ ବିପୁଳ ଭୋଟରେ ବିଜୟୀ ହୋଇଥିଲେ। ତେବେ ୨୦୧୬ରେ କଂଗ୍ରେସ ଯୋଗୀ ଓ ତାଙ୍କ ପୁଅ ଅମିତଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପ ଯୋଗୁ ନିଲମ୍ବନ କରିଥିଲା। ପରେ ସେ ଜନତା କଂଗ୍ରେସ ଛତିଶଗଡ଼(ଜେ) ନାମରେ ଏକ ନୂଆ ଦଳ ଗଠନ କରିଥିଲେ। ୨୦୧୮ ନିର୍ବାଚନରେ ଯୋଗୀଙ୍କ ଦଳର ପ୍ରଦର୍ଶନ ଭଲ ନ ଥିଲା।

### ଜ୍ୟୋତିର୍ବିଦ୍ ବେଜାନ ଦାରୁୱାଲାଙ୍କ ...

ଗଣେଶଙ୍କ ଭକ୍ତ ଭାବେ ଜଣାଶୁଣା ବେଜାନଙ୍କ ଜନ୍ମ ୧୯୩୧ ଜୁଲାଇରେ। ସେ ଭବିଷ୍ୟ ପୂର୍ବାନୁମାନ କରିବାରେ ବୈଦିକ ଜ୍ୟୋତିଷବିଦ୍ୟା ସମେତ ସଂଖ୍ୟାଜ୍ୟୋତିଷ, ହସ୍ତରେଖା ବିଜ୍ଞାନ, ଆଇ-ଚିଙ୍ଗ୍, ଟାରୋଟ ଓ ପାଶ୍ଚାତ୍ୟ ଜ୍ୟୋତିର୍ବିଦ୍ୟାର ବ୍ୟବହାର କରୁଥିଲେ। ଶେୟାର ବଜାର ଉତ୍ଥାନ ପତନ ଉପରେ ସେ ପୂର୍ବାନୁମାନ କରୁଥିଲେ। ଆମେରିକାରେ ସର୍ବଶ୍ରେଷ୍ଠ ଜ୍ୟୋତିର୍ବିଦର ପରିଚୟ ହାସଲ କରିଥିଲେ ବେଜାନ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି । କଥା କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବାକୁ ପଡ଼ିବ। ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଚିହ୍ନା ପଡିଲେ ଅପଦସ୍ଥ ହେବେ। କର୍ମକ୍ଷେତ୍ରରେ କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ବୃଷ**
ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଭାଇ ଭଗାରି ସାଜିପାରନ୍ତି କିମ୍ବା ସହକର୍ମୀ ସୁଯୋଗ ଉଣ୍ଡି ଅସୁବିଧାର ସମ୍ମୁଖୀନ କରାଇ ପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହି ନ ପାରେ।

**ମିଥୁନ**
ଦୂରଯାତ୍ରା, ସତ୍‌ସଙ୍ଗ, ପରିଭ୍ରମଣର ସୁଯୋଗ ପାଇପାରିବେ। ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ବନ୍ଧୁ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ମାନମନାନ୍ତର ଦେଖା ଦେଇପାରେ। ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱ ଲାଗିରହିବା ହେତୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ।

**କର୍କଟ**
ଆପଣଙ୍କ କାର୍ଯ୍ୟ ଦକ୍ଷତା ସାଙ୍ଗକୁ ସହନଶୀଳତା ଓ ସେବା ଓ ସହଯୋଗ ମନୋଭାବରୁ ସମସ୍ତଙ୍କର ଆଦରଣୀୟ ହେବେ। ଗତକାଲି ଠାରୁ ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ନିଶ୍ଚିତ ସଫଳତା ପାଇପାରନ୍ତି। ବ୍ୟବସାୟ,ବାଣିଜ୍ୟ, କଳା, ସାହିତ୍ୟରେ ମଧ୍ୟ ସମ୍ମାନ ମିଳିବ।

**ସିଂହ**
ସାଧାରଣ କଥାରେ ମଧ୍ୟ ଟେନସନ୍ ବଢିଯିବ କିନ୍ତୁ ଅପରାହ୍ନରେ ଆପଣ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। କୌଣସି ଶୁଭାକାଂକ୍ଷୀଙ୍କ ସାନ୍ନିଧ୍ୟ ଲାଭ କରିବେ, ଯଦ୍ୱାରା କି ଆର୍ଥିକ ଦିଗଟି ଭଲ ରହିବ। କୌଣସି ପ୍ରମାଣ ନ ଥାଇ ପାଖ, ପଡ଼ୋଶୀମାନଙ୍କଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**କନ୍ୟା**
ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ସୁସମ୍ପର୍କ କ୍ଷୁଣ୍ଣ ହେବା କାରଣରୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତାବଢିପାରେ । କଚେରି ମାମଲା ତଥା ଆଇନରୁ ସୁଫଳ ପାଇବେ, ଅବଶ୍ୟ ମଧ୍ୟାହ୍ନ ପରେ ଆଶାର ଆଲୋକ ଦେଖିବେ।

**ତୁଳା**
କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ । ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସଭାସମିତିରେ ଯୋଗଦେଲେ ପ୍ରଶଂସା ଓ ପ୍ରତିଷ୍ଠା ପାଇପାରିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ମନ ଖୁସି ରହିବ । ଶୁକ୍ରଙ୍କ କୁପ୍ରଭାବଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**
ଦୀର୍ଘଦିନରୁ ଆଶା କରୁଥିବା ଅର୍ଥପ୍ରାପ୍ତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। କୌଣସି ଅସାମାଜିକଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ପରିଜନଙ୍କ ସହ ଭ୍ରମଣ ସୁଯୋଗ ଜୁଟିବ, ଯାହା କି ସାମୟିକ ମନକୁ ହାଲୁକା କରିଦେବ।

**ଧନୁ**
ଯାହା ମନସ୍ଥ କରିଛନ୍ତି ତାହା ଆଜି ହିଁ ପୂର୍ଣ୍ଣତା ଲାଭ କରିବ। ପାରିବାରିକ କ୍ଷେତ୍ରରେ ପଛକଥା ପଛକୁ ପକାଇ କାମ କରି ଚାଲନ୍ତୁ ଭଲ ହେବ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହା କି ମାନସିକ ସ୍ଥିତିର ପରିପନ୍ଥୀ ହୋଇ ନ ପାରେ। ସହକର୍ମୀମାନଙ୍କୁ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ । ପାରିବାରିକ କ୍ଷେତ୍ରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । କେହି ପ୍ରତିବାଦ କରିପାରନ୍ତି, ଯାହା କି ଆପଣଙ୍କ କାମ ପାଇଁ ତାହା ବାଧକ ସାଜିବ । ଆଜିର ବନ୍ଧୁମାନଙ୍କ ଗହଣରେ ପ୍ରାତଃ ଭ୍ରମଣ ଓ ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ**
ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ କିନ୍ତୁ ପୂର୍ବଭାଦ୍ରବ ନକ୍ଷତ୍ରର ସାଧାରଣ ପାରିବାରିକ ସମସ୍ୟା ଦେଖାଦେବ। କର୍ମକ୍ଷେତ୍ରରେ ଓ ନିଜ ପରିବେଶରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସରକାରୀ କାମରେ ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ**
ଅର୍ଥାଭାବ ନ ଥାଇ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ଥିଲେ ମଧ୍ୟ ପାରିବାରିକ କନ୍ଦଳ ସମସ୍ତ ସୁଖକୁ ନଷ୍ଟ କରିଦେବ। କର୍ମକ୍ଷେତ୍ରରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଅପରାହ୍ନରେ ଆପଣାଛାଏଁ ସମସ୍ୟା କମିବା ଫଳରେ ରହିଥିବା ଟେନସନ୍ କମିଯିବ।

ଆଜି ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ଶନିବାର, ମେ ୩୦ ତାରିଖ, ରାଶିନକ୍ଷତ୍ର- ପୂର୍ବାଫାଲ୍‌ଗୁନୀ/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୧.୫୫ମି. ଗତେ ଘ.୦୩.୪୦ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୧ମି. ଗତେ ଘ.୦୭.୪୪ମି. ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ରି ଘ.୧୧.୨୨ମି. ଗତେ ଘ.୦୧.୩୩ମି. ମଧ୍ୟେ, ଘ.୦୩.୦୦ମି. ଗତେ ଘ.୦୫.୧୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୫.୧୧ମି. ଗତେ ଘ.୦୬.୦୩ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୨.୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୮.୨୮ମି. ଗତେ ଘ.୧୦.୦୬ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**

real estate

**SALE**

Immediate ଘରକରି ରହିବା ପାଇଁ ଭୁବନେଶ୍ୱର ବରଗଡ଼ ମୌଜାରେ ଘରବାରି plot ମିଳୁଛି। 9938756259. D-69505

ମଙ୍ଗୁଳି ଛକରୁ 1.5 KM ଦୂରରେ yellow zone plot demarcated ସହିତ ମିଳୁଛି। 8480619769. D-69506

**ଭୁବନେଶ୍ୱର ଗଙ୍ଗପଡ଼ାଛକରୁ 800mtr ଦୂରତାରେ Gitam Collage front ରେ sqft. 549/-, ପ୍ଲଟ୍ ମିଳୁଅଛି। 9938655900.** D-69118

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି sqft. 650/-, 7008045582, 9692003948. D-17353

Gold on Booking. 4/5 BHK Duplex at Balianta. Construction-2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17327

construction

Do you want to construct commercial, residencial buildings, dream house on your plot for any assistance, Contact. KK Construction. 7008268129, 9439143273. D-67553

**Interested to Construct newly built house with complete finishing@1200/- sqft. onward. Contact- 9861448065, 7992819489.** D-17351

tours & travels

Nuclear Tours & Travels Pvt. Ltd required 13nos. Bolero on monthly (39000 + Diesel) basis Engages with Government Sector, 9938183855. D-59951

healthcare

Monalisa massage club : All types body massage with hiprofile smart lady rooms service available 9708545108. D-17374

Newly open full body massage SPA in Bhubaneswar. Contact: 7205058838. D-69271

Herbal full body massage by smart / expert therapist. Contact: 8338067247. D-69255

Rejuvenate and Ayurvedic full body massage by smart therapist. 9114402304. D-69257

Newly open spa centre full body massage smart ladies: 8260347387. D-59948

Full body massage with Gents and Ladies, Aaiginia Square. 9777167531. D-59950

Refreshment rejuvenate THAI body massage experienced therapist, 9853999966, 7436910708, homeservices 9853999966@gmail.com. D-17345

New open herbal full body massage only Gents therapist. 7681088658. D-17370

Ayurvedic full body massage Ladies and Gents. Contact: 9861064981. D-69507


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ସଂକ୍ଷେପରେ

### ନବ ଦମ୍ପତିଙ୍କ ମୃତଦେହ ଉଦ୍ଧାର



**ପୁରୁଣା ଭୁବନେଶ୍ୱର,୨୯।୫(ଡି.ଏନ୍.ଏ.):** ଲିଙ୍ଗରାଜ ଥାନା ଅଧୀନ କପିଳେଶ୍ୱର କୁମ୍ଭାରସାହିର ଏକ ଘରୁ ନବ ବିବାହିତ ଦମ୍ପତିଙ୍କ ମୃତଦେହ ଶୁକ୍ରବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ କଟକ ଜିଲା ଚୌଦ୍ୱାର ଥାନା ଅଧୀନ ଡାଲିଯୋଡା ବରହମପୁର ଅଞ୍ଚଳର ରାକେଶ ରାଉତ(୨୫) ଓରଫ ବାପି ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବରହମପୁର ଅଞ୍ଚଳର ବାପି କପିଳେଶ୍ୱର ଅଞ୍ଚଳରେ ଥିବା ମାଉସୀଙ୍କ ଘରେ ରହି ଦୀର୍ଘ ବର୍ଷ ହେବ ହକର ଭାବେ କାର୍ଯ୍ୟ କରୁଥିଲେ। ଗତ ଫେବୃୟାରୀ ମାସରେ ବାପିଙ୍କ ବିବାହ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ବାପି ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀ ଶ୍ରୀଲିଙ୍ଗରାଜଙ୍କ ବିବାହ ଶୋଭାଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରୁ ଫେରି ଖାଇପିଇ ଶୋଇଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଶୁକ୍ରବାର ସକାଳୁ କବାଟ ନ ଫିଟାଇବାରୁ ଲୋକେ ପୋଲିସକୁ ଖବର ଦେଇଥିଲେ। ବାପି ଫ୍ୟାନରେ ଝୁଲୁଥିବା ବେଳେ ସ୍ତ୍ରୀ ମୀନାକ୍ଷୀ ତଳେ ମରି ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

### ଖୋର୍ଦ୍ଧା ଉପଖଣ୍ଡରେ ୧୦ କରୋନା ପଜିଟିଭ୍ ଚିହ୍ନଟ

ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୯।୫ (ଡି.ଏନ୍.ଏ.): ଖୋର୍ଦ୍ଧା ଉପଖଣ୍ଡରେ ଶୁକ୍ରବାର ପୁଣି ୧୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଣପୁର ବ୍ଲକର ୪, ବାଲୁଗାଁର ୨, ଟାଙ୍ଗୀର ୨, ବେଗୁନିଆର ୧ ଓ ଖୋର୍ଦ୍ଧା ବ୍ଲକର ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତେ ସୁରଟ ଫେରନ୍ତା ଏବଂ ସଂଗରୋଧ କେନ୍ଦ୍ରରେ ରହିଥିଲେ ବୋଲି ଜିଲା ପ୍ରଶାସନ କହିଛି। ଶୁକ୍ରବାର ୧୬୬ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯାଇଛି। ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ୧୨, ଟାଙ୍ଗୀର ୬, ବାଣପୁରର ୩୩, ବାଲୁଗାଁର ୨୫, ବେଗୁନିଆ ୨୬, ବୋଲଗଡର ୫୮ ଏବଂ ବାଲିପାଟଣାର ୬ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି।

### ଯୁବକଙ୍କ ମୃତଦେହ ଉଦ୍ଧାର ହତ୍ୟା ଅଭିଯୋଗ

**ଖୋର୍ଦ୍ଧା ଅଫିସ,୨୯।୫:** ବରୁଣେଇ ଶିଳ୍ପାଞ୍ଚଳ ଫାଣ୍ଡି ଅଞ୍ଚଳରୁ ଶୁକ୍ରବାର ଅପରାହ୍ନରେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ପୁରୀ ଗଡ଼ିଶାଗୋଡା ଥାନା ଅନ୍ତର୍ଗତ ସାହୁପଡ଼ାର ରମାକାନ୍ତ ସାମନ୍ତ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୦)ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପଟେ ରମାକାନ୍ତଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ରମାକାନ୍ତ ପୂର୍ବାହ୍ନରେ ବାଇକ୍‌ରେ କୌଣସି କାମରେ ଖୋର୍ଦ୍ଧା ଯାଇଥିଲେ। ହେଲେ ଅପରାହ୍ନରେ ତାଙ୍କ ମୃତଦେହ ମିଳିବା ନେଇ ପରିବାର ଲୋକେ ପୋଲିସଠାରୁ ଜାଣିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଅଢ଼େଇ ମାସ ପରେ ଉଚ୍ଛେଦ ଆରମ୍ଭ

**ପୁରୀ ଅଫିସ,୨୯।୫**

ପ୍ରାୟ ଅଢ଼େଇ ମାସର ବ୍ୟବଧାନ ପରେ ପୁଣି ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପ କାମ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। କିନ୍ତୁ କରୋନା ଲକ୍‌ଡାଉନ କଟକଣା ପାଇଁ ମାର୍ଚ୍ଚ ମଧ୍ୟଭାଗରେ ଏହି କାମକୁ ବନ୍ଦ ରଖାଯାଇଥିଲା। ଏବେ ପୁଣି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ କରିଛି ପ୍ରଶାସନ। ଶୁକ୍ରବାର ସକାଳୁ ଉତ୍ତର ପାର୍ଶ୍ୱ ମଠର କେତେକ ନିର୍ମାଣ ଭଙ୍ଗାଯାଇଛି। ସତ୍ୟନାରାୟଣ ମନ୍ଦିର ପର୍ଯ୍ୟନ୍ତ ମଠ ଜାଗାରେ ଥିବା ଦୋକାନ ଏବଂ ଅନ୍ୟାନ୍ୟ ନିର୍ମାଣ ଉଚ୍ଛେଦ ହୋଇଛି।

ପୁରୀକୁ ବିଶ୍ୱ ଐତିହ୍ୟ ସହର ଏବଂ ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତେଣୁ ଭିତ୍ତିଭୂମିର



ଜେସିବି ଦ୍ୱାରା ଉତ୍ତର ପାର୍ଶ୍ୱ ମଠର କେତେକ ନିର୍ମାଣ ଭଙ୍ଗାଯାଉଛି।

**ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପ**

ବିକାଶ, ବହୁଥାକିଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ବ୍ୟବସ୍ଥା ଆଦି ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଏଥିଲାଗି ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଥିଲା। ସେହିପରି ଶ୍ରୀମନ୍ଦିର ଐତିହ୍ୟ କରିଡର ପାଇଁ ମେଘନାଦ ପାଚେରି ଚତୁଃପାର୍ଶ୍ୱରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ହେଲେ ଅଢେଇ ମାସ ହେଲା କରୋନା ପାଇଁ ହଠାତ୍ ଲକ୍‌ଡାଉନ ଯୋଗୁ କାମ ବନ୍ଦ ରହିଥିଲା। ମାତ୍ର ପୁରୀ ଐତିହ୍ୟ ପ୍ରକଳ୍ପ କାମ ଆରମ୍ଭ କରିବା ଲାଗି ଗତ ବୁଧବାର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଶୁକ୍ରବାରଠାରୁ ପୁଣି ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଉଚ୍ଛେଦ ଆରମ୍ଭ ହୋଇଛି। ୨ ପ୍ଲାଟୁନ ଫୋର୍ସଙ୍କ ଉପସ୍ଥିତିରେ ତଥା ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ତର ପାର୍ଶ୍ୱ ମଠର କେତେକ ନିର୍ମାଣ ଭଙ୍ଗାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ଶ୍ରୀମନ୍ଦିର ଐତିହ୍ୟ କରିଡର ମଧ୍ୟରେ ଯେଉଁମାନଙ୍କର ଘର ଅବା ମଠ କିମ୍ବା ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି ସେମାନଙ୍କ ମଧ୍ୟରୁ ଅନେକ ସିଧାସଳଖ ସରକାରଙ୍କୁ ଜମି ବିକ୍ରି କରିସାରିଛନ୍ତି। ସେମାନେ ଘର ଖାଲି କରିବା ପରେ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ମାତ୍ର ଲକ୍‌ଡାଉନ ଯୋଗୁ କାମ ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ପୁଣି କାମ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମାର୍କେଟ ଛକସ୍ଥିତ ବହୁତଳ ମାର୍କେଟ ବିଲ୍ଡିଂ ପାଇଁ ଶୁକ୍ରବାର ଭୂମିପୂଜା ହୋଇଛି। ଖୁବ୍‌ଶୀଘ୍ର ଏହାର କାମ ଆରମ୍ଭ ହେବ।

# ଏକାମ୍ରକ୍ଷେତ୍ର: ପ୍ରଥମ ଦିନରେ ୩ଜଣ ଦେଲେ ଜମି



**କୋଠା ଭଙ୍ଗା ଆରମ୍ଭ**

- ପ୍ରଥମେ ତିଆରି ହେବ ଚଉଡ଼ା ରାସ୍ତା
- ସୌନ୍ଦର୍ଯ୍ୟକରଣ ପାଇଁ ନିଆଯିବ ସ୍ୱତନ୍ତ୍ର ପଦକ୍ଷେପ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ)**

'ଏକାମ୍ର କ୍ଷେତ୍ର' ଯୋଜନାରେ ଲିଙ୍ଗରାଜ ମନ୍ଦିର ଓ ଏହା ଚତୁଃପାର୍ଶ୍ୱ ୬୬ ଏକର ଅଞ୍ଚଳରେ ଐତିହ୍ୟ ବିକାଶ କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବିଏମ୍‌ସି ସହ ଚୁକ୍ତି କରିଥିବା ସ୍ଥାନୀୟ ବାସିନ୍ଦାଙ୍କ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଥିବାବେଳେ ଶୁକ୍ରବାର ପ୍ରଥମ ଦିନରେ ଆଉ ୩ଜଣ ଲୋକଙ୍କ ଜମି ସରକାରଙ୍କ ଅଧୀନକୁ ଆସିଛି। ଏଥିସହ ପୂର୍ବରୁ ଅଧିଗ୍ରହଣ ହୋଇଥିବା ଜମିରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ପୂର୍ବ ଯୋଜନା ଅନୁଯାୟୀ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି ବିଏମ୍‌ସି। ଗତ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେବା ପରେ ଜୁନ୍ ପହିଲାରୁ ଆରମ୍ଭ ହେବାକୁ ଥିବା ଉଚ୍ଛେଦ କାର୍ଯ୍ୟକୁ ସମୟ ପୂର୍ବରୁ ଆରମ୍ଭ କରିଛି। ଏହା ଆଗକୁ ନିୟମିତ ଭାବେ ଜାରି ରହିବ ବୋଲି ବିଏମ୍‌ସି ଡେପୁଟି କମିଶନର କମଳଜିତ୍ ଦାସ କହିଛନ୍ତି। ଆସନ୍ତା ମାସକ ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ଅଧାରୁ ଅଧିକ ସାରିବା ପରେ କାର୍ଯ୍ୟାନ୍ୱୟନ ପ୍ରଣାଳୀକୁ ପୁନର୍ବାର ପରିବର୍ତ୍ତନ କରାଯିବ। ପ୍ରଥମେ ଶ୍ରୀଲିଙ୍ଗରାଜ ଓ ସନ୍ନିକଟ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ଚଉଡ଼ା କରାଯିବ। ପରେ ସୌନ୍ଦର୍ଯ୍ୟକରଣ, ପାର୍କିଂ କରିଡର, ଐତିହ୍ୟ ଅଟୋ, କେଦାରଗୌରୀ-ମୁକ୍ତେଶ୍ୱର କମ୍ପ୍ଲେକ୍ସ, ଲିଙ୍ଗରାଜ ଏଣ୍ଟ୍ରି ପ୍ଲାଜା, ଲିଙ୍ଗରାଜ ହେରିଟେଜ୍ କମ୍ପ୍ଲେକ୍ସର ବିକାଶ କାର୍ଯ୍ୟ ଆରମ୍ଭ ହେବ। କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାମାଜିକ ଦୂରତ୍ୱ ଓ ଅନ୍ୟାନ୍ୟ ଗାଇଡ୍‌ଲାଇନଗୁଡ଼ିକୁ ବିଏମ୍‌ସି ମାନି ଅଧିକାଂଶ କାର୍ଯ୍ୟରେ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର କରି କାର୍ଯ୍ୟ ସାରିବ ବୋଲି ଦାସ କହିଛନ୍ତି।

**ଉଚ୍ଛେଦ ସ୍ଥାନରେ ଜବରଦଖଲ**

ଏକାମ୍ର କ୍ଷେତ୍ର ଅନ୍ତର୍ଗତ ଗୌତମନଗର ଅଞ୍ଚଳରେ ପ୍ରାୟ ୧୩୬ଟି ଦୋକାନ ଗୃହ ରହିଥିଲା। ଉକ୍ତ ସ୍ଥାନକୁ ବିଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଇ ପ୍ରାୟ ୨ ଏକରରୁ ଊର୍ଦ୍ଧ୍ୱ ଜମିରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ଏଠାରେ ୫୮ଟି ଦୋକାନ ଗୃହ ନିର୍ମାଣ କରାଯାଇଛି। ଚଞ୍ଚକତା କରି କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଦୋକାନ ଗୃହ ହାତେଇଥିବା ବେଳେ ହାତଗଣତି ବ୍ୟବସାୟୀଙ୍କୁ ଚୟନ କରାଯାଇଥିଲା। ଯାହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏବେ ଉତ୍ତରଦ୍ୱାର ନିକଟରେ କେତେଜଣ ବ୍ୟବସାୟୀ ଉଚ୍ଛେଦ ହୋଇଥିବା ଦୋକାନକୁ ପୁନଃ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି।

# 'ମୋ ଶପଥ, ନୂଆ ଅଭ୍ୟାସ'

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**



- ଶୁଭାରମ୍ଭ କଲେ ବିଏମ୍‌ସି କମିଶନର
- କରୋନା ସଚେତକ ମୋବାଇଲ୍ ଆପ୍ ଉନ୍ମୋଚିତ
- ଗୋଷ୍ଠୀ ସହଭାଗିତାକୁ ପ୍ରଶଂସା, ସହଯୋଗ କାମନା

ମାର୍ଚ୍ଚ ମାସରେ ରାଜଧାନୀରେ ରାଜ୍ୟର ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ସେବେଠାରୁ ଜନସାଧାରଣ କୋଭିଡ୍-୧୯ ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ କରୋନାକୁ ପ୍ରତିହତ କରିବା ପାଇଁ ବହୁ ପ୍ରଚେଷ୍ଟା କରୁଛି। ଫଳରେ ଏବେ ଭୁବନେଶ୍ୱରରେ ଏକ ବଡ଼ ପରିବର୍ତ୍ତନ ସାମ୍ନାକୁ ଆସିଛି। କେବଳ ନାଗରିକ ସହଯୋଗ ଓ ଗୋଷ୍ଠୀ ସହଭାଗିତା ପାଇଁ ଏହା ସମ୍ଭବ ହୋଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଶୁକ୍ରବାର ଶହୀଦନଗରସ୍ଥିତ କଲ୍ୟାଣ ମଣ୍ଡପରେ କୋଭିଡ୍ ସଚେତକ କମିଟି ପକ୍ଷରୁ 'ମୋ ଶପଥ, ନୂଆ ଅଭ୍ୟାସ' ଅଭିଯାନର ଶୁଭାରମ୍ଭ ଅବସରରେ କମିଶନର ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଭୁବନେଶ୍ୱରବାସୀ ଯେପରି ୨ ମାସ ଧରି ସତର୍କ ରହିଛନ୍ତି, ସେହିପରି ସତର୍କ ରହିବା ସହ ସରକାରଙ୍କ ଦ୍ୱାରା ଜାରି ଗାଇଡ୍‌ଲାଇନ୍ ମାନି ଚଳିବା ପାଇଁ ସେ ଅନୁରୋଧ କରିଥିଲେ।

ଏହି ଅବସରରେ ସଚେତକ ମୋବାଇଲ୍ ଆପ୍‌ର ଉନ୍ମୋଚନ ହୋଇଥିଲା। ବିଏମ୍‌ସି, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ମିଳିତ ପ୍ରଚେଷ୍ଟାରେ କରାଯାଇଥିବା ଏହି ଆପ୍ ସହରରେ କୋଭିଡ୍-୧୯ ଓ ଏଥିସହ ଜଡିତ ସମସ୍ତ ସେବା ସମ୍ପର୍କରେ ସବିଶେଷ ସୂଚନା ଦେବ। ଗୁଗଲ୍ ଏବଂ ଆପଲ୍ ପ୍ଲେ ଷ୍ଟୋର୍‌ରୁ ଡ଼ାଉନ୍‌ଲୋଡ୍ ହୋଇପାରୁଥିବା ଏହି ଆପ୍‌ରେ ନିଜ ୱାର୍ଡ ବା ପାଖ ଅଞ୍ଚଳ କେଉଁ ଜୋନ୍‌ରେ ରହିଛି ଜାଣିହେବ। ବିଏମ୍‌ସି ଜୋନୋଲ ଡେପୁଟି କମିଶନର ଅଂଶୁମାନ ରଥଙ୍କ ତତ୍ତ୍ୱାବଧାନରେ ଶହୀଦନଗରସ୍ଥିତ ସୋସିଆଲ୍ ଇକ୍ୟୁଇଟି ସେଣ୍ଟରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର, ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଡିଶନାଲ୍ ଅର୍ବାନ ପବ୍ଲିକ୍ ହେଲ୍‌ଥ ଅଫିସର ଡା. ସି.ଭି.ଏସ୍.ଏନ୍. ରାଓ ସ୍ୱାଗତ ଭାଷଣ ଦେଇଥିଲେ।

### କାଜୁ ତୋଳାଳିଙ୍କୁ ଫିଙ୍ଗିଦେଲା ହାତୀ

**ଖୋର୍ଦ୍ଧା ଅଫିସ,୨୯।୫**

ହାତୀ ଆକ୍ରମଣରେ ଶୁକ୍ରବାର ଜଣେ କାଜୁତୋଳାଳି ଗୁରୁତର ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା କାଇପଦର ଅଞ୍ଚଳର ରବୀନ୍ଦ୍ର କୁମାର ଜେନା। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କାଇପଦର ନିକଟ କାଜୁ ଜଙ୍ଗଲରୁ କେତେଜଣ ଯୁବକ କାଜୁ ମଞ୍ଜି ସଂଗ୍ରହ କରୁଥିଲେ। ଏହି ସମୟରେ ହଠାତ୍ ଏକ ହାତୀ ସେମାନଙ୍କ ଆଡକୁ ମାଡି ଆସିଥିଲା। ଭୟରେ ଅନ୍ୟମାନେ ଦୌଡି ପଳାଇଥିବାବେଳେ ହାତୀଟି ରବୀନ୍ଦ୍ରଙ୍କୁ ଶୁଣ୍ଢରେ ଟେକି ଫିଙ୍ଗି ଦେଇଥିଲା। ଗତ ୨୫ ତାରିଖରେ ମଳିପଡାରେ କାଜୁମଞ୍ଜି ସଂଗ୍ରହ ବେଳେ ହାତୀ ଆକ୍ରମଣରେ ୪ଜଣ ଯୁବକ ଗୁରୁତର ହୋଇଥିଲେ। ସେହିପରି ୨୭ ତାରିଖରେ ବେଗୁନିଆ ବ୍ଲକ ଗୋଡା ଗ୍ରାମରେ ଜଣେ ଯୁବକ ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ।

# ରାଜ୍ୟ ସରକାର ଗଠନ କଲେ ୩ଜଣିଆ କମିଟି

## କଏଦୀଙ୍କ ଆତ୍ମହତ୍ୟା ପ୍ରବଣତା ରୋକିବାକୁ ନେବ ପଦକ୍ଷେପ

**ଭୁବନେଶ୍ୱର,୨୯।୫ (ବ୍ୟୁରୋ)**

- ଓଏଚ୍‌ଆର୍‌ସି ଦେଇଥିଲେ ନିର୍ଦ୍ଦେଶ
- କଏଦୀଙ୍କ ମାନସିକ ସ୍ଥିତି ଯାଞ୍ଚ କରିବ କମିଟି
- ଜେଲ୍ ବ୍ୟବସ୍ଥାରେ ବ୍ୟତିକ୍ରମ ଥିଲେ କାର୍ଯ୍ୟାନୁଷ୍ଠାନ

ରାଜ୍ୟର ବିଭିନ୍ନ ଜେଲରେ ରହୁଥିବା କଏଦୀଙ୍କ ମାନସିକ ସନ୍ତୁଳନ ରକ୍ଷା ସହ ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ୩ଜଣିଆ କମିଟି ଗଠନ କରିଛନ୍ତି। ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶକ୍ରମେ ଏହି ପଦକ୍ଷେପ ନିଆଯାଇଛି। ଏହା ଦେଶର ପ୍ରଥମ ବୋଲି କୁହାଯାଉଛି।

ରାଜ୍ୟର ଜେଲଗୁଡ଼ିକରେ ରହୁଥିବା କଏଦୀଙ୍କ ମଧ୍ୟରେ ମାନସିକ ରୋଗୀଙ୍କ ସଂଖ୍ୟା ବଢୁଥିବାନେଇ ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ପ୍ରକାଶ ପାଇଥିଲା। ଗତ ୩ ବର୍ଷରେ ରାଜ୍ୟରେ ୧୪ଜଣ କଏଦୀ ଆତ୍ମହତ୍ୟା କରିଥିବାବେଳେ ୨୭ରୁ ଊର୍ଦ୍ଧ୍ୱ କଏଦୀ ଆତ୍ମହତ୍ୟା ଉଦ୍ୟମ କରିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। ଏହାକୁ ଓଏଚ୍‌ଆର୍‌ସି ଗୁରୁତ୍ୱର ସହ ଗ୍ରହଣ କରି ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏହାର ବିଚାର କରି ଏକ କମିଟି ଗଠନ କରିବାକୁ ଜାନୁୟାରୀ ୩୧ରେ ଜେଲ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏପ୍ରିଲ ୭ ସୁଦ୍ଧା କମିଟି ଗଠନ କରି ରିପୋର୍ଟ ଦେବାକୁ କୁହାଯାଇଥିଲା। ହେଲେ କୌଣସି ଉତ୍ତର ନ ମିଳିବାରୁ ଗତ ସପ୍ତାହରେ ଓଏଚ୍‌ଆର୍‌ସି ଦ୍ୱିତୀୟଥର ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସରକାର ଏକ କମିଟି ଗଠନ କରିଛନ୍ତି। ଏ ସଂକ୍ରାନ୍ତରେ ମଧ୍ୟ କମିଶନଙ୍କୁ ଅବଗତ କରାଯାଇଛି। ଜେଲ ବିଷାରଦଙ୍କୁ ନେଇ ୩ ଜଣିଆ କମିଟି ଗଠନ ହୋଇଥିବାବେଳେ କମିଶନ ଚାହିଁଲେ ନିଜର ସଦସ୍ୟ ମଧ୍ୟ ରଖିପାରିବେ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ଏହି କମିଟି ରାଜ୍ୟର ସମସ୍ତ ଜେଲ ବୁଲି କଏଦୀଙ୍କ ସହ ମିଶିବେ। ସେମାନେ ଜେଲ ଭିତରେ ରହିଥିବା ସମସ୍ତ ବ୍ୟବସ୍ଥାକୁ ପରଖିବେ। କଏଦୀଙ୍କ ପାଇଁ ଉପଯୁକ୍ତ ପରାମର୍ଶ ଅଧିବେଶନ ଚାଲିଛି କି ନାହିଁ, ମାମଲାର ଶୁଣାଣିରେ ବିଳମ୍ବ ହେଉଛି କି, ଆଧ୍ୟାତ୍ମିକ ତଥା ମନୋରଞ୍ଜନ କାର୍ଯ୍ୟକ୍ରମ ହେଉଛି କି ନାହିଁ, ନିୟମିତ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଛି କି ନାହିଁ ତାହାର ଯାଞ୍ଚ କରିବେ। ସର୍କଲ ଓ ଜିଲା ଜେଲରେ ମାଗଣା ଆଇନ ସହାୟତା ପ୍ରଦାନ, ଖାଦ୍ୟ ଓ ସ୍ୱଚ୍ଛତା ସ୍ଥିତି ଉପରେ ମଧ୍ୟ ଦୃଷ୍ଟି ଦେବେ। ବିଶେଷକରି ଜେଲ ଅନ୍ତେବାସୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା କାହିଁକି ବୃଦ୍ଧି ପାଉଛି ଓ ଏହାକୁ ରୋକିବାକୁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ତାହାର ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ଦିଗରେ ପ୍ରମୁଖ ଭୂମିକା ନେବ ଏହି କମିଟି। ଯଦି କୌଣସି ଜେଲରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ ତୁରନ୍ତ ଏହି କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି।

# ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସୁରକ୍ଷାକୁ ଗୁରୁତ୍ୱ

**କଟକ ଅଫିସ,୨୯।୫**

ରାଜ୍ୟରେ ଚାଲିଥିବା କରୋନା ଭୂତାଣୁର ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ। ଶୁକ୍ରବାର ସେ ସ୍ୱତନ୍ତ୍ର ଗୁଇନ୍ଦା ଡିଜି, ଏଡିଜି, ରାଜ୍ୟର ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଏସ୍‌ପିମାନଙ୍କ ସହ ଭିଡିଓ କନଫେରେନ୍ସ ଦ୍ୱାରା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି।

ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ସମୟ ପୋଲିସ ଫୋର୍ସ ମୁତୟନ ରହିବ। ଷ୍ଟେଶନରେ ଅଭ୍ୟର୍ଥନା ବ୍ୟବସ୍ଥା, ସୀମା ତନଖି ଫାଟକଗୁଡ଼ିକର ସୁପରିଚାଳନା, ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ପ୍ରସଙ୍ଗ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଛି। ଏଥିସହ କୋଭିଡ-୧୯ ଯୋଦ୍ଧାଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସାମାଜିକ ଦୂରତ୍ୱ ସହ ବନ୍ଦେ ଉତ୍କଳ ଜନନୀ ସମବେତ ସଙ୍ଗୀତ ଗାନ ସମ୍ପର୍କରେ ଆଲୋଚନା ହୋଇଛି। ଅଭିଯୁକ୍ତଙ୍କ ଗିରଫ ଓ ମାମଲାର ତଦନ୍ତ ସମୟରେ ମିଳାମିଶା ଓ ସ୍ପର୍ଶ କମାଇବା, ପୋଲିସ କର୍ମଚାରୀଙ୍କ କଲ୍ୟାଣ, କାର୍ଯ୍ୟାଳୟ ଓ ପୋଲିସ ବାରାକ୍‌ରେ ପରିଷ୍କାର ପରିଚ୍ଛନ୍ନତା ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ନୀତି ଅବଲମ୍ବନ, ବିଭାଗୀୟ ପ୍ରୋସିଡିଂସ୍ ଓ ହାଇକୋର୍ଟରେ ବିଚାରାଧୀନ ଥିବା ମାମଲା, ଅମୀମାଂସିତ/ବିଚାରାଧୀନ ମାମଲାର ସମୀକ୍ଷା କରାଯାଇଥିଲା।

**କରୋନା ମୁକାବିଲାର ସମୀକ୍ଷା କଲେ ଡିଜିପି**



ODISHAର ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ନିଯୁକ୍ତି ପାଇଁ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥିନୀ ଆବେଦନ କରିପାରିବେ। ଯୋଗ୍ୟତା: ୭ମରୁ ୧୦ମ, +୨, +୩ ଏବଂ ITI. ଦରମା: ୭,୦୦୦/-ରୁ ୨୮,୦୦୦/- + ଖାଇବା ସୁବିଧା ଦିଆଯିବ।
ଯୋଗାଯୋଗ: 9583494854

WANTED
LADY OFFICE ASSISTANT
Free Accommodation with Rs.10,000/- at Phulanakhara, Cuttack, Good Handwriting & Personality.
7809525452

PARADIP PORT TRUST
e-TENDERING NOTICE
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of SKF/FAG/ TIMKEM make Bearing. The last date and time of submission of the tender is 17.15 Hours on Dt.24/06/2020.
For details, log on to website https://eprocure.gov.in/eprocure/app.
Sr.Dy. Materials Manager
PPT/PR/36/20-21 Dt. 29.05.2020

PARADIP PORT TRUST
e-TENDER CALL NOTICE
Name of the Work: "Construction of New Conference Hall & Board Room inside Administrative Building premises". Estimated Cost: ₹1,53,96,274.37, Last date & time of submission of Bid: 22.06.2020 at 17.00hrs. For details please refer our website: https://eprocure.gov.in/eprocure/app.
Executive Engineer
Roads & Building Division
PPT/PR/41/2020-21 Dt.29/05/2020

Tender Notice
BAIF Institute for Sustainable Livelihoods and Development
Invites sealed tenders
from reputed vendors for supply, installation, commissioning & testing of solar PV water pumping system in Angul, Jharsuguda, Sambalpur and Sundargarh districts, Odisha.
Refer www.baif.org.in for details.
L4, Saraswati Enclave, Dhankuada, Sambalpur, 768006, Ph 8178910154

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ଜିଆର୍‌ଏସ୍‌ପି ସ୍ଲିପର୍ସର ବିନିର୍ମାଣ ଓ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି
ଇ-ଟେଣ୍ଡର ନଂ. ଏସ୍‌ଇସିଆର୍‌ଟିଏସ୍‌ଜିଆର୍‌ଏସ୍‌ପି ୦୧୨୦ ତାରିଖ: ୧୯।୦୫।୨୦୨୦
କାର୍ଯ୍ୟ: ଟର୍ନଆଉଟ୍ ସ୍ଲିପର୍ସ ପାଇଁ ସ୍ୱତନ୍ତ୍ର ଜିଆର୍‌ଏସ୍‌ପିର ବିନିର୍ମାଣ ଓ ଯୋଗାଣ। ଟେଣ୍ଡର ମୂଲ୍ୟ: ₹୧,୧୮,୨୨,୦୫୫/-, ଇଏମ୍‌ଡି: ₹୨,୩୬,୫୦୦/-, ଟେଣ୍ଡର ଦାଖଲ: ତା୦୮।୦୭।୨୦୨୦ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୦୮।୦୭।୨୦୨୦ରିଖ ୧୫.୦୦ ଘଟିକାରେ। ଉପରୋକ୍ତ ଇ-ସଂଗ୍ରହ ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: http://www.ireps.gov.in ଏବଂ https://www.secr.indianrailways.gov.in ରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡରଗୁଡ଼ିକ ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍ ଗ୍ରହଣ କରାଯିବ ନାହିଁ।
ଏକ୍ସିକ୍ୟୁଟିଭ୍ ଇଞ୍ଜିନିୟର/ଟିଏସ୍
CPR/10/88 ଏସ୍.ଇ.ସି. ରେଳପଥ/ବିଳାସପୁର
South East Central Railway @Secrail

ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର)
ଫୋନ୍ ନଂ.: ୦୬୭୪-୨୪୩୧୬୧୧, ୨୪୩୧୬୧୨
ରାଜ୍ୟସ୍ତରୀୟ ଅନ୍‌ଲାଇନ୍ ଚିତ୍ରକଳା ପ୍ରତିଯୋଗିତା
ଚିତ୍ର ଗ୍ରହଣର ଶେଷ ତାରିଖ, ଜୁନ୍ ୫ ତାରିଖ ୨୦୨୦
କରୋନା (କୋଭିଡ-୧୯) ପରିପ୍ରେକ୍ଷୀରେ ଚିତ୍ରଶିଳ୍ପୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଏକ ଅନ୍‌ଲାଇନ୍ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଦୁଇଟି ବିଭାଗର ଶିଳ୍ପୀମାନଙ୍କଠାରୁ ଚିତ୍ର ଗ୍ରହଣ କରାଯିବ। ପ୍ରଥମ ବର୍ଗଟିର ବୟସ ୧୬ବର୍ଷରୁ ୩୦ବର୍ଷ ମଧ୍ୟରେ ହୋଇଥିବା ସ୍ଥଳେ, ସେମାନେ ୧୨'' × ୧୫'' ସାଇଜ କାଗଜରେ ଅଙ୍କିତ ଏକ ଚିତ୍ରରେ ଫଟୋ ଅନ୍‌ଲାଇନ୍ ମାଧ୍ୟମରେ ପଠାଇ ପାରିବେ। ଦ୍ୱିତୀୟ ବର୍ଗର ଚିତ୍ରଶିଳ୍ପୀମାନଙ୍କର ବୟସ ୩୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ସ୍ଥଳେ ୨୪'' × ୨୪'' କିମ୍ବା ୨୪'' × ୩୦'' ସାଇଜର କାନଭାସରେ ପ୍ରସ୍ତୁତ ଏକ ଚିତ୍ର, ପାରମ୍ପରିକ ଚିତ୍ର, ମୁଦ୍ରଣ କଳା ଏବଂ (୧୨'' × ୧୨'' × ୧୨'') ଆକାରର ପ୍ରସ୍ତୁତ ଭାସ୍କର୍ଯ୍ୟ କଳାର ଫଟୋଗ୍ରାଫକୁ ନିମ୍ନୋକ୍ତ Website: www.odishalalitkalaakademi.org ଜରିଆରେ ପଠାଇବାକୁ ଅନୁରୋଧ। ସବିଶେଷ ବିବରଣୀ ମଧ୍ୟ ଏକାଡେମୀର Website: www.odishalalitkalaakademi.orgରେ ଉପଲବ୍ଧ।
ଗଜେନ୍ଦ୍ର ପ୍ରସାଦ ସାହୁ
ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

ଓଡ଼ିଶା ସରକାର
ଉଚ୍ଚଶିକ୍ଷା ବିଭାଗ
ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ୨୦୧୯-୨୦ ପାଇଁ ଆବେଦନ ଓ ବୈଧୀକରଣ ନିମନ୍ତେ ସମୟ ବୃଦ୍ଧି
No. N-10:- ଏତଦ୍ଦ୍ୱାରା ରାଜ୍ୟର ସମସ୍ତ +୩ କଳା ଓଡ଼ିଆ (ସମ୍ମାନ) ଏବଂ ସ୍ନାତକୋତ୍ତର (ଓଡ଼ିଆ) ଛାତ୍ରଛାତ୍ରୀମାନଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି କି, **'ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି'** ପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାର ଶେଷ ସମୟ ସୀମା ତା୨୫।୦୭।୨୦୨୦ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।
ତେଣୁ ଉପରୋକ୍ତ ସମୟ ସୀମା ମଧ୍ୟରେ ଇଚ୍ଛୁକ ଯୋଗ୍ୟ ଛାତ୍ରଛାତ୍ରୀ ଆବେଦନ କରିବା ସହ ଏହାର ସୁଯୋଗ ନେବାକୁ ଅନୁରୋଧ।
ସେହିପରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମୁଖ୍ୟ/ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇଦିଆଯାଇଛି କି ଏହି ବୃତ୍ତି ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ ପତ୍ର ଓ ଦରକାରୀ ପ୍ରମାଣପତ୍ର ଯଥା: ମାର୍କଶିଟ୍‌ର ନକଲ ଏବଂ ସଞ୍ଚୟ ବ୍ୟାଙ୍କ ଖାତା, ଆଧାର କାର୍ଡ, ପରିଚୟ ପତ୍ର ସମ୍ବନ୍ଧୀୟ ସମସ୍ତ ତଥ୍ୟର ସଠିକତାକୁ ଯାଞ୍ଚକରି ବୈଧୀକରଣ କରିବେ।
ସମ୍ପୃକ୍ତ ଅନୁଷ୍ଠାନର ଅଧ୍ୟକ୍ଷ e-Space ରେ ନିଜର User ID & Password ବ୍ୟବହାର କରି ଛାତ୍ରଛାତ୍ରୀଙ୍କ ତଥ୍ୟ ତା୩୧।୦୭।୨୦୨୦ରିଖ ସୁଦ୍ଧା ବୈଧୀକରଣ କରିପାରିବେ।
ବି.ଦ୍ର.: ଅନ୍‌ଲାଇନ ଦରଖାସ୍ତ ପୂରଣ କରିବାର ସବିଶେଷ ବିବରଣୀ/ନିୟମାବଳୀ www.dheodisha.gov.in/emedha/indexvkfm.aspx ରେ ଛାତ୍ର ଏବଂ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି।
ସ୍ୱା./-ଅତିରିକ୍ତ ଶାସନ ସଚିବ
OIPR-11001/11/0007/2021

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା



# ରେଲୱେର ଆଭ୍ୟନ୍ତରୀଣ ସଙ୍କଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମହାନଗରଗୁଡିକରୁ ଘରକୁ ଫେରିଆସୁଥିବା ପ୍ରବାସୀ ଶ୍ରମିକମାନଙ୍କ ରେଳଯାତ୍ରାକୁ କେନ୍ଦ୍ରକରି ସୃଷ୍ଟି ହାଇଥିବା ବିଭ୍ରାଟ ଯୋଗୁ ଭାରତୀୟ ରେଲ୍ୱେ ଏବେ ରୋଷର ଶିକାର ହୋଇଛି । ଟ୍ରାଫିକ ଜାମ୍ ଏଡ଼ାଇବା ଲାଗି ଟ୍ରେନରୁଟ୍ ଜାଣିଶୁଣି ପରିବର୍ତ୍ତନ କରାଯାଇଥିବାରୁ ପ୍ରବାସୀ ଶ୍ରମିକମାନଙ୍କ ଯାତ୍ରାରେ ବିଳମ୍ବ ହୋଇଥିବା ଦର୍ଶାଇ ଏହା ନିଜର ଭାବମୂର୍ତ୍ତି ବଞ୍ଚାଇବାକୁ ପ୍ରୟାସ କରିଛି। ଏହାକୁ ହୁଏତ କେହି ସହଜରେ ଗ୍ରହଣ କରି ନ ପାରନ୍ତି। କିନ୍ତୁ ଏପଟେ ସଂସ୍ଥାରେ ଅଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧୁଥିବା ଜଣାପଡିଛି। ଅଧିକାରୀମାନଙ୍କ ପଦୋନ୍ନତିରେ ହୋଇଥିବା ପାତରଅନ୍ତର ଏହି ଅସନ୍ତୋଷର କାରଣ ପାଲଟିଛି। କୋଭିଡ୍ ସଂକ୍ରମଣ ଯୋଗୁ ଲକ୍‌ଡାଉନରେ ଅନେକ ବରିଷ୍ଠ ଅଧିକାରୀ ସେମାନଙ୍କ ମାମଲା ଉଚ୍ଚପଦାଧିକାରୀଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଯାଇପାରିନାହାନ୍ତି। ଏହାକୁ ନେଇ ରେଲୱେ ବୋର୍ଡରେ ତୀବ୍ର ଅସନ୍ତୋଷ ବି ପ୍ରକାଶ ପାଇଛି। ରେଳବିଭାଗ ବାବୁମାନଙ୍କ ମଧ୍ୟରେ ଘଟିଥିବା ମାମଲା ମଧ୍ୟରୁ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍)ର ପ୍ରମୁଖ ଚିଫ୍ ମେକାନିକାଲ ଇଞ୍ଜିନିୟର ଏ. କେ. କଥପାଲଙ୍କ ମାମଲା ସବୁଠୁ ବେଶି ଚର୍ଚ୍ଚିତ। ନିକଟରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟ ନିଯୁକ୍ତି ସମିତି ୪ ଜଣ ମେକାନିକାଲ ଇଞ୍ଜିନିୟରଙ୍କୁ ମହାନିର୍ଦ୍ଦେଶକ ପଦ ସମକକ୍ଷ ଅତିରିକ୍ତ ସଦସ୍ୟ ପଦକୁ ପଦୋନ୍ନତି ପାଇଁ ଅନୁମୋଦନ କରିଛି। କଥପାଲ ଏହି ପଦ ଲାଗି ଉପଯୁକ୍ତ ଥିଲେ। କିନ୍ତୁ ତାଙ୍କ ବିରୋଧରେ ଭିଜିଲାନ୍ସ କେସ୍ ରହିଥିବାରୁ ତାଙ୍କୁ ପଦୋନ୍ନତି ଦିଆଗଲାନାହିଁ। ଯେଉଁମାନେ ପଦୋନ୍ନତି ସମ୍ପର୍କରେ କଥପାଲଙ୍କ ଦାବିକୁ ସମର୍ଥନ କରୁଛନ୍ତି ସେମାନେ ଯୁକ୍ତି ବାଢିଛନ୍ତି ଯେ, ଏହି ଆଇସିଏଫ ଅଧିକାରୀଙ୍କର ଭିଜିଲାନ୍ସ କେସର ଟ୍ରେନ ୧୮ ପ୍ରୋଜେକ୍ଟ ସହ ସମ୍ବନ୍ଧ ରହିଛି ତାହା ନିକଟରେ ନିଷ୍କର୍ଷରେ ପହଞ୍ଚିବାର ସମ୍ଭାବନା ନାହିଁ। ଏଣୁ ଏହାକୁ ଆଳକୁ ଉପଯୋଗ କରି ଏହି ବରିଷ୍ଠ ଅଧିକାରୀଙ୍କୁ ପଦୋନ୍ନତି ଦେବାକୁ ମନା କରିବା ଠିକ୍ ନୁହେଁ। ସ୍ପଷ୍ଟଭାବେ ନିୟମ ରହିଛି ଯେ, ଯେ ପର୍ଯ୍ୟନ୍ତ ଗୋଟିଏ ଭିଜିଲାନ୍ସ କେସ୍ ଶେଷ ନ ହୋଇଛି ଏବଂ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ( ସିଭିସି) ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିସ ନ କରିଛନ୍ତି ସେ ଯାଏ କେହି ପଦୋନ୍ନତିକୁ ମନାକରିପାରିବେ ନାହିଁ। କଥପାଲଙ୍କ ବିରୋଧରେ ଅଭିଯୋଗ ମଧ୍ୟ ୬ ମାସରୁ ଅଧିକ ପୁରୁଣା ହେଲାଣି, ଯାହା ଉପରେ ଧ୍ୟାନ ଦିଆଯାଇନାହିଁ। ଅନେକେ ବିଶ୍ୱାସ କରନ୍ତି ଯେ, ଆଉ ଜଣେ ମେକାନିକାଲ ଅଫିସରଙ୍କୁ ଅତିରିକ୍ତ ସଦସ୍ୟ କିମ୍ବା ରେଲୱେ ବୋର୍ଡ ସଚିବ ପଦକୁ ପଦୋନ୍ନତି ନ ଦେବା ଲାଗି କଥପାଲଙ୍କୁ ପଦୋନ୍ନତି ଦେବାକୁ ମନା କରଯାଇ ଏକ ଉଦାହରଣ ସୃଷ୍ଟି କରାଗଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ରେଲୱେରେ ପରସ୍ପର ମଧ୍ୟରେ ସାଂଘାତିକ କ୍ଷମତା ଲଢେଇ ଚାଲିଛି, ଯାହା ରେଲୱେର ଭବିଷ୍ୟତ କାର୍ଯ୍ୟଧାରା ନିମନ୍ତେ ଶୁଭଙ୍କର ନୁହେଁ। ପ୍ରବାସୀ ଶ୍ରମିକଙ୍କ ଯାତ୍ରାକୁ ନେଇ ଏହାର ବିଫଳତାରୁ ରେଲୱେର ଆଭ୍ୟନ୍ତରୀଣ ବିବାଦ ଭଲ ଭାବେ ବୁଝାପଡୁଛି।

## ପୋଲିସ ବନାମ ପୋଲିସ

ବିଭିନ୍ନ ପୋଲିସ ସେବା ମଧ୍ୟରେ ତୀବ୍ର ଲଢ଼େଇ ହେବା ପ୍ରାୟତଃ ଏକ ମାମୁଲି କଥା। କିନ୍ତୁ ବିଳମ୍ବରେ ହେଲେ ବିଏହି ଲଢେଇ ଏବେ ଗଣମାଧ୍ୟମରେ ଶୀର୍ଷକ ପାଲଟିଛି। ଏବେ ଘଟିଥିବା ତିନୋଟି ଘଟଣା ସେଣ୍ଟ୍ରାଲ ପୋଲିସ ଫୋର୍ସ ବା କେନ୍ଦ୍ରୀୟ ସୁରକ୍ଷା ବଳର ଅଶୋଭନୀୟ ପକ୍ଷକୁ ପ୍ରତିପାଦିତ କରିଛି। ଜମ୍ମୁକଶ୍ମୀରର ଇନ୍ସପେକ୍ଟର ଜେନେରାଲ (ମହାନିରୀକ୍ଷକ) ପଦର ଜଣେ ଆଇପିଏସ୍ ଅଧିକାରୀଙ୍କ ମନ୍ତବ୍ୟ ଚର୍ଚ୍ଚାକୁ ଆସିଥିଲା। ସେ କହିଥିଲେ,ଯେ ସିଆର୍‌ପିଏଫ୍‌ର କାର୍ଯ୍ୟଧାରା ସନ୍ତୋଷଜନକ ନୁହେଁ । ଏଭଳି ମନ୍ତବ୍ୟ ସେ ସିଆର୍‌ପିଏଫ୍ ଅଧିକାରୀଙ୍କ ଉପସ୍ଥିତିରେ ଦେଇଥିଲେ। ସେମାନେ ତାଙ୍କ ମନ୍ତବ୍ୟକୁ ଦୁର୍ଭାଗ୍ୟଜନକ କହିବା ସହ ତାହା ତଥ୍ୟ ଆଧାରିତ ନୁହେଁ ବୋଲି ପ୍ରକାଶ କରିଥିଲେ। ଜମ୍ମୁକଶ୍ମୀର ପୋଲିସ ଏବଂ ସିଆରପିଏଫ୍ ମଧ୍ୟରେ ଏକ ସାଂଘାତିକ ଫାଟ ଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏହା ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ (ସିଏପିଏଫ୍)ପ୍ରତି ଆଇପିଏସ ଅଧିକାରୀମାନଙ୍କ ଘୃଣା ଭାବକୁ ପ୍ରକାଶକରୁଛି ବୋଲି କେତେକ ସିଆର୍‌ପିଏଫ୍ ଅଧିକାରୀ କହିଛନ୍ତି।

ଆଉ ଏକ ଘଟଣାକ୍ରମରେ ସିଆର୍‌ପିଏଫ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅତି ସାଧାରଣ ଜଣାପଡୁଥିବା ଏହି ନିର୍ଦ୍ଦେଶନାମାରେ ଅବସରପ୍ରାପ୍ତ କିମ୍ବା ପ୍ରତ୍ୟାବର୍ତ୍ତିତ ସିଆରପିଏଫ୍ ଅଧିକାରୀ ଯେଉଁମାନେ ବାସ୍ତବରେ ଆଇପିଏସ ଅଧିକାରୀ ସେମାନଙ୍କ ପାଖରେ ଥିବା ଚପରାସୀମାନଙ୍କୁ ପ୍ରତ୍ୟାହାର କରିନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସେମାନଙ୍କ ପାଇଁ ଅସନ୍ତୋଷର କାରଣ ପାଲଟିଛି। ପୁନଶ୍ଚ ଆଶ୍ଚର୍ଯ୍ୟଜନକ ଭାବେ ଏକ ନିର୍ଦ୍ଦେଶନାମା ବଳରେ ସରକାର ୮ ଜଣ ଶୀର୍ଷ ସିଆରପିଏଫ୍ ଅଧିକାରୀଙ୍କୁ ବଦଳି କରି ପରଦିନ ସକାଳେ ପଦ ଛାଡିବା ଲାଗି କହିଛନ୍ତି। ଏହାକୁ ଏକ ଅପ୍ରତ୍ୟାଶିତ ଆଚରଣ ଏବଂ ବରିଷ୍ଠ ଅଧିକାରୀମାନଙ୍କ ପ୍ରତି ଏକ ଅପମାନଜନକ ପଦକ୍ଷେପ ବୋଲି ବିବେଚନା କରିଛି ସିଆର୍‌ପିଏଫ୍। ଏହି ଲଢ଼େଇର ଚେର ବହୁ ଅତୀତ (ତଳ) ଯାଏ ଲମ୍ବିଛି। ସିଆର୍‌ପିଏଫ୍ ଅଧିକାରୀଙ୍କ ସମେତ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ (ସିଏପିଏଫ୍)ର ଅଧିକାରୀମାନେ ଏହା ମଧ୍ୟକୁ ଡେପୁଟେଶନରେ ଆସିଥିବା ଆଇପିଏସ୍ ଅଧିକାରୀମାନଙ୍କୁ ବହୁଦିନ ହେବ ବିରୋଧ କରିଆସୁଛନ୍ତି । ସେମାନେ ନିଜ ଫୋର୍ସରେ ଭଲ ଓ ମୂଲ୍ୟବାନ ପଦ ରଖୁଛନ୍ତି ଏବଂ କ୍ୟାଡର ଅଧିକାରୀମାନଙ୍କୁ ନିକୃଷ୍ଟ ପଦକୁ ବିଦା କରିଦେଉଛନ୍ତି ବୋଲି ସେମାନେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ଆଇପିଏସ ଅଧିକାରୀମାନେ ଐତିହାସିକ କାରଣ ଦର୍ଶାଇ ସିଏପିଏଫ୍ କ୍ୟାଡରର ପ୍ରଭୁତ୍ୱ ଜାହିର କରୁଛନ୍ତି। ସେମାନେ କହୁଛନ୍ତି ଯେ, ବିଭିନ୍ନ ପାରାମିଲିଟାରୀ ଫୋର୍ସ ଗଠନ କରି ତାହାର ସଂଗଠନ ଓ ଦକ୍ଷତାକୁ ଏହି ସ୍ତରଯାଏ ଆଣିଛନ୍ତି । ଏହା ସମ୍ମାନର ଲଢେଇ ବୋଲି ସ୍ପଷ୍ଟ ଜଣାପଡୁଛି। କ୍ୟାଡର ଅଧିକାରୀମାନଙ୍କ ପାଇଁ ପଦୋନ୍ନତିର କମ୍ ସୁଯୋଗ ରଖି ସିଏପିଏଫ୍‌ର ମୁଖ୍ୟ ପଦରେ ଆଇପିଏସ୍ ଅଧିକାରୀମାନେ ରହିଛନ୍ତି। ଜଣେ ସିଏପିଏଫ୍ ଅଧିକାରୀ ଗ୍ରୁପ୍ ଏ ପଦ ଭାବେ ଜଣାଶୁଣା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟରୁ ତାଙ୍କ କ୍ୟାରିୟର ଆରମ୍ଭ କରି ଅତିରିକ୍ତ ମହାନିର୍ଦ୍ଦେଶକ କି ମହାନିର୍ଦ୍ଦେଶକ ପଦରେ ପହଞ୍ଚିବା କ୍ୱଚିତ ଦେଖାଯାଏ। ଏହି ପଦଗୁଡିକ ଆଇପିଏସ୍ ଅଧିକାରୀମାନଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ପାଳିକୁ ଅପେକ୍ଷା କରି ଅନେକ ଅବସର ଗ୍ରହଣ କରନ୍ତି। ସୁପ୍ରିମକୋର୍ଟ ୨୦୧୯ରେ ସିଏପିଏଫ ଅଧିକାରୀମାନେ ସେମାନଙ୍କ ପ୍ରତିପକ୍ଷ ଆଇପିଏସ୍ ଅଧିକାରୀମାନଙ୍କ ସହ ସମକକ୍ଷ ବୋଲି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଯାବତ ସରକାର ତାହାକୁ କାର୍ଯ୍ୟକାରୀ କରିପାରିନାହାନ୍ତି। ଏହି ବିଳମ୍ବ ଘଟଣାକୁ ଆହୁରି ଜଟିଳ କରିଦେଉଛି।

Email: dilipcherian@gmail.com

# ଚାଲ ଫେରିଯିବା ଗାଁକୁ





ପ୍ରଦୀପ ବୈଶାଖ
ଜି.ସି.ଏ.ପି ଏସିଆ ସଂଯୋଜକ

ବିଜୟିନୀ ମହାନ୍ତି
ସାମାଜିକ କର୍ମୀ

ମାତ୍ର କିଛିଦିନ ହୋଇଛି, କୋଭିଡ୍-୧୯ ଯୋଗୁ ଭାରତର ସବୁ ରାଜ୍ୟକୁ ଲକ୍‌ଡାଉନ୍ କରିଦେବାରୁ ହଇରାଣ ହୋଇ ପ୍ରବାସୀ ଶ୍ରମିକମାନେ ନିଜ ନିଜର ଗାଁକୁ ଯିବାପାଇଁ ଅସ୍ତବ୍ୟସ୍ତ। ପାଖରେ ନା ଖାଇବାକୁ ରାଶନ ଅଛି, ନା ପଇସା ଅଛି ରାଶନ କିଣିବାକୁ। ବଡ କଷ୍ଟ ଦାୟକ ସେ ଦୃଶ୍ୟ। ଏହା ହେଉଛି ବର୍ତ୍ତମାନ ସମୟରେ ସାରା ଭାରତର ଗରିବ ପ୍ରବାସୀ ଶ୍ରମିକମାନଙ୍କର ପ୍ରକୃତ ଚିତ୍ର। ଭାରତରେ ଅଧିକାଂଶ ପ୍ରବାସୀ ଶ୍ରମିକ ଅଣସଙ୍ଗଠିତ କ୍ଷେତ୍ରରେ କାମ କରିଥାନ୍ତି, ସେମାନଙ୍କ ଜୀବନ ଅତି ଯନ୍ତ୍ରଣା ଦାୟକ। ଲକ୍‌ଡାଉନ୍ ହେତୁ ବର୍ତ୍ତମାନ ସେମାନେ ନିଜର ଚାକିରି ଏବଂ କାମ ହରାଇ ସାରିଛନ୍ତି । ବହୁ ପ୍ରବାସୀ ଶ୍ରମିକ ସହରରେ ନିଜ ଭଡ଼ାଘରେ ଥିଲାବେଳେ, ଅନେକ ଅସ୍ଥାୟୀ ରିଲିଫ କ୍ୟାମ୍ପରେ ମଧ୍ୟ ଅଟକି ରହିଛନ୍ତି। କେତେକ ରାଜ୍ୟ ସରକାର ନିଜ ଲୋକଙ୍କୁ ଘରକୁ ଆଣିବାରେ ସକ୍ଷମ ହେଲାବେଳେ ଅନେକେ ପାଦରେ ଚାଲି ଚାଲି ଛୋଟ ଛୋଟ ଶିଶୁଙ୍କୁ ସାଥିରେ ଧରି ନ ଖାଇ ନ ପିଇ ଘରମୁଖା ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ପୃଥିବୀରେ ତିନି ଲକ୍ଷରୁ ଅଧିକ ଲୋକ ଏହି ରୋଗରେ ପ୍ରାଣ ହରାଇ ସାରିଲେଣି ଏବଂ ଭାରତରେ ପାଖାପାଖି ୪୭୦୦ ଲୋକଙ୍କ ଜୀବନ ଯାଇ ସାରିଲାଣି। ଆହୁରି କେତେ ଲୋକଙ୍କ ଜୀବନ ଯିବ, ତାହା ମଧ୍ୟ ଆକଳନ କରିବା ବର୍ତ୍ତମାନ ସମ୍ଭବପର ନୁହେଁ। ଏହି ମହାମାରୀ ରୋଗ ନ ବଢ଼ିବା ପାଇଁ କରାଯାଉଥିବା ଲକ୍‌ଡାଉନ୍ ହେତୁ କେବଳ ଭାରତ କାହିଁକି ସାରା ବିଶ୍ୱର ଆର୍ଥିକ ସ୍ଥିତି ଠପ୍ ହୋଇଯାଇଛି । ସାରା ଦୁନିଆ ଯେମିତି କି ହଠାତ ଅଟକି ଯାଇଛି। ବର୍ତ୍ତମାନ ଲୋକମାନଙ୍କ ଜୀବନ ବଞ୍ଚାଇବା ଯେପରି କି ସମସ୍ତଙ୍କର ପ୍ରାଥମିକ ଉଦ୍ଦେଶ୍ୟ ପାଲଟି ସାରିଛି।

ମଣିଷ ହିଁ ତା'ର ପରିବେଶକୁ ଧ୍ୱଂସ କରିବାର ମୁଖ୍ୟ କାରଣ, ପ୍ରକୃତି କ'ଣ ତା'ର ପ୍ରତିଶୋଧ ଏହି କୋଭିଡ୍-୧୯ ମାଧ୍ୟମରେ ନେଉଅଛି କି ? ପରିବେଶ ନଷ୍ଟ ହେବା ଏବଂ କୋଭିଡ୍-୧୯ ମଧ୍ୟରେ କି ସମ୍ପର୍କ ରହିଛି ତାହା ଏ ଯାଏ ଠିକ ଭାବେ ଜଣାପଡି ନାହିଁ। କିନ୍ତୁ ପରିବେଶ ପ୍ରଦୂଷଣ ଅନେକଗୁଡ଼ିଏ ସଂକ୍ରମିତ ରୋଗକୁ ପ୍ରୋତ୍ସାହନ ଦେଇଥାଏ। ଆଜି ଏହି ପରିସ୍ଥିତିରେ ବଡ ବଡ ବିଶେଷଜ୍ଞ ଏବଂ ପରିବେଶବିତ୍‌ମାନେ କହିଥିବା କଥା ଯେପରି କି, ପ୍ରତ୍ୟେକ ମଣିଷ ଏକ ସ୍ଥାୟୀ ଜୀବନଯାପନ କରିବା ସହ ଭବିଷ୍ୟତ ପାଇଁ ପ୍ରାକୃତିକ ସମ୍ପଦର ସୁରକ୍ଷା ମଧ୍ୟ କରିବା ଉଚିତ, ଏହି କଥାର ମାନ୍ୟ ଏଠାରେ ଯୁକ୍ତିଯୁକ୍ତ। ଆଉ ସେଇ ପ୍ରକୃତି କଥା କହିଲେ ଲାଗେ ଯେପରି ଗରିବ ଲୋକମାନେ ହିଁ ତା'ର କେବଳ ରକ୍ଷକ। କାରଣ ପରିବେଶକୁ ଦୂଷିତ କରିବାରେ ସେମାନଙ୍କର ଅବଦାନ ବହୁତ କମ୍, ଯେହେତୁ ସେମାନେ ଏହାର ଉପଭୋଗ ବହୁତ କମ୍ କରିଥାନ୍ତି। କିନ୍ତୁ ରାଜନୈତିକ ନେତାମାନେ ବଡ ବଡ କମ୍ପାନୀଙ୍କ ପ୍ରରୋଚନାରେ ଏଭଳି ନୀତି ଆଣିଛନ୍ତି, ଯାହା କି କେବେ ହେଲେ ପ୍ରକୃତି ଓ ଗରିବ ଲୋକଙ୍କ ଜୀବନକୁ ଧ୍ୟାନ ଦେଇ ନ ଥାଏ। କେବଳ ସେତିକି ନୁହେଁ, ଏହା ଧନୀ ଆଉ ଗରିବଙ୍କ ମଧ୍ୟରେ ଥିବା ଅସମାନତା ମଧ୍ୟ ବଢାଇଛି। ସରକାରଙ୍କ ବଜାରଭିତ୍ତିକ ଉଦାରୀକରଣ ଯୋଗୁ ଗତ ତିନି ଦଶନ୍ଧି ମଧ୍ୟରେ ଗ୍ରାମୀଣ ଅର୍ଥନୀତି ନଷ୍ଟ ହୋଇଯାଇଛି, ଯାହାଦ୍ୱାରା ସେମାନେ ନିଜର ପାରମ୍ପରିକ ପେସାକୁ ଛାଡି ସହରାଭିମୁଖୀ ହୋଇଛନ୍ତି। ବିଗତ ଦୁଇ ତିନି ଦଶନ୍ଧି ଭିତରେ ସହରକୁ ଶ୍ରମିକ ଭାବରେ ଯାଉଥିବା ଲୋକମାନଙ୍କର ସଂଖ୍ୟା ବହୁତ ବଢିଯାଇଛି। ତେବେ ଭାରତରେ ୪୦ କୋଟି ଅଣସଂଗଠିତ ଶ୍ରମିକଙ୍କ ମଧ୍ୟରୁ ୧୦ କୋଟି ଋତୁକାଳୀନ ପ୍ରବାସୀ ଶ୍ରମିକ ବୋଲି କୁହାଯାଉଛି। ସାଧାରଣରେ ଯେଭଳିଭାବେ ପ୍ରବାସୀ ବା ସ୍ଥାନାନ୍ତରିତ ହେଉଥିବା ଶ୍ରମିକଙ୍କ ବିଷୟରେ ଉଲ୍ଲେଖ କରାଯାଉଛି ତାହାର ପ୍ରକୃତ ତଥ୍ୟ ପାଇବା କଷ୍ଟକର। ଉଦାହରଣ ଭାବେ ନେବା ଓଡ଼ିଶା ଭଳି ଏକ ରାଜ୍ୟକୁ। ସେଠୁ ପ୍ରାୟ ଦଶ ଲକ୍ଷରୁ ଅଧିକ ଲୋକ ଯାଇ ବାହାର ରାଜ୍ୟରେ କମ୍ପାନୀ, ଇଟାଭାଟି କିମ୍ବା କୋଠାବାଡି କାମରେ ନିଯୁକ୍ତ ଅଛନ୍ତି। ଏହା ଗଣମାଧ୍ୟମ ରିପୋର୍ଟରୁ ଜଣାପଡିଥାଏ, କିନ୍ତୁ ପ୍ରକୃତରେ ଏହାର ସଂଖ୍ୟା ଆହୁରି ଅଧିକ ହୋଇପାରେ। ନା ସେମାନଙ୍କର ଜୀବନର କିଛି ସୁନିଶ୍ଚିତତା ଅଛି, ନା ପିଲାମାନଙ୍କର ଭବିଷ୍ୟତ ସୁରକ୍ଷିତ ହୋଇପାରୁଛି। ସତରେ କ'ଣ ସହରରେ ସେମାନେ ଯଥେଷ୍ଟ ଖାଇବାକୁ ଆଉ ପିନ୍ଧିବାକୁ ପାଇପାରୁଛନ୍ତି, ଏକ ଭଲ ଜୀବନଯାପନ ସ୍ୱପ୍ନ ଦେଖି ସେମାନେ ଯାଇଥିଲେ ସହରକୁ, ତାହା କେତେଦୂର ହାସଲ କରିପାରୁଛନ୍ତି ସେହି ପ୍ରବାସୀ ଶ୍ରମିକମାନେ। ବର୍ତ୍ତମାନ ସାରା ବିଶ୍ୱରେ ଯେଉଁଭଳି ଅଭିବୃଦ୍ଧି ହ୍ରାସ ପାଉଛି, ତାହା ଏକ ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ଏହି ଲକ୍‌ଡାଉନ୍ ସମୟରେ କମ୍ ଉତ୍ପାଦନ ଏବଂ କମ୍ ସେବନ ହେଉଥିଲେ ମଧ୍ୟ ଏହାଦ୍ୱାରା ବାୟୁମଣ୍ଡଳରେ ଏକ ସକାରାତ୍ମକ ପ୍ରଭାବ ଦେଖାଦେଇଛି । ଯେପରି କି ଅଙ୍ଗାରକାମ୍ଳର ମାତ୍ରା କମିଚାଲିଛି, ଯାହା କି ପରିବେଶକୁ ବିଶୁଦ୍ଧ କରିବାରେ ସହାୟକ ହୋଇପାରିଛି। ବର୍ତ୍ତମାନ ପରିସ୍ଥିତିକୁ ଦେଖି ଆକଳନ କରିବାକୁ ପଡିବ ଯେ, ଲକ୍‌ଡାଉନ୍ ପରେ ଅର୍ଥନୀତିକୁ କିପରି ଠିକ୍ ଭାବେ ପରିଚାଳନା କରିହେବ, ଯେପରି କି ଲୋକମାନେ ହଇରାଣ ନ ହୁଅନ୍ତି।

ଆମେ ଅତ୍ୟଧିକ ବିକଶିତ ପଦ୍ଧତି ଦ୍ୱାରା ତିଆରି ହୋଇଥିବା ବିକାଶର ପଥରେ ରହିଅଛୁ, କିନ୍ତୁ ବର୍ତ୍ତମାନ ସମୟ ଆସିଛି ଅଭିବୃଦ୍ଧି-କୈନ୍ଦ୍ରିକ ମଡେଲରୁ ନିଜକୁ ବିଚ୍ଛିନ୍ନ କରିବାର। ପ୍ରକୃତିର ସମ୍ପଦଗୁଡ଼ିକର ବଣ୍ଟନ ଏକ ସମାନତାର ପଥ ନେବା ଉଚିତ। ଉପଯୁକ୍ତ ରାଜ୍ୟ ହସ୍ତକ୍ଷେପ, ସମ୍ବଳ ସଂରକ୍ଷଣ ଏବଂ ବିକାଶ ଲାଭର ସମାନ ବଣ୍ଟନ ପାଇଁ ବାଟ ଖୋଲିବା ଉଚିତ। ଚାକିରି ହ୍ରାସକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ କ୍ଷେତ୍ର ଯାହା ଏକ ବିକଳ୍ପ ପ୍ରଦାନ କରିପାରିବ ତାହା ହେଉଛି କୃଷି ଏବଂ କ୍ଷୁଦ୍ର ଉଦ୍ୟୋଗ, ଯାହା କି ଦେଶର ଗ୍ରାମୀଣ ଅର୍ଥନୀତିକୁ ପୁନର୍ଜୀବନ କରାଇପାରିବାର କ୍ଷମତା ରଖିଥାଏ। ଗାନ୍ଧିଜୀଙ୍କର ଗ୍ରାମୀଣ ଅର୍ଥନୀତି ଏଠାରେ ଅନେକାଂଶରେ ପ୍ରଯୁଜ୍ୟ। ଏପରି କି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିବା ଆତ୍ମନିର୍ଭରଶୀଳ ଅର୍ଥନୀତି ମଧ୍ୟ ସମାଜର ଏକ ମୁଖ୍ୟ ମାନଦଣ୍ଡ ହେବା ଉଚିତ।

ବର୍ତ୍ତମାନ ପରିସ୍ଥିତିରେ ସରକାରଙ୍କୁ କୃଷି କ୍ଷେତ୍ରରେ ଅଧିକ ମାତ୍ରାରେ ଅର୍ଥ ନିବେଶ କରିବାର ନିହାତି ଆବଶ୍ୟକତା ରହିଛି। ସରକାର ଚାଷକୁ ଆଧୁନିକ କିନ୍ତୁ ସ୍ଥାୟୀ ଚାଷ ପ୍ରଣାଳୀ ଏବଂ କୃଷକମାନଙ୍କୁ କ୍ଷୁଦ୍ର ଋଣ ଯୋଗାଇଦେବା ଉଚିତ, ଯାହାଦ୍ୱାରା ଲୋକମାନେ ରୋଜଗାରର ଉପଯୁକ୍ତ ଉପାୟ ପାଇପାରିବେ। ଖାଦ୍ୟ ସଂରକ୍ଷଣ ନିମନ୍ତେ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାର ପ୍ରସ୍ତୁତ କରିବା ଦରକାର। ଏଥି ସହିତ ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ବଢ଼ାଇବାର ଆବଶ୍ୟକତା ମଧ୍ୟ ରହିଛି। ସରକାର ଆଉ ଟିକେ ଆଗକୁ ଯାଇ ଅନ୍ୟାନ୍ୟ ପାରମ୍ପରିକ ଫସଲ ଏବଂ ତା'ର ଖରିଦି ବିଷୟରେ ଭାବିପାରନ୍ତେ। ଏଥିସହିତ ସରକାର ଏହାକୁ କିଣିବାର ଠିକ ଏକ ସପ୍ତାହ ଭିତରେ ଲୋକମାନଙ୍କୁ କିପରି ସେମାନଙ୍କ ପଇସା ଦିଆଯାଇପାରିବ ତାହାର ବ୍ୟବସ୍ଥା ମଧ୍ୟ ସୁନିଶ୍ଚିତ କରିପାରନ୍ତେ। କେବଳ ସେତିକି ନୁହେଁ, ତା'ସହିତ ଯଦି ଛୋଟ ଛୋଟ ବ୍ୟବସାୟ ପାଇଁ ଚେଷ୍ଟା କରାଯାଏ ଯେପରି କି କୁମ୍ଭାର, ବଢେଇ, ମାଛ ଚାଷୀ ଏବଂ ବିଭିନ୍ନ ପ୍ରକାର ହସ୍ତ କାରିଗରଙ୍କୁ ସେମାନଙ୍କ ଜୀବିକା ନିର୍ବାହ ଲାଗି ପ୍ରୋତ୍ସାହନ ସହିତ ଆର୍ଥିକ ସହାୟତା ଯୋଗାଇ ଦିଆଯାଏ, ତେବେ ଆଗକୁ ହେବାକୁ ଥିବା ଜୀବନଜୀବିକାର ଅଭାବର ମାତ୍ରା ଅନେକାଂଶରେ କମ୍ ଦେଖାଦିଅନ୍ତା। ଏଥିରୁ ଅନେକ ବ୍ୟବସ୍ଥା ବିଷୟରେ ଅର୍ଥ ମନ୍ତ୍ରୀ କହିଛନ୍ତି, କିନ୍ତୁ ମୁଖ୍ୟ କଥା ହେଉଛି ଯେ ଏହି ବ୍ୟବସ୍ଥା ଗୁଡିକ ପ୍ରକୃତରେ କେତେଦୂର କାର୍ଯ୍ୟକାରୀ ହୋଇପାରିବ, ତାହାର ପ୍ରଣାଳୀ କିପରି ହେବ, ଆଉ ଦୁର୍ନୀତି ନ ଥାଇ କିପରି କାର୍ଯ୍ୟକାରୀ ହେବ ଏବଂ ଠିକ ଲୋକଙ୍କ ପାଖରେ ପହଞ୍ଚିବ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ।

ମୋ:୮୪୭୪୫୯୫୪୯
Email Id- 2006pradeep@gmail.com

# ପରଲୋକରୁ ପତ୍ର



ଉପେନ୍ଦ୍ର ବିଶ୍ୱାଳ

ହେ ଶ୍ରଦ୍ଧାସିକ୍ତ ପୁତ୍ର ପୌତ୍ର ଗଣ, ମର୍ତ୍ତ୍ୟ ଲୋକର ଦୁର୍ଦ୍ଦଶା ଦେଖି ଆମେ ଖୁବ୍ ମର୍ମାହତ। ଏପରି ଦୁର୍ଦ୍ଦିନରେ ତୁମକୁ ଟିକେ ପଥ ଦେଖାଇବାକୁ ପରଲୋକରୁ ଏ ପତ୍ରଟି ଆମର। ଯଥେଷ୍ଟ ନ ହେଲେ ବି ସାମାନ୍ୟ ହେଲେ ତ ରାହା ଦେଖାଇବ ତୁମକୁ। କାରଣ କ୍ଷୀଣ ଆଲୋକ ତ ହିଁ ଯଥେଷ୍ଟ ସାହାରା ସାଜିଥାଏ ଗାଢ଼ ଅନ୍ଧକାରଭରା ଟନେଲ୍ ବା ଭୂଗର୍ଭସ୍ଥ ସୁଡ଼ଙ୍ଗ ଭିତରେ। ସଙ୍କଟ କାଳେ ସାମାନ୍ୟ ସହାୟତା ବି ମହତ୍ତ୍ୱ ରଖେ ଅନେକ। ଏ ସମୟର ଟିକେ ସ୍ନେହ, ସହାନୁଭୂତି, ସମବେଦନା ସୁଖାବସ୍ଥାର ପ୍ରାଚୁର୍ଯ୍ୟଠାରୁ ବି ଖୁବ୍ ମୂଲ୍ୟବାନ। ଆଜି ସେଠି ଏକ ଅଦ୍ଭୁତ ଅବସ୍ଥା। ସବୁ ମଣିଷ ସତେ ଯେମିତି ଅଛୁଆଁ। କରୋନା ଠିଆ କରୁଛି ପ୍ରାଚୀର ଓ ବଢୁଛି ମଣିଷ-ମଣିଷ ଭିତରେ ବ୍ୟବଧାନ। କିନ୍ତୁ ବାବୁରେ, ଯାହା ବି ହୋଇଯାଉ ପଛେ ଏପରି ଦୁଃସ୍ଥିତିରେ ମାନବିକତା ଯେମିତି ମରି ନ ଯାଏ। ମଣିଷ ପଣିଆ ଯେମିତି ମଶାଣିମୁହାଁ ନ ହୁଏ।

ପ୍ରାଚୀର ତିଆରିକରେ ବିଭେଦ। କିନ୍ତୁ ସେତୁଟିଏ ଆମକୁ ଯୋଡ଼ି ଧରେ। ଏଣୁ ମାନବିକତାର ସେତୁ ଦ୍ୱାରା ଯୋଡିରୁହ। କାରଣ ଯୋଡିହେବାରେ ହିଁ ଜୀବନର ଜୟଗୀତି ରଚାଯାଇପାରେ। ଝଡ଼-ଝଞ୍ଜା, ଦୁର୍ଦ୍ଦିନ - ଦୁର୍ବିପାକ ଆଦି ଜୀବନର ଏକ ଏକ ପର୍ଯ୍ୟାୟ, ଠିକ୍ ଅମାବାସ୍ୟା ଓ ପୂର୍ଣ୍ଣମୀ ପରି। ଏଣୁ ଏଥିରେ ଧୈର୍ଯ୍ୟହରା ନ ହୋଇ ବିଭୁଙ୍କ ଉପରେ ଭରସା ରଖି। 'ଏ ସମୟ ରହିବନି' ଏ ବିଶ୍ୱାସ ଟିକକ ରଖ। ଜୀବନର ଯାତ୍ରାପଥରେ ଏମିତି କେବେ କେବେ ଅକସ୍ମାତ୍ ଘୋଟି ଆସିଥାଏ କଳାବାଦଲ। ରାତିର ଭ୍ରମ ସୃଷ୍ଟିକରି ଖେଳିଯାଏ ଅନ୍ଧାର। କିଛି କ୍ଷଣ ପରେ ମେଘ ଅପସରି ଗଲାପରେ ଆଶ୍ୱସ୍ତ ହୁଅନ୍ତି ସମସ୍ତେ। କିଟିମିଟିଆ ଅନ୍ଧାର ରାତିଟା କଟିଲାପରେ ପରା ଉଦ୍‌ଭାସିତ ହୋଇଉଠେ ଉଷାଲୋକ। ଆଲୋକର ବନ୍ୟାରେ ପ୍ଲାବିତ ହୋଇଉଠେ ଜଗତ। ଚହଟି ଉଠେ ଚତୁର୍ଦ୍ଦିଗ ଆନନ୍ଦରେ। ଏଣୁ ଜୀବନରେ କେବେ ହତାଶ ଭାବ ରଖିବନି। ସ୍କୁଲ୍ ଘରର କଳାପଟା ହିଁ ତ ଶିଖାଇଥାଏ ଅନେକ କିଛି। ସେମିତି ବି ଆଜିର ଏଇ କଳାଦିନ ବାଣ୍ଟୁଛି ଅନେକ ବାର୍ତ୍ତା। ଦେଖାଏ ଜୀବନ ଦର୍ଶନ। ଖାଲି ବୁଝିପାରିଲେ ହେଲା। ସଚରାଚର ଏ ବିଶ୍ୱ ବ୍ରହ୍ମାଣ୍ଡର ରଚୟିତା ଭଗବାନଙ୍କର ଯୋଜନା ସଦା ଶୁଭଙ୍କର। ଆମର କିନ୍ତୁ ବୁଝିବାରେ ଭୁଲ୍ ରହିଯାଏ। ବେଳେ ବେଳେ ମନକୁ ଆସିଥାଏ ଯେ ମଣିଷ ଏତେ ହନ୍ତସନ୍ତ ହେଉଛି, କାତର ହୋଇ ପ୍ରାର୍ଥନା କରୁଛି, ଠାକୁରଙ୍କୁ ଏତେ ଡାକୁଛି ତଥାପି ଭଗବାନ ଏତେ ନୀରବି ଯାଇଛନ୍ତି କେମିତି। ମାସ ମାସ ଧରି ଦୁନିଆକୁ ଏ ଦୁଃସ୍ଥିତିରୁ ମୁକ୍ତି ଦେଉନାହାନ୍ତି କାହିଁକି? କାହିଁକି ଆଜି ସେ ନିଷ୍ଠୁର ଏତେ? ଏତିକିବେଳେ ଭଗବାନଙ୍କ ନୀରବତାରୁ ଆମେ ବୁଝିନେବା ଉଚିତ ହେବ ଯେ ଆସନ୍ତାକାଲି ପାଇଁ ସେ ଏକ ଭଲ ଖସଡ଼ା ତିଆରିରେ ବ୍ୟସ୍ତ ଅଛନ୍ତି। ଏଣୁ ଆସୁଥିବା ନୂଆ ସକାଳ ନିହାତି ସୁଖକର ହେବ ଆମ ପାଇଁ। ଠିକ୍ ଏହି ବିଶ୍ୱାସ ନେଇ କେମିତି ବଞ୍ଚିଛି ବୃକ୍ଷଟି ଦେଖି। ଦାରୁର ଭାଗ୍ୟରେ ବି ଦେଖାଦିଏ ଦୁର୍ଭାଗ୍ୟ। ଶ୍ରୀହୀନ ହୋଇପଡ଼େ ପତ୍ରଝଡ଼ା ବେଳାପରେ, ସତେ ଯେମିତି ନିର୍ଜୀବ । ତଥାପି ସେ ବ୍ୟସ୍ତ ବା ବିବ୍ରତ ହୁଏନା କେବେ। ବିଶ୍ୱାସ ଥାଏ ଭଗବାନଙ୍କଠାରେ। ଅପକ୍ଷାରଖେ ଆସନ୍ତାକାଲି ଏକ ଅନୁକୂଳ ଆଗମନକୁ। ସତକୁ ସତ ସେ ସମୟ ତା'ର ଚାଲିଯାଏ। ଅବସ୍ଥା ସୁଧୁରିଯାଏ। ଥୁଣ୍ଟା ଦେହରେ ସବୁଜିମା ଭରିଯାଏ। ନୂଆରୂପ ନେଇ ପୁଣି ହସିଉଠେ ବୃକ୍ଷ।

ଚାଲି ଶିଖିଲା ବେଳେ ଆମେ ଝୁଣ୍ଟିପଡୁ ବାରମ୍ବାର। ଉଠିକି ପୁଣି ଚାଲୁ। ଏହି ପଡ଼ିବା ଓ ଉଠିବା ଭିତରେ ଜଣାପଡେନି କେତେବେଳେ ଆମେ ଦୌଡିବା ଶିଖି ଗଲୁଣି। ସେମିତି ବି ଜୀବନର ଚଲାପଥରେ ଯିଏ ଯେତେ ଝୁଣ୍ଟିଥାଏ, ଝଡ଼-ଝଞ୍ଜା ବା ଜଞ୍ଜାଳ-ଯନ୍ତ୍ରଣା ସହିତ ଯିଏ ଯେତେ ଯୁଝିଥାଏ, ସିଏ ସେତେ ସମର୍ଥ ହୁଏ ସମୟାନ୍ତରରେ। ତା'ପାଇଁ ସୁଗମ ହୋଇଉଠେ ଭବିଷ୍ୟତର ରାଜପଥ। ନିଆଁର ତାତି ନ ପାଇଲେ ମାଠିଆ କ'ଣ ଟାଣ ହୁଅନ୍ତା ନା ସୁନାର ଚମକ୍ ଫୁଟି ଉଠୁଥାନ୍ତା। ଅତି କୁତ୍ସିତ ଜୀବ ଶମ୍ବାଲୁଆର ଜୀବନ ଯାତ୍ରାକୁ ଟିକେ ଲକ୍ଷକର। ମଝିରାସ୍ତାରେ କି ଦୁର୍ଦ୍ଦିନକୁ ସେ ସାମ୍ନା ନ କରେ ସତରେ! ଜୀବନଚକ୍ର ମଧ୍ୟରେ ତାକୁ ଅବରୋଧ ହୋଇ ରହିବାକୁ ପଡ଼େ। ରୁଦ୍ଧ କୋଷ ଭିତରେ ରୁନ୍ଧିହୋଇ ଅଣନିଃଶ୍ୱାସୀ ହୋଇଯାଏ। ସେଥିରେ ଦବି ନ ଯାଇ ମହାସଙ୍କଟରୁ ବର୍ତ୍ତିବାକୁ ବଳ ଗୋଟାଏ। ଦୃଢ଼ ମନୋବଳ ସହିତ ଖୁବ୍ ସଂଘର୍ଷ କରେ। ସତେଯେମିତି ମନରେ ତା'ର ଦୃପ୍ତ ସଂକଳ୍ପ - ଯେମିତି ବି ହେଉ ଯନ୍ତ୍ରଣାକୁ ଜୟ କରିବାକୁ ହେବ। ଫଳତଃ ଏକୋଇଶ ଦିନର ତାଲାବନ୍ଦ ବା ସଂଘର୍ଷଭରା ବନ୍ଦୀ ଜୀବନ ପାର କରି ସକ୍ଷମ ହୁଏ ସେଥିରୁ ମୁକୁଳିବାରେ। ଅତୀବ କଷ୍ଟକର ପରିସ୍ଥିତିକୁ କୋଣଠେସା କରି ନିଜର ଉଜ୍ଜ୍ୱଳ ଉପସ୍ଥିତି ଜାହିର କରି ବସେ। ଉଭାହୁଏ ସୁନ୍ଦର ଏକ ପ୍ରଜାପତି ରୂପ ନେଇ। ସତେଯେମିତି କୁନିପରୀଟିଏ ଜନ୍ମନେଲା। ଏହା ହିଁ ତ ଧୈର୍ଯ୍ୟ ଓ ସହନଶୀଳତାର ଉତ୍କର୍ଷ ଉପଲବ୍ଧି, ଜୀବନର ଉତ୍ତରଣ। ମନଲୋଭା ଇନ୍ଦ୍ରଧନୁର ଛଟା କେବେ କେଉଁଠି ସୃଷ୍ଟି ହୋଇଛି କି ବିନା ବର୍ଷାରେ? ସେମିତି ବି ଦୁର୍ଦ୍ଦିନ ପରେ ପରେ ଜୀବନ ଆକାଶରେ ରଙ୍ଗିନ୍ ଛଟା ଆବିର୍ଭାବ ନ ହେବ କାହିଁକି? ଏଣୁ ଦୁର୍ଯୋଗ ସମୟରେ ଏତେ ଭାଙ୍ଗି ନ ପଡ଼ି ସମସ୍ୟା ସବୁକୁ ସାବଧାନତାର ସହିତ ସମ୍ମୁଖୀନ ହୁଅ। ପାରୁଛ ଯଦି ପରମପିତାଙ୍କୁ ସେସବୁକୁ ସମର୍ପି ଦିଅ। ଭଗବାନଙ୍କ ଏହା ଇଚ୍ଛା ବୋଲି ଭାବିନେଇ ସବୁ ଉଦ୍‌ବିଗ୍ନତାକୁ ଉପାସନାରେ ପରିଣତ କରିଦିଅ। ଆଉ ଦେଖିବ, ସ୍ୱୟଂ ଭଗବାନ ସତେଯେମିତି ତୁମ ସହିତ ସାଥୀ ହୋଇଯାଇଛନ୍ତି। ଭଗବାନ ଯଦି ତୁମ ସହିତ ରହିଛନ୍ତି, ଦୁନିଆର କୌଣସି ତାକତ୍ ନାହିଁ ତୁମ ବିରୁଦ୍ଧରେ ଛିଡ଼ା ହେବାକୁ। ଦେଖିଛ ନା ମହାଭାରତର ଅର୍ଜୁନଙ୍କୁ। ଯେତେଦିନ ଭଗବାନ ତାଙ୍କ ସହିତ ଥିଲେ, ସେତେଦିନ ପର୍ଯ୍ୟନ୍ତ ଅର୍ଜୁନ ଥିଲେ ଅପରାଜେୟ। ଭଗବାନ ଯେଉଁଦିନ ତାଙ୍କ ହାତ ଛାଡ଼ିଦେଲେ, ମହାଭାରତର ମହାବୀର ଅର୍ଜୁନ ବନିଗଲେ ଅତି ନଗଣ୍ୟ। ସଙ୍କଟର ଗର୍ଭଗୃହରେ ଥାଏ ଦୁଇଟି ଦ୍ୱାର। ଗୋଟିଏ ସୌଭାଗ୍ୟର ଓ ଅନ୍ୟଟି ଦୁର୍ଭାଗ୍ୟର। ଧୈର୍ଯ୍ୟହରା ହେଲେ ସଙ୍କଟ ହୁଏତ ତୁମର ଆଗାମୀ କାଲିକୁ ଆକଟ କରି ରଖିଦେବ। ଅର୍ଥାତ୍ ଦୁର୍ଭାଗ୍ୟ ଦେଖାଯାଇ ଥାଏ। କିନ୍ତୁ ବିଚାରଶୀଳ ହୋଇ ପରିସ୍ଥିତିକୁ ସାମ୍ନାକଲେ, ସୌଭାଗ୍ୟର ଆଲୋକ ଅବଶ୍ୟ ଦେଖାଯିବ ଜୀବନରେ। ଆଜିର ଏ ସ୍ଥିତି ସମୟର ଏକ ଚେତାବନୀ ତଥା ମଶାଲଟିଏ ମଧ୍ୟ। ଏହାରି ଭିତରେ ହିଁ ସାଇତା ଆମ କବଚ ଆଉ ଶସ୍ତ୍ର। ସେଇ ମଶାଲରେ ତୁମେ ଦେଖିପାରିବ ବାହାର ଦୁନିଆକୁ। ତା'ପରେ ବି ତୁମ ଭିତରର ମଶାଲକୁ ପ୍ରଜ୍ୱଳିତ କରିବାକୁ ହେବ, ଯଦ୍ୱାରା ତୁମ ଭିତରର କୁରୁକ୍ଷେତ୍ରକୁ ଧର୍ମକ୍ଷେତ୍ରରେ ପରିଣତ କରିପାରିବ ତୁମେ। ସମୟର ବଡ଼ଦାଣ୍ଡରେ କ'ଣ ଘଟିଲା ତାହା ଯେତିକି ଗୁରୁତ୍ୱ ନୁହେଁ, ତାକୁ କେମିତି ଢଙ୍ଗରେ ମୁକାବିଲା କଲ, ତା' ହେଉଛି ସବୁଠୁ ବଡ଼କଥା। ଦୁର୍ଯୋଗ ବା ଦୁର୍ବିପାକ ସମୟରେ ଆଇନାଟିଏ ହିଁ ଆମ ପାଇଁ ଅନୁକରଣର ଆଧାର। ଭାଙ୍ଗିଯାଇ ଯେତେ ଟୁକୁରା ଟୁକୁରା ହୋଇଗଲେ ବି ଦର୍ପଣ ତା'ର ମୌଳିକତାକୁ ହରାଇ ନ ଥାଏ। ସାମାନ୍ୟ ସତ୍ତା ଥିଲା ଯାଏ ସାଧମତେ ସେ ପ୍ରତିବିମ୍ବିତ କରିଚାଲେ। ଏଣୁ ଆମର ସ୍ୱାଭାବିକ ପଣ ଅର୍ଥାତ୍ ମହାର୍ଘ ଏହି ମଣିଷ ଜୀବନର ଯେଉଁ ମାନବିକ ମୂଲ୍ୟବୋଧ, ତାହା ଯେମିତି ହଜି ନ ଯାଏ। ଆହୁରି ବି ଦୁର୍ଦ୍ଦିନରେ ସର୍ବନିମ୍ନ ଆବଶ୍ୟକତାକୁ ନେଇ ବଞ୍ଚି ଶିଖିବା ଓ ନିଜକୁ ସର୍ବାଧିକ ବ୍ୟବସ୍ଥିତ କରିବା ହେଉ, ତୁମ ଜୀବନର ଜପାମାଳି। ଏହି ଦୁଃସ୍ଥିତି ସମୟରେ ନାନାଦି ଭାବନା ମନକୁ ଭାରାକ୍ରାନ୍ତ କରି ରଖେ। ନକାରାତ୍ମକ ଭାବନା ମନକୁ କବଳିତ କରିଚାଲେ, ଯାହା କି ଜୀବନର ମାଧୁର୍ଯ୍ୟକୁ ନଷ୍ଟ କରିଦିଏ। ଏଣୁ ମନକୁ ସଦା ସଜାଇରଖ ସଦ୍‌ଭାବନା ଓ ସକାରାତ୍ମକ ଚିନ୍ତନରେ। ଦେଖିବ, କେମିତି ମଧୁମୟ ହୋଇ ଉଠିବ ତୁମ ଜୀବନ। ଆମ ପାଇଁ ଆଉ କାହାର ମୁହଁରେ ହସର ଧାରଟିଏ ଖେଳିଗଲା। ଏଇଯେମିତି, ଦୁର୍ବାର ସଂକଳ୍ପ ନେଇ ଦୁର୍ଗତଜନଙ୍କ ସେବା କରିଚାଲିଥିବା ନିର୍ଭୟ, ଦୁର୍ଜୟ ଯୋଧାମାନେ। ଈଶ୍ୱରଙ୍କ ଅନ୍ୟ ଏକ ଅବତାର ଭାବେ ଆବିର୍ଭୂତ ଏହି କରୋନା ଯୋଦ୍ଧାଦଳ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ପ୍ରଶାସନ ଆଦି ଦିବ୍ୟ ସତ୍ତାଧାରୀମାନେ ଯେଉଁମାନେ ନିଜ ଜୀବନକୁ ବାଜି ଲଗାଇ ଲାଗି ପଡିଛନ୍ତି ଅନ୍ୟକୁ ବଞ୍ଚାଇବାକୁ। ଅନ୍ୟର ଶୁଖିଲା ମୁହଁରେ, ବିଷଣ୍ଣ ବଦନରେ ଟିକିଏ ହସ ଭରିବାକୁ। ଏଇଥିରେ ହିଁ ନିହିତ ଜୀବନର ସାର୍ଥକତା, ରଚିତ ଜୀବନର ଯଶଗୀତି। ହଟୁ ଦୁର୍ଦ୍ଦିନ, ଜୟ ହେଉ ଜୀବନ।

। ଇତି । ପରଲୋକରୁ ତୁମ ପୂର୍ବସୂରୀ

ଗୋଡ଼ିଶୁଲ, ସଜନାଗଡ଼, ବାଲେଶ୍ୱର
ମୋ: ୯୪୩୭୪୩୭୦୭୩

## ଏଇ ଭାରତରେ

ନିରାଶ୍ରୟମାନଙ୍କୁ ନିଜ ପରିବାର ଭାବେ ଗ୍ରହଣ କରିନେଇଛନ୍ତି ମଧ୍ୟପ୍ରଦେଶର ସୁଧୀର ଗୋୟଲ। ତାଙ୍କୁ ବର୍ତ୍ତମାନ ବୟସ ୬୧। ନିରାଶ୍ରୟ ଶିଶୁ,ବୃଦ୍ଧ-ବୃଦ୍ଧାମାନଙ୍କ ଲାଗି ସେ ପାଲଟିଯାଇଛନ୍ତି ଆଶାର ଆଲୋକ। ସେମାନଙ୍କୁ ଆଶ୍ରୟ, ଖାଦ୍ୟ ଓ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ୧୯୮୯ରେ ସେ ଉଜ୍ଜୟିନୀରେ ସ୍ୱଧାମ ଆଶ୍ରମ ପ୍ରତିଷ୍ଠା କରି ନିରାଶ୍ରୟଙ୍କ ସେବା ଆରମ୍ଭ କରିଥିଲେ। ନିରାଶ୍ରୟମାନଙ୍କ ମଧ୍ୟରେ ପାଖାପାଖି ୫୦୦ ଦିବ୍ୟାଙ୍ଗ ଏହି ଆଶ୍ରମରେ ରହୁଛନ୍ତି। ଏହି ବିଶାଳ ପରିବାରର ଯତ୍ନ ନେବାରେ ସୁଧୀରଙ୍କ ସ୍ତ୍ରୀ କାନ୍ତା ତାଙ୍କୁ ସହଯୋଗ କରୁଛନ୍ତି। କେବଳ ଏତିକି ନୁହେଁ ସେ ମଧ୍ୟ ଏକ ଗୋଶାଳା ପ୍ରତିଷ୍ଠା କରି ସେଥିରେ ୧୦୦ରୁ ଊର୍ଦ୍ଧ୍ୱ ଗାଈ ରଖିଛନ୍ତି। ପିଲାମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଦୈନିକ ଫିଜିଓଥେରାପି ଓ ଯୋଗଶିକ୍ଷା ବି ଚାଲୁ ରଖିଛନ୍ତି। ପିଲାଦିନରୁ ନିରାଶ୍ରୟଙ୍କ ସେବା କରିବାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହୋଇଛି ବୋଲି କହନ୍ତି ସୁଧୀର।

## ୨୫ ବର୍ଷ ତଳର ଧରିତ୍ରୀ

### ୩୦ ମେ ୧୯୯୫

- ଅର୍ଥନୈତିକ, ବୈଜ୍ଞାନିକ, ବୈଷୟିକ ଓ ବାଣିଜ୍ୟ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବା ପାଇଁ ଇରାନ ଓ ଚାଇନା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- ରୁଷିଆର ପ୍ରାଚ୍ୟ ଉପକୂଳ ସହର ଶାଖାଲିନରେ ଘଟିଥିବା ଭୟାବହ ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୩୫୦୦କୁ ବୃଦ୍ଧି।

## ଚିରନ୍ତନୀ

ଆଜି ପୁଣି ଧୀରେ ଧୀରେ ଉଭା ହେଲା ତେସନେ
ଶୁଭ୍ର ଶୋଭାର ଢେଉ ବୁଣି ଦେଇ ବସନେ
ମୃଦୁ ମଧୁ ହାସ ଲେଖି ସଜ ଓଠ ତଟରେ
କସିଦେଇ ଏ ପରାଣ ଅକାରଣ କଷଣେ !
(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | A | | | 9 | | 3 | | 2 | | 0 | | | | |
| | 9 | | | | | | | | | 8 | 3 | B | 4 | |
| 0 | | E | | | | | | | | | | | | 7 |
| | | | 1 | 4 | | D | | | | | 2 | | | E |
| 2 | 7 | D | | | 6 | | | 0 | | A | 1 | | | |
| | E | C | 2 | | | | | D | | | | | | |
| | | 2 | 3 | 7 | B | 4 | | | | 9 | | | | |
| 8 | | | | D | | C | 7 | | | B | | | | 4 |
| | 3 | | E | | | | | | | 5 | C | 8 | | 1 |
| | | 5 | | 6 | | | | 1 | E | | | | 2 | D |
| | B | | 6 | | 7 | 5 | | 9 | | | | E | | |
| 1 | 0 | | | | 3 | | | | | | | | | |
| | | | | | A | | | | | | | | 7 | 0 |
| E | | A | | | D | | | | B | 3 | | 4 | | 5 |
| D | | 6 | | | | B | | | | | 9 | 1 | 8 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 8 | 0 | 4 | D | 6 | E | 3 | 2 | 1 | C | 7 | 9 | A | 5 |
| 7 | 6 | E | A | C | 9 | 5 | 1 | 8 | 3 | B | D | 4 | 2 | 0 |
| C | 2 | A | 5 | 8 | 7 | 4 | 6 | B | 9 | 0 | E | D | 3 | 1 |
| 4 | 1 | 9 | 3 | 2 | 0 | C | 7 | D | A | 8 | 5 | E | 6 | B |
| D | 3 | 5 | B | 1 | E | 9 | 0 | A | 4 | 2 | 6 | 7 | 8 | C |
| 2 | 0 | B | 6 | 7 | 5 | 1 | 8 | 3 | D | 4 | A | C | E | 9 |
| 8 | 5 | 3 | C | E | D | 2 | 9 | 6 | 7 | 1 | 0 | B | 4 | A |
| 1 | 9 | C | 0 | B | 3 | A | D | 4 | 5 | E | 2 | 6 | 7 | 8 |
| 6 | 4 | 7 | 2 | 9 | A | B | E | 0 | 8 | 3 | C | 5 | 1 | D |
| A | E | D | 8 | 4 | 1 | 7 | 5 | C | 6 | 9 | B | 2 | 0 | 3 |
| 0 | B | 6 | 7 | A | 2 | 8 | C | 9 | E | D | 1 | 3 | 5 | 4 |
| 9 | 7 | 4 | D | 5 | 8 | 0 | 2 | E | B | A | 3 | 1 | C | 6 |
| 3 | D | 1 | E | 0 | 4 | 6 | A | 5 | C | 7 | 9 | 8 | B | 2 |
| 5 | A | 8 | 1 | 3 | C | D | B | 7 | 2 | 6 | 4 | 0 | 9 | E |
| E | C | 2 | 9 | 6 | B | 3 | 4 | 1 | 0 | 5 | 8 | A | D | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### 'ଭୂତାଣୁରୁ ରକ୍ଷା କରିବ ଅଶ୍ୱଗନ୍ଧା'

ମହାଶୟ,

ଧରିତ୍ରୀ(୧୬।୫)ରେ ପ୍ରକାଶିତ 'ଭୂତାଣୁରୁ ରକ୍ଷାକରିବ ଅଶ୍ୱଗନ୍ଧା' ବିଷୟରେ ଗବେଷଣା ଜାରି ରହିଛି ବୋଲି ଜାଣିବାକୁ ପାଇଲି। କରୋନା ଭୂତାଣୁ କ୍ଷେତ୍ରରେ ଏହା ସଫଳ ହେବା ପାଇଁ ବୈଜ୍ଞାନିକ ଓ ଗବେଷକମାନେ ଏହାର ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ଅଶ୍ୱଗନ୍ଧାକୁ ଇଂଲିଶରେ ଉଇଣ୍ଟର ଚେରି କହନ୍ତି। ଏହାର ବୈଜ୍ଞାନିକ ନାମ ୱିଥାନିଆ ସୋମନିଫେରା। ଅଶ୍ୱଗନ୍ଧା ଚେର ହିଁ ଔଷଧ ପ୍ରସ୍ତୁତିରେ ଅଧିକ ବ୍ୟବହାର ହୋଇଥାଏ। ଏତଦ୍ ବ୍ୟତୀତ ଏହାର ପତ୍ର, ବଲ୍କଳ, ଫଳ ଓ ମଞ୍ଜି ମଧ୍ୟ ଔଷଧ ଭାବେ ବ୍ୟବହୃତ ହୁଏ। ଅବସରପ୍ରାପ୍ତ ଡିଏଫ୍‌ଓ ଜେ.ବି. ଲୋବୋ ତାଙ୍କ ପୁସ୍ତକ 'Home Encyclopaedia'ର ପୃଷ୍ଠା-୩୮୫ରେ ଉଲ୍ଲେଖ କରିଛନ୍ତି, ଅଶ୍ୱଗନ୍ଧାକୁ ଜୀବାଣୁ ବିନାଶକାରୀ ଔଷଧ ରୂପେ ବ୍ୟବହାର କରାଯାଏ। ସରକାରଙ୍କ ନିକଟରେ ମୋର ବିଶେଷ ଅନୁରୋଧ ପ୍ରାଣଘାତୀ କରୋନା ଭୂତାଣୁକୁ କିପରି ଔଷଧ ଦ୍ୱାରା ପ୍ରତିରୋଧ କରାଯାଇପାରିବ ଓଡ଼ିଶାର ପ୍ରବୀଣ ଆୟୁର୍ବେଦ ଚିକିତ୍ସକମାନଙ୍କୁ ପ୍ରୋତ୍ସାହିତ କରିବା ନିହାତି ଆବଶ୍ୟକ।

-ସନ୍ତୋଷ କୁମାର ପଟ୍ଟନାୟକ, ଶଙ୍ଖପୁର, ବନ୍ତଳା, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସଙ୍ଗରୋଧ କେନ୍ଦ୍ରରେ ଶିଶୁକନ୍ୟା ଜନ୍ମ

**କେନ୍ଦ୍ରାପଡ଼ା ଅଫିସ/ମହାକାଳପଡା (ଡି.ଏନ୍.ଏ.), ୨୯।୫:** ଗୁଜରାଟର ସୁରଟ ଫେରନ୍ତା ଜଣେ ଗର୍ଭବତୀ ମହିଳା କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଜୟଚନ୍ଦ୍ରପୁର ସଙ୍ଗରୋଧ କେନ୍ଦ୍ରରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ମା' ଓ ଶିଶୁ ସୁସ୍ଥ ଅଛନ୍ତି। ସେମାନେ ଏବେ ମହାକାଳପଡା ସିଏଚ୍‌ସିରେ ଅଛନ୍ତି। ଏହି ବ୍ଲକ ବାରଡାଙ୍ଗ ପଞ୍ଚାୟତ ବାହାରସୁବଳା ଗ୍ରାମର ଶତ୍ରୁଘ୍ନ ନାୟକ ଦୀର୍ଘଦିନ ଧରି ସୁରଟରେ କାର୍ଯ୍ୟ କରୁଛନ୍ତି। ତାଲାବନ୍ଦ ଘୋଷଣା ପରେ ଶତ୍ରୁଘ୍ନ ଓ ତାଙ୍କ ଗର୍ଭବତୀ ସ୍ତ୍ରୀ ସବିତା ଶ୍ରମିକ ଟ୍ରେନରେ ଆସି ଗୁରୁବାର ପହଞ୍ଚିଥିଲେ। ତାଙ୍କୁ ଜୟଚନ୍ଦ୍ରପୁର ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ବେଳେ ଶୁକ୍ରବାର ସକାଳ ୫ଟାରେ ସ୍ୱାଭାବିକ ପ୍ରକ୍ରିୟାରେ ଶିଶୁ କନ୍ୟା ଜନ୍ମ ନେଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଆଶାକର୍ମୀ ସହଯୋଗ କରିଥିଲେ। ପରେ ସିଏଚ୍‌ସିକୁ ନିଆଯାଇଥିଲା।

### ଗୋଷ୍ଠୀ ସଂଘର୍ଷ: ୨ ଜେଲ ଗଲେ

**କୁଜଙ୍ଗ,୨୯।୫(ଡି.ଏନ.ଏ.):** କୁଜଙ୍ଗ ଥାନା ଅନ୍ତର୍ଗତ ପାରିଅଙ୍ଗ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପୋତା ଘଟଣାକୁ ନେଇ ଗତ ବୁଧବାର ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ ଜଣ ଜେଲ୍ ଯାଇଛନ୍ତି। କୁଜଙ୍ଗ ପୋଲିସ୍ ଗୋଟିଏ ପକ୍ଷ ଗଜେନ୍ଦ୍ର ସେଠୀଙ୍କ ଏତଲା କ୍ରମେ ଆଇପିସି ଦଫା ୩୦୭ ଓ ୩ ଏସ୍‌ସିଏସ୍‌ଟି ଆଟ୍ରୋସିଟି ଆକ୍ଟ ଅନୁଯାୟୀ ୧୧୬/୨୦ ନମ୍ବରରେ ମାମଲା ରୁଜୁ କରି ସେହି ଗ୍ରାମର ଗୋବିନ୍ଦ ନାୟକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେହିପରି ଅନ୍ୟ ଏକ ପକ୍ଷ ଗୋବିନ୍ଦ ନାୟକଙ୍କ ସ୍ତ୍ରୀ ସରସ୍ୱତୀ ନାୟକଙ୍କ ଏତଲା କ୍ରମେ ପୋଲିସ ଆଇପିସିର ୩୦୭ ସମେତ ଅନ୍ୟାନ୍ୟ ଦଫା ଅନୁଯାୟୀ ୧୧୭/୨୦ ନମ୍ବରରେ ମାମଲା ରୁଜୁ କରି ହିମାଂଶୁ ସେଠୀଙ୍କୁ କୋର୍ଟ ଚାଲାଣ କରିଛି। କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ଉଭୟ ଅଭିଯୁକ୍ତଙ୍କୁ ସମାଗୋଳ ଉପ କାରାଗାରକୁ ପଠାଇ ଦିଆଯାଇଛି। ହେଲେ ପୋଲିସ ଗୋଟିଏ ମାମଲାରେ ଏସ୍‌ସିଏସ୍‌ଟି ଆଟ୍ରୋସିଟି ଆକ୍ଟ ଲଗାଇ ପକ୍ଷପାତ କରୁଥିବା ଏବଂ ଅଭିଯୁକ୍ତଙ୍କୁ ବେଆଇନ ଭାବେ ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକ ରଖିଥିବା ଅଭିଯୋଗ ହୋଇଛି। ତଦନ୍ତକାରୀ ଅଧିକାରୀ ଦେବରାଜ ପ୍ରଧାନ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଏତଲାକୁ ଆଧାର କରି ଦଫା ଲଗାଯାଇଛି।

### ୪ ମଣିଷ ଖପୁରି ଜବତ



**ତିର୍ତ୍ତୋଲ,୨୯।୫(ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ପାଇକା ନଦୀ ପଠାରୁ କୃଷ୍ଣାନନ୍ଦପୁର ଫାଣ୍ଡି ପୋଲିସ ୪ଟି ମଣିଷ ଖପୁରି ଜବତ କରିଛି। ଏଥିସହ ସିନ୍ଦୂର ଲାଗିଥିବା କଳସ ଓ ପଇଡ଼ ମିଳିଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ନାନା କଥା ଆଲୋଚନା ହେଉଛି। ଏହି ଖପୁରି କିଏ ଏବଂ କାହିଁକି ଏଠାକୁ ଆଣିଲେ ସେ ସମ୍ପର୍କରେ ପୋଲିସ ଖୋଳତାଡ ଆରମ୍ଭ କରିଛି। ଗୁଣିଗାରେଡି କିମ୍ବା କୌଣସି ମାନସିକ ବିକୃତ ବ୍ୟକ୍ତି ଏହି କାର୍ଯ୍ୟ କରିଥିବା ପୋଲିସ ସନ୍ଦେହ କରୁଛି। ଫାଣ୍ଡି ଅଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି, ଅନୁସନ୍ଧାନ ଆରମ୍ଭ ହୋଇଛି। କିଛି ସୂଚନା ମିଳିଲେ ମାମଲା ରୁଜୁ କରାଯିବ।

# ବିମାନରେ କେରଳରୁ ଫେରିଲେ ୧୬୯ ମହିଳା

**ସହାୟତାର ହାତ ବଢ଼ାଇଲେ ବଲିଉଡ ଅଭିନେତା**

**କେନ୍ଦ୍ରାପଡ଼ା ଅଫିସ/ରାଜନଗର (ଡି.ଏନ୍.ଏ.), ୨୯।୫**

କେରଳର ଏର୍ନାକୁଲମରେ ଫସି ରହିଥିବା ୧୬୯ କର୍ମଜୀବୀ ମହିଳା ଶୁକ୍ରବାର କେନ୍ଦ୍ରାପଡ଼ା ଜିଲାକୁ ଫେରିଛନ୍ତି। ବଲିଉଡ ଅଭିନେତା ସୋନୁ ସୁଦ୍ ସହାୟତାର ହାତ ବଢାଇ ମହିଳାମାନଙ୍କୁ ବିମାନରେ ପଠାଇବା ବ୍ୟବସ୍ଥା କରିଥିଲେ। ସେମାନଙ୍କୁ ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। କେରଳର ଏର୍ନାକୁଲମ ଜିଲା କିଝାସ୍କାମ୍ବଲମ୍ ଆଲୱେସ୍ଥିତ କିଟେକ୍ସ ଗାର୍ମେଣ୍ଟ କମ୍ପାନୀରେ ଏହି ମହିଳାମାନେ କାର୍ଯ୍ୟ କରୁଥିଲେ। ଦେଶରେ ତାଲାବନ୍ଦ ଘୋଷଣା ପରେ କମ୍ପାନୀ ବନ୍ଦ ହୋଇଯାଇଥିଲା। ମହିଳାମାନେ ଅର୍ଥ ନ ଥିବାରୁ ଘରକୁ ଫେରିପାରୁ ନ ଥିବା ଦର୍ଶାଇ ରାଜନଗର ବ୍ଲକ କଣ୍ଡିରା ସରପଞ୍ଚ ଦୀପ୍ତିମୟୀ ବେହେରାଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ଗତ ୫ ତାରିଖ ଧରିତ୍ରୀରେ ଖବର ପ୍ରକାଶ ପରେ ପୂର୍ବତନ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ପ୍ରମୁଖ ମହିଳାଙ୍କୁ ରାଜ୍ୟକୁ ଫେରାଇଆଣିବା ପାଇଁ କେରଳ ସରକାରଙ୍କୁ ନିବେଦନ କରିଥିଲେ। ତେବେ ବହୁଦିନ ଧରି ମହିଳାମାନେ କେରଳରେ ଫସିରହିଥିବା ଜାଣି ବଲିଉଡ ଅଭିନେତା ସୋନି ସୁଦ୍ ସେମାନଙ୍କ ପାଇଁ ବିମାନରେ ଫେରିବା ବ୍ୟବସ୍ଥା କରିଥିଲେ। ଭୁବନେଶ୍ୱରରେ ମହିଳାମାନେ ପହଞ୍ଚିବା ପରେ ଜିଲାକୁ ବସ୍ ଯୋଗେ ଅଣାଯାଇଛି। ସିନେଷ୍ଟାର ସୋନୁ ସୁଦ୍‌ଙ୍କ ଏହି ମହନୀୟ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। କେନ୍ଦ୍ରାପଡା ଜିଲାରେ ୨୦୦୯ ମସିହାରେ ବଲିଉଡ ସିନେଷ୍ଟାର ଶାହରୁଖ ଖାନ ଏହି ଧରଣର ସହଯୋଗ କରିଥିଲେ। ବିଦ୍ୟୁତ୍ ବ୍ୟବସ୍ଥା ନ ଥିବା ସାତଭାୟା ଅଞ୍ଚଳରେ ୩୮୫ ଜଣଙ୍କ ଗୃହ ପାଇଁ ସୋଲାର ଲାଇଟ୍ ପ୍ରଦାନ କରିଥିଲେ।



ବସ୍‌ରେ କେନ୍ଦ୍ରାପଡା ଫେରୁଥିବା ମହିଳା।



ବେଲ, ନିମ୍ବ, ତୁଳସୀ, ଚନ୍ଦନ କାଠ ସହ ଗୁଆ, ଦୁବଘାସ ଆଦିକୁ ବ୍ୟବହାର କରି ବାଲୁକା ଶିଳ୍ପୀ ସୁବଳ ମହାରଣା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ ପାଇଁ ତିଆରି କରିଥିବା ୧ ଇଞ୍ଚରୁ କମ୍ ଉଚ୍ଚର ରଥ।

# ଖାଦ୍ୟାଭାବରୁ ଯାଯାବର ବୃଦ୍ଧ ମୃତ

- ୫ ଦିନ ହେବ ପେଟକୁ ଯାଇ ନ ଥିଲା ଦାନା
- ପୋଲିସ କହିଲା ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ

**ଅନୁଗୋଳ ଅଫିସ, ୨୯।୫**

ଅନୁଗୋଳ ଷ୍ଟାଡିୟମ ପରିସରରେ ରହୁଥିବା ଜଣେ ଯାଯାବର ବୃଦ୍ଧ କାର୍ତ୍ତିକା ସେକରା(୭୫)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ଖାଦ୍ୟାଭାବ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ସ୍ତ୍ରୀ ରାନୀ ସେକରା ଅଭିଯୋଗ କରିଛନ୍ତି। କିନ୍ତୁ ଅନୁଗୋଳ ପୋଲିସ ପକ୍ଷରୁ ଏହା ବାର୍ଦ୍ଧକ୍ୟ ରୋଗ ଜନିତ ମୃତ୍ୟୁ ବୋଲି କୁହାଯାଇଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଅନୁଗୋଳ ପୋଲିସ କହିଛି।

ଅନୁଗୋଳ ସହରରେ ରହୁଥିବା ଯାଯାବର ସମ୍ପ୍ରଦାୟର ଲୋକମାନଙ୍କୁ କିଛିମାସ ତଳେ ପୋଲିସ ପକ୍ଷରୁ ଷ୍ଟାଡିୟମ ପରିସରରେ ରଖାଯାଇଥିଲା। ତେବେ ଲକ୍‌ଡାଉନ୍ ଯୋଗୁ ସମ୍ପୃକ୍ତ ଯାଯାବରମାନେ କାମ ଧନ୍ଦା ହରାଇଥିଲେ। ଫଳରେ ପ୍ରଶାସନ ଓ ସାମାଜିକ ସଂସ୍ଥାଗୁଡ଼ିକ କିଛିଦିନ ସେମାନଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଥିଲେ। କିନ୍ତୁ ପରେ ପ୍ରଶାସନ ସେମାନଙ୍କୁ କେବଳ ଚାଉଳ ଓ କିଛି ଶୁଖିଲା ଖାଦ୍ୟ ଦେଉଥିଲା। ଏହି ସହାୟତା ସେଠାରେ ରହୁଥିବା ଶତାଧିକ ଯାଯାବରଙ୍କୁ ପର୍ଯ୍ୟାପ୍ତ ହେଉ ନ ଥିଲା ବୋଲି ମୃତ କାର୍ତ୍ତିକା ସେକରାଙ୍କ ସ୍ତ୍ରୀ ରାନୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ମିଳୁଥିବା ଶୁଖିଲା ଖାଦ୍ୟ ତାଙ୍କ ବୟସ୍କ ସ୍ୱାମୀ ଖାଇପାରୁ ନ ଥିଲେ। ଏ ନେଇ ସେ ପ୍ରଶାସନର ବାବୁମାନଙ୍କୁ କହିଥିଲେ। ହେଲେ କେହି ଶୁଣିଲେ ନାହିଁ। କାର୍ତ୍ତିକା ୫ ଦିନ ହେବ କିଛି ଖାଇ ନ ଥିଲେ। ଶୁକ୍ରବାର ସକାଳୁ ସେ ନ ଉଠିବାରୁ ପୋଲିସକୁ ଖବର ଦେଇଥିଲୁ। ମେଡିକାଲକୁ ନେବା ପରେ ଡାକ୍ତର କାର୍ତ୍ତିକାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି, ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଯୁବପିଢ଼ି ଉପରେ କୁପ୍ରଭାବ ପକାଉଛି ଟିକ୍‌ଟକ୍

- ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ
- ଏଭଳି ଆପ୍ ଉପରେ ସରକାର ଅଙ୍କୁଶ ଲଗାଇବାକୁ ନିର୍ଦ୍ଦେଶ

**କଟକ ଅଫିସ,୨୯।୫**

ଚାଇନିଜ୍ ମୋବାଇଲ ଆପ୍ଲିକେସନ୍ ଟିକ୍‌ଟକ୍‌କୁ ନେଇ ଯେଉଁ ବିବାଦ ଲାଗି ରହିଛି, ସେହି କ୍ରମରେ ଶୁକ୍ରବାର ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଟିକ୍‌ଟକ୍ ଦ୍ୱାରା ଯୁବପିଢ଼ି ଉପରେ ନକରାତ୍ମକ ପ୍ରଭାବ ପଡୁଛି। ଏହି ଆପ୍ଲିକେସନ୍ ଦ୍ୱାରା ଅଶ୍ଳୀଳତା ଓ ଅପସଂସ୍କୃତିର ପ୍ରଚାର କରାଯାଉଛି। ତେଣୁ ସରକାର ଏହାର ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ କହିଛନ୍ତି। ସମ୍ବଲପୁରର ଏକ ଆତ୍ମହତ୍ୟା ଘଟଣାର ଶୁଣାଣି ବେଳେ ଉପରୋକ୍ତ ରାୟ ଆସିଛି।

ମାମଲା ଅନୁଯାୟୀ, ସମ୍ବଲପୁର ଜିଲା ଧନୁପାଲି ଅଞ୍ଚଳର ଜଣେ ଯୁବକ ଗତ ଜୁଲାଇ ୧୩ରେ ଆତ୍ମହତ୍ୟା କରିଥିଲେ। ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଏକ ଟିକ୍‌ଟକ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ସେ ଆତ୍ମହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏହି ଘଟଣାରେ ତାଙ୍କ ସ୍ତ୍ରୀ ଗତ ଜାନୁୟାରୀ ୧୪ରେ ଗିରଫ ହେବା ପରେ ଜାମିନ ଖାରଜ ହେବା ଯୋଗୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଥିଲା। ଜାମିନ ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ପାଣିଗ୍ରାହୀ ଏହାର ଶୁଣାଣି କରି କହିଥିଲେ ଯେ, ଆତ୍ମହତ୍ୟା ପଛରେ ଟିକ୍‌ଟକ୍ ଭିଡିଓ ଏକ ପ୍ରମୁଖ କାରଣ ଥିବା ତଦନ୍ତକାରୀ ଅଧିକାରୀ ଜାଣିବାକୁ ପାଇଛନ୍ତି। ଟିକ୍‌ଟକ୍ ଭିଡିଓ ଯୋଗୁ ପୀଡ଼ିତ ମାନସିକ ଚାପରେ ରହିଥିଲେ ବୋଲି ସ୍ପଷ୍ଟ ହେଉଛି। ଏଥିରେ ଅନେକ ପ୍ରକାର ଆପତ୍ତିଜନକ ବିଷୟବସ୍ତୁ ରହୁଛି। ଏହି ଆପ୍‌ରେ ଅପସଂସ୍କୃତି ଓ ଅଶ୍ଳୀଳତାକୁ ପ୍ରୋତ୍ସାହନ ଦିଆଯାଉଛି। ଯୁବପିଢ଼ି ଏହାର ଶିକାର ହେଉଥିବା ଯୋଗୁ ସେମାନଙ୍କୁ ଏଥିରୁ ବଞ୍ଚାଇବା ପାଇଁ ସରକାର ତୁରନ୍ତ ଏହି ଆପ୍‌ର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଯେଉଁ କମ୍ପାନିମାନେ ଏଭଳି ଆପ୍ ପ୍ରସ୍ତୁତ କରୁଛନ୍ତି, ସରକାର ସେମାନଙ୍କ ଉପରେ ଅଙ୍କୁଶ ଲଗାନ୍ତୁ। ଆଇଟି ଆକ୍ଟ-୨୦୦୦ରେ ଯେଉଁ ଧାରା ରହିଛି, ତାହା ଏଭଳି ଅପରାଧକୁ ରୋକିବାରେ ଯଥେଷ୍ଟ ନୁହେଁ। ଯେଉଁ ପୋଲିସ ଅଧିକାରୀ ଏଭଳି ଅପରାଧର ତଦନ୍ତ କରୁଛନ୍ତି, ସେମାନେ ଉପଯୁକ୍ତ ତାଲିମପ୍ରାପ୍ତ ନୁହନ୍ତି। ସେମାନଙ୍କ ପାଖରେ ସାଇବର୍ ଅପରାଧ ବିଷୟରେ ଯଥେଷ୍ଟ ଧାରଣା ନାହିଁ। ଅନ୍ୟପକ୍ଷରେ ଉପରୋକ୍ତ ମାମଲାରେ ପୀଡ଼ିତଙ୍କ ସ୍ତ୍ରୀ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିବାର ପ୍ରମାଣ ନ ଥିବା ଯୋଗୁ ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଡିସନାଲ୍ ଷ୍ଟାଣ୍ଡିଂ କାଉନସେଲ୍ ଏ.କେ. ବେଉରା ମାମଲା ପରିଚାଳନା କରୁଥିଲେ।

## ବନ୍ଦେ ଉତ୍କଳ ଜନନୀ ଗାନ ପ୍ରସ୍ତାବକୁ ବିରୋଧୀଙ୍କ କଟାକ୍ଷ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବନ୍ଦେ ଉତ୍କଳ ଜନନୀ ଗାନ ଆହ୍ୱାନ ପ୍ରସ୍ତାବକୁ ଭାଜପା ନେତା ବିଜୟ ମହାପାତ୍ର କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଲୋକସେବା ଭବନ ସମ୍ମୁଖରେ ସାମାଜିକ ଦୂରତା ରଖି ସମସ୍ତ ଦଳର ନେତାଙ୍କ ସହିତ ଛିଡା ହୋଇ ମୁଖ୍ୟମନ୍ତ୍ରୀ ବନ୍ଦେ ଉତ୍କଳ ଜନନୀ ଗାନ କରନ୍ତୁ। କୌଣସି ବୈଷୟିକ ସହାୟତା ନ ନେଇ ନିଜେ ଗୀତ ବୋଲନ୍ତୁ। ତେବେ ସମସ୍ତେ ଉପସ୍ଥିତ ରହିବୁ ଓ ତାଙ୍କ ସହ ସ୍ୱର ମିଳାଇବୁ ବୋଲି ସେ କହିଛନ୍ତି। ଅନ୍ୟପଟେ ଭାଜପା ଏବଂ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱାଗତ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ୨୦ବର୍ଷ ଭିତରେ ପ୍ରଥମ ଥର ଲାଗି ମୁଖ୍ୟମନ୍ତ୍ରୀ ବିରୋଧୀଙ୍କ ସହଯୋଗ ଲୋଡ଼ିଛନ୍ତି। ସେ ଏହାକୁ ସମ୍ମାନ ଜଣାଉଛନ୍ତି। ମୁଖ୍ୟମନ୍ତ୍ରୀ ଅନୁରୋଧକୁ ରକ୍ଷା କରି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ପିସିସି ସଭାପତି ସୂଚନା ଦେଇଛନ୍ତି।

## ବସ୍ ମାଲିକଙ୍କୁ ୩ ମାସର ରୋଡ୍ ଟ୍ୟାକ୍ସ ଛାଡ଼

**ଭୁବନେଶ୍ୱର, ୨୯।୫(ବ୍ୟୁରୋ):** ଯାତ୍ରୀବାହୀ ଗାଡ଼ିଗୁଡ଼ିକ ଲାଗି ରାଜ୍ୟ ସରକାର ୩ ମାସର ରୋଡ୍ ଟ୍ୟାକ୍ସ ଛାଡ କରିଛନ୍ତି। ଏନେଇ ଶୁକ୍ରବାର ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏପ୍ରିଲ, ମେ ଏବଂ ଜୁନ୍ ମାସର ରୋଡ୍ ଟ୍ୟାକ୍ସ ଛାଡ ଲାଗି ଘୋଷଣା କରାଯାଇଛି। ଲକ୍‌ଡାଉନ ଯୋଗୁ ଗାଡି ମାଲିକ ଟ୍ୟାକ୍ସ ଛାଡ ପାଇଁ ଦାବି କରିଥିଲେ। ଏନେଇ ବସ୍ ମାଲିକ ସଂଘ ପକ୍ଷରୁ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସହ ଆଲୋଚନା ହୋଇଥିଲା। ଦାବି ମୁତାବକ ରାଜ୍ୟ ସରକାର ବସ୍ ମାଲିକଙ୍କୁ ୩ ମାସର ରୋଡ୍ ଟ୍ୟାକ୍ସ ଛାଡ କରିଛନ୍ତି।

## ଲୋକସେବା ଭବନ ପରିସରରୁ ହଟାଗଲା ଗାଡ଼ି

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

'ବନ୍ଦେ ଉତ୍କଳ ଜନନୀ' ଗାନ ଲାଗି ଲୋକ ସେବା ଭବନରେ ପ୍ରସ୍ତୁତି ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ବେଳେ ସାମାଜିକ ଦୂରତ୍ୱ ରକ୍ଷା ଏବଂ ଅନ୍ୟ ପ୍ରୋଟକଲ ପାଳନ ପ୍ରତି ଗୁରୁତ୍ୱ ଦେଇ ଏଠାରେ ରହୁଥିବା ଗାଡ଼ିଗୁଡ଼ିକୁ ଶୁକ୍ରବାରଠାରୁ ହଟାଇ ଦିଆଯାଇଛି। ଶନିବାର ସନ୍ଧ୍ୟା ସାଢ଼େ ୬ଟା ଯାଏ ଭବନ ପରିସରରେ କୌଣସି ଗାଡି ପାର୍କିଂ କରିହେବ ନାହିଁ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଚାରିଚକିଆ ଯାନଗୁଡ଼ିକୁ ଗେଟ୍ ନମ୍ବର ୫ ବାହାରେ ଥିବା ପାର୍କିଂ ଅଞ୍ଚଳ, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ ନିକଟ, ଓଏସ୍‌ଆରଟିସି ଗ୍ୟାରେଜ, ଜୟଦେବ ଭବନ, ଆଇଜି ପାର୍କ ସମ୍ମୁଖ ଖାଲି ସ୍ଥାନ, ପାଣି ଟାଙ୍କି ଅଫିସ ଏବଂ ଇଡକଲ ଅଡିଟୋରିୟମ ପାଖରେ ରଖିବାକୁ ପରାମର୍ଶ ଦିଆଯାଇଛି। ଦୁଇ ଚକିଆ ଯାନଗୁଡ଼ିକୁ ଗେଟ୍ ନମ୍ବର ୫ ବାହାରେ ଥିବା ଖାଲି ସ୍ଥାନ, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ ସମ୍ମୁଖ ଏବଂ ଏଜି ଛକସ୍ଥିତ ଟ୍ରାଫିକ ପୋଲିସ ଥାନା ପଛପଟ ଅଞ୍ଚଳରେ ପାର୍କିଂ କରିବାକୁ କୁହାଯାଇଛି।


## STATE SELECTION BOARD
## DEPARTMENT OF HIGHER EDUCATION
BHUBANESWAR - 09

### NOTICE

Letter No. SSB(F.X) 06/2018 430/SSB Date: 26.05.2020

**Advertisement No. 003/18**

No.: N-9: The following candidate in subject Sanskrit is provisionally selected for the Post of Lecturer in Non govt. Aided Colleges of Odisha (**Adv. No. 003/2018**). This result is subject to the outcome of final decision in W.P. (C) No. 20253 of 2018 and W.P.(C) No. 20258 of 2018.

| Subject | Category | Selected under Category | Sub-Category | No. of Posts | Roll No. of Candidate Selected |
|---|---|---|---|---|---|
| Sanskrit | UR(W) | PwD | LV | 01 | BH2400422 |

By order of President
**Sd./- Secretary**
**OIPR-11015/11/0003/2021**

GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS CIRCLE, CUTTACK
**E-mail: serw_ctc@yahoo.com**

**No.: Tender Online RWC: 02-2020** **Date: 21.05.2020**
**No.: O-63**

**e-Procurement NOTICE**

1. Name of the Work : Construction of Road and Bridge Works.
2. Class of Contractor :
   a) Estimated cost more than Rs.3.00 Crore & upto Rs.6.00 Crores — a) A Class & Special Class (Of Odisha PWD) relevant Class of other licensing authorities
   b) Estimated cost more than Rs.40.00 Lakhs & upto Rs.3.00 Crores — b) B Class & A Class (of Odisha PWD) relevant Class of other licensing authority
3. Time for Completion : Noted against the work as per Annexure
4. Summary for key dates is provided below :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Cuttack | Tender Online RWC 02-20 | 01.06.2020 at 11 A.M. | 17.06.2020 upto 5.00 P.M. | 16.06.2020 upto 2.00 P.M. | 18.06.2020 at 11.00 A.M. | Will be intimated later |

Further details can be seen from the website **www.tendersorissa.gov.in** for Non-PMGSY works.
**OIPR-25097/11/0001/2021** **Sd./- Superintending Engineer, Rural Works Circle, Cuttack**

GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA
**(E-mail ID: cceabp-eicwr.od@nic.in/loabp-eicwr.od@nic.in)**

**No.: A-81**
**E-Procurement Notice No. CCEABP-01 of 2020 - 21**

| E-Procurement Officer | Name of the Work | Bid Id No. | Tender Cost in Lakhs (Approx.) | Bid Security in Lakhs (Online) | Cost of Bid Document (Online) | Class of Contractor | Period of Completion | Availability of tender online for bidding | | Date of Opening of Technical Bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer A.B. Project, Salapada | Construction of Five (5) Nos. of Drainage Sluice at RD 825M, 1040M, 3300M, 3465M & 6825M of Baitarani Right Embankment from Batto to Ranapur | ABP-BAID-01 /1 of 2020-21 | 619.95 | 6.20 | 10,000/- | Spl. & Super Class | 09 Calendar Months | 02.06.20 11.30 A.M. | 19.06.20 17.00 P.M. | 20.06.20 11.30 A.M. |
| Chief Construction Engineer A.B. Project, Salapada | Improvement to Flood Protection Embankment cum Ring Road on Baitarani Left from RD 00 to 2110m including Bank Protection Work. | ABP-BAID-01 /2 of 2020-21 | 257.25 | 2.58 | 10,000/- | B & A | 04 Calendar Months | | | |

Further details can be seen from the Govt. website **www.tendersorissa.gov.in / www.dowrodisha.gov.in** Addendum/Corrigendum/Cancellation if any required will be published in Govt. website only.
**Sd./- Chief Construction Engineer, Anandapur Barrage Project, Salapada**
**OIPR-32180/11/0001/2021**

## DISTRICT PROJECT OFFICE
### SAMAGRA SHIKSHA, NABARANGPUR
**No.: 1005 SC/ST/2020** **Date: 28.05.2020**

**TENDER FOR PRINTING AND SUPPLY OF Teacher's ID Cards to Elementary Teachers of Govt. Schools of Nabarangpur District**

Sealed tenders under two bid sytem are invited in prescribed format from the registered Offset Printing Firms for printing and supply of Teacher's ID Cards. The details of the tender paper along with the Terms & Conditions can be downloaded from website **www.opepa.in** or **www.nabarangpur.nic.in** from 10.00 A.M. of Dt.29.05.2020 to 5.30 P.M. of Dt.29.06.2020. The tender shall be opened at 11 A.M. on Dt.30.06.20 in the Office of the District Project Coordinator, Samagra Shiksha, Nabarangpur in the presence of the bidders or their authorized representatives.

By order of Collector-cum-Chairperson
**Sd./- District Project Coordinator**
**RTE-SS, Nabarangapur**

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janapath, Bhubaneswar-751022
OPTCL Lifeline of Odisha
**OFFICE OF THE G.M. (ELECT.) E.H.T.(O&M) CIRCLE, JAJPUR ROAD**
AT-TTS COLONY, PO- SOBRA, JAJPUR ROAD, DIST.- JAJPUR, PIN- 755019 (ODISHA)
PHONE/FAX NO.: - 06726-220965 (off) (off) E-mail: ehtm.cle.jjp@optcl.co.in
CIN-U40102OR2004SGC007553

No.Tech/OT-02 (20-21)/419 Date: 29.05.2020

**TENDER CALL NOTICE NO.No.-02/2020-21**

Sealed tenders are invited from the HT Electrical Contractors having both HT Electrical licence from E.L.B.O., Govt of Odisha & Civil Contractor licence issued by Govt. of Odisha/Military/ Railways along with valid IT PAN Card GST registration, up to date GST return certificate & experience certificate if any for the work of 'Protection of tower by Temporary Banboo Jafree with sand bags laying on right bank of river Katra near village Asana at location no.91 of 132KV PGCIL (Kuchei)- Bangiriposi SC line under EHT (O&M) Division, Baripada. Cost of Tender paper Rs.2,240/- (including GST), EMD=Rs.3,000/-. Sale of tender documents from **dt.30.05.2020 to 08.06.2020. Last date of submission of tender: - 09.06.2020 upto 1.00 P.M. Date of opening of tender is 09.06.2020 at 3.00 P.M.** For details visit our website : www.optcl.co.in Corrigendum/addendum if any will be published in the OPTCL website only.

**Sd./- General Manager (Elect.)**
**EHT (O&M) Circle, Jajpur Road**

## DISTRICT EDUCATION OFFICE, SAMBALPUR
### (DISTRICT PROJECT MANAGEMENT UNIT, MID DAY MEAL)
**No.: 4041/MDM** **Dt.28.05.2020**

**SHORT TENDER CALL NOTICE**

Sealed tenders are invited in the prescribed format from the intending **Individual/Firm/Agents** having agent's licnece for transportation of foodstuff (rice) under MDM feeding programme from OSCSC RRC Godowns to different School points of different blocks of Sambalpur district without transit during the session 2020-21. The detailed tender papers and documents can be obtained from the District Project Management Unit, MDM, which is functioning in the Office of the District Education Officer, Sambalpur on payment of **Rs.10,000/-** (Rupees ten thousand) only (non-refundable) in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, MDM, Sambalpur"**. The details of the tender notice and other documents are available in office website **http://sambalpur.nic.in** of Sambalpur district.

Date of Commencement of Sale of Tender Document : Dt.01.06.2020
Last date of Sale of Tender Document : Dt.12.06.2020
Last date & time of receipt of Tender Documents : Dt.18.06.2020 (12.00 Noon)
Date & Time of Opening of Tender Documents : Dt.18.06.2020 (2.30 P.M.)

Notwithstanding anything contained to the contrary in the tender document, the undersigned reserves the right to cancel/ modify the "Invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

**Sd./- District Education Officer, Sambalpur**

अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019

F.No. J-11028(079/2019-20/S&P Date: 29-05-2020

**E-TENDER CALL NOTICE**

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"(1) G.I. Surgery Set, (2) Laparoscopic Hand Instrument Set (3) Biosafety Cabinet Class-II type B-2 at AIIMS, Bhubaneswar"** in Two Bid System". The e-tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/ Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.

Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.

Sd/-
**Sr. Procurement-Cum Store Officer**
**AIIMS, Bhubaneswar**

## ତହସିଲ କାର୍ଯ୍ୟାଳୟ, ପାଟଣାଗଡ
ବିଜ୍ଞପ୍ତି ସଂଖ୍ୟା 1681/ ତାରିଖ 29.05.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ପାଟଣାଗଡ ତହସିଲ ଅନ୍ତର୍ଗତ ୦୪ ଗୋଟି ଲଘୁଖଣିଜ ଉତ୍ସଗୁଡିକର ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ୨୦୨୦-୨୧ ଆର୍ଥିକବର୍ଷଠାରୁ ୨୦୨୫-୨୬ ପର୍ଯ୍ୟନ୍ତ ଲିଜ୍ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rule-2016ର Form-M ପୂରଣ କରି ଏହାର ତିନି କପି ସହିତ ୧୦୦୦.୦୦ ଟଙ୍କାର ଟ୍ରେଜେରି ଚାଲାଣ, ଆବେଦନ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା, ମାଇନିଂ ଦେୟ ବାକି ନ ଥିବା ଏକ ସତ୍ୟପାଠ, ସଲଭେନ୍‌ସି ସାର୍ଟିଫିକେଟ, Income Tax Clearance /I.T. Returnର ନକଲ, ଅନ୍ୟାନ୍ୟ ଦକ୍ଷତା ଜ୍ଞାନ ଇତ୍ୟାଦିର ସାର୍ଟିଫିକେଟ ସଂଲଗ୍ନ କରି (sealed cover)ରେ ଆବେଦନ କରିବେ, ଯାହା କି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୦୮।୦୬।୨୦୨୦ ଠାରୁ ୧୨।୦୬।୨୦୨୦ ରିଖ ଦିନ ୧୦.୦୦ ଘ. ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Boxରେ ପକାଇବେ ଏବଂ ତା୧୨।୦୬।୨୦୨୦ରିଖ ଅପରାହ୍ନ ୧୦.୩୦ ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ। ଯେଉଁ ସୈରାତ ଉତ୍ସଗୁଡିକ ପ୍ରଥମ ଦିନ ଚୂଡାନ୍ତ ହୋଇ ପାରିବ ନାହିଁ ସେହି ଉତ୍ସଗୁଡିକ ପାଇଁ ଦ୍ୱିତୀୟ ଥର ପାଇଁ ତା୧୬।୦୬।୨୦୨୦ରୁ ୧୮।୦୬।୨୦୨୦ରିଖ ଦିନ ୧୨.୦୦ ଘ. ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯିବ ଓ ତା ୧୮।୦୬।୨୦୨୦ରିଖ ଦିନ ଘ. ୧୨.୩୦ ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ ଏବଂ ଯେଉଁ ସୈରାତ ଉତ୍ସଗୁଡିକ ଦ୍ୱିତୀୟ ଦିନ ଚୂଡାନ୍ତ ହୋଇ ପାରିବ ନାହିଁ ତାହା ତୃତୀୟଥର ପାଇଁ ତା୨୪।୦୬।୨୦୨୦ରୁ ୨୬।୦୬।୨୦୨୦ରିଖ ଦିନ ୧୨.୦୦ ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯିବ ଓ ୨୬।୦୬।୨୦୨୦ରିଖ ଦିନ ଘ.୧୨.୩୦ ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ। ସର୍ତ୍ତାବଳୀ ଓ ସବିଶେଷ ବିବରଣୀ website : www.balangir.nic.inରେ କିମ୍ବା ପାଟଣାଗଡ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଟେ।

ସ୍ୱା./- ତହସିଲଦାର, ପାଟଣାଗଡ

ଧରିତ୍ରୀ
DHARITRI
ଶନିବାର, ୩୦ ମେ, ୨୦୨୦



## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ

**ବ୍ରହ୍ମଗିରି, ୨୯।୫(ଡି.ଏନ.ଏ):** ଅରଖକୁଦା ଥାନା ଗୋପୀନାଥପୁର ଗ୍ରାମରେ ଗୁରୁବାର ରାତିରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଉକ୍ତ ଗ୍ରାମର ସତ୍ୟ ଜେନା(୪୬) ରାତି ୧୨ଟାରେ ପରିସ୍ରା କରିବାକୁ ବାହାରକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ତଳେ ପଡ଼ିଯାଇଥିଲେ। ପରିବାର ଲୋକ ଘର କବାଟ ଖୋଲାଥିବା ଦେଖି ବାହରକୁ ଯିବାବେଳେ ସତ୍ୟ ଅଚେତ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ଶ୍ରୀକ୍ଷେତ୍ରରେ ପହଞ୍ଚିଲା ବାସୁଙ୍ଗା ପାଟ



**ପୁରୀ ଅଫିସ, ୨୯।୫:** ଶ୍ରୀଅଙ୍ଗ ସୁରକ୍ଷା ପାଇଁ ବ୍ୟବହାର କରାଯାଉଥିବା ବାସୁଙ୍ଗା ପାଟ ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ଶୁକ୍ରବାର କଟକ ତିଗିରିଆ ନୂଆପାଟଣା ଅଞ୍ଚଳରୁ ଏକ ଗାଡ଼ିରେ ୨ କୁଇଣ୍ଟାଲ ୫୨ କେଜି ବାସୁଙ୍ଗା ପାଟ ଅଣାଯାଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଖାଯାଇଛି। ନୂଆପାଟଣା ଟସର ବ୍ୟବସାୟୀଙ୍କୁ ବାସୁଙ୍ଗା ପାଟ ପାଇଁ ମନ୍ଦିର ପ୍ରଶାସନ ବରାଦ ଦେଇଥିଲା। ପୂର୍ବରୁ ଏହି ପାଟର ସାମ୍ପୁଲ ଚିହ୍ନଟ ଲାଗି ବାଡଗ୍ରାହୀ ସେବକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତମାନର ପାଟ ଅନୁଧାନ ପରେ ପ୍ରଶାସନ କିଣିବା ଲାଗି ବରାଦ ଦେଇଥିଲା। ସେହି ମୁତାବକ ଏହି ପାଟ ପହଞ୍ଚିଛି। ଅଣସର ସହିତ ଅନ୍ୟ ସମୟରେ ହେଉଥିବା ବିଭିନ୍ନ ଗୁପ୍ତ ସେବାରେ ବାସୁଙ୍ଗା ପାଟ ବ୍ୟବହାର କରାଯାଏ।

### ଆଜିଠୁ ସଙ୍ଗରୋଧରେ ରହିବେ ଘଣ୍ଟୁଆ ସେବକ

**ପୁରୀ ଅଫିସ, ୨୯।୫:** ଚଳିତବର୍ଷ ସର୍ବନିମ୍ନ ସେବକଙ୍କ ଦ୍ୱାରା ସ୍ନାନଯାତ୍ରା ନୀତିକାନ୍ତି କରାଯିବାକୁ ନିଷ୍ପତ୍ତି ନେଇଛି ଶ୍ରୀମନ୍ଦିର ପ୍ରଶାସନ। ତେଣୁ ସମ୍ପୃକ୍ତ ୧୦ ନିଯୋଗକୁ ସେବାୟତଙ୍କ ତାଲିକା ମଗାଯାଇଛି। ସେଗୁଡ଼ିକ ମଧ୍ୟରେ ଘଣ୍ଟୁଆ ନିଯୋଗ ଅନ୍ୟତମ। ପୁରୀ ଓ କଟକ ଭଟିମୁଣ୍ଡାର ଘଣ୍ଟୁଆମାନେ ସ୍ନାନଯାତ୍ରାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିରେ ସାମିଲ ହୋଇଥାନ୍ତି। ଏଥର ସ୍ନାନଯାତ୍ରାରେ ପୁରୀ ଓ ଭଟିମୁଣ୍ଡାରୁ ୨୫ଜଣ ଲେଖାଏ ଘଣ୍ଟୁଆ ସେବକ ସାମିଲ ହେବେ। ଶନିବାରଠାରୁ ଭଟିମୁଣ୍ଡାର ୨୫ ଘଣ୍ଟୁଆ ସେବକ ନୀଳାଦ୍ରି ଭକ୍ତନିବାସରେ ସଙ୍ଗରୋଧରେ ରହିବେ। ସେମାନଙ୍କର କୋଭିଡ୍ ଟେଷ୍ଟ ଲାଗି ସ୍ୱାବ ସଂଗ୍ରହ ହେବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

# ଭାଙ୍ଗିଲା ୭ଶହ ବିଦ୍ୟୁତ୍‌ଖୁଣ୍ଟ, ୩୦ ଟ୍ରାନ୍ସଫର୍ମର

## କାଳବୈଶାଖୀ ତାଣ୍ଡବ

**ନିମାପଡ଼ା/ଗୋପ, ୨୯।୫(ଡି.ଏନ.ଏ.)**

ଓଡ଼ିଶାର କେତେକ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଅଚାନକ ପ୍ରବଳ ପବନ, ବିଜୁଳି ମାରିବା ସହ ବର୍ଷା ହୋଇଥିଲା। ବିଜୁଳିର ଶବ୍ଦ ଏତେ ଭୟାନକ ଥିଲା ଯେ ଲୋକଙ୍କ ନିଦ ଭାଙ୍ଗି ଦେବା ସହ ଭୟଭୀତ କରିଦେଇଥିଲା। ଏହି କାଳବୈଶାଖୀ ପ୍ରଭାବରେ ନିମାପଡ଼ା ବିଦ୍ୟୁତ୍ ବିଭାଗର ବହୁ କ୍ଷତି ଘଟିଛି। ୧ଶହରୁ ଊର୍ଦ୍ଧ୍ୱ ୧୧ ଓ ୧୩କେଭି ବିଦ୍ୟୁତ୍‌ଖୁଣ୍ଟ, ୬ଶହରୁ ଊର୍ଦ୍ଧ୍ୱ ଏଲ୍‌ଟି ଲାଇନ ବିଦ୍ୟୁତ୍‌ଖୁଣ୍ଟ ଏବଂ ୩୦ଟି ଟ୍ରାନ୍ସଫର୍ମର ଭାଙ୍ଗିରୁଜି ଯାଇଛି। ଫଳରେ ନିମାପଡ଼ା ଅଞ୍ଚଳରେ ବିଦ୍ୟୁତ୍ ସେବା ଠପ ହୋଇପଡ଼ିଛି। ଏହାସହ ନିମାପଡ଼ା ମୁସଲିମ ବସ୍ତି, ତଳଅଣ୍ଟିଆ, ଦଳିତ ସାହି ସମେତ ବହୁ ଗ୍ରାମରେ ଶହଶହ ମାଟି କଚ୍ଚାଘର ଧରାଶାୟୀ ହୋଇପଡ଼ିଥିବାବେଳେ ଆଉ କେତେ ଘରର ଆଜବେଷ୍ଟସ ଉଡ଼ିଯାଇଛି। ବିଭିନ୍ନ ଅଞ୍ଚଳରେ ବିଦ୍ୟୁତଖୁଣ୍ଟ, ବହୁ ପୁରୁଣା ବଡ଼ ବଡ଼ ଗଛ ସବୁ ଉପୁଡି ନିକଟସ୍ଥ ଘରେ ଉପରେ ପଡ଼ି ଘର ଭାଙ୍ଗିଦେଇଛି। ଏ ନେଇ ଶୁକ୍ରବାର ସକାଳେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତୁରନ୍ତ ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇ ନିମାପଡ଼ା ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ଦେବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ପଲିଥିନ, ସହାୟତା ଯୋଗାଇ ଦେବାକୁ ବିଦ୍ୟୁତ୍ ବିଭାଗ ନିର୍ବାହ ଯନ୍ତ୍ରୀ ପ୍ରତ୍ୟୁଷ ମିଶ୍ର, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଗଛଗୁଡ଼ିକ ଭାଙ୍ଗି ରାସ୍ତା ଉପରେ ପଡିଥିବାରୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗଛ କାଟି ରାସ୍ତା ପରିଷ୍କାର କରୁଛନ୍ତି। ସେହିପରି ଗୋପ ଅଞ୍ଚଳରେ ମଧ୍ୟ କାଳବୈଶାଖୀରେ ବଡ଼ ଗଛ, ବିଦ୍ୟୁତଖୁଣ୍ଟ ଓ ଆଜବେଷ୍ଟସ ଭାଙ୍ଗି ବହୁ କ୍ଷୟକ୍ଷତି ହୋଇଛି। ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଯିବାରୁ ଗୋପ-କୋଣାର୍କ ରାସ୍ତା ୬ଘଣ୍ଟା ବନ୍ଦ ରହିଥିଲା। ପରେ ଗୋପ ଅଗ୍ନିଶମ ବିଭାଗ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଆସି ଗଛ କାଟି ରାସ୍ତା ସଫା କରିଥିଲେ। ସେହିପରି ଗଣେଶ୍ୱପୁର, ଶିଶୋ, ଗୋପ ହାପି କଲୋନୀ, ବେଦପୁର, ସେନାପତି ସାହ, ମଦରଙ୍ଗ ଆଦି ଅନେକ ଗାଁରେ ପବନ ଯୋଗୁ ଚାଳଘର ଭାଙ୍ଗି ପଡ଼ିଛି। ଅନ୍ୟପଟେ ପ୍ରାୟ ଜାଗାରେ ବିଦ୍ୟୁତଖୁଣ୍ଟ ଭାଙ୍ଗିଯିବାରୁ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ପରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୋପ ଅଞ୍ଚଳ ବୁଲି ଲୋକଙ୍କୁ ଭେଟି କ୍ଷୟକ୍ଷତି ଆକଳନ କରିବା ସହ ଶୀଘ୍ର ମରାମତି କରି ଲୋକଙ୍କ ଘରକୁ ବିଦ୍ୟୁତ ସଂଯୋଗ ଦେବାକୁ ବିଦ୍ୟୁତ ବିଭାଗ, ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



ନିମାପଡ଼ାରେ ଭାଙ୍ଗିପଡ଼ିଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଖୁଣ୍ଟ।

# ଅଧରାତିରେ ଡରାଇଲା ବଜ୍ର



**ପୁରୁଣା ଭୁବନେଶ୍ୱର, ୨୯।୫(ଡି.ଏନ୍.ଏ.):** ଲଘୁଚାପ ପ୍ରଭାବରେ ଏବେ ପାଗ କୋହଲା ରହିଛି। ରାଜଧାନୀବାସୀ ଗରମରୁ ମୁକ୍ତି ପାଇଥିବାଳେ ରାତିରେ ଶାନ୍ତିରେ ଶୋଉଛନ୍ତି। ଏପରିସ୍ଥିତିରେ ଗୁରୁବାର ବିଳମ୍ବିତ ରାତିରେ ପ୍ରକୃତିର ଭୟଙ୍କର ରୂପ ସହରବାସୀଙ୍କୁ ଭୟଭୀତ କରିଦେଇଛି। ରାତି ପ୍ରାୟ ୨ଟାରେ ହଠାତ୍ ପବନ ସହ ଝିପିଝିପି ବର୍ଷା ହୋଇଥିଲା। ଏହାପରେ ହଠାତ୍ ଆକାଶରୁ ପ୍ରଚଣ୍ଡ ଶବ୍ଦ ଲୋକଙ୍କ ନିଦ ଭାଙ୍ଗି ଦେଇଥିଲା। ଏହି ସମୟରେ ବିଦ୍ୟୁତ୍ କଟିଯାଇଥିବାବେଳେ ଘନଘନ ଘଡ଼ଘଡ଼ି ଓ ବଜ୍ରପାତ ସହ ଚଉଦିଗରୁ ବିଜୁଳି ଆଲୁଅ ଭୟର ବାତାବରଣ ସୃଷ୍ଟି କରିଥିଲା। ସହରବାସୀ ପୂର୍ବରୁ ଏପରି କେବେ ଦେଖି ନ ଥିବା କହିବା ସହ ଏହାକୁ ନେଇ ନାନା ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ ସହର ଓ ଉପକଣ୍ଠରେ ବହୁ ବିଦ୍ୟୁତ୍ ଖୁଣ୍ଟ, ଗଛ ଓ ମାଟି ଘର ଭାଙ୍ଗିପଡ଼ିଛି। ଦୀନଉଦ୍ଧାରଣରେ ନିରଞ୍ଜନ ରାଉତଙ୍କ କୁକୁଡା ଫାର୍ମରେ ବର୍ଷା ପାଣି ପଶିଯିବାରୁ ୧୮୦୦ କୁକୁଡା ମରିଯାଇଥିବା ଜଣାପଡିଛି। ଏକ ଗଛ ଉପୁଡ଼ି ଟୁଲା ରାଉତଙ୍କ ଦୋକାନରେ ପଡିଛି। ତେରବାଟିଆର ରାଜକିଶୋର ପରିଡ଼ାଙ୍କ କୁକୁଡା ଫାର୍ମ ଭାଙ୍ଗି ଯାଇଛି। ଲକ୍ଷ୍ମୀନାରାୟଣପୁରର ବୃନ୍ଦାବନ ଦାସଙ୍କ ମାଟି ଘର ଭୁଶୁଡ଼ି ପଡିବାରୁ ଗାଡ଼ି ଓ ଅନ୍ୟ ଜିନିଷପତ୍ର ନଷ୍ଟ ହୋଇଛି। ବିଲିପଡ଼ାରେ ଗଛ ଭଙ୍ଗାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। କ୍ଷୟକ୍ଷତିର ଆକଳନ ରାଜସ୍ୱ ନିରୀକ୍ଷକ କରିବେ ବୋଲି ସରପଞ୍ଚ ଶୁଭାଶିଷ ରଥ କହିଛନ୍ତି।





କରୋନା ଯୋଦ୍ଧାଙ୍କ ତ୍ୟାଗ ଓ ନିଷ୍ଠାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବନ୍ଦେ ଉତ୍କଳ ଜନନୀ ଗାନ ଲାଗି ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଭାଇଙ୍କୁ ହାଣି ହତ୍ୟା ଘଟଣା: ବାପା-ପୁଅ ଗିରଫ

**ଖୁଣ୍ଟୁଣୀ, ୨୯।୫(ଡି.ଏନ୍.ଏ)**

ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଗୋବରା ନୂଆ ସିଆଳିସାହିର ନିଶାସକ୍ତ ବଡ଼ଭାଇଙ୍କୁ ଟାଙ୍ଗିଆରେ ହାଣି ପୋତି ଦେବା ଘଟଣାରେ ଶୁକ୍ରବାର ପୋଲିସ ହତ୍ୟାକାରୀ ବାପା ନରେନ୍ଦ୍ର ଦେହୁରି ଓ ସାନପୁଅ ଟିଟୁଆକୁ ଗିରଫ କରିଛି। ଏ ନେଇ ପୋଲିସ ନଂ.୬୪/୨୦ରେ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରୁ ରକ୍ତଭିଜା ଟାଙ୍ଗିଆ ଓ ଠେଙ୍ଗା ଜବତ କରିଛି। ଗତ ରବିବାର ମୃତ ପୁନିଆ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ବାପା ଓ ସାନଭାଇ ସହ ଝଗଡ଼ା ଲାଗୁଥିଲେ। ଏଥିରେ ଟିଟୁଆ ଉତ୍ୟକ୍ତ ହୋଇ ଘରେ ଥିବା ଏକ ଟାଙ୍ଗିଆରେ ପୁନିଆଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ଘଟଣାସ୍ଥଳରେ ପୁନିଆଙ୍କ ମୃତ୍ୟୁ ହୋଇଯିବାରୁ ଉଭୟ ବାପପୁଅ ମୃତଦେହକୁ ଘର ନିକଟସ୍ଥ ଜାଗାରେ ପୋତି ଦେଇଥିଲେ। ହେଲେ ଗୁରୁବାର ଏହି କଥା ସରପଞ୍ଚ ଜାଣିବା ପରେ ପୋଲିସକୁ ଡାକି ବାପା ନରେନ୍ଦ୍ରଙ୍କୁ ଅଟକ ରଖିଥିବାବେଳେ ଟିଟୁଆ ଫେରାର ହୋଇଯାଇଥିଲେ। ଶୁକ୍ରବାର ପୋଲିସ ସାଇଣ୍ଟିଫିକ ଦଳ ସହ ମାଜିଷ୍ଟ୍ରେଟ ସୁଧାଂଶୁ ଶେଖର ସାଓ, ଚୌଦ୍ୱାର ଏସଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଏବଂ ଥାନାଧିକାରୀ ବିଜୟ କେତନ ବିଶି ପହଞ୍ଚି ପୋତାଯାଇଥିବା ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ବାପାଙ୍କୁ ପଚରାଉଚରା ପରେ ହତ୍ୟା କଥା ସ୍ୱୀକାର କରିବା ସହ ଟିଟୁଆ ସ୍ଥାନୀୟ ଜଙ୍ଗଲରେ ଲୁଚିଥିବା ପୋଲିସ ଜାଣିବା ପରେ ଚଢ଼ାଉ କରି ଧରିଛି।

# ଶ୍ରୀଜଗନ୍ନାଥଙ୍କ ବାହୁଟ ସେବାଲାଗି ବଉଳ ବୃକ୍ଷ ଚିହ୍ନଟ

**ସାକ୍ଷୀଗୋପାଳ, ୨୯।୫(ଡି.ଏନ୍.ଏ):** ଚଳିତବର୍ଷ ସ୍ନାନ ଓ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡଠାକୁରଙ୍କ ପହଣ୍ଡି ବିଜେ ନିମନ୍ତେ ଆବଶ୍ୟକ ବାହୁଟ ସେବା ଲାଗି ଶୁକ୍ରବାର ବଉଳବୃକ୍ଷ ଚିହ୍ନଟ କରାଯାଇଛି। ପରମ୍ପରାକ୍ରମେ ସାକ୍ଷୀଗୋପଳ ବକୁଳବନରୁ ସଂଗ୍ରହ କରାଯାଉଥିବା ବଉଳକାଠ ଏଥର ଅଭାବ ଥିବାରୁ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ହାଟସାହି ନିବାସୀ ହୃଷୀକେଶ ମହାନ୍ତି, ତାଙ୍କ ଭାଇ କାଳୀ ପ୍ରସନ୍ନ ମହାନ୍ତିଙ୍କ ବଗିଚାରୁ ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀମାନେ ବଉଳ ବୃକ୍ଷ ଚିହ୍ନଟ କରିଛନ୍ତି। ଶ୍ରୀମନ୍ଦିର ରଥ ନିର୍ମାଣ ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଅତିରିକ୍ତ ବିଡିଓ ସାରଦା ପ୍ରସନ୍ନ ମହାନ୍ତି, ସାକ୍ଷୀଗୋପାଳ ମନ୍ଦିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର, ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର, ସର୍ଦ୍ଦାର ଭୋଇ ସେବକ ରବି ଭୋଇ, ସହଯୋଗୀ ଧ୍ରୁବ ଭୋଇ ପ୍ରମୁଖ ଆବଶ୍ୟକୀୟ ମାପରେ ବଉଳ ବୃକ୍ଷ ଥିବା ଖବରପାଇ ସେଠାରେ ପହଞ୍ଚିଥିଲେ। ବୃକ୍ଷଟି ଉପଯୋଗୀ ହୋଇଥିବାରୁ ଚୟନ କରାଯାଇଥିଲା। ଏହି ବଉଳ କାଠରେ ନିର୍ମିତ ବାହୁଟ ମହାପ୍ରଭୁ କାଳିଆ ସାଆନ୍ତଙ୍କ ପହଣ୍ଡି ସମୟରେ ଶ୍ରୀଅଙ୍ଗର ସୁରକ୍ଷା ନିମନ୍ତେ ଲାଗି କରାଯିବ। ମଙ୍ଗଳବାର ନିର୍ଜଳା ଏକାଦଶୀ ତିଥିରେ ପୂଜାର୍ଚ୍ଚନା କରାଯାଇ ବୃକ୍ଷ ଛେଦନ କରାଯିବ। ବଉଳକାଠ ଗଣ୍ଡି ବଳଦ ଶଗଡିରେ ବକୁଳବନ ସିଦ୍ଧବକୁଳ ମନ୍ଦିରକୁ ଅଣାଯାଇ ସେଠାରୁ ଶ୍ରୀକ୍ଷେତ୍ର ଅଭିମୁଖେ ମେଲାଣି ଦିଆଯିବ।





ଗୁଆଳି ପାଇଁ ଜଗନ୍ନାଥ ବଲ୍ଲଭ ମଠକୁ ପଞ୍ଚୁପାଣ୍ଡବ ବିଜେ କରିଛନ୍ତି।

# ପନ୍ତି ଖାଇଲେ ପଞ୍ଚ ମହାଦେବ

**ପୁରୀଅଫିସ, ୨୯।୫:** ରଥଖଳାରେ ତିନିରଥ ନିର୍ମାଣ କାମ ଆଗେଇ ଚାଲିଛି। ପରମ୍ପରା ମୁତାବକ, ପଞ୍ଚ ମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠେଶ୍ୱର) ବିବାହ ପରେ ନଗର ଭ୍ରମଣ କରି ଶୁକ୍ରବାର ରାତିରେ ରଥଖଳାରେ ପହଞ୍ଚିଥିଲେ। ମା' ଚର୍ଚ୍ଚିକାଙ୍କ ମନ୍ଦିର ସମ୍ମୁଖ ଦର୍ପଦଳନ ରଥ ନିକଟରେ ତିଆରି ହୋଇଥିବା ୫ ବଖରା ଛାମୁଡ଼ିଆରେ ପଞ୍ଚ ମହାଦେବ ପନ୍ତି ଖାଇଥିଲେ। ନଡ଼ିଆ, ଖଇ, କୋରା, କଦଳୀ, ଆମ୍ବ ଆଦି ଫଳମୂଳ ଭୋଗ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ କର୍ମଚାରୀ, ମହାରଣା ସେବକ, ଭୋଇ ସେବକ ପ୍ରମୁଖ ଉପସ୍ଥିତ ଥିଲେ। ରଥ ଚକକୁ ଚକ ଯୋଡ଼ି ଭୋଇ ସେବକମାନେ ପାରମ୍ପରିକ ଭାବେ ଏହି ଛାମୁଡ଼ିଆ ପ୍ରସ୍ତୁତ କରିଥିଲେ। ପରମ୍ପରା ଅନୁସାରେ ଶୀତଳ ଷଷ୍ଠୀ ପରଦିନ ଗୁଆଳି ଯାତ୍ରାରେ ରଥଖଳାରେ ପନ୍ତି ଭୋଗ ଖାଇବା ପରେ ତା' ପରଦିନ ସମସ୍ତ ୪୨ ଚକରେ ୨୧ଟି ଅଖ ସଂଯୋଗ କରାଯାଏ। ଏହାପରେ ଦଣ୍ଡା ପଡ଼ି ରଥର ଫ୍ରେମ ସ୍ଥାପନ କରାଯିବ ଓ ସ୍ନାନ ପୂର୍ଣ୍ଣିମାରେ ଚାରି ନାହାକା ଉଠିବ। ଅନ୍ୟପକ୍ଷରେ ରଥଖଳାରେ ତିନିରଥର ଗୟଳ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ତିନିରଥର ବଡ଼ ପୋଲ ଗୟଳ କରତି ସେବକଙ୍କ ଦ୍ୱାରା ଚିରଟ ପରେ ମହାରଣା ସେବକମାନେ ଏହାକୁ ଚଉପଟ କରୁଛନ୍ତି। ସେହିପରି ରୂପକାର ସେବକମାନେ ନାଟଗୋଡ଼ରେ ରାହୁ ମୂର୍ତ୍ତି ଖୋଦେଇ ଏବଂ କମାର ସେବକମାନେ ବିଭିନ୍ନ ପ୍ରକାର କଣ୍ଟା ତିଆରି କରୁଛନ୍ତି।

# କଟକକୁ ଚିନ୍ତା ପ୍ରବାସୀଙ୍କ ଲେଉଟାଣି

## ଆହୁରି ଫେରିବେ ୪୫ ହଜାର ପ୍ରବାସୀ

**କଟକ ଅଫିସ, ୨୯।୫**

- ଏଯାବତ୍ ୮୬ କରୋନା ସଂକ୍ରମିତ
- ଚିକିତ୍ସିତ ହେଉଛନ୍ତି ୬୨ ଆକ୍ରାନ୍ତ
- ଭଲ ହେଲେଣି ୨୩, ଜଣେ ମୃତ

କଟକ ଜିଲାରେ କାୟା ବିସ୍ତାର କରିଚାଲିଛି କରୋନା। ଆକ୍ରାନ୍ତଙ୍କ ମଧ୍ୟରେ ସମସ୍ତଙ୍କର ଟ୍ରାଭେଲ୍ ହିଷ୍ଟ୍ରି ରହିଛି। ଏଥିରେ ସ୍ଥାନୀୟ ସଂକ୍ରମଣ ହୋଇନାହିଁ। ପ୍ରବାସୀଙ୍କ ଫେରିବା ପରେ ହିଁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଗକୁ ଆହୁରି ୪୫ ହଜାର ପ୍ରବାସୀ ଫେରିବାକୁ ଥିବାବେଳେ ସେମାନଙ୍କୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ଜିଲାବାସୀ।

ଉଲ୍ଲେଖଯୋଗ୍ୟ, କଟକ ଜିଲାରେ ଏପ୍ରିଲ ୩ରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଥିଲା ଦିଲ୍ଲୀ ନିଜାମୁଦ୍ଦିନ। ସେ ୧୦ ତାରିଖରେ ସୁସ୍ଥ ହୋଇଯାଇଥିଲେ। ଏହାର ପ୍ରାୟ ଏକ ମାସ ପରେ ପୁଣି ଥରେ ଜିଲାକୁ କରୋନା ଫେରିଥିଲା। ମେ' ୫ରେ ଦ୍ୱିତୀୟ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ମେ' ୩ରୁ ପ୍ରବାସୀମାନେ ଜିଲାକୁ ଫେରିବା ଆରମ୍ଭ କରିଥିଲେ। ମେ' ୫ରୁ ହିଁ ଦ୍ୱିତୀୟ ଆକ୍ରାନ୍ତଙ୍କ ପରେ ପରେ ପଜିଟିଭ ସଂଖ୍ୟା ବଢ଼ିବାକୁ ଲାଗିଥିଲା। ମେ' ୧୧ ଓ ୧୪ରେ ଜଣେ ଲେଖାଏଁ, ୫ରେ ୬ ଜଣ, ୧୬ରେ ୧୨ ଜଣ, ୧୭ରେ ଜଣେ, ୧୮ରେ ୪ ଜଣ, ୧୯ ଓ ୨୦ରେ ୯ ଜଣ ଲେଖାଏଁ, ୨୧ରେ ୧୧ ଜଣ, ୨୨ରେ ଜଣେ, ୨୩ରେ ୨ ଜଣ, ୨୫ରେ ୧୬ ଜଣ, ୨୬ରେ ୧୧ଜଣ ଚିହ୍ନଟ ହୋଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ମେ' ୩ରେ ଜିଲାକୁ ୧୫୯ ଜଣ ପ୍ରବାସୀ ଫେରିଥିଲେ। ଏହାପରେ ନିୟମିତ ପ୍ରବାସୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗୁରୁବାର ସୁଦ୍ଧା ୧୫ ହଜାର ୪ ଜଣ ପ୍ରବାସୀ ଜିଲାକୁ ଫେରିଛନ୍ତି। ଜିଲାକୁ ଫେରିବା ପାଇଁ ମୋଟ ୫୯ ହଜାର ୯୦୨ ଜଣ ନାମ ପଞ୍ଜୀକରଣ କରିଥିଲେ। ଆହୁରି ୪୪ ହଜାର ୮୯୮ ଜଣ ଫେରିବେ। ପ୍ରବାସୀଙ୍କ ଫେରିବା ଧାରା ଜାରି ରହିବା ଓ ସେମାନେ ମୁଖ୍ୟତଃ ପ୍ରଭାବିତ ରାଜ୍ୟରୁ ଆସୁଥିବା ଯୋଗୁ ସଂକ୍ରମଣ ସଂଖ୍ୟା ମଧ୍ୟ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ତଦନୁଯାୟୀ ପ୍ରଶାସନ ମଧ୍ୟ ପ୍ରସ୍ତୁତ ରହିଛି।

### ସଙ୍ଗରୋଧ କେନ୍ଦ୍ରରୁ ସମସ୍ତ ଆକ୍ରାନ୍ତ

ଜିଲାର ସମସ୍ତ ଆକ୍ରାନ୍ତ ସଙ୍ଗରୋଧ କେନ୍ଦ୍ରରୁ ବାହାରିଛନ୍ତି। ବର୍ତ୍ତମାନ ସୁଦ୍ଧା ଲୋକାଲ୍ କେସ୍ ନାହିଁ ବୋଲି ଜିଲା ନୋଡାଲ୍ ଅଧିକାରୀ ତଥା ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ସୂଚନା ଦେଇଛନ୍ତି। ପଞ୍ଜୀକରଣ କରିଥିବା ସମସ୍ତ ପ୍ରବାସୀଙ୍କୁ ଟ୍ରାକିଂ କରାଯାଉଛି। ସେମାନେ ଜିଲାକୁ ଫେରିବା କ୍ଷଣି ସଙ୍ଗରୋଧ କେନ୍ଦ୍ରରେ ରଖାଯାଉଛି। ଆଗକୁ ଯେତିକି ପ୍ରବାସୀ ଫେରିବେ, ସେମାନଙ୍କ ରହଣି ପାଇଁ କୌଣସି ସମସ୍ୟା ହେବନାହିଁ। ଗୋଟିଏ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ର ଭର୍ତ୍ତି ହେଲେ ଅନ୍ୟ ପଞ୍ଚାୟତରେ ରଖାଯାଉଛି।

### ଆକ୍ରାନ୍ତଙ୍କ ତୁଳନାରେ ଆରୋଗ୍ୟ ହାର କମ୍

ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ସେହି ପରିମାଣରେ ସୁସ୍ଥ ହେଉଥିବା ବ୍ୟକ୍ତିଙ୍କ ସଂଖ୍ୟା କମ୍ ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନା ଅନୁଯାୟୀ, ଗୁରୁବାର ସୁଦ୍ଧା ଜିଲାରେ ମୋଟ ୮୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୨୩ ଜଣ ସୁସ୍ଥ ହୋଇଛନ୍ତି। ସେଥିରୁ କେବଳ ଗୁରୁବାର ୯ ଜଣ ସୁସ୍ଥ ହୋଇ ମେଡିକାଲ୍‌ରୁ ଡିସ୍‌ଚାର୍ଜ ହୋଇଛନ୍ତି। ଆହୁରି ୬୨ ଜଣ ଚିକିତ୍ସାଧୀନ ଅଛନ୍ତି, ଯାହା ରାଜ୍ୟରେ ତୃତୀୟ ସର୍ବାଧିକ। ଜଣକଙ୍କ ମୃତ୍ୟୁ ହୋଇଥିଲା।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DHANLAXMI FINANCE LIMITED
(Reg. No. KA08FS113)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
Shinghania Tower
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ ୨୦ ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
088871-84570

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

OPTCL Lifeline of Odisha
Odisha Power Transmission Corporation Limited
(A GOVT. OF ODISHA UNDERTAKING)
CIN-U40102OR2004SGC007553
Janapath, Bhubaneswar-751022
Office of the Dy. General Manager
EHT(C) Division, Cuttack
Phone: 0671 2365570, Fax: 0671 2365570
No.Hired /Vehicle/419 Date: 29.05.2020
NOTICE INVITING TENDER-OCTN-01/2020-21
Sealed tenders are invited from **Vehicle owners/Travel agents having GST registration number and IT PAN Card** for hiring of diesel run commercial registered light vehicles (Bolero or Equivalent) on monthly contract basis at different units under EHT (C) Division, Cuttack, the type of the vehicle can viewed in OPTCL website. The place of engagement can be viewed inthe OPTCL website. **The vehicle to be provided should not be more than 3 (three) years old as on dt.31.05.2020.** Cost of Tender Paper Rs.2240/-. EMD: Rs.5000/- for each tender is to be submitted in shape of DD drawn in favour of EHT (C) Division, Cuttack Payable at Cuttack without which the tender shall be rejected.
Sale of tender documents from **Dt.04.06.2020 to Dt.11.06.2020**. The tenders shall be received upto **3 P.M. on Dt.16.06.2020** and will be opened at **3.30 P.M.** on same date. For details please visit our website www.optcl.co.in. Corrigendum if any will be published in the website only.
Sd./- General Manager (Elect.)
EHT (C) Division, Cuttack

OHPC
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
NOTICE INVITING TENDER No. UIHEP-07/2020-21 Date: 26.05.2020
No.: CAD-86: Sealed tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the reputed manufacturers/ authorized dealers/channel partners/reputed suppliers for supply of the following materials/providing services as mentioned below.

| Description of Materials | Cost of Tender Paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Consumable Materials for Switchyard equipments of UIHEP, Mukhiguda | 2,360/- (Inclusive of GST) | 3,450/- | From 03.06.2020 to 12.06.2020 upto 12.00 Noon | 12.06.2020 (upto 12.00 Noon) | 12.06.2020 at 12.30 P.M. |

For details of the tender documents, terms and conditions please visit our website **www.ohpcltd.com**.
Sd./- Unit Head, UIHEP, Mukhiguda
OIPR-32136/11/0006/2021

ODISHA STATE BEVERAGES CORPORATION LIMITED
(A GOVERNMENT OF ODISHA UNDERTAKING)
2nd FLOOR, FORTUNE TOWER, CHANDRASEKHARPUR, BHUBANESWAR-751023 (ODISHA)
CIN:U51228OR2000SGC006372
Ref.: 2872/OSBC/1297 Date: 29.5.2020
NOTICE INVITING TENDER FOR HIRING OF GO-DOWN
No.CAD-89:- Sealed tenders in the prescribed format are invited by the Odisha State Beverages Corporation Ltd., Bhubaneswar from intending owners for leasing out their existing go-down/warehouses situated in and around Cuttack (CMC) for storing of alcoholic Beverages of Odisha State Beverages Corporation Ltd. The last date and time for submission of sealed tender is **08.06.2020 by 1.00 P.M.**
The details of the tender may please be seen in the official webstie of the Corporation i.e. https://osbc.co.in
Sd./- General Manager (Admn.)
OIPR-36003/11/0002/2021

ଧରିତ୍ରୀ
DHARITRI
ଶନିବାର, ୩୦ ମେ, ୨୦୨୦



## ସଂକ୍ଷେପରେ

### ଖାଉଟି ମୂଲ୍ୟସୂଚୀ ୩୨୯ ପଏଣ୍ଟ

ଭୁବନେଶ୍ୱର,୨୯-୫: ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ମାର୍ଚ୍ଚରେ ୩୨୬ ପଏଣ୍ଟ ଥିଲା। ଏପ୍ରିଲରେ ଏଥିରେ ୩ ପଏଣ୍ଟ ବୃଦ୍ଧି ଘଟି ୩୨୯ ପଏଣ୍ଟ ରହିଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୪୬ ପଏଣ୍ଟରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ରାଉରକେଲାରେ ମଧ ଏହା ୩୨୯ ପଏଣ୍ଟରେ ଅପରିବର୍ତ୍ତିତ ରହିଥିବା ଜଣାପଡିଛି। ଜୁଲାଇ ପହିଲା ଦିନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ପରିବର୍ତ୍ତନ ହେବ। ଅଗଷ୍ଟ ପହିଲାରେ ବ୍ୟାଙ୍କ ଓ ବୀମା କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ମଧ ପରିବର୍ତ୍ତନ ହେବ ବୋଲି ସୂଚନା ରହିଛି। ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଆଗାମୀ ଦିନରେ ଆସିବ।

### ଆମାଜନ ଇଣ୍ଡିଆ ପକ୍ଷରୁ ୫୦ ହଜାର ନିଯୁକ୍ତି ସୃଷ୍ଟି

ନୂଆଦିଲ୍ଲୀ,୨୯।୫:ଆମାଜନ ଇଣ୍ଡିଆ ପକ୍ଷରୁ କୋଭିଡ୍ ଲଢ଼େଇରେ ଯୋଗଦାନ ସ୍ୱରୂପ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ସେବା ଯୋଗାଇବା ଲାଗି ୫୦ ହଜାର ଲୋକଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏଗୁଡିକ ଋତୁକାଳୀନ ନିଯୁକ୍ତି ବୋଲି ଜଣାପଡିଛି। ଏହାବାଦ ଆମାଜନ ଏହାର ସେଲରଙ୍କ ଲାଗି ସ୍ୱାସ୍ଥ୍ୟବୀମା ସୁବିଧା କରିଛି। ଏହି ବୀମାର ଅବଧି ଗୋଟିଏ ବର୍ଷ ରହିବ।

### ଥେରି ଡେଲାପୋର୍ଟେ ୱିପ୍ରୋର ନୂଆ ସିଇଓ

ବାଙ୍ଗାଲୋର,୨୯।୫ : ୱିପ୍ରୋ ପକ୍ଷରୁ କାପ୍‌ଜେମିନୀ ଗ୍ରୁପ୍‌ର ବରିଷ୍ଠ କାର୍ଯ୍ୟନିର୍ବାହୀ ଥେରି ଡେଲାପୋର୍ଟେଙ୍କୁ ଏହାର ନୂଆ ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରିଛି। ଆସନ୍ତା ଜୁଲାଇ ୬ରୁ ସେ କାର୍ଯ୍ୟଭାର ଗ୍ରହଣ କରିବେ। ବର୍ତ୍ତମାନ ସିଇଓ ଭାବେ କାର୍ଯ୍ୟ କରୁଥିବା ଅବିଦାଲି ଜେଡ୍ ନିମୁଚାୱାଲାଙ୍କ କାର୍ଯ୍ୟକାଳ ଜୁନ୍ ପହିଲାରେ ଶେଷ ହେବ। ଡେଲାପୋର୍ଟେ କାପ୍‌ଜେମନୀ ଗ୍ରୁପ୍‌ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦୀର୍ଘ ୨୫ବର୍ଷର ଅଭିଜ୍ଞତା ରହିଛି।

# ଅଭିବୃଦ୍ଧି ଇଞ୍ଜିନର ମୁଖ୍ୟ ଚକା ଜାମ୍

ନୂଆଦିଲ୍ଲୀ,୨୯।୫:



କରୋନା ଯୋଗୁ ହୋଇଥିବା ଲକ୍‌ଡାଉନ ଦେଶର ଅଭିବୃଦ୍ଧିକୁ ଗଭୀର ଭାବେ କ୍ଷତି ପହଞ୍ଚାଇଛି। ଘରୋଇ ବଜାରର ଅଭିବୃଦ୍ଧି ଲାଗି ପ୍ରମୁଖ ଯୋଗଦାନ ରଖୁଥିବା ସେବା କ୍ଷେତ୍ର କାର୍ଯ୍ୟକଳାପ ଏହାଦ୍ୱାରା ଠପ୍ ହୋଇଯାଇଛି। କଲ୍ ସେଣ୍ଟର, ହୋଟେଲ ଶିଳ୍ପ, ଏୟାରଲାଇନ ସମେତ ସେବା କ୍ଷେତ୍ର ସହିତ ଜଡିତ ଶିଳ୍ପଗୁଡିକର କାର୍ଯ୍ୟକଳାପ ଏବେ ଯାଏ ଟ୍ରାକ୍‌କୁ ଫେରି ପାରି ନାହିଁ। ସେବା କ୍ଷେତ୍ରର ଅଧିକାଂଶ କ୍ଷେତ୍ରରେ କାମକାର୍ଯ୍ୟ ବନ୍ଦ ପଡି ଥିବାରୁ ଅର୍ଥ ବ୍ୟବସ୍ଥାର ଗତି ଧିମା ହୋଇଯାଇଛି। ବର୍ତ୍ତମାନ ଭାରତ ସବୁଠାରୁ ବଡ ମାନ୍ଦାବସ୍ଥା ସାମ୍ନା କରୁଥିବା ପ୍ରମୁଖ ଏଜେନ୍ସିଗୁଡିକ ସେମାନଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି। ୨୫ ମାର୍ଚ୍ଚରେ ଘୋଷଣା ହୋଇଥିବା ଲକ୍‌ଡାଉନ ଯୋଗୁ ସବୁ ଯେମିତି ଅଟକି ଗଲା।

ସେବା କ୍ଷେତ୍ର ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ମୋଟ ଜିଡିପିକୁ ଏହା ୫୫% ଯୋଗଦାନ ରଖୁଛି। ଚାଇନା ଅର୍ଥ ବ୍ୟବସ୍ଥାରେ ମାନୁଫାକ୍‌ଚରିଂ ପ୍ରମୁଖ ଯୋଗଦାନ ରଖିଥାଏ। ହେଲେ ଭାରତ ସର୍ଭିସ କ୍ଷେତ୍ର ଲାଗି ବେଶ୍ ଲାଭବାନ ହୋଇଥାଏ। ସର୍ଭିସ ସେକ୍ଟରରେ ଯଦି କୌଣସି ଅସୁବିଧା ଦେଖାଯାଏ ତେବେ ଏହାର ପ୍ରଭାବ ସିଧାସଳଖ ଅର୍ଥ ବ୍ୟବସ୍ଥା ଉପରେ ପଡେ। ବର୍ତ୍ତମାନର ସ୍ଥିତି ଯୋଗୁ ବୃହତ୍ ସଂଖ୍ୟାରେ ନିଯୁକ୍ତି ଉପରେ ସଙ୍କଟ ସ୍ଥିତି ଛାଇ ରହିଛି। ଲୋକ ଅଧିକ ସଂଖ୍ୟାରେ ବେରୋଜଗାର ହେଲେ ଏହା ସିଧାସଳଖ ପ୍ରଭାବ ଚାହିଦା ଏବଂ ଲୋକଙ୍କ ଖର୍ଚ୍ଚ ଉପରେ ପଡ଼ିବ। ୨୦୧୯-୨୦ ଚତୁର୍ଥ ତ୍ରୈମାସରେ ଜିଡିପି ୩.୧%କୁ ଖସିଛି। ସାରା ବର୍ଷ ଲାଗି ବିକାଶ ହାର ୪.୨%କୁ ହ୍ରାସ ଘଟିଛି।

**କୋର୍ ସେକ୍ଟର ୩୮.୧% ଖସିଲା**

ଦେଶର ୮ କୋର୍ ସେକ୍ଟର ଅଭିବୃଦ୍ଧି ଏପ୍ରିଲରେ ୩୮.୧% ଖସିଛି। ଏହି କ୍ଷେତ୍ରଗୁଡିକ ଭିତ୍ତିଭୂମି ଶିଳ୍ପ ସହ ଜଡିତ। ଗତ ବର୍ଷ ସମାନ ସମୟରେ ଏହି କ୍ଷେତ୍ରରେ ଅଭିବୃଦ୍ଧି ହାର ୫.୨% ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ କୋର୍ ସେକ୍ଟର କାର୍ଯ୍ୟକଳାପ ୯% ହ୍ରାସ ଘଟିଛି। କ୍ଷେତ୍ରଗୁଡିକ ମଧ୍ୟରେ କୋଇଲ, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ରହିଛି। ଅଶୋଧିତ ତୈଳ ଉତ୍ପାଦନ ୪.୬% ଖସିଛି। କୋଇଲା ଉତ୍ପାଦନରେ ୧୫.୫%, ଶକ୍ତି କ୍ଷେତ୍ରରେ ୨୨.୮% ହ୍ରାସ ଘଟିଛି। ଲକ୍‌ଡାଉନ ଲାଗି ଶିଳ୍ପଗୁଡିକର କାର୍ଯ୍ୟକଳାପରେ ଏଭଳି ପ୍ରଭାବ ଆସିଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟରୁ ସାମ୍ନାକୁ ଆସିଛି।

## ବିତ୍ତୀୟ ନିଅଣ୍ଟ ଜିଡିପିର ୪.୬% ଛୁଇଁଲା

ନୂଆଦିଲ୍ଲୀ,୨୯।୫

ଆର୍ଥିକ ବର୍ଷ ୨୦୧୯-୨୦ର ବିତ୍ତୀୟ ନିଅଣ୍ଟ( ସରକାରଙ୍କ ରାଜସ୍ୱ ଏବଂ ଖର୍ଚ୍ଚ ମଧ୍ୟରେ ଥିବା ଦୂରତ୍ୱ) ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ତୁଳନାରେ ୪.୬% ଛୁଇଁଛି। ରାଜକୋଷକୁ ଆକଳନ ଅନୁସାରେ ରାଜସ୍ୱ ଆସୁ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ପରିବର୍ତ୍ତିତ ବିତ୍ତୀୟ ନିଅଣ୍ଟ ୩.୮% ରହିବ ବୋଲି ଆକଳନ କରାଯାଇଥିଲା। ହେଲେ ଏହା ଧାର୍ଯ୍ୟ ଲକ୍ଷ୍ୟ ଟପି ୪.୨% ଛୁଇଁଥିବା ଜଣାପଡିଛି। କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ(ସିଜିଏ) ରିପୋର୍ଟ ମୁତାବକ ୨୦୧୯-୨୦ର ବିତ୍ତୀୟ ନିଅଣ୍ଟ ୪.୫୯% ରହିବ ବୋଲି କୁହାଯାଇଛି। ଏହି ସମୟରେ ରାଜସ୍ୱ ନିଅଣ୍ଟ ୩.୨୭% ରହିଛି। ଏହି ସମୟରେ ଇଫେକ୍ଟିଭ ରେଭେନ୍ୟୁ ଡେଫିସିଟ୍ ୨.୩୬% ରହିବ।

ଫେବୃୟାରୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିବା ବଜେଟରେ ବିତ୍ତୀୟ ନିଅଣ୍ଟ ୩.୮% ରହିବ ବୋଲି ଧାର୍ଯ୍ୟ କରାଯାଇଥିଲା। ପ୍ରକୃତ ପକ୍ଷେ ଏହା ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୩.୩% ଠାରୁ ଉଚ୍ଚରେ ରହିଥିଲା। ଲଗାତର ଭାବେ ସରକାରଙ୍କ ରାଜସ୍ୱ ଖସୁଥିବାରୁ ବିତ୍ତୀୟ ନିଅଣ୍ଟ ବଢୁଥିବା ଜଣାପଡିଛି। ୧୯.୩୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ମିଳିବା ନେଇ ସରକାର ଲକ୍ଷ୍ୟ




ରଖିଥିଲେ। ହେଲେ ସରକାରଙ୍କୁ ୧୭.୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ମିଳିଥିଲା। ସରକାରଙ୍କ ମୋଟ ଖର୍ଚ୍ଚ ୨୬.୮୬ ଲକ୍ଷ କୋଟି ଟଙ୍କା ରହିଛି। ଏହା ୨୬.୯୮ ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ଆକଳନ କରାଯାଇଥିଲା। ୨୦୧୯-୨୦ରେ ରାଜସ୍ୱ ନିଅଣ୍ଟ ମୋଟ ଜିଡିପିର ୩.୨୭% ରହିଛି। ଏହା ୨.୪% ରହିବ ବୋଲି ପୂର୍ବ ଆକଳନରେ କୁହାଯାଇଥିଲା।

## ୩ ନୂଆ ମଡେଲ ଆଣିଲା ସ୍କୋଡା ଇଣ୍ଡିଆ

ନୂଆଦିଲ୍ଲୀ,୨୯।୫:

ସ୍କୋଡା ଅଟୋ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ଭର୍ଚୁଆଲ କନ୍‌ଫରେନ୍ସରେ ୩ ନୂଆ ମଡେଲର ବଜାର ପ୍ରବେଶ ହୋଇଛି। ଏହି ମଡେଲଗୁଡିକ ମଧ୍ୟରେ ନୂଆ ରାପିଡ୍ ୧.୦ ଟିଏସ୍‌ଆଇ, ସୁପର୍ବ ଏବଂ କାରୋକ୍ ସାମିଲ ରହିଛି। ମଡେଲଗୁଡିକର ମୂଲ୍ୟ ଯଥାକ୍ରମେ ୭.୪୯ ଲକ୍ଷ, ୨୯.୯୯ ଲକ୍ଷ ଏବଂ ୨୪.୯୯ ଲକ୍ଷ ଟଙ୍କା ରହିଛି। ସରକାରଙ୍କ ନିୟମାବଳୀ ଅନୁସାରେ କମ୍ପାନୀ ସେଲ୍‌ସ ଏବଂ ସର୍ଭିସ ସୁବିଧାକୁ ଶୁଭାରମ୍ଭ କରିବ ବୋଲି ସୂଚନା ଦେଇଛି। ଟିଏସ୍‌ଆଇ ଟେକ୍ନୋଲୋଜି, ବିଏସ୍-୬ ଇଞ୍ଜିନ ଏବଂ ମଡେଲ କ୍ୟାମ୍ପେନ ସହ ଏହା ଅଗ୍ରସର ହେଉଛି। ୬୫ ସହରର ୮୦ ଡିଲରଶିପରେ ସେବା ଯୋଗାଉଥିବା ଏହି କମ୍ପାନୀ ୨୦୨୫ ବେଳକୁ ୧୫୦ ସହରର ୨୦୦ ଡିଲର ପଏଣ୍ଟରେ ସେବା ଯୋଗାଇବା ନେଇ ଲକ୍ଷ୍ୟ ରଖିଛି। ବୁକ୍ ସ୍କୋଡା ଅନ୍‌ଲାଇନ ଅଫର ଦ୍ୱାରା ଗ୍ରାହକ ଯାନ କିଣିବାକୁ ସକ୍ଷମ ହୋଇପାରିବେ। ୮୦ରୁ ଅଧିକ ଡିଲରଶିପ ଟଚ୍ ପଏଣ୍ଟକୁ ପୋର୍ଟାଲ ସହ ସଂଯୋଗ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ୧୨ହଜାର କର୍ମଚାରୀଙ୍କୁ ଛଟେଇ କଲା ବୋଇଂ

ୱାଶିଂଟନ,୨୯।୫

ଆମେରିକାର ପ୍ରମୁଖ ବିମାନ ମାନୁଫାକ୍‌ଚରିଂ କମ୍ପାନୀ ବୋଇଂ ତା'ର ୧୨ ହଜର କର୍ମଚାରୀଙ୍କୁ ଛଟେଇ କରିଛି । କରୋନା ମହାମାରୀର ଭୟାବହତା କାରଣରୁ ସାରା ବିଶ୍ୱରେ ବିମାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଛି। ଏହା ଉତ୍ପାଦନ ଉପରେ ମଧ ଗଭୀର ପ୍ରଭାବ ପକାଇଛି। କୋଭିଡ୍-୧୯ ପ୍ରଭାବ ଏସବୁ କ୍ଷେତ୍ର ଉପରେ ପଡିଛି ବୋଲି କମ୍ପାନୀର ସିଇଓ ଡେଭିଡ୍ କୋଲ୍‌ହନ ସୂଚନା ଦେଇଛନ୍ତି। କମ୍ପାନୀର କର୍ମଚାରୀ ଛଟେଇ କରିବା ପରେ ମଧ ୭୩୭ ମାକ୍ସ ଜେଟ୍‌ର ନିର୍ମାଣ ଜାରି ରହିଛି। କରୋନା ସଂକ୍ରମଣ ପୂର୍ବରୁ କମ୍ପାନୀ ଚାପରେ ରହିଛି। କାରଣ ଏହାର ୨ଟି ମାକ୍ସ ଜେଟ୍ ବିଗତ ଦିନରେ କ୍ଷତିଗ୍ରସ୍ତ ହେବା ଫଳରେ କମ୍ପାନୀ ଆର୍ଥିକ ଚାପରେ ରହିଛି। ବର୍ତ୍ତମାନ ଏହି କମ୍ପାନୀରେ ୧.୬ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ କାମ କରୁଛନ୍ତି। ଗତ ସପ୍ତାହରେ କମ୍ପାନୀ ୬, ୭୭୦ ୟୁଏସ୍ କର୍ମଚାରୀଙ୍କୁ ଛଟେଇ କରିଛି । ସେହିଭଳି ଆସନ୍ତା ସପ୍ତାହ ମଧ୍ୟରେ ୫୫୨୦ କର୍ମଚାରୀ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ଥଇଥାନ ପ୍ୟାକେଜରେ ସ୍ୱେଚ୍ଛାକୃତ ଅବସର ନେବେ ବୋଲି ବୋଇଂ ପକ୍ଷରୁ ସୂଚନା ରହିଛି।

## ଡଲାର ଇଣ୍ଡଷ୍ଟ୍ରିଜର ନୂଆ ବ୍ରାଣ୍ଡ ପରିଚୟ




ନୂଆଦିଲ୍ଲୀ,୨୯।୫

ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ନୂଆ ବ୍ରାଣ୍ଡ ଆଇଡେଣ୍ଟିଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନୂଆ କର୍ପୋରେଟ ବ୍ରାଣ୍ଡ ଆଇଡେଣ୍ଟିଟି ଲକ୍ଷ୍ୟ ନେଇ 'ୱେର୍ ଦ ଚେଞ୍ଜ'କୁ କମ୍ପାନୀ ଡିଜିଟାଲ ଲଞ୍ଚ କରାଯାଇଛି। ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏବଂ ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏମ୍‌ଡି ବିନୋଦ କୁମାର ଗୁପ୍ତା ଏହାକୁ ଶୁଭାରମ୍ଭ କରିଥିଲେ। ଡିଜିଟାଇଜେଶନ ଏବଂ ପରିବର୍ତ୍ତିତ ସମୟରେ ଗ୍ରାହକଙ୍କ ନିକଟରେ ନିଜର ଉପସ୍ଥିତିକୁ ଭଲ ଭାବେ ଜାହିର କରିବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। କମ୍ପାନୀ ଜାରି କରିଥିବା ନୂଆ ଲୋଗୋ ବ୍ରାଣ୍ଡକୁ ଏକ ଭିନ୍ନ ପରିଚୟ ହେବ ବୋଲି ଏହା ଆଶାବାଦୀ ରହିଛି। ପୂର୍ବ ଲୋଗୋ ତୁଳନାରେ ବର୍ତ୍ତମାନର ଲୋଗୋକୁ ଅଧିକ ସରଳ କରାଯାଇଛି। ଏହା ଓଭରଲ୍ୟାପି ଡି ରହିଛି।

## ରାଜ୍ୟ ଖବର

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରେକର୍ଡ

ଢେଙ୍କାନାଳ ଅଫିସ, ୨୯।୫

କରୋନା ସଙ୍କଟ ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ସଫଳତାର ସହ କାର୍ଯ୍ୟକାରୀ କରି ନୂଆ ରେକର୍ଡ ସୃଷ୍ଟି କରିଛି ଢେଙ୍କାନାଳ ଜିଲା। କେବଳ ମେ' ମାସରେ ଏହି ଯୋଜନାରେ ୪ଲକ୍ଷ ୫୬ହଜାର ୩୩୦ ଶ୍ରମ ଦିବସ ସୃଷ୍ଟି ହୋଇଛି, ଯାହା ସର୍ବକାଳୀନ ରେକର୍ଡ। ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକାରିତାରେ ରାଜ୍ୟର ଅନ୍ୟ ସମସ୍ତ ଜିଲାକୁ ପଛରେ ପକାଇ ଢେଙ୍କାନାଳ ଶୀର୍ଷସ୍ଥାନ ହାସଲ କରିଥିବା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

କରୋନା ସମସ୍ୟା ଭିତରେ ଜିଲାର ଶ୍ରମଜୀବୀଙ୍କୁ ରୋଜଗାରକ୍ଷମ କରିବାକୁ ଏପ୍ରିଲ୍ ୫ରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ଆରମ୍ଭ ହୋଇଥିଲା। ଲକ୍‌ଡାଉନ୍ ପ୍ରତିବନ୍ଧକ ଯୋଗୁ ପାଖାପାଖି ମାସେ କାମ ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କଠାରୁ ଅନୁମତି ମିଳିବା ପରେ ଗ୍ରାମାଞ୍ଚଳରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଏହାର ମଙ୍ଗ ସମ୍ଭାଳିଥିଲେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଯୋଜନାରେ ଜଳଅମଳ ପ୍ରକଳ୍ପ, ପୋଖରୀ ଖନନ, ପୋଖରୀ ପୁନରୁଦ୍ଧାର, କୂପଖନନ, ଜମି ଉନ୍ନତୀକରଣ, ଗାଁ ରାସ୍ତା ସଂଯୋଗୀକରଣ, ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଯୋଜନାରେ ୯୪୬୦.୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା।

**ଢେଙ୍କାନାଳ ଜିଲା**



- ମେ'ରେ ୪.୫୬ ଲକ୍ଷ ଶ୍ରମ ଦିବସ ସୃଷ୍ଟି
- ୧.୯୪ ଲକ୍ଷ ପରିବାର ପାଇଛନ୍ତି ଜବ୍‌କାର୍ଡ
- ୬୨,୩୬୩ ଲୋକଙ୍କୁ ଯୋଗାଯାଇଛି କାମ

| ବ୍ଲକ | ଖର୍ଚ୍ଚ ପରିମାଣ(ଟଙ୍କାରେ) | ମୋଟ ଶ୍ରମ ଦିବସ |
|---|---|---|
| ହିନ୍ଦୋଳ | ୨କୋଟି ୪୫ ଲକ୍ଷ ୨୨ ହଜାର | ୧,୦୬,୯୦୯ |
| ଭୁବନ | ୧୦୦.୨୬ଲକ୍ଷ | ୩୭,୬୫୫ |
| ଗଁଦିଆ | ୧୯୧.୪୦ଲକ୍ଷ | ୫୬,୫୨୯ |
| କାମାକ୍ଷାନଗର | ୧୫୯.୭୦ ଲକ୍ଷ | ୬୩,୭୭୮ |
| କଙ୍କଡ଼ାହାଡ଼ | ୧୪୬.୫୪ଲକ୍ଷ | ୫୮,୫୯୦ |
| ପରଜଙ୍ଗ | ୧୫୦.୧୧ଲକ୍ଷ | ୩୩,୩୯୮ |
| ଢେଙ୍କାନାଳ | ୨୭୦.୪୭ଲକ୍ଷ | ୯୯,୬୪୪ |

ମୋଟ ୩୫ଲକ୍ଷ ୩୦ହଜାର ୪୯୭ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୪,୩୪୧ ପ୍ରକଳ୍ପ ଅନୁମୋଦିତ ହୋଇଛି। ମେ ୨୮ ସୁଦ୍ଧା ଜିଲାରେ ୧୪କୋଟି ୮୭ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ମୋଟ ୫ଲକ୍ଷ ୧୩ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୩୪,୮୯୦ ପରିବାରର ୬୨,୩୬୩ ଲୋକଙ୍କୁ କାମ ଯୋଗାଇ ଦିଆଯାଇଛି। ୧ଲକ୍ଷ ୯୪ହଜାର ୭୫୭ ପରିବାରକୁ ଜବକାର୍ଡ ମିଳିଛି। ଲକ୍‌ଡାଉନ ସମୟରେ ଜିଲାକୁ ଆସିଥିବା ୫୦୦ ପ୍ରବାସୀ ଓଡ଼ିଆ ପରିବାରକୁ ଜବକାର୍ଡ ଦିଆଯାଇଛି। ସପ୍ତଶଯ୍ୟା ପଞ୍ଚାୟତ ପଦ୍ମନାଭପୁର ଗ୍ରାମ ପଧାନି ନାଳ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଶ୍ରମିକ ଅରକ୍ଷିତ ପ୍ରଧାନ (୨୫), ଲମ୍ବୋଦର ପ୍ରଧାନ (୨୪) କୁହନ୍ତି, ବାହାର ରାଜ୍ୟରେ କାମ କରୁଥିଲୁ। ଲକ୍‌ଡାଉନ୍ ସମୟରେ କାମ ନ ମିଳିବାରୁ ପେଟ ପୋଷିବା କଷ୍ଟକର ହୋଇପଡ଼ିଥିଲା। ସରକାର ଭିଟାମାଟିକୁ ଫେରାଇ ଆଣିବା ପରେ କାମ କରୁଛୁ। ନିଜ ଅଞ୍ଚଳରେ କାମ ମିଳିଲେ କାହିଁକି ବାହାରକୁ ଯିବୁ ବୋଲି ଉଭୟେ କହିଛନ୍ତି।

**୬୦ହଜାର ଲୋକଙ୍କୁ କାମ ଯୋଗାଇ ଦେବାକୁ ଲକ୍ଷ୍ୟ**



ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରିତାରେ ଜିଲା ୩ବର୍ଷର ରେକର୍ଡ ଭାଙ୍ଗିଛି। ଜିଲାରେ ବିଭିନ୍ନ ବିଭାଗ ଅଧୀନରେ ୫୦ହଜାର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଇଛି। ୬୦ହଜାର ଲୋକଙ୍କୁ କାମ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତି ପଞ୍ଚାୟତରେ ହାରାହାରି ୧୨ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଶ୍ରମିକଙ୍କୁ ଦୈନିକ ୨୦୭ ଟଙ୍କା ହିସାବରେ ୧୫ ଦିନକୁ ଥରେ ପାରିଶ୍ରମିକ ପ୍ରଦାନ କରାଯାଉଛି।

-ନରୋତ୍ତମ ବେହେରା,
ପିଡି ଡିଆର୍‌ଡିଏ

## ଚିଲିକାରେ ଇରାୱାଡି ଡଲ୍‌ଫିନ ୩ ଗୁଣ ବଢ଼ାଇବ

ନୂଆଦିଲ୍ଲୀ,୨୯।୫(ପି.ଟି.)

**ଆଇଆଇଟି ମାଡ୍ରାସର ନୂଆ ଡ୍ରେଜିଂ ପଦ୍ଧତି**



ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମାଡ୍ରାସର ଗବେଷକମାନେ ଏକ ନୂଆ ଡ୍ରେଜିଂ ପଦ୍ଧତିର ବିକାଶ କରିଛନ୍ତି। ଏହି ପଦ୍ଧତି ଏସିଆ ମହାଦେଶର ସର୍ବବୃହତ ଲବଣାକ୍ତ ହ୍ରଦ ଚିଲିକାରେ ଇରାୱାଡ଼ି ଡଲଫିନ ସଂଖ୍ୟା ୩ ଗୁଣ ବଢ଼ାଇବାରେ ସହାୟକ ହୋଇପାରିବ ବୋଲି ଗବେଷକମାନେ ଦାବି କରିଛନ୍ତି। ସେମାନେ ଭୂପ୍ରଯୁକ୍ତି, ହାଇଡ୍ରୋଲିକ୍ ଏବଂ ସାଟେଲାଇଟ ଫଟୋ ଅଧ୍ୟୟନ କରି ଚିଲିଭା ଭୂଗର୍ଭର ଅନୁଧ୍ୟାନ କରିବା ସହ ନୂତନ ଡେଜିଂ ପଦ୍ଧତି ବିକଶିତ କରିଛନ୍ତି। ଏହି ପଦ୍ଧତିରେ ଖୋଳାଗଲେ ଚିଲିକା ହ୍ରଦର ପରିବେଶ ଉପରେ ସର୍ବନିମ୍ନ ପ୍ରଭାବ ପଡ଼ିବ। ଏଥିରେ ଡ୍ରେଜିଂକୁ ତିନିଭାଗରେ ବିଭକ୍ତ କରାଯାଇଛି। ହ୍ରଦ ଶଯ୍ୟାରୁ ମାଟି ଖୋଳିବା, ଉକ୍ତ ମାଟିକୁ ଡ୍ରେଜ୍ ଜାହାଜକୁ ଉଠାଇବା ଏବଂ ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା। ଏହି ପଦ୍ଧତି କାର୍ଯ୍ୟକାରୀ ହେଲେ ଚିଲିକା ତଟବର୍ତ୍ତୀ ଅଞ୍ଚଳର ୧୩୨ଟି ଗ୍ରାମରେ ରହୁଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଉପକୃତ ହୋଇପାରିବେ। ସେମାନଙ୍କ ମାଛ ମାରିବା ୭ ଗୁଣ ବଢ଼ିବା ସହ ଚିଲିକାରେ ପର୍ଯ୍ୟଟକ ସଂଖ୍ୟା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇବ ବୋଲି କୁହାଯାଉଛି। ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାକୁ ବ୍ୟାପିଥିବା ଏହି ବିଶାଳ ହ୍ରଦ ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକାର ମାଧ୍ୟମ ପାଲଟିଥିବାବେଳେ ମହାନଦୀ ଜଳ ନିଷ୍କାସନରେ ସହାୟକ ହୋଇଥାଏ ବୋଲି ଆଇଆଇଟି ମାଡ୍ରାସର ଓସନ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ଆର୍. ସୁନ୍ଦରଭାଦିଭେଲୁ କହିଛନ୍ତି। ତେବେ ହ୍ରଦର ଅବକ୍ଷୟ ହେଉଥିବାରୁ ଏହାକୁ ୧୯୯୩ରେ ଅନୁଷ୍ଠିତ ରାମସାର ସମ୍ମିଳନୀରେ ଏହାକୁ ବିଲୁପ୍ତ ତାଲିକାରେ ରଖାଯାଇ ହ୍ରଦର ପୁନରୁଦ୍ଧାର ଲାଗି ଜରୁରୀ ପଦକ୍ଷେପ ଆବଶ୍ୟକ ବୋଲି କୁହାଯାଇଥିଲା। ଚିଲିକା ଭିତରେ ଜମା ହେଉଥିବା ବାଲୁକା ସ୍ତୁପ ଅଧିକ ପ୍ରଶସ୍ତ ହେବା ସହ ମୁହାଁଣ ସ୍ଥିତିରେ ବାରମ୍ବାର ପରିବର୍ତ୍ତନ ହେଉଛି। ୧୭୮୦ରେ ମୁହାଁଣର ଓସାର ୧.୫ କିଲୋମିଟର ଥିବାବେଳେ ୧୮୨୦ ବେଳକୁ ଏହା ଅଧା ସଂକୁଚିତ ହୋଇଯାଇଥିଲା। ୧୮୦୦ ମସିହା ବେଳେ ମୁହାଁଣ ସିପକୁଦଠାରେ ଥିବାବେଳେ ତାହା ଉତ୍ତର ଦିଗକୁ ଗତିକରି ଅରଖକୁଦ ପାଖରେ ପହଞ୍ଚିଲାଣି।

## ପ୍ରବାସୀଙ୍କୁ କର୍ମନିଯୁକ୍ତି ହେବ ପ୍ରାଥମିକତା

ଭୁବନେଶ୍ୱର,୨୯।୫(ବ୍ୟୁରୋ)

- ରାଜ୍ୟ ଯୋଜନା ବୋର୍ଡର ବୈଠକ
- ଅର୍ଥନୀତିକୁ ଗତିଶୀଳ କରିବାକୁ ବିଭିନ୍ନ ନିଷ୍ପତ୍ତି

ରାଜ୍ୟ ଅର୍ଥନୀତିକୁ ଗତିଶୀଳ କରିବା ଓ ଏହାର ସୁପରିଚାଳନା ପାଇଁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଲକ୍‌ଡାଉନ ପରେ ପ୍ରବାସୀଙ୍କୁ ନିଯୁକ୍ତି ଦେବା ଓ ମାନବ ସମ୍ବଳର ଠିକ୍ ବିନିଯୋଗକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଯୋଜନା ଓ ସଂଯୋଜନା ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଗୋପବନ୍ଧୁ ଶତପଥୀ ଏବଂ ନବକୃଷ୍ଣ ଚୌଧୁରୀଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। କରୋନା ମହାମାରୀର ପରବର୍ତ୍ତୀ ସମୟରେ ରାଜ୍ୟ ଅର୍ଥନୀତିକୁ ଗତିଶୀଳ କରିବା ନେଇ ଚାରୋଟି କ୍ଷେତ୍ର ଉପରେ ବିସ୍ତୃତ ତର୍ଜମା କରି ରାଜ୍ୟ ସରକାରଙ୍କୁ କାର୍ଯ୍ୟାନ୍ୱୟନ ପାଇଁ ରିପୋର୍ଟ ପ୍ରଦାନ କରାଯିବ। ସମ୍ପୃକ୍ତ ବିଭାଗର ଶାସନ ସଚିବ ଏବଂ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ନେଇ ଏହି ରିପୋର୍ଟ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ କରାଯିବ । ଏହି ବୈଠକର ସିଦ୍ଧାନ୍ତକୁ ନେଇ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କୁ ଅନୁମୋଦନ ନିମନ୍ତେ ସଦୟ ଅନୁମତି ମଗାଯାଇଥିଲା । ଶୁକ୍ରବାର ମୁଖ୍ୟମନ୍ତ୍ରୀ ଯୋଜନା ବୋର୍ଡର ଏହି ପ୍ରସ୍ତାବକୁ ମଞ୍ଜୁର ପ୍ରଦାନ କରିବା ସହିତ ସମସ୍ତ ଆନୁଷଙ୍ଗିକ ବିଭାଗର ଶାସନ ସଚିବଙ୍କ ସହ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରି ଏ ସମ୍ବନ୍ଧିତ ରିପୋର୍ଟ ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଉନ୍ନୟନ କମିଶନର କହିଛନ୍ତି ଯେ, ବର୍ତ୍ତମାନ ପ୍ରବାସୀଙ୍କୁ କିଭଳି କର୍ମନିଯୁକ୍ତି ଦିଆଯାଇପାରିବ ଏବଂ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ଅଧିକରୁ ଅଧିକ କର୍ମନିଯୁକ୍ତି ସୃଷ୍ଟି କରାଯାଇ ଏହି ମାନବ ସମ୍ବଳକୁ ଠିକ୍ ବିନିଯୋଗ କରି ରାଜ୍ୟ ଅର୍ଥନୀତିକୁ ଅଧିକ ଗତିଶୀଳ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବ।

## ଅନ୍ୟ ରାଜ୍ୟର ପ୍ରବାସୀଙ୍କୁ ମାଗଣା ଚାଉଳ, ଚଣା

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ଓଡ଼ିଶା ଚେକ୍ ପଏଣ୍ଟ ଦେଇ ଯାଉଥିବା ଅନ୍ୟ ରାଜ୍ୟର ଶ୍ରମିକଙ୍କୁ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ମୁଣ୍ଡ ପିଛା ୫କେଜି ଲେଖାଏ ଦୁଇମାସ ପାଇଁ ୧୦କେଜି ଚାଉଳ ଏବଂ ପରିବାର ପିଛା ୨ କେଜି ଚଣା ବିନା ମୂଲ୍ୟରେ ବଣ୍ଟନ କରାଯାଉଛି। ଏହାକୁ ଠିକ୍ ଭାବେ ପରିଚାଳନା କରିବାକୁ ସୀମାବର୍ତ୍ତୀ ୧୧ ଜିଲାର ଜିଲାପାଳଙ୍କୁ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ସାମଗ୍ରୀ ପାଇଥିବା ପ୍ରବାସୀଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ବିଭାଗକୁ ପଠାଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସୀମାବର୍ତ୍ତୀ ୧୨ଟି ଚେକ୍ ପଏଣ୍ଟ ଦେଇ ପ୍ରବାସୀମାନେ ଯେପରି ସୁବିଧାରେ ନିଜ ଘରକୁ ଫେରିପାରିବେ ସେଥିଲାଗି ସମସ୍ତ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ, ମନ୍ତ୍ରୀ ସ୍ୱାଇଁ ଏପ୍ରିଲ ୧୩ ଏବଂ ମେ ୨୨ରେ କେନ୍ଦ୍ର ଖାଦ୍ୟ ଯୋଗାଣ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ବୈଠକରେ ପ୍ରବାସୀ ଶ୍ରମିକଙ୍କ ଖାଦ୍ୟ ନିରାପତ୍ତାକୁ ଗୁରୁତ୍ୱ ଦେବା ଲାଗି ପ୍ରସ୍ତାବ ଦେଇଥିଲେ।

## ନଡ୍ଡାଙ୍କ ସିଧାପ୍ରସାରଣ ଦେଖିବାକୁ ସମୀରଙ୍କ ଆହ୍ୱାନ

ଭୁବନେଶ୍ୱର, ୨୯।୫(ବ୍ୟୁରୋ):

ପ୍ରଧାନମବୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ମୋଦି-୨.୦ ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଶନିବାର ହେବାକୁ ଯାଉଛି। ଆତ୍ମନିର୍ଭର ଭାରତବର୍ଷ ଗଠନ ପାଇଁ ପ୍ରଧାନମନ୍ତ୍ରୀ ଦେଶବାସିଙ୍କୁ ଆହ୍ୱାନ ଦେଇଛନ୍ତି । ମୋଦି ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଭାଜପା ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଶନିବାର ଡିଜିଟାଲ୍ ପ୍ଲାଟଫର୍ମକୁ ବ୍ୟବହାର କରି ଫେସବୁକ୍ ଲାଇଭ ଜରିଆରେ ଦଳର କାର୍ଯ୍ୟକର୍ତ୍ତା ଓ ଦେଶବାସୀଙ୍କୁ ସମ୍ବୋଧନ କରିବେ । ଅପରାହ୍ନ ୪ଟା ସମୟରେ ହେବାକୁ ଥିବା ରାଷ୍ଟ୍ରୀୟ ସଭାପତି ନଡ୍ଡାଙ୍କ ସମ୍ବୋଧନର ସିଧା ପ୍ରସାରଣ ଦେଖିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ସମସ୍ତ କାର୍ଯ୍ୟକର୍ତ୍ତା ଓ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି।



ହାସ୍ୟ ଅଭିନେତ୍ରୀ ଭାରତୀ ସିଂ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରି ଲକ୍‌ଡାଉନ୍ ବଢ଼ିଲେ କ'ଣ ହେବ ସେ ସମ୍ପର୍କରେ କହିଛନ୍ତି। ଭିଡିଓ ଆରମ୍ଭରେ, ଭାରତୀ ନାକରେ ହାତଦେଇ ଛାଡ଼ିବା ପରେ ଏହା ଧୀରେ ଧୀରରେ ଏକ ପଶୁରେ ପରିଣତ ହୋଇଯାଉଛି। ଭିଡିଓଟି ବହୁତ ମଜାଳିଆ ହୋଇଛି। ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପ୍ରୋଫାଇଲ ଦେଖିଲେ ଯେ କେହି ହସି ହସି ଗଡ଼ିଯିବ। ସେ ଏହି ଭିଡିଓ ଶେୟାର କରି କ୍ୟାପ୍‌ଶନ ଲେଖିଛନ୍ତି, ଯଦି ଲକ୍‌ଡାଉନ୍ ଆଗକୁ ବଢ଼ିବ ତେବେ ଏମିତି ଘଟିବ। ଭିଡିଓରେ ଭାରତୀଙ୍କ ଦ୍ୱାରା ଦେଖାଯାଇଥିବା ପରିସ୍ଥିତିକୁ ନେଇ ଅନେକ ୟୁଜର ଏକମତ ଅଛନ୍ତି।

# କରୋନାର ଥ୍ରୀଡି ମଡେଲ

**ଗ୍ଲାସ୍‌ଗୋ:** ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କରୋନା ଭାଇରସ୍‌ର ଥ୍ରୀ ଡି ମଡେଲ ଏବଂ ଭିଡିଓ ଜାରି କରିଛନ୍ତି। ଦୀର୍ଘଦିନର ଗବେଷଣା ପରେ ବୈଜ୍ଞାନିକମାନେ ଭୂତାଣୁର ଉଭୟ ବାହ୍ୟ ଏବଂ ଆଭ୍ୟନ୍ତରୀଣ ସଂରଚନାକୁ ଥ୍ରୀ ଡି ଭିଡିଓ ମାଧ୍ୟମରେ ଦର୍ଶାଇଛନ୍ତି। ଏହାଦ୍ୱାରା ଜନସାଧାରଣ ଜଟିଳ କରୋନା ଭୂତାଣୁ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରିବେ। ଏହାକୁ ପ୍ରସ୍ତୁତ କରିଥିବା ବୈଜ୍ଞାନିକ ଇଲ୍‌ଷ୍ଟ୍ରେଟର ଏନାବେଲ ସ୍ଲେଟରଙ୍କ କହିବା କଥା, ଥ୍ରୀଡି ଭିଡିଓ ମାଧ୍ୟମରେ କରୋନା ଭାଇରସ୍‌ର ପ୍ରତି କଣିକାକୁ ଭଲ ଭାବେ ବୁଝିହେବ। ଏନାବେଲ ହେଉଛନ୍ତି ଗ୍ଲାସ୍‌ଗୋ ୟୁନିଭର୍ସିଟିର ପୂର୍ବତନ ବିଦ୍ୟାର୍ଥୀ। ଭୂତାଣୁ ବିଶେଷଜ୍ଞ ଡା. ହଚିନ୍‌ସନ୍ କହିଛନ୍ତି, କୌଣସି ଭାଇରସ୍‌କୁ ଅନୁଧ୍ୟାନ କରି ଏଭଳି ଫଟୋଚିତ୍ର ବାହାର କରିବା କଷ୍ଟସାଧ୍ୟ ବ୍ୟାପାର। ଏହି ଫଟୋ ବେଶ୍ ଆକର୍ଷଣୀୟ ହୋଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି, କରୋନା ଭାଇରସ୍‌ର ପ୍ରତି କଣିକା ଅନ୍ୟଠାରୁ ଟିକେ ଭିନ୍ନ।




**ସ୍ପାଇକ୍ ପ୍ରୋଟିନ୍:**
କରୋନା ଭାଇରସ୍‌ର ପ୍ରମୁଖ ଅଂଶ ହେଉଛି ସ୍ପାଇକ୍ ପ୍ରୋଟିନ୍। ଏହା ଭୂତାଣୁ ସଂକ୍ରମଣର ପ୍ରମୁଖ ଅସ୍ତ୍ର ଭାବେ କାମ କରିଥାଏ। ଶରୀରରେ ପହଞ୍ଚିବା ପରେ ଏହା ସକ୍ରିୟ ହୋଇଥାଏ ଏବଂ ସୁସ୍ଥ କୋଷିକାଗୁଡ଼ିକୁ ଅକ୍ତିଆରକୁ ନେଇଥାଏ। ଏହି ପ୍ରୋଟିନ୍ କରୋନା ଭାଇରସ୍‌ର ବାହ୍ୟଅଂଶରେ ପୃଥକ୍ ଭାବରେ ବିଭକ୍ତ ହୋଇ ରହିଥାଏ। ଏହାର ଆକାର ମୁକୁଟ (କ୍ରାଉନ୍) ଭଳି। ତେଣୁ ଏହାର ନାମ କରୋନା ବୋଲି ଦିଆଯାଇଛି।

**ନ୍ୟୁକ୍ଲିଓ ପ୍ରୋଟିନ୍:**
ଏହା ପରସ୍ପର ମଧ୍ୟରେ ମିଳିତ ହୋଇ କୁଣ୍ଡଳୀ ଆକାର ଧାରଣ କରିଥାନ୍ତି। ଏଥିସହ ଆର୍‌ଏନ୍‌ଏ ସହ ଲାଗି ରହନ୍ତି। କରୋନା କଣିକାରେ ଏହି ଆର୍‌ଏନ୍‌ଏ ଥାଏ, ଯାହା ଭାଇରସ୍‌କୁ ନଷ୍ଟ ହେବାରୁ ସୁରକ୍ଷିତ ରଖିଥାଏ। ସଂକ୍ରମଣର ପ୍ରଥମ ପର୍ଯ୍ୟାୟରେ ଆର୍‌ଏନ୍‌ଏ ରିଲିଜ୍ ହେବାସହ ରୋଗୀର କୋଷିକାରେ ପହଞ୍ଚି ରୋଗ ପ୍ରତିରୋଧ କ୍ଷମତାକୁ ନଷ୍ଟ କରିଦେଇଥାଏ।

**ଏନ୍‌ଭେଲପ୍ ପ୍ରୋଟିନ୍:**
ଭୂତାଣୁ ନିକଟରେ ଏହି ପ୍ରକାର ଭାଇରସ୍ କମ୍ ମାତ୍ରାରେ ମିଳିଥାଏ। ଏହା ଭାଇରସ୍‌ର ବିକାଶ ଏବଂ ଏହାକୁ ସକ୍ରିୟ ରଖିବା ଲାଗି ଏକ ଜରୁରୀ ଉପାଦାନ। ଏହା ଦ୍ରୁତ ସଂକ୍ରମଣର ବାହକ ମଧ୍ୟ। ବୈଜ୍ଞାନିକମାନେ ଏହା ଉପରେ ଅଧିକ ତଥ୍ୟ ହାସଲ କରିବାକୁ ସକ୍ଷମ ହୋଇପାରିନାହାନ୍ତି। ତେବେ ଏହା ଭାଇରସ୍‌କୁ ଅନେକ ଦିଗରୁ ସହାୟତା କରୁଥିବା ସେମାନେ ମତ ଦେଇଛନ୍ତି।

**ମେମ୍ବ୍ରେନ୍ ପ୍ରୋଟିନ୍:**
କରୋନା ଭାଇରସ୍‌ର ବାହ୍ୟ ଆବରଣ ଲିପିଡ୍ ଦ୍ୱାରା ତିଆରି ହୋଇଥାଏ। ଲିପିଡ୍ ହେଉଛି ଜୀବନ୍ତ କୋଷର ମହତ୍ତ୍ୱପୂର୍ଣ୍ଣ ଉପାଦାନ। ଏହା କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ସହିତ ମିଶି ମନୁଷ୍ୟ ଏବଂ ଉଦ୍ଭିଦ କୋଷିକାଗୁଡ଼ିକୁ ବିଘଟିତ କରିଥାଏ। ଭୂତାଣୁ ଚାରିପଟେ ଏଗୁଡ଼ିକ ବେଢ଼ି ରହିଥାଏ। ଏହା ଭାଇରସ୍‌କୁ ଆକାର ଦେବା ସହ ମଜଭୁତ୍ ମଧ୍ୟ କରିଥାଏ। ଶରୀରରେ ସଂକ୍ରମଣ ଗମ୍ଭୀର ରୂପ ନେଲେ ଏହି ପ୍ରୋଟିନ୍ ଭାଇରସ୍‌କୁ ଛୋଟ ଛୋଟ ଖଣ୍ଡରେ ଭାଙ୍ଗି ଦେଇଥାଏ। ଏହାଦ୍ୱାରା ନୂତନ କୋଷ ମଧ୍ୟ ସଂକ୍ରମିତ ହୋଇପଡ଼େ।

# ସୋନୁଙ୍କ ପରେ ସ୍ୱରା




**ମୁମ୍ବାଇ:** କରୋନା ମହାମାରୀ ପାଇଁ ଦେଶରେ ଲାଗୁ ହୋଇଥିବା ଲକ୍‌ଡାଉନ ଯୋଗୁ ପ୍ରବାସୀ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଲେଣି। ଗୋଟିଏ ପଟେ ରୋଜଗାର ନ ଥାଇ ଅନ୍ୟ ରାଜ୍ୟରେ ରହୁଥିବା ପ୍ରବାସୀ ଶ୍ରମିକ ଏହି ସମୟରେ ନିଜ ରାଜ୍ୟକୁ ଫେରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଯାନବାହନ ଚଳାଚଳ ବନ୍ଦ ଥିବାରୁ ସେମାନେ ଚାଲିଚାଲି ଅବା ସାଇକେଲରେ ଘରମୁହାଁ ହୋଇଥିଲେ। ଏମାନଙ୍କ ଦୁଃଖଦୁର୍ଦ୍ଦଶା ଦେଖି ବଲିଉଡ୍‌ର ସେଲିବ୍ରିଟିମାନେ ବଢ଼ାଇଥିଲେ ସହଯୋଗର ହାତ। ତେବେ ପ୍ରବାସୀଙ୍କୁ ଘରେ ପହଞ୍ଚାଇବାରେ ବଲିଉଡ୍ ଅଭିନେତା ସୋନୁ ସୁଦଙ୍କ ନାଁ ଚର୍ଚ୍ଚାକୁ ଆସିଥିବା ବେଳେ ଏବେ ଏଥିରେ ଯୋଡ଼ିହୋଇଛି ଅଭିନେତ୍ରୀ ସ୍ୱରା ଭାସ୍କରଙ୍କ ନାଁ। ଇତିମଧ୍ୟରେ ସେ ପାଖାପାଖି ୧ ହଜାର ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ଘରେ ପହଞ୍ଚାଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ଲକ୍‌ଡାଉନ ସମୟରେ ପ୍ରବାସୀଙ୍କ ଦୁଃଖ ଦେଖି ସେ ସହିପାରି ନ ଥିଲେ। ଘରେ ବସି ରାସ୍ତାରେ ଚାଲି ଚାଲି ଘରମୁହାଁ ହେଉଥିବା ଶ୍ରମିକଙ୍କୁ ଦେଖିବା ପରେ ସେ ସେମାନଙ୍କୁ ଘରେ ପହଞ୍ଚାଇବା ପାଇଁ ସ୍ଥିର କରିଥିଲେ। କେବଳ ସେତିକି ନୁହେଁ, ସ୍ୱରା ମଧ୍ୟ କିଛିଦିନ ତଳେ ଏଭଳି ପ୍ରବାସୀ ଶ୍ରମିକଙ୍କୁ ୫ଶହ ଯୋଡ଼ା ଜୋତା ଦାନ କରିଛନ୍ତି। ବଲିଉଡ୍‌ର ଏହି ଅଭିନେତ୍ରୀ ସୋସିଆଲ ମିଡିଆରେ ଆକ୍ଟିଭ ଥିବାବେଳେ ଏବେ ଲକ୍‌ଡାଉନ ସମୟରେ ସେ ତାଙ୍କ ପରିବାର ସହ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରୁଛନ୍ତି।

# ରୋବୋ ତିଆରି କଲେ ସପ୍ତମ ଶ୍ରେଣୀ ଛାତ୍ର

**ଔରଙ୍ଗାବାଦ:** ଯେଉଁ ବୟସରେ ପିଲାମାନେ ଖେଳିବୁଲି ସମୟ କଟାଇ ଦେଉଛନ୍ତି, ସେ ବୟସରେ ଜଣେ ଛାତ୍ର ତିଆରି କରିଛନ୍ତି ଏକ ରୋବୋ ସୌର୍ଯ୍ୟ। କରୋନା ସଂକ୍ରମିତଙ୍କୁ ଏହି ରୋବୋ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବାରେ ସହାୟକ ହୋଇପାରୁଛି। ଏଭଳି ଏକ କାମ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି ସାଇ ସୁରେଶ ରଙ୍ଗଡାଲ୍। ସପ୍ତମ ଶ୍ରେଣୀରେ ପାଠ ପଢୁଛନ୍ତି ସେ। ଲକ୍ ଡାଉନ୍ ଯୋଗୁଁ ଘରେ ବସି ବସି ସେ ଏହି ରୋବୋ ତିଆରି କରିଛନ୍ତି। ତାଙ୍କର ଏହି ରୋବୋଟି ବ୍ୟାଟେରୀ ଦ୍ୱାରା ଚାଳିତ ଏବଂ ସ୍ମାର୍ଟଫୋନରେ ହିଁ ଏହାକୁ ନିୟନ୍ତ୍ରଣ କରିହେବ। ଥରକେ ଏହା ଏକ କେଜି ଓଜନର ଜିନିଷ ବୋହି ନେଇପାରିବ। କରୋନା ରୋଗୀଙ୍କଠାରୁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଦୂରେଇ ରଖିବା ପାଇଁ ସେ ଏଭଳି ଏକ ରୋବୋ ତିଆରି କରିଥିବା କହିଛନ୍ତି। ରୋବୋଟି ଆଗକୁ ପଛକୁ ଯିବା ସହିତ ୩୬୦ ଡିଗ୍ରୀରେ ଡାହାଣ ଓ ବାମକୁ ମଧ୍ୟ ଯିବା ଆସିବା କରିପାରିବ। ତେଣୁ ଚିକିତ୍ସା କ୍ଷେତ୍ରରେ ଏହା ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି। ସାଇଙ୍କ ବାପା ସୁରେଶ କହନ୍ତି, ଛୋଟବେଳରୁ ବିଭିନ୍ନ ଇଲେକ୍ଟ୍ରୋନିକ୍ ଜିନିଷକୁ ସେ ଖୁବ୍ ପସନ୍ଦ କରିଥାଏ। ସେଥିପାଇଁ ସେ ବହୁ ପ୍ରକାରର ଇଲେକ୍ଟ୍ରୋନିକ୍ ଜିନି, ଖେଳନା ନିଜ ପାଖରେ ସାଇତି ରଖିଥାଏ। ଏସବୁ ଦେଖି ସେ ନିଜେ ଏକ ରୋବୋ କରିବା ପାଇଁ ଚିନ୍ତା କରିଥିଲା ଓ ଏଥିପାଇଁ ଆବଶ୍ୟକ କେତେଗୁଡ଼ିଏ ଜିନିଷ ମଧ୍ୟ ତାଙ୍କୁ ବଜାରରୁ ଆଣିବାକୁ ପଡ଼ିଥିଲା। ଏବେ ସେ ତିଆରି କରିଥିବା ରୋବୋ ସମାଜସେବାରେ ଲଶଗିପାରିବ।



# ଲକ୍‌ଡାଉନକୁ ନେଇ ଡକ୍ୟୁମେଣ୍ଟାରି 'ଉଠେଙ୍ଗେ ହମ୍'

**ନୂଆଦିଲ୍ଲୀ:** ମାର୍ଚ୍ଚ ୨୫ଠାରୁ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିଲା। ପ୍ରାୟ ୮ ସପ୍ତାହ ଧରି ହୋଇଥିବା ଲକ୍‌ଡାଉନରେ ସାରା ଦେଶର ୧୩୦ କୋଟି ଲୋକ ତାଲାବନ୍ଦ ହୋଇ ରହିଥିଲେ। ବର୍ତ୍ତମାନ କଟକଣା ଧୀରେ ଧୀରେ କୋହଳ ହେଉଛି। ଲୋକପ୍ରିୟ ସିନେମା ନିର୍ଦ୍ଦେଶକ ଭାରତବାଲା ଏହାକୁ ନେଇ ଏକ କ୍ଷୁଦ୍ର ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ସ୍ୱାଧୀନତା ପରଠାରୁ ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ଘଟଣା ହୋଇଥିବା ବେଳେ ଏଥିରେ ୧୧୭ ସେଟ୍ ଡକ୍ୟୁମେଣ୍ଟକୁ ନେଇ ବିଭିନ୍ନ ପ୍ରସ୍ତୁତି କରାଯାଇଛି। ଚଳଚ୍ଚିତ୍ରର ଟାଇଟଲ 'ଉଠେଙ୍ଗେ ହମ୍' ରଖାଯାଇଛି। ବିଶ୍ୱର ସବୁଠାରୁ ଜନସଂଖ୍ୟା ବହୁଳ ଗଣତନ୍ତ୍ର ରାଷ୍ଟ୍ରରେ ଲକ୍‌ଡାଉନର ବିଭିନ୍ନ ଚିତ୍ର ଚଳଚ୍ଚିତ୍ରରେ ଲୋକମାନେ ଦେଖିପାରିବେ। ୩୧ ମେ'ରେ ଏହା ମୁକ୍ତିଲାଭ କରିବ ବୋଲି ସୂଚନା ରହିଛି।



# ଫିଲ୍ମ ଫଟୋରେ କରୋନା ସଚେତନତା




**ନାଗପୁର:** କରୋନା ଭାଇରସ୍ ସଂକ୍ରମଣରୁ ବର୍ତ୍ତିବା ପାଇଁ ନିଜକୁ ହିଁ ସଚେତନ ହେବାକୁ ପଡ଼ିବ। ଲୋକଙ୍କୁ ଏ ସମ୍ପର୍କରେ ଜଣାଇବା ପାଇଁ ନାଗପୁର ପୋଲିସ୍ ଏକ ଭିନ୍ନ ଉପାୟ ଅବଲମ୍ବନ କରିଛି। ଲୋକଙ୍କୁ ମାସ୍କ ପିନ୍ଧିବା ପାଇଁ ଅନୁରୋଧ କରିବା ନିମନ୍ତେ ହିନ୍ଦୀ ସିନେମା 'କୁଛ୍ କୁଛ୍ ହୋତା ହୈ'ର ଏକ ଫଟୋକୁ ମାଧ୍ୟମ କରିଛି। ଫିଲ୍ମର ଏହି ଫଟୋରେ ଅଭିନେତା ଶାହାରୁଖ ଖାନ୍ କାଜୋଲଙ୍କ ପାଖକୁ ଯାଉଥିବା ବେଳେ ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କୁ ଛାଡ଼ି ନାହାନ୍ତି। ତେଣୁ ଏବେ କରୋନାରୁ ରକ୍ଷା ପାଇବା ପାଇଁ ହେଲେ ଲୋକେ ବାହାରକୁ ଯିବା ସମୟରେ ସତର୍କ ରହିବା ସହିତ ମାସ୍କ ବ୍ୟବହାର କରିବା ବାଧ୍ୟତାମୂଳକ ବୋଲି ଦେଖାଯାଇଛି। ନାଗପୁର ପୋଲିସ୍ ଏହି ଫଟୋରେ କାଜୋଲଙ୍କୁ ବାହାରକୁ ଯିବା ସହିତ ତୁଳନା କରିବାବେଳେ ରାଣୀ ମୁଖାର୍ଜୀଙ୍କୁ ମାସ୍କ ସହିତ ତୁଳନା କରିଛି। ପୋଲିସର ଏଭଳି ଟୁଇଟ୍‌କୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ସେଥିପାଇଁ ସୋସିଆଲ ମିଡିଆରେ ଏହି ଫଟୋ ଏବେ ଭାଇରାଲ୍ ହେବା ସହିତ ଲୋକେ ଏ ନେଇ ଖୁବ୍ କମେଣ୍ଟ ବି ଦେଇଛନ୍ତି।

# ୪ଜଣଙ୍କ ପାଇଁ ୧୮୦ ସିଟ୍

**ନୂଆଦିଲ୍ଲୀ:** ଚାରିଜଣଙ୍କ ପାଇଁ ଗୋଟିଏ ବିମାନରେ ୧୮୦ଟି ସିଟ୍ ବୁକିଂ। ଏଭଳି ଏକ କଥା ଯେକୌଣସି ଲୋକଙ୍କୁ ବି ଶୁଣିବାକୁ ଅଦ୍ଭୁଆ ଲାଗିପାରେ। କିନ୍ତୁ କରୋନା ପାଇଁ ଲକ୍‌ଡାଉନ୍ କଟକଣା ଥିବାରୁ ଘରକୁ ଫେରିବା ପାଇଁ ଏମିତି ଏକ କାମ କରିଛନ୍ତି ଭୋପାଳର ଜଣେ ବ୍ୟକ୍ତି। ଭୋପାଳର ଜଣେ ପ୍ରତିଷ୍ଠିତ ମଦ ବ୍ୟବସାୟୀ ନିଜ ପରିବାରର ତିନିଜଣ ସଦସ୍ୟ ଏବଂ ଘରର ଜଣେ କର୍ମଚାରୀଙ୍କୁ ଦିଲ୍ଲୀ ପଠାଇବା ପାଇଁ ୧୮୦ଟି ସିଟ୍ ଥିବା ଏ-୩୨୦ ବିମାନକୁ ଭଡ଼ାରେ ନେଇ ଯାଇଥିଲେ। ଏହି ପରିବାରର ଲୋକେ ୨ ମାସ ହେଲାଣି ଭୋପାଳରେ ଫସି ରହିଥିଲେ। ଘରୋଇ ବିମାନ ଚଳାଚଳ କରିବା ନେଇ ସରକାର ଘୋଷଣା କରିବା ପରେ ବ୍ୟକ୍ତିଜଣକ ତୁରନ୍ତ ଟିକେଟ୍ ବୁକ୍ କରିବାକୁ ଯାଇଥିଲେ। ଏହାପରେ ସେ ମାତ୍ର ଚାରିଜଣଙ୍କ ପାଇଁ ବିମାନ ଟିକେଟ୍ କରିବା ବଦଳରେ ସବୁ ଟିକେଟ୍ ବୁକ୍ କରି ପୂରା ବିମାନକୁ ଥରେ ଚଳାଇବା ପାଇଁ ଭଡ଼ାରେ ନେଇ ଯାଇଥିଲେ। ଏଥିପାଇଁ ସେ ଖର୍ଚ୍ଚ କରିଥିଲେ ୨୦ ଲକ୍ଷ ଟଙ୍କା। ମାତ୍ର ୪ଜଣ ଯାତ୍ରୀଙ୍କୁ ନେଇ ଯେତେବେଳେ ବିମାନଟି ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା ସେତେବେଳେ ଏକଥା ଜଣା ପଡ଼ିଥିଲା। ମଧ୍ୟପ୍ରଦେଶରେ କରୋନା ଭାଇରସ୍ ସଂକ୍ରମଣ ବହୁ ମାତ୍ରାରେ ବୃଦ୍ଧି ପାଉଥିବାରୁ ବ୍ୟକ୍ତିଜଣକ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। କାରଣ ଘରକୁ ଫେରିବାର ବ୍ୟାକୁଳତା ପାଇଁ ଲୋକେ ଯେକୌଣସି ପ୍ରକାରର ମୂଲ୍ୟ ଦେବାକୁ ବି ପ୍ରସ୍ତୁତ ହୋଇ ଯାଆନ୍ତି, ଏହା ହେଉଛି ତା'ର ଏକ ପ୍ରମାଣ।




# ନାୟିକାରୁ ପ୍ରଯୋଜିକା ହେଲେ ବିଦ୍ୟା

**ମୁମ୍ବାଇ:** ଅଭିନୟରେ ନିଜର ବଳିଷ୍ଠ ପ୍ରଦର୍ଶନ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିବା ପରେ ଏବେ ନାୟିକା ବିଦ୍ୟା ବାଲାନ୍ ପ୍ରଯୋଜିକା ହୋଇଛନ୍ତି। ଏକ ଛୋଟ ଫିଲ୍ମ ଜରିଆରେ ସେ ପ୍ରଯୋଜନା କ୍ଷେତ୍ରକୁ ଓହ୍ଲାଇଛନ୍ତି। ନିଜର ଟୁଇଟର ପୃଷ୍ଠାରେ ସେ ଏ ନେଇ ସୂଚନା ଦେଇଛନ୍ତି।

ତେବେ ବିଦ୍ୟାଙ୍କ ପ୍ରଯୋଜନାରେ ନିର୍ମିତ ଶର୍ଟ ଫିଲ୍ମର ନାମ ରହିଛି 'ନଟଖଟ୍'। ଏଥିରେ ସେ ଅଭିନୟ ମଧ୍ୟ କରିଛନ୍ତି। ଫିଲ୍ମର ପ୍ରଥମ ପୋଷ୍ଟର ରିଲିଜ ହୋଇଛି। ପୋଷ୍ଟରରେ ବିଦ୍ୟା ଦେଶୀ ଲୁକ୍‌ରେ ନଜର ଆସୁଛନ୍ତି। ସେ ଏକ ଶିଶୁର ମୁଣ୍ଡରେ ତେଲ ଲଗାଉଥିବା ବେଳେ ଅନ୍ୟମନସ୍କ ଅଛନ୍ତି। 'ଏକ୍ କାହାନୀ ଶୁନୋଗେ' ଫିଲ୍ମର ଟ୍ୟାଗ୍ ଲାଇନ୍ ରହିଛି। ଚଳଚ୍ଚିତ୍ରଟିକୁ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ ବ୍ୟାସ। ବିଦ୍ୟାଙ୍କ ପ୍ରଶଂସକ ଏହାକୁ ପସନ୍ଦ କରିଥିବା ଦେଖାଯାଇଛି। ତେବେ ବିଦ୍ୟାଙ୍କ ଫିଲ୍ମ 'ଶକୁନ୍ତଳା ଦେବୀ' ରିଲିଜ ଅପେକ୍ଷାରେ ରହିଛି। ଲକ୍‌ଡାଉନ୍ ଯୋଗୁ ଏହା ହୋଇପାରୁ ନ ଥିବାରୁ ଏହା ଆମାଜନ୍ ପ୍ରାଇମ୍‌ରେ ରିଲିଜ୍ ହେବ ବୋଲି କୁହାଯାଉଛି।



# ଲକ୍‌ଡାଉନ୍‌ରେ ଗ୍ରାଣ୍ଡ ପାର୍ଟି: ଭିଡିଓ ଭାଇରାଲ

**ଆମ୍‌ଷ୍ଟରଡାମ୍:** କରୋନା ଯୋଗୁ ବିଶ୍ୱର ଅଧିକାଂଶ ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଯଦିଓ ଅନେକ ସ୍ଥାନରେ କୌଣସି ପ୍ରତିବନ୍ଧକ ନାହିଁ, ତଥାପି ଲୋକେ ଭୟରେ କଟକଣାକୁ ମାନି ସାମାଜିକ ଦୂରତା ଅବଲମ୍ବନ କରୁଛନ୍ତି। ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି, ଲୋକେ ଖୁବ୍ ଆଡ଼ମ୍ବର ସହକାରେ ଗ୍ରାଣ୍ଡ ପାର୍ଟିର ଆୟୋଜନ କରିଛନ୍ତି। ଏଥିରେ ସାମାଜିକ ଦୂରତା ମଧ୍ୟ ବଜାୟ ରହିଛି। ବହୁ ସଂଖ୍ୟକ ଲୋକ ଏକ ବ୍ରିଜ୍ ତଳେ ଏକାଠି ଡ୍ୟାନ୍ସ କରୁଛନ୍ତି। ସାଧାରଣତଃ ଡ୍ୟାନ୍ସ ସମୟରେ ଲୋକେ ପରସ୍ପର ନିକଟତର ହୋଇଥାନ୍ତି। କିନ୍ତୁ ଏଠାରେ ବେଶ୍ ସଚେତନତା ଅବଲମ୍ବନ କରାଯାଇଛି। କରୋନାରୁ ରକ୍ଷା ପାଇବା ପାଇଁ ୧ ମିଟର ଦୂରତା ରକ୍ଷା କରିବାକୁ କୁହାଯାଉଥିବାରୁ ଏଠାରେ ଦଉଡ଼ି ସାହାଯ୍ୟରେ ଅନେକ ବର୍ଗକ୍ଷେତ୍ର ତିଆରି କରାଯାଇଛି। ଯେଉଁଥିରେ ଲୋକମାନେ ସାମାଜିକ ଦୂରତାକୁ ଦୃଷ୍ଟିରେ ରଖି ଡ୍ୟାନ୍ସ କରୁଛନ୍ତି। ଏହି ପାର୍ଟିରେ ଉଭୟ ପୁରୁଷ ଓ ମହିଳା ସାମିଲ ଅଛନ୍ତି। ଏହି ଭିଡିଓ କେଉଁଠୁ ଆସିଛି ସେ ସମ୍ବନ୍ଧରେ କୌଣସି ସୂଚନା ନାହିଁ। କିନ୍ତୁ ଏହାକୁ ନେଦରଲ୍ୟାଣ୍ଡର ଜଣେ ବ୍ୟକ୍ତି ଟୁଇଟର୍‌ରେ ଶେୟାର କରିଛନ୍ତି। ସେ କ୍ୟାପ୍‌ଶନରେ ଲେଖିଛନ୍ତି, 'ନୂଆ ଦୁନିଆକୁ ସ୍ୱାଗତ'। ଏହି ଭିଡିଓକୁ ବର୍ତ୍ତମାନ ସୁଦ୍ଧା ୬୭ ହଜାର ଲୋକ ଦେଖିଥିବାବେଳେ ୪୫୦ରୁ ଅଧିକ ଲୋକ ପସନ୍ଦ କରିଛନ୍ତି ଏବଂ ୨୦୦ରୁ ଅଧିକ ଲୋକ ପ୍ରତିକ୍ରିୟା ଦେଇଛନ୍ତି।

ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ସାରା ବିଶ୍ୱରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩ ଲକ୍ଷ ୫୮ ହଜାରରୁ ଅଧିକ ହୋଇଥିବାବେଳେ ୫୭ଲକ୍ଷ ୮୯ହଜାରରୁ ଅଧିକ ସଂକ୍ରମିତ ହୋଇଛନ୍ତି। ପ୍ରାୟ ୨୫ ଲକ୍ଷ ଲୋକ ଏହି ରୋଗରୁ ଆରୋଗ୍ୟ ଲାଭ କରିଛନ୍ତି। ଆମେରିକାରେ ଏପର୍ଯ୍ୟନ୍ତ ସର୍ବାଧିକ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେଠାରେ ମୃତ୍ୟୁସଂଖ୍ୟା ୧ ଲକ୍ଷ ଟପିଥିବା ବେଳେ ୧୭ ଲକ୍ଷରୁ ଅଧିକ ସଂକ୍ରମିତ ହୋଇଛନ୍ତି।



# ସମୟର ସଦୁପଯୋଗ




ସ୍କୁଲ ଛୁଟି ଅଛି ବୋଲି ଶିକୁନ୍ ଆଉ ପାଠ ପଢ଼ିବାକୁ ନାରାଜ। ସକାଳ ହେଲେ ସାଙ୍ଗପିଲାଙ୍କ ସହ ମିଶି ସାଇକେଲ୍ ଚଲା, ଟିଭିରେ କାର୍ଟୁନ୍ ଦେଖାରେ ସମୟ କଟୁଛି। ବାପା ତାଙ୍କୁ ବହୁ ବାର ବାରଣ କରିବା ସତ୍ତ୍ୱେ ବି ସେ ସାଙ୍ଗମାନଙ୍କ ସହ ଏଣେତେଣେ ବୁଲୁଛି। ସୁଧାକରବାବୁ ଜଣେ ସରକାରୀ କର୍ମଚାରୀ। ଅଧିକାଂଶ ସମୟରେ ସେ ଅଫିସ୍ କାମରେ ବ୍ୟସ୍ତ ରୁହନ୍ତି। ଏଇ କିଛିଦିନ ହେବ କରୋନା ମହାମାରୀ ପାଇଁ କେତେବେଳେ ଅଫିସ୍ ଯିବାକୁ ପଡୁଛି ତ କେବେ ଘରେ ରହୁଛନ୍ତି। ଯେତେବେଳେ ଘରେ ରୁହନ୍ତି ସେତେବେଳେ ଶିକୁନ୍ ଚୁପ୍‌ଚାପ୍ ଘରେ ବସି ଟିଭି ଦେଖେ। ବାପା ତା' ଚଗଲାମି ବି ଏତେ ଜାଣିପାରନ୍ତି ନାହିଁ। ସେଦିନ ସୁଧାକରବାବୁ ଅଫିସ୍ ବାହାରି ଯିବା ପରେ ଶିକୁନ୍ ସାଇକେଲ୍ ଖଣ୍ଡଟି ଧରି ବାହାରି ପଡ଼ିଲା। ମାତ୍ର କୌଣସି କାରଣରୁ ସୁଧାକରବାବୁ ଅଫିସ୍ ଯାଇ ନ ପାରି ବାଟରୁ ଫେରି ଆସିଲେ। ଘରେ ଆସି ଦେଖିଲେ ତ ଶିକୁନ୍ ନାହିଁ। ମା' ସୁମିତ୍ରାଙ୍କୁ ପଚାରିଲେ, ଶିକୁନ୍ କାହିଁ ? ସେ କହିଲେ– ମୁଁ ଜାଣିନି। ସେ ତ ଘରେ ରହୁନାହିଁ, ସବୁବେଳେ ବୁଲୁଛି। ସାଇକେଲ୍ ଖଣ୍ଡଟି ତାକୁ ବାଇଆ କରିଛି। ସୁଧାକରବାବୁ ବିରକ୍ତ ହେଲେ। କହିଲେ ପିଲାଟା ବିଗିଡ଼ି ଗଲାଣି। ଛୁଟି ହେଲେ ବି ଘରେ ଟିକେ ବସି ପାଠ ପଢ଼ିବ ନାହିଁ। ଖୋଜାଖୋଜି କରିବାରୁ ଶିକୁନ କିଛି ସାଙ୍ଗ ପିଲାଙ୍କ ସହ ସାଇକେଲ୍ ରେସିଙ୍ଗ୍ କରୁଥିଲା। ହଠାତ୍ ବାପାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ବାପା ଶିକୁନ୍‌କୁ ଘରକୁ ଡାକି ଆଣିଲେ। ଘରକୁ ଡାକି ବୁଝାଇ କହିଲେ, ଦେଖ ଶିକୁନ୍ ତୁ ଜାଣିଛୁ ଏବେ ଏକ ମହାମାରୀ ରୋଗ ସାରା ବିଶ୍ୱକୁ ଆକ୍ରାନ୍ତ କଲାଣି। ସେଥିପାଇଁ ସମସ୍ତେ ଆତଙ୍କିତ, ଆଉ ଏଥିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ମୁହଁ ଓ ନାକକୁ ଘୋଡ଼ାଇ ରଖିବା ଉଚିତ। ଏହା ସହିତ ହାତକୁ ବାରମ୍ବାର ସାବୁନରେ ଧୋଇବା ଉଚିତ। କେହି ଘରୁ ବାହାରିବା ଉଚିତ ନୁହେଁ। କେବଳ ଜରୁରୀ ପରିସ୍ଥିତିରେ ପଦାକୁ ଯିବା କଥା। ଦେଖୁନୁ ଟିଭିରେ ଲୋକଙ୍କୁ ବାରମ୍ବାର ସଚେତନ କରାଯାଉଛି।

ମାତ୍ର ତୁ ସେ ସବୁକୁ ଖାତିର ନ କରି ସାଙ୍ଗମାନଙ୍କ ସହ ସାଇକେଲ୍ ଚଲାଇବା ଆଉ କାର୍ଟୁନ ଦେଖାରେ ସମୟ କଟାଉଛୁ। ତୋ ବୟସର ପିଲାମାନେ ଏହି ସମୟରେ ଅନ୍‌ଲାଇନ୍ ପାଠପଢା ଏବଂ ସୁନ୍ଦର ସୁନ୍ଦର କବିତା ଓ ଗପ ପଢୁଛନ୍ତି। ଏହା ସହିତ ସେମାନେ ବିଭିନ୍ନ ପ୍ରତିଯୋଗିତାରେ ବି ଭାଗ ନେଉଛନ୍ତି। ତୁ ଯଦି ଚେଷ୍ଟା କରନ୍ତୁ ତା'ହେଲେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିବା ସହିତ ଗପ, କବିତା ଆଦି ଲେଖିପାରନ୍ତୁ ଓ ବାଡିରେ ବିଭିନ୍ନ ପ୍ରକାରର ଗଛ ଲଗାଇ ପାରନ୍ତୁ। ଆମେ ସମସ୍ତେ ସମୟ ନଷ୍ଟ ନ କରି ତା'ର ସଦୁପଯୋଗ କରିବା ଉଚିତ। ଶିକୁନ ବୁଝିପାରିଲା, ବାପା ଯେଉଁ ଉପଦେଶ ଦେଉଛନ୍ତି ତାହା ଆମ ପାଇଁ ଉପାଦେୟ। ସେହିଦିନଠାରୁ ସେ ବାପାଙ୍କ କଥା ମାନି ଘର କାମରେ ସାହାଯ୍ୟ କରିବା ସହ ପାଠପଢାରେ ସମୟ କଟାଇଲା। ବାପା ଏହା ଦେଖି ଖୁସି ହୋଇଗଲେ।

**–ସୁବ୍ରତ ଦାସ**
*ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ*

## ଆଇନା




## ତୁମ ପଢ଼ିବା ପାଇଁ



**ମୋ ଆଶା :** ତ୍ରୟମାସିକ ଶିଶୁ–କିଶୋର ପତ୍ରିକା 'ଆଶା'ର ଗ୍ରୀଷ୍ମ ସଂଖ୍ୟା–୨୦୨୦ରେ ପ୍ରମୁଖ ପ୍ରକାଶିତ ବିଷୟବସ୍ତୁ ମଧ୍ୟରେ ରହିଛି ଆତ୍ମକଥି, ଥାଆନ୍ତା କି ମୋର ଡେଣା ଦୁଇ, ବୀର ସଂଗ୍ରାମୀ କେ ହେବ, ଆଦି କବିତା, ବନ୍ଧୁବତ୍ସଳ ଶ୍ରୀରାମ, ହୀରା ଚୋର ଧରା ପଡିଲା, ଡାକ ସେବା,ନୀରୋଗ ଜୀବନ ଏବଂ କେତୋଟି ନିୟମିତ ସ୍ତମ୍ଭ। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ରହିଛି ୧୫ ଟଙ୍କା। ଯୋଗାଯୋଗ : ମୋ ଆଶା, ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡା,ପୁରୀ–୭୫୨୧୦୬।

## କବିତା

### ଏଇ ମୋର ପରିବାର

ସ୍ନେହ ମମତାରେ ମୁଠା ମୁଠି ଆମେ
ସେତ ଆମ ପରିବାର,
ନିଜଠୁ ନିଜର ସମସ୍ତେ ମୋହର
ଗୋଟିଏ ପକ୍ଷୀର ପର।
ଦୁଃଖ ରୋଗ ଶୋକ ମାଡେନାହିଁ ଜମା
ନିରାପଦ ଥାନଟିଏ,
ସୁଖ ଆଲୋକରେ ଆଲୋକିତ ଆମେ
ଅନ୍ଧାର ଦୂରେଇ ଦିଏ।
ମର୍ତ୍ତ୍ୟର ବୈକୁଣ୍ଠ ଅଟେ ସିଏ ମୋର
ସବୁ ଦେବତା ମୋ ପାଶେ,
ନ ମାଗିଲେ ଝରେ ତାଙ୍କରି ଆଶିଷ
ସଦା ମୋର ମନ ତୋଷେ।
ମନକଥା ମୋର କହିଦିଏ ଖୋଲି
କ୍ଳାନ୍ତି ଦୂର ହୁଏ ମୋର,
ଦୁଃଖ କଷ୍ଟ ସବୁ ଭୁଲିଯାଏ ମନୁ
ଦେଖି ମୋର ପରିବାର।
ଯେତେ ହସକାନ୍ଦ ଯେତେ ଭଲମନ୍ଦ
ସାକ୍ଷୀ ମୋର ଏଇ ଘର,
ରାଗରୁଷା ସବୁ ଦୂର କରିଦିଏ
ସବୁଠୁ ଲାଗେ ନିଜର।
ଜୀବନର ଏଇ ଅଙ୍କାବଙ୍କା ପଥେ
ପରିବାର ମୋର ସାହା,
ମୋର ପରିବାର ମୋର ପରିଚୟ
ବିପଦରେ କରେ ଆହା।
ଏଇଠି ଜନମି ଏଇଠାରେ ଖେଳି
ଏଠି ମୁଁ ହୋଇଛି ବଡ,
ଏଇଠି ଅଛି ମୋ ଷଠୀଘର ପୁଣି
ମୋତେ କରିଅଛି ଦୃଢ଼।

**–ଅରୂପ କୁମାର ବିଶ୍ୱାଳ,**
*ସହକାରୀ ଶିକ୍ଷକ, ଏନ୍.ଏ.ସି.ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ, ଜଗତ୍‌ସିଂହପୁର*

### ସଚେତନ ରହିବା



ଚିଣ୍ଟୁ ସନା ଜଗା ମୁନା
ବୁଲିବାନି ବାହାରେ,
ସଚେତନ ହେବା ଆମେ
ରହି ନିଜ ଗୃହରେ।
ବର୍ତ୍ତମାନ ସମୟରେ
ଖେଳକୁଦ ନ' କରି,
ଦୂରେ ରହି କଥା ହେବା



ଦେହ ହାତ ନ'ଧରି।
ଜନଗହଳି ସ୍ଥାନଠୁ
ଦୂରେ ଆମେ ରହିବା,
ମୁହେଁ ମାସ୍କ ପିନ୍ଧିବାକୁ
ସଭିଙ୍କୁ ବି କହିବା।
ଥଣ୍ଡା କାଶ ଜ୍ୱର ହେଲେ
ଟିକିଏ ନ' ଡରିକି,
ମେଡିକାଲ ଯିବା ଚାଲି
ଦୃଢ଼ମନା ହେଇକି।
ସାମୂହିକ କାର୍ଯ୍ୟରେ ବି
ଯୋଗ ଆମେ ଦେବାନି,
ସରକାର କଥା ମାନି
କେଉଁଠିକୁ ଯିବାନି।
ମହାମାରୀ କରୋନା ଯେ
କେତେ ପ୍ରାଣ ନେଲାଣି,
ସତର୍କ ରହିଲେ ବେଗି
ଦେବା ତାକୁ ମେଲାଣି।

**–ଧୀରେନ୍ଦ୍ର ମଲ୍ଲିକ,**
ନୀଳକଣ୍ଠପୁର,
ମଙ୍ଗଳପୁର, ଯାଜପୁର

## କହିଲ ଦେଖି

ଗାତରେ ଚାଳରେ ରହେ
କଳା କଳା ରୂପ ବହେ।
ଟିକି ଟିକି ଦାନ୍ତେ ବହି
ଲୁଗାପଟା କାଟି ଦେଇ।
ଧାନ କୋଠି ପଦା କରେ
ବିରାଡି ମୋ ବଂଶ ମାରେ।
ସାପର ମୁଁ ପ୍ରିୟ ଆହାର
ବିଦ୍ୟାଦାତା ପୃଷ୍ଠେ ମୋର।
ବିରାଜି ଭାଦ୍ରବ ମାସେ
କେବେ ଧଳା ଧଳା ଦିଶେ।
କହିବ ମୁଁ କିଏ ଜାଣି
ହେବ ସେହି ଗୁଣ ମଣି।



**ଉତ୍ତର : ମୂଷା**

ଲମ୍ବା ମୋର ଦେହ ରଙ୍ଗ କଳା
ସାପଙ୍କୁ ଆହାର ମୋର କଳା
ନୁହଁଇ ମୟୂର ଗାତରେ ରହେ
ପୋଷା ମାନିଲେ ମୁଁ ରହେ।



ମଣିଷ ମୋର କରି ଆଦର
ପାଳେ ନେଇ ସ୍ନେହେ ତା' ଘର।
**ଉତ୍ତର : ନେଉଳ**

**–ରମାକାନ୍ତ ପୁରୋହିତ,**
*ନିରାକାରପୁର, ଖୋର୍ଦ୍ଧା।*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ସବୁଠୁ ବଡ଼ କୁଶନ



ପିଲାମାନେ, ତମେମାନେ ଘରେ କୁଶନ ତ ଦେଖିଥିବ। ଅନେକେ ମଧ କୁଶନକୁ ବ୍ୟବହାର କରିଥିବ। ଏବେ ବିଭିନ୍ନ ଡିଜାଇନରେ କୁଶନ ତିଆରି କରାଯାଉଛି। କେଉଁଠି ଗୋଲ୍ ତ କେଉଁଠି ଚାରିକଣିଆ। ହେଲେ ତମ ଭିତରୁ କେହି ଏମିତି ଏକ କୁଶନ ଦେଖିଛ କି ଯାହାର ଲମ୍ବା ୭.୬୨ ମିଟର। ଏମିତି ଏକ କୁଶନ ତିଆରି କରିଛନ୍ତି ଆମେରିକାର ମଟ୍ ଫୁଙ୍କ୍ ଓ ଲି ବର୍ଗେସ୍। ଏହି କୁଶନଟିରେ ପବନ ଭର୍ତ୍ତି କରାଯାଇଥାଏ। ତେଣୁ ଏହାକୁ ନେବା ଆଣିବାରେ ଏତେ ଅସୁବିଧା ହୁଏନି। ଆମେରିକାର କୋଭିଙ୍ଗଟନ୍ ଠାରେ ଥିବା ଏକ ଚର୍ଚ୍ଚରେ ହେଉଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସର୍ବବୃହତ୍ କୁଶନଟିକୁ ପ୍ରଦର୍ଶିତ କରାଯାଇଥିଲା। ଏହି କୁଶନକୁ ସର୍ବବୃହତ୍ କୁଶନ ଭାବରେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଛି।

## ଚଗଲା ଭୀମୁ




## ଖିଲିଖିଲି ହସ

ରତନ ମୋବାଇଲରେ ଭିଡିଓ ଗେମ୍ ଖେଳୁଥାଏ। ସେତିକି ବେଳକୁ ତା' ବାପା ସେଠାକୁ ଆସି କହିଲେ, ଆରେ ରତନ, ନେ ଏହି ୨୦୦୦ ଟଙ୍କା ତୋର। ରତନ ପଚାରିଲା, ଆପଣ ମୋତେ କାହିଁକି ଏତେ ଟଙ୍କା ଦେଉଛନ୍ତି ? ତା' ବାପା କହିଲେ, ଆରେ ତୁ ଯେବେଠାରୁ ମୋବାଇଲ ଧରି ଭିଡିଓଗେମ୍ ଖେଳୁଛୁ, ହ୍ୱାଟ୍ସଆପ୍‌ରେ ଚ୍ୟାଟ୍ କରୁଛି, ସେବେଠାରୁ ଆମ ସିକ୍ୟୁରିଟି ଆଉ ଡ୍ୟୁଟି କରୁନାହିଁ। ତେଣୁ ତାକୁ ମୁଁ ବାହାର କରିଦେଇଛି।

*–ତନ୍ମୟ କୁମାର ସାହୁ, ପୁରୀ*

ଥରେ କ୍ଲାସରେ ପଢ଼ାଇବା ସମୟରେ ଶିକ୍ଷକ ପିଲାମାନଙ୍କୁ ପଚାରିଲେ, ଆରେ ପିଲାଏ କହିଲ, ସ୍ୱର ଆଉ ବ୍ୟଞ୍ଜନ ମଧ୍ୟରେ ପାର୍ଥକ୍ୟ କ'ଣ ? ଏକଥା ଶୁଣି ସୋନୁ ଠିଆ ହୋଇ କହିଲା, ସାର୍, ସ୍ୱର ମୁହଁରୁ ବାହାରକୁ ବାହାରିଥାଏ ଆଉ ବ୍ୟଞ୍ଜନ ମୁହଁ ଦେଇ ପେଟ ଭିତରକୁ ଯାଇଥାଏ।

*–ସୁପ୍ରିୟା ଦାସ, ଢେଙ୍କାନାଳ*

ଅମନ୍‌ର ବଡ ଭାଇ ତାକୁ ପଚାରିଲେ, ଆରେ କହିଲୁ, ବର୍ତ୍ତମାନ ଜୋର୍‌ରେ ପବନ ବହୁଛି। ଏହାର ଭବିଷ୍ୟତ କାଳ କ'ଣ ହେବ ? ବିଳମ୍ବ ନ କରି ଅମନ୍ ଉତ୍ତର ଦେଲା, ଭାଇ, ଏହାର ଉତ୍ତର ଅତି ସହଜ। ଏବେ ଜୋର୍‌ରେ ପବନ ବହୁଛି, ତେଣୁ ଏହାର ଭବିଷ୍ୟତ କାଳ ହେଲା, ଆଉ ଟିକେ ପରେ ଲାଇନ୍ କଟିଯିବ।

*–ଦେବଶ୍ରୀ ଦାଶ, ରେଢ଼ାଖୋଲ*

## ମତାମତ

➤ଗତ ସପ୍ତାହରେ କବିତା ସ୍ତମ୍ଭରେ ପ୍ରକାଶିତ କବିତା ଦୁଇଟି ପଢ଼ି ଭଲ ଲାଗିଲା। *–ଅନିକେତ ରାଉତ, ପୁରୀ*

➤ଏଥର 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ପ୍ରକାଶିତ 'ବିରାଟ ବଲ୍' ପଢ଼ି ସେହି ବିଷୟରେ ଅନେକ କଥା ଜାଣିହେଲା।

*–ପ୍ରକାଶ ମହନ୍ତ, ପାରାଦୀପ, ଜଗତ୍‌ସିଂହପୁର*

➤ଗତ ସପ୍ତାହରେ ପ୍ରକାଶିତ ଚିତ୍ରଗୁଡିକ ବେଶ୍ ସୁନ୍ଦର ହୋଇଥିଲା।

*–ତପସ୍ୱିନୀ ରାଉଳ, ଯାଜପୁର*

➤'ଶିଶୁ ପ୍ରତିଭା' ସ୍ତମ୍ଭରେ ପ୍ରକାଶିତ ଶିଶୁ କଳାକାର ବିଶ୍ୱନାଥ ପରିଡ଼ାଙ୍କ ବିଷୟରେ ଅନେକ କଥା ଜାଣିହେଲା। ଏହି ପୃଷ୍ଠାକୁ ରଙ୍ଗୀନ କଲେ ଭଲ ହୁଅନ୍ତା

*–ତପନ କୁମାର ବରାଳ, ବ୍ରହ୍ମପୁର*

## ତୁମ ତୂଳୀରୁ






**ଶ୍ରେୟାଂଶ ଘଡ଼ାଇ**
କ୍ଲାସ–୩, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର, ଘାଟିକିଆ



**ଜୟଦେବ ମହାନ୍ତି**
କ୍ଲାସ– ୭, ମହାବୀର ଆବାସିକ ବିଦ୍ୟାଳୟ, ବାଲେଶ୍ୱର








**ଅୟସକାନ୍ତ ପତି**
କ୍ଲାସ –୪, ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର

## ଜାଣନ୍ତି କି

୧ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଫ୍ରାନ୍ସ ଏଭଳି ଏକ ଦେଶ ଯେଉଁଠି ଆଦୌ ମଶା ନାହାନ୍ତି।



୨ ଘରେ ଦେଖା ଯାଉଥିବା ଛୋଟିଆ ମାଛି ଜଣେ ବ୍ୟକ୍ତିଙ୍କ ପାଇଁ ପ୍ରାୟ ୩୦ ପ୍ରକାରର ରୋଗର କାରଣ ହୋଇପାରେ।

୩– ଭାରତରେ ବିଭିନ୍ନ ପ୍ରକାରର ଭାଷାଭାଷୀର ଲୋକେ ରହିଥାନ୍ତି। କିନ୍ତୁ ଆପଣ ହୁଏତ ଜାଣି ନ ଥିବେ କି ବିଶ୍ୱରେ ମୋଟ ୫ହଜାର ପ୍ରକାରର ଭାଷା ରହିଛି।

୪– ହସିବା ହେଉଛି ମଣିଷ ପାଇଁ ଏକ ଟନିକ୍ ଭଳି। ତେବେ କୁହାଯାଏ କି ବର୍ଷକୁ ମଣିଷ ପ୍ରାୟ ୫ ହଜାର ୪୭୯ ଥର ହସିଥାଏ।

୫– ହାତୀର ନବଜାତ ଛୁଆର ଓଜନ ପ୍ରାୟ ୧୦୦ ରୁ ୧୨୦ କିଲୋଗ୍ରାମ ହୋଇଥାଏ।

## ଶ୍ମଶାନ ସୁରକ୍ଷା ଦାବିକଲା ଭାଜପା

କଟକ ଅଫିସ: ମହାନଦୀ ପଠାର ସଂପ୍ରସାରଣ ପାଇଁ କଟକ ସହରର ତେଲୁଗୁ ସଂପ୍ରଦାୟ ପାଇଁ ଥିବା ଶ୍ମଶାନରେ ବାଲି ଫିଲିଂ କରାଯାଉଛି। ଯାହାକୁ ବିଭିନ୍ନ ସଂଗଠନ ବିରୋଧ କରିଛନ୍ତି। ଶୁକ୍ରବାର ଏନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲଙ୍କୁ ଦାବିପତ୍ର ଦେଇଛି ଭାଜପା। ବିକଳ୍ପ ଜାଗା ଦେବା ଓ ସେପର୍ଯ୍ୟନ୍ତ ମାତାମଠରେ ବାଲି ଫିଲିଂ ବନ୍ଦ କରିବା ପାଇଁ ଦଳ ଦାବି କରିଛି। ଏହାର ସ୍ଥିତାବସ୍ଥା ବଜାୟ ରଖିବାକୁ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ନେତୃତ୍ୱରେ ଭାଜପା କଟକ ନଗର ଜିଲାର ଏକ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ଦେଇଛନ୍ତି।

**ସଂକ୍ଷେପରେ**

## ବନ୍ଧୁକ ଦେଖାଇ ଟଙ୍କା, ସୁନା ଲୁଟ୍

### ଲୁଟେରାଙ୍କୁ ସୁହାଉଛି ମାସ୍କ

ଭୁବନେଶ୍ୱର,୨୯।୫(ବ୍ୟୁରୋ)- କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ଲୋକଙ୍କୁ ମାସ୍କ ବ୍ୟବହାର କରିବାକୁ ପୋଲିସ କହୁଛି। କିନ୍ତୁ ଏହି ମାସ୍କ ହିଁ ଏବେ ଲୁଟେରାମାନଙ୍କୁ ଭଲ ସୁହାଉଛି। ସେମାନେ ମାସ୍କ ପିନ୍ଧି ଲୋକଙ୍କୁ ସହଜରେ ଲୁଟୁଥିବା ବେଳେ ପୋଲିସ ପାଇଁ ଏହା ଚିନ୍ତା ବଢ଼ାଇଛି। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଗୁରୁବାର ୫ ଜଣ ମାସ୍କପିନ୍ଧା ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କଠାରୁ ସୁନା ଚେନ୍, ମୁଦି ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଝାରପଡ଼ାର ଦିଲ୍ଲିପ ମଙ୍ଗରାଜ ଦୁର୍ଗାପୂଜା ମଣ୍ଡପରେ ଧୂପଦେବା ବେଳେ ନିଜ ପର୍ସ ଛାଡ଼ି ଘରକୁ ପଳାଇ ଆସିଥିଲେ। ପରେ ମଣ୍ଡପକୁ ଆସି ପର୍ସ ନେଇ ରାତି ୧୧ଟା ୩୦ରେ ଘରକୁ ଫେରିବା ବେଳେ ଝାରପଡ଼ା କେନାଲ ବ୍ରିଜ୍ ନିକଟରେ ୫ ଜଣ ଦୁର୍ବୃତ୍ତ ମାସ୍କ ପିନ୍ଧି ଆସିଥିଲେ। ସେମାନେ ଦିଲ୍ଲିପଙ୍କୁ ଅଟକାଇ ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ସୁନା ଚେନ୍, ମୁଦି ଓ ୫ ହଜାର ଟଙ୍କା ଲୁଟି ନେଇଥିଲେ। ଦିଲ୍ଲିପ ଏହାର ବିରୋଧ କରିବାରୁ ତାଙ୍କୁ ଲୁଟେରାମାନେ ମାଡ଼ ମାରି ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଦିଲ୍ଲିପ ଏତଲା ଦେବା ପରେ ପୋଲିସ ଦଫା ୨୯୪, ୩୪୧, ୩୨୩, ୩୨୪, ୩୦୭, ୩୭୯, ୫୦୬, ୩୪ ଏବଂ ଆର୍ମସ ଆକ୍ଟ ୨୫ ଓ ୨୭ ଅନୁଯାୟୀ କେସ୍ ନଂ ୧୨୪/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ଲୁଟେରାମାନଙ୍କ ଟେର ପାଇନାହିଁ।

## ନାଗସାପ ସହ ୧୫ ଅଣ୍ଡା ଉଦ୍ଧାର

ବ୍ରହ୍ମଗିରି,୨୯।୫(ଡି.ଏନ.ଏ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ହୁବାସାହି ଗ୍ରାମରୁ ଶୁକ୍ରବାର ସ୍ନେକ ହେଲ୍ପଲାଇନ୍ ସଦସ୍ୟଙ୍କ ଦ୍ୱାରା ଗୋଟିଏ ନାଗସାପ ସହ ୧୫ଟି ଅଣ୍ଡା ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ହୁବାସାହି ଗ୍ରାମର ନଟବର ବେହେରାଙ୍କ ଘର କାନ୍ଥରେ ଏକ ନାଗସାପ ଦେଖିବାକୁ ମିଳିଥିଲା। ଖବରପାଇ ସ୍ନେକ ହେଲ୍ପଲାଇନ୍ ସଦସ୍ୟ ସନ୍ତୋଷ ସ୍ୱାଇଁ ଓ ସମ୍ବିତ ନାୟକ ଘଟଣାସ୍ଥଳରେ ପହଞ୍ଚି ନାଗସାପଟିକୁ ଉଦ୍ଧାର କରିଥିଲେ। ସାପଟିକୁ ଉଦ୍ଧାର କରିବା ସମୟରେ ସେଠାରେ ଏକ ଗାତରେ ୧୫ଟି ଅଣ୍ଡାକୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ସାପ ଓ ଅଣ୍ଡାକୁ ବ୍ରହ୍ମଗିରି ବନ ବିଭାଗକୁ ହସ୍ତାନ୍ତର କରି ଦିଆଯାଇଛି।

## ଏସ୍‌ସିଆର୍‌ପିସିଙ୍କ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଗସ୍ତ

ବ୍ରହ୍ମଗିରି,୨୯।୫(ଡି.ଏନ.ଏ): ରାଜ୍ୟ ଶିଶୁ ଅଧିକାର ଆୟୋଗ (ଏସ୍‌ସିଆର୍‌ପିସି) ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଶୁକ୍ରବାର ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରିଛନ୍ତି। ଉକ୍ତ ଦୁଇ ବ୍ଲକରେ ଥିବା ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲିବା ସହ ଅନ୍ୟାନ୍ୟ ସ୍ଥାନରେ ଶିଶୁମାନଙ୍କର ସୁରକ୍ଷା ଦିଗରେ ସମୀକ୍ଷା କରିଥିଲେ। ବ୍ରହ୍ମଗିରି ବ୍ଲକରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା ଦିଗରେ ଦୃଷ୍ଟି ଦେବା ପାଇଁ ବିଡିଓ ଜ୍ୟୋତିପ୍ରକାଶ ସେଠୀଙ୍କ ସହ ଆଲୋଚନା କରିଥିଲେ। ପରେ ବ୍ରହ୍ମଗିରି ହାଇସ୍କୁଲସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲି ଅନୁଧ୍ୟାନ କରିଥିଲେ। ଶିଶୁମାନଙ୍କ ଉଚିତ ଯତ୍ନ ଉପରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ବିଡିଓଙ୍କୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବାଲ୍ୟବିବାହ ଉପରେ ଶିଶୁ ବିକାଶ ଅଧିକାରିଣୀ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ କହିଥିଲେ। ପରେ ଉକ୍ତ ଦୁଇଟି ବ୍ଲକରେ ହୋଇଥିବା ଅଧକ୍ଷାଙ୍କ ଗସ୍ତ ସମୟରେ ସିଡବ୍ଲ୍ୟୁସି ସଦସ୍ୟ ରମାଶଙ୍କର ପାତ୍ର, ଜିଲା ଶିଶୁ ମଙ୍ଗଳ ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଲିଗାଲ ଅଫିସର ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିପାଟଣା ବ୍ଲକ କଂଗ୍ରେସ ସଭାପତି ହେଲେ ବଟକୃଷ୍ଣ

ଭୁବନେଶ୍ୱର, ୨୯।୫(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବାଲିପାଟଣା ବ୍ଲକ ପାଇଁ ନୂଆ ସଭାପତି ନିଯୁକ୍ତ କରାଯାଇଛି। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବାଲିପାଟଣା ବ୍ଲକ କଂଗ୍ରେସ କମିଟିର ସଭାପତି ଭାବେ ବଟକୃଷ୍ଣ ରାଉତରାୟଙ୍କୁ ନିଯୁକ୍ତି ଦେଇଛନ୍ତି। ବଟକୃଷ୍ଣ ରାଉତରାୟ ପୂର୍ବରୁ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି, ସାଧାରଣ ସମ୍ପାଦକ ଏବଂ ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତିଭାବେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି।

# ଗରାବଡୁ ସେବକଙ୍କ କରୋନା ଟେଷ୍ଟ

- ପ୍ରଥମ ଦିନରେ ୬୯ ଜଣଙ୍କ ସ୍ୱାବ୍ ସଂଗ୍ରହ
- ସୁଆର ମହାସୁଆର ସେବକଙ୍କ ପାଇଁ ସଚେତନତା ଶିବିର

ପୁରୀ ଅଫିସ,୨୯।୫: ଜୁନ୍ ୫ରେ ଦେବସ୍ନାନ ପୂର୍ଣ୍ଣିମା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଏଥର କରୋନା ଭଳି ସ୍ଥିତିରେ କିପରି ଦାରୁବିଗ୍ରହଙ୍କ ନୀତିକାନ୍ତି ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପାଦନ କରାଯିବ ସେ ନେଇ ଚିନ୍ତା ବଢିଛି। ନୀତି ସମ୍ପୃକ୍ତ ସେବକମାନଙ୍କୁ କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରଖାଯିବା ଲାଗି କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ସେମାନଙ୍କୁ କୋଭିଡ୍ ଗାଇଡ୍‌ଲାଇନ ସମ୍ପର୍କରେ ସଚେତନ କରାଯିବା ସହ କ୍ୱାରାଣ୍ଟାଇନରେ ରଖାଯିବା ଏବଂ ସେମାନଙ୍କର କରୋନା ଟେଷ୍ଟ ଲାଗି ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଶୁକ୍ରବାର ଗରାବଡୁ ସେବକଙ୍କ କରୋନା ଟେଷ୍ଟ ଆରମ୍ଭ ହୋଇଛି। ମୋଟ ୧୭୨ ଗରାବଡୁ ସେବକଙ୍କ ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି। ଦୁଇଦିନ ଧରି ସ୍ୱାବ ସଂଗ୍ରହ ପାଇଁ ସ୍ଥିର ହୋଇଛି। ପ୍ରଥମ ଦିନରେ ୬୯ ସେବକଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଶନିବାର ସମସ୍ତଙ୍କ ସ୍ୱାବ ସଂଗ୍ରହ ପରେ ପରୀକ୍ଷା ପାଇଁ ପଠାଯିବ ଏବଂ ସମସ୍ତଙ୍କ ରିପୋର୍ଟ ଜୁନ୍ ୩ ପୂର୍ବରୁ ମିଳିଯିବା ନେଇ ମନ୍ଦିର ପ୍ରଶାସନ ଆଶା ରଖିଛି। ଏହାପରେ ସେବକମାନଙ୍କୁ ସ୍ନାନଯାତ୍ରାରେ ସାମିଲ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗରାବଡୁ ସେବକଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ଏହାପୂର୍ବରୁ ରଥ ନିର୍ମାଣରେ ସମ୍ପୃକ୍ତ ସେବକ ଓ ଦଇତାପତି ସେବକଙ୍କ ସ୍ୱାବ୍ ସଂଗ୍ରହ ହୋଇଥିଲା। ରଥ ନିର୍ମାଣରେ ସମ୍ପୃକ୍ତ ସମସ୍ତ ସେବକଙ୍କ ରିପୋର୍ଟ ନେଗେଟିଭ ଆସିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। କୋଭିଡ୍ ଟେଷ୍ଟ ପୂର୍ବରୁ ଗତ ୧୫ ତାରିଖରେ ଦଇତାପତି, ୨୩ ତାରିଖରେ ଗରାବଡୁ ସେବକଙ୍କୁ କରୋନା ସମ୍ପର୍କରେ ସଚେତନ କରାଯାଇଥିଲା। ଶୁକ୍ରବାର ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସୁଆର ମହାସୁଆର ସେବକଙ୍କ ଲାଗି କୋଭିଡ୍ ସଚେତନତା ଶିବିର ଆୟୋଜନ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଏଡିଏମ୍‌ଓ (ପରିବାର କଲ୍ୟାଣ) ଦେବୀପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।



ପ୍ରଶାସନିକ ଅଧିକାରୀମାନେ ସୁଆର ମହାସୁଆର ସେବକଙ୍କ ସହ ଆଲୋଚନା କରୁଛନ୍ତି।

## ପୁରୀ: ଆକ୍ରାନ୍ତଙ୍କ ସଂଖ୍ୟା ଛୁଇଁଲା ୮୭

**ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ**

ପୁରୀ ଅଫିସ,୨୯।୫: ଗତ କିଛିଦିନ ଧରି ପୁରୀ ଜିଲାରେ ଯେଉଁଭଳି ଭାବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲା ସେଥିରେ ସାମାନ୍ୟ ପରିବର୍ତ୍ତନ ଆସିଛି। ଗତ ୫ ଦିନର ସ୍ଥିତିକୁ ଦେଖିଲେ ଆକ୍ରାନ୍ତଙ୍କ ସଂଖ୍ୟାଠାରୁ ସୁସ୍ଥ ହାର ଭଲ ରହିଛି। ଅର୍ଥାତ୍ ଗତ ୫ ଦିନ ମଧ୍ୟରେ ଜିଲାର ୨୯ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ୬ ଜଣ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଶୁକ୍ରବାର ଜଣେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଜିଲାର ମୋଟ ୮୭ ସଂକ୍ରମିତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩୩ ଜଣ ସୁସ୍ଥ ହୋଇଥିବାବେଳେ ୫୪ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ଏପ୍ରିଲ ୩ରେ ଚିହ୍ନଟ ହୋଇଥିଲେ। ପିପିଲି ବ୍ଲକ ଦାନଗହୀର ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ନିଜାମୁଦ୍ଦିନରୁ ଫେରିଥିଲେ। ସେ ସୁସ୍ଥ ହେବା ପରେ ୩୭ ଦିନ ପର୍ଯ୍ୟନ୍ତ ଜିଲାରେ ନୂଆ ଆକ୍ରାନ୍ତ ବାହାରି ନ ଥିଲେ। ତେଣୁ ସରକାରଙ୍କ ତାଲିକାରେ ପୁରୀ ଗ୍ରୀନ୍ ଜୋନରେ ରହିଥିଲା। ହେଲେ ଗତ ୧୦ ତାରିଖ ପରଠାରୁ ସ୍ଥିତି ଭିନ୍ନ ହେଲା। ପୁରୀ ସହରସ୍ଥ ରେଣୁକା ଗଳିରୁ ୨ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏମାନେ ଥିଲେ ପଶ୍ଚିମବଙ୍ଗ ଫେରନ୍ତା। ଏହାପରଠୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ଗତ ୨୪ ତାରିଖରେ ୧୬, ୧୫ରେ ୧୦, ୨୦ରେ ୧୧ ଓ ୨୩ ତାରିଖରେ ୧୭ ଚିହ୍ନଟ ହୋଇଥିଲେ। ଗତ ୫ ଦିନରେ ୨୯ ସୁସ୍ଥ ହୋଇଥିବାବେଳେ ୬ଜଣ ସଂକ୍ରମିତ ହୋଇଛନ୍ତି। ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଏପର୍ଯ୍ୟନ୍ତ ଜିଲାରେ ୪୯୦୫ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିବା ବେଳେ ୪୬୧୦ ଜଣଙ୍କ ରିପୋର୍ଟ ନେଗେଟିଭ ଓ ୮୭ ଜଣଙ୍କର ପଜିଟିଭ ମିଳିଛି। ଏମାନଙ୍କ ମଧ୍ୟରୁ ୩୩ ସୁସ୍ଥ ଓ ୫୪ଜଣ ଚିକିତ୍ସାଧୀନ ରହିଛନ୍ତି।

# ପୁରୀକୁ ଫେରିଲେଣି ୧୧,୯୪୨ ପ୍ରବାସୀ

ପୁରୀ ଅଫିସ,୨୯।୫: ପୁରୀ ଜିଲାକୁ ପ୍ରବାସୀଙ୍କ ଫେରିବା ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ପୁରୀ ଜିଲାକୁ ୧୧,୯୪୨ ପ୍ରବାସୀ ଫେରିଲେଣି ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। କରୋନା ମୁକାବିଲା ନେଇ ବିଭିନ୍ନ ପ୍ରସ୍ତୁତି, ପଦକ୍ଷେପ ସହ ଆଗକୁ କିପରି ପ୍ରବାସୀଙ୍କୁ କର୍ମନିଯୁକ୍ତି ମିଳିବ ସେ ସଂକ୍ରାନ୍ତରେ ଶୁକ୍ରବାର ଜିଲାପାଳ ସବିଶେଷ ତଥ୍ୟ ରଖିଥିଲେ। ସର୍କିଟ ହାଉସ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ କହିଥିଲେ, ଜିଲାର ୭୨୦ ସଙ୍ଗରୋଧ କେନ୍ଦ୍ରରେ ୨୭ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା ଥିବାବେଳେ ୩୯୨ଟି କେନ୍ଦ୍ର ବ୍ୟବହାର ହୋଇଛି। ଏ ପର୍ଯ୍ୟନ୍ତ ୧୧,୯୪୨ ପ୍ରବାସୀ ଓଡ଼ିଆ ଜିଲାକୁ ଫେରିଥିବାବେଳେ ସେମାନଙ୍କ ମଧ୍ୟରୁ ୬,୮୧୫ ଜଣ ସଙ୍ଗରୋଧ ନିୟମ ପାଳନ କରି ଘରକୁ ଫେରିଛନ୍ତି। ଏବେ ବିଭିନ୍ନ କେନ୍ଦ୍ରରେ ୫,୧୨୭ଜଣ ରହିଛନ୍ତି। ମାସକ ମଧ୍ୟରେ ପ୍ରାୟ ୧୦ହଜାର ପ୍ରବାସୀ ଜିଲାକୁ ଆସିବା ଆଶା କରାଯାଉଛି। ପୂର୍ବରୁ ୪୦ ହଜାର ପ୍ରବାସୀ ପଞ୍ଜୀକରଣ କରିଥିବାବେଳେ ୨୫ହଜାର ପ୍ରବାସୀ ଜିଲାକୁ ଫେରିପାରନ୍ତି। ପ୍ରବାସୀଙ୍କ ଦକ୍ଷତା ଅନୁଯାୟୀ ସେମାନଙ୍କୁ ବିଭିନ୍ନ ନିର୍ମାଣ କାର୍ଯ୍ୟ, ବୃକ୍ଷରୋପଣ ଏବଂ ଅନ୍ୟାନ୍ୟ ସେବା କାର୍ଯ୍ୟରେ ନିୟୋଜିତ କରାଯିବ। ସାଧାରଣ ଲକ୍ଷଣ ଚିକିତ୍ସା ନିମନ୍ତେ ୯୦୦ ଶଯ୍ୟାର ବ୍ୟବସ୍ଥା ହୋଇଛି। ଆସନ୍ତା ସପ୍ତାହରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ସଂକ୍ରାମକ ରୋଗ ଡାକ୍ତରଖାନାରେ ଥିବା କୋଭିଡ ଚିକିତ୍ସାଳୟରେ ୨୦ ଶଯ୍ୟା ବିଶିଷ୍ଟ ଆଇସିୟୁ ଓ ୧୦ଟି ଭେଣ୍ଟିଲେଟର ବ୍ୟବସ୍ଥା କରାଯିବ। ସଙ୍ଗରୋଧ ନିୟମ ସଫଳତାର ସହ ପାଳନ କରୁଥିବା ବ୍ୟକ୍ତିଙ୍କୁ ୨ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିବାକୁ ଶନିବାର ସନ୍ଧ୍ୟା ସାଢେ ୫ଟାରେ ଯିଏ ଯେଉଁଠି ଥିବେ ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ଜିଲାବାସୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି।



ଅନାବାଦୀ ଜମି ଅବରୋଧ ପ୍ରତିବାଦରେ ସ୍ମାରକପତ୍ର ଦେବାକୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ପୁରୀ ମୁକୁନ୍ଦ ମିଶ୍ର ନଗର ବାସିନ୍ଦା।

## ୧ କି.ମି. ବ୍ୟାପୀ ହେବ ମାନବଶୃଙ୍ଖଳ

ଖୋର୍ଦ୍ଧା ଅଫିସ,୨୯।୫ : କରୋନା ବିରୋଧରେ ଚାଲିଥିବା ଯୁଦ୍ଧରେ ଓଡ଼ିଶା ସ୍ଥିତି ଭଲ ରହିଛି। ଏହା ପଛରେ ଦିନରାତି କାମ କରୁଥିବା କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗ, ନିଷ୍ଠାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଶନିବାର ଅପରାହ୍ନ ୫ଟା ୩୦ରେ ବନ୍ଦେ ଉତ୍କଳ ଜନନୀ ଗାନ ଲାଗି ଆହ୍ୱାନ ଦେଇଛନ୍ତି। ଖୋର୍ଦ୍ଧା ଜିଲାରେ ଏହାକୁ ପାଳନ କରାଯିବ। ଏ ନେଇ ଶୁକ୍ରବାର ସଦ୍‌ଭାବନା ଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି, ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ସାମାଜିକ ଅନୁଷ୍ଠାନ ପରିସରରେ ବନ୍ଦେ ଉତ୍କଳ ଜନନୀ ଗାନ ଲାଗି ପରାମର୍ଶ ଦିଆଯାଇଛି। ବନ୍ଦେ ଉତ୍କଳ ଜନନୀ ଗାନ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ୧ କିଲୋମିଟର ବ୍ୟାପୀ ମାନବଶୃଙ୍ଖଳ କରାଯିବ। ଏଥିରେ ସମସ୍ତ ସରକାରୀ, ବେସରକାରୀ, ଏନ୍‌ଜିଓ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେବେ। ଏହାର ସଫଳତା ନେଇ ସମସ୍ତ ବିଡିଓ, ତହସିଲଦାରଙ୍କ ସହ ଭିଡିଓ କନଫେରେନ୍ସି ମାଧ୍ୟମରେ ଆଲୋଚନା କରାଯାଇଛି। ଏ ନେଇ ଏକ ଜିଲାସ୍ତରୀୟ ମନିଟରିଂ କମିଟି ଗଠନ କରାଯାଇଛି। ଜିଲାର ୧୯୦ଟି ପଞ୍ଚାୟତରେ ହୋଇଥିବା ଅସ୍ଥାୟୀ ମେଡିକାଲ କେନ୍ଦ୍ରରେ ମଧ ଏହା ପାଳନ କରାଯିବ ବୋଲି ଜିଲାପାଳ ରାଉତ କହିଛନ୍ତି। ଏନେଇ ପୂର୍ବାହ୍ନରେ ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନକଲି ପରୀକ୍ଷା ସୂଚୀ ଭାଇରାଲ

**ଉତ୍କଳ ବିଶ୍ୱବିଦ୍ୟାଳୟ**

- ସୋସିଆଲ ମିଡିଆରେ ବୁଲୁଛି ଯୁକ୍ତ ୩ ପରୀକ୍ଷାର ନକଲି ସୂଚୀ
- ଏତଲା ଦେଲେ ରେଜିଷ୍ଟ୍ରାର

ଭୁବନେଶ୍ୱର,୨୯।୫(ବ୍ୟୁରୋ) ଦୁଇ ଦିନ ହେବ ଯୁକ୍ତ ୩ ପରୀକ୍ଷାର ନକଲି ପରୀକ୍ଷା ସମୟ ସୂଚୀ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ସୂଚୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝିଙ୍କ ଦସ୍ତଖତର ମଧ ନକଲ କରାଯାଇଛି। ଏହା ଜଣାପଡ଼ିବା ପରେ ରେଜିଷ୍ଟ୍ରାର ଦୟାନିଧି ନାୟକ ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ଏହି ଆଧାରରେ ପୋଲିସ ଦଫା ୪୬୫, ୪୭୧ ଅନୁଯାୟୀ କେସ୍ ନଂ ୨୩୧/୨୦ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

ଉଲ୍ଲେଖଯୋଗ୍ୟ, କରୋନା ମହାମାରୀ ଓ ଲକ୍‌ଡାଉନ୍ ସ୍ଥିତି ପାଇଁ ଯୁକ୍ତ୩ ଛାତ୍ରୀଛାତ୍ରଙ୍କ ସେମିଷ୍ଟର ହେବା ନେଇ ଏବେ ବି କିଛି ସ୍ଥିର ହୋଇନାହିଁ। କିନ୍ତୁ କେହି ଦୁର୍ବୃତ୍ତ ପିଲାଙ୍କୁ ବିଭ୍ରାନ୍ତ କରିବା ପାଇଁ ନକଲି ପରୀକ୍ଷା ସମୟ ସାରଣୀ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଦୁଇ ଦିନ ତଳେ ଛାଡ଼ିଥିଲେ। ତାହା ତୁରନ୍ତ ଭାଇରାଲ ହୋଇଯାଇଥିଲା। ପରୀକ୍ଷା ନିୟନ୍ତ୍ରକଙ୍କ ଦସ୍ତଖତ ଥିବାରୁ ଅନେକ ଛାତ୍ରୀଛାତ୍ର ଏହାକୁ ସତ ବୋଲି ଭାବି ନେଇଥିଲେ। ଏସବୁ ଫେକ୍ ବୋଲି ଜଣାପଡ଼ିବା ପରେ ଥାନାରେ ଏତଲା ଦିଆଯାଇଛି। ଏହି କାରନାମା ପଛରେ ବିଶ୍ୱବିଦ୍ୟାଳୟର କେହି ପିଲା ସଂପୃକ୍ତ ଥିବା ପୋଲିସ ସନ୍ଦେହ କରି ଘଟଣାର ଖୋଳତାଡ଼ ଆରମ୍ଭ କରିଛି।

## ଉତ୍କଳିକା ମାସ୍କ ପ୍ରତି ବଢୁଛି ଆଗ୍ରହ

ଭୁବନେଶ୍ୱର, ୨୯।୫(ବ୍ୟୁରୋ) କରୋନା ସଂକ୍ରମଣ ଏଡ଼ାଇବା ପାଇଁ ମାସ୍କ ପିନ୍ଧିବା ଜରୁରୀ। ଏପରିସ୍ଥିତିରେ ଉନ୍ନତ ମାନର ହସ୍ତ ତଥା ବୟନ ସାମଗ୍ରୀ ବିକ୍ରୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା 'ଉତ୍କଳିକା' ପକ୍ଷରୁ ତାଲିକାଭୁକ୍ତ କାରିଗର/ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ 'ମାସ୍କ' ବିକ୍ରୟ ହେଉଛି। ଏଥିପ୍ରତି ଏବେ ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି।

ଲକ୍‌ଡାଉନ୍ ସମୟରେ କାରିଗର/ବୁଣାକାରମାନେ କୋଟ୍‌ପାଡ୍, ସମ୍ବଲପୁରୀ ସୂତା କନାରେ ଉନ୍ନତ ମାନର ଆକର୍ଷଣୀୟ ମାସ୍କ ତିଆରି କରିଛନ୍ତି। ଏହାର ବିଶେଷତା ହେଉଛି ଏହା ହାତ ତିଆରି, ହସ୍ତତନ୍ତ ସୂତାରେ ପ୍ରସ୍ତୁତ, ପ୍ରାକୃତିକ ବା ଜୈବିକ ରଙ୍ଗଯୁକ୍ତ କୋଟପାଡ୍ ବୁଣା ସହିତ ଏଗୁଡ଼ିକ ପରିବେଶ ଅନୁକୂଳ ଏବଂ ଘରେ ସଫା ହୋଇପାରିବ। ପ୍ରାକୃତିକ ରଙ୍ଗଯୁକ୍ତ କପଡ଼ା ହେତୁ ଏହା ସ୍ୱାସ୍ଥ୍ୟ ଉପଯୋଗୀ ଓ ଏହାର ବ୍ୟବହାର ବେଶ୍ ସୁବିଧାଜନକ। ଏ ପର୍ଯ୍ୟନ୍ତ 'ଉତ୍କଳିକା' ପକ୍ଷରୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ବିଭିନ୍ନ ସଂସ୍ଥାକୁ ପ୍ରାୟ ୨ ହଜାର ମାସ୍କ ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ଚାହିଦା ଅନୁସାରେ ବିଭିନ୍ନ ପ୍ରକାରର ପ୍ରାକୃତିକ ରଙ୍ଗଯୁକ୍ତ ନୂତନ ଡିଜାଇନ୍ ସହିତ ସବୁବର୍ଗଙ୍କୁ ଆକର୍ଷିତ କରିବା ଭଳି ଅଧିକ ମାସ୍କ ପ୍ରସ୍ତୁତ କରାଯିବ। ଏହି ମାସ୍କର ପ୍ରସ୍ତୁତି ଓ ବଜାରକରଣ ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଧିକ ଉପକୃତ ହୋଇପାରିବେ ବୋଲି 'ଉତ୍କଳିକା'ର ଏମ୍.ଡି ଅଞ୍ଜନା ପଣ୍ଡା ପ୍ରକାଶ କରିଛନ୍ତି।




ଶ୍ରମିକମାନେ ସରକାରୀ ଅବହେଳାର ଶିକାର ହେଉଥିବା ଅଭିଯୋଗ କରି ଏସ୍‌ୟୁସିଆଇ (ସି) ପକ୍ଷରୁ କଟକ କଚେରି ଗଡ଼ାରେ ଧାରଣା ଦିଆଯାଇଛି।

# ସର୍ବସ୍ୱ ହରାଇ ଖୋଜୁଛନ୍ତି ସହାୟତା

- ଗରିବ ରୋଗୀଙ୍କ ଇଚ୍ଛା
- ଏସ୍‌ସିବିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିର ସ୍ଥାୟୀ ଡେସ୍କ ପ୍ରତିଷ୍ଠା ହେଉ

କଟକ ଅଫିସ,୨୯।୫ ଦିନେ କି ମାସେ ନୁହଁ, ଏସ୍‌ସିବିରେ ଏମିତି ଅନେକ ରୋଗୀ ଅଛନ୍ତି ଯେଉଁମାନେ ବର୍ଷେରୁ ଅଧିକ ସମୟ ହେଲା ବିନା ସରକାରୀ ଆର୍ଥିକ ସହାୟତାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥା ଅତି ଦୟନୀୟ। ସର୍ବସ୍ୱ ହରାଇ ସାରିଲେଣି; କିନ୍ତୁ ଚିକିତ୍ସା ସରୁନାହିଁ। ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଅଛି ସତ; କିନ୍ତୁ ଏହି ସହାୟତା ବାବଦରେ ସେମାନେ ଜାଣନ୍ତି ନାହିଁ। ଏହା କିପରି ମିଳିପାରିବ, ତାହା ମଧ ସେମାନଙ୍କୁ ଅଜଣା। ଏଭଳି ସ୍ଥିତିରେ ସେମାନଙ୍କ ପାଇଁ ଏସ୍‌ସିବିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିର ଏକ ସ୍ଥାୟୀ ଡେସ୍କ ଜରୁରୀ ହୋଇପଡ଼ିଛି। ସେଭଳି ସୁବିଧା ସିଧାସଳଖ ହସ୍ପିଟାଲରେ ମିଳିଲେ ସେମାନଙ୍କ ପରି ଅନେକ ଗରିବ ରୋଗୀ ଉପକୃତ ହେବେ ବୋଲି ମତ ପ୍ରକାଶ ପାଉଛି।

ଏହି ପ୍ରସ୍ତାବର ଉପଯୋଗିତା କେତେ, ତାହା ବଲାଙ୍ଗୀରର ଯୋଗେନ୍ଦ୍ର ବଗର୍ତି ଓ ଆସିକାର ସନ୍ନ୍ୟାସୀ ସେଠୀଙ୍କ କଥାରୁ ଜାଣିହେବ। ଗୁରୁବାର ମଧ୍ୟାହ୍ନରେ ଏହି ଦୁଇଜଣ ଏସ୍‌ସିବିର ଆହାର କେନ୍ଦ୍ର ପାଖରେ ନିଜ ଦୁଃଖ ବଖାଣୁଥିଲେ। ଯୋଗେନ୍ଦ୍ରଙ୍କ କହିବା କଥା ହେଲା ଯେ ତାଙ୍କ ମଉସା ଘସିଆ ଭୋଇଙ୍କୁ ୧୦ ମାସ ତଳେ ଭାଲୁ କାମୁଡ଼ିଥିଲା। ଏଥିରେ ତାଙ୍କ ମୁହଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ୧୦ ମାସ ହେଲାଣି ଏସ୍‌ସିବିର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ସେ ଚିକିତ୍ସାଧୀନ ଅଛନ୍ତି। କେବଳ ଖାଇବା, କିଛି ଔଷଧ ଓ ପରୀକ୍ଷାରେ ଲକ୍ଷାଧିକ ଟଙ୍କା ସରିଗଲାଣି। ଏବେ ତାଙ୍କର ବିଲବାଡି ସବୁ ସାହୁକାର ପାଖରେ ବନ୍ଧା ପଡ଼ିଛି। କେବେ ଭଲ ହେବେ ତାହା ଜଣା ନାହିଁ। ଏଠାରୁ ଘରକୁ ଫେରିଲା ପରେ କ'ଣ କରିବେ, ତାହା ଜାଣିପାରୁ ନାହାନ୍ତି। ସେହିପରି ଆସିକାର ସନ୍ନ୍ୟାସୀ କହିଛନ୍ତି ଯେ, ବର୍ଷେ ତଳେ ଡିବି ନିଆଁରେ ତାଙ୍କ ଝିଅର ପୂରା ଶରୀର ପୋଡ଼ି ଯାଇଥିଲା। ସେ ବି ବର୍ଷେ ହେଲାଣି ଝିଅର ଚିକିତ୍ସା ଏସ୍‌ସିବିର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ କରାଉଛନ୍ତି। ଏଥିପାଇଁ ସେ ନିଜର ସବୁ ସ୍ଥାବର ଓ ଅସ୍ଥାବର ସମ୍ପତି ବିକି ସାରିଲେଣି। ଏବେ କହୁଛନ୍ତି କୋଉଠୁ କିଛି ବି ସହାୟତା ମିଳିଲେ ଭଲ ହେବ।

## ଆରମ୍ଭ ହେବ କୋଣାର୍କ ସୌନ୍ଦର୍ଯ୍ୟକରଣ

**ସୂର୍ଯ୍ୟମନ୍ଦିର ସମ୍ମୁଖରୁ ହଟିବେ ବ୍ୟବସାୟୀ**

କୋଣାର୍କ,୨୯।୫(ଡି.ଏନ.ଏ) କରୋନା ଯୋଗୁ ଅଟକି ରହିଯାଇଥିବା କୋଣାର୍କ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପୁଣିଥରେ ଆରମ୍ଭ ହେବ। ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଥମେ ନୂଆ ରିଂ ରୋଡ ନିମନ୍ତେ ଖୁବଶୀଘ୍ର ଟେଣ୍ଡର କରାଯିବ। ଅନ୍ୟପଟେ ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରାଯାଇ ସମ୍ପୂର୍ଣ୍ଣ କୋଣାର୍କ ସହରକୁ ନୂଆ ରୂପରେ ଗଢ଼ିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଥମେ ପ୍ରସ୍ତାବିତ ନୂଆ ୬ଲେନ ରିଂ ରୋଡ କାର୍ଯ୍ୟ ଆରମ୍ଭ କରାଯିବ। ଏହି ନୂଆ ରିଂ ରୋଡ ଚନ୍ଦ୍ରଭାଗା ବଜାରରୁ ବାହାରି ଥାନାଛକ ନିକଟରେ ମିଶିବ। ରିଂ ରୋଡ ହେବା ପରେ ରାସ୍ତା ଉଭୟ ପାର୍ଶ୍ୱରେ ଭେଣ୍ଡିଂ ଜୋନ ରହିବ। ପଥଚାରୀଙ୍କ ପାଇଁ ଅଲଗା ରାସ୍ତା ନିର୍ମାଣ ସହ ରାସ୍ତା ଆଲୋକୀକରଣ କରାଯିବ। ସୂର୍ଯ୍ୟମନ୍ଦିର ମୁଖ୍ୟ ପ୍ରବେଶପଥରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇ ଅନ୍ୟତ୍ର ଥଇଥାନ କରାଯିବ। ସୂର୍ଯ୍ୟମନ୍ଦିର ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱ ରହିଥିବା ଜମିରେ ପଞ୍ଚତାରକା ହୋଟେଲ ଓ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ହେବ। ରିଂ ରୋଡ ନିର୍ମାଣ ସରିଲେ ସୂର୍ଯ୍ୟମନ୍ଦିର ସୌନ୍ଦର୍ଯ୍ୟକରଣ ଯୋଜନା ହାତକୁ ନିଆଯିବ। କୋଣାର୍କ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ ଅଞ୍ଚଳବାସିନ୍ଦା ଓ ବ୍ୟବସାୟୀଙ୍କୁ ଥଇଥାନ ଚିନ୍ତା ଘାରିଛି। ଗତ ଜାନୁୟାରୀ ୯ରେ ୫-ଟି ସଚିବ୍, ପୂର୍ତ୍ତ ବିଭାଗ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂର୍ଯ୍ୟମନ୍ଦିର, ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର, ରିଂ ରୋଡ, ମେଡିକାଲ ଛକ, ଚନ୍ଦ୍ରଭାଗା ବେଳାଭୂମି ଅନୁଧ୍ୟାନ କରିଥିଲେ।

# ହ୍ୱାଟ୍‌ସଆପ୍‌ରେ ଯୋଡ଼ିହେଲେ ୨୧ହଜାର ଚାଷୀ

- ଖୋର୍ଦ୍ଧା କୃଷି ଜିଲା
- ମନିଟରିଂ କରୁଛନ୍ତି ଜିଲା ସ୍ତରୀୟ ଅଧିକାରୀ
- ତ୍ୱରିତ ସମାଧାନ ଉପରେ ଦିଆଯାଉଛି ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨୯।୫ : କରୋନା ଲାଗି ଦେଶରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଲକ୍‌ଡାଉନରେ ଚାଷୀ ବିଶେଷ ପ୍ରଭାବିତ ହୋଇଛନ୍ତି। କୃଷି ଓ ଚାଷ କାର୍ଯ୍ୟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ଜିଲାରେ ବିଭିନ୍ନ ଚାଷ ଏବଂ କୃଷି ସଂକ୍ରାନ୍ତୀୟ ଖବର ଚାଷୀଙ୍କ ନିକଟରେ ପହଞ୍ଚାଇବା ଲାଗି ଜିଲା କୃଷି ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଅଭିନବ ପ୍ରୟାସ। ଜିଲାର ୧୯୦ଟି ପଞ୍ଚାୟତରେ ୨୧ହଜାର ଚାଷୀଙ୍କୁ ହ୍ୱାଟସ୍‌ଆପ୍ ମାଧ୍ୟମରେ ଯୋଡାଯାଇଛି। ସରକାରଙ୍କ ପକ୍ଷରୁ ଆସୁଥିବା ଗାଇଡ୍‌ଲାଇନ ସମ୍ପର୍କରେ ସେମାନଙ୍କୁ ହ୍ୱାଟ୍‌ସଆପରେ ଜଣାଇ ଦିଆଯାଉଛି। ଏନେଇ ଜିଲା ସ୍ତରୀୟ ଏକ ମନିଟରିଂ କମିଟି ରହିଛି। ପ୍ରତି ପଞ୍ଚାୟତ ଅଧୀନରେ ଥିବା ଚାଷୀଙ୍କୁ ନେଇ ଗ୍ରୁପ ଗଠନ କରାଯାଇଛି। ପ୍ରତି ଗ୍ରୁପରେ ବିଡିଓ, ସରପଞ୍ଚ, କୃଷି ଅଧିକାରୀ ରହିଛନ୍ତି। ଚାଷ କାର୍ଯ୍ୟ ସମ୍ପର୍କରେ କୌଣସି ସମସ୍ୟା ଉପୁଜିଲେ ଚାଷୀଙ୍କୁ ଗ୍ରୁପ ମାଧ୍ୟମରେ ଜଣାଇ ଦିଆଯିବା ସହ ସମସ୍ୟାର ତ୍ୱରିତ ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ସହକାରୀ କୃଷି ନିର୍ଦ୍ଦେଶକ ଭାସ୍କର ବାରିକ କହିଛନ୍ତି। ଖରିଫ, ରବି ଚାଷ ସମୟରେ ଜମିରେ ସାର, କୀଟନାଶକ ପ୍ରୟୋଗ, କୃଷିଋଣ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଚାଷୀଙ୍କ ପକ୍ଷରୁ ଆସୁଥିବା ପ୍ରସ୍ତାବ, ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଉଛି। ଆଗକୁ ଏହାକୁ ଅଧିକ କ୍ରିୟାଶୀଳ କରାଯିବା ଯୋଜନା ରହିଛି। ବିଭିନ୍ନ ସମୟରେ ବିଭିନ୍ନ ଗ୍ରୁପ୍‌ରୁ ଆସୁଥିବା ସମସ୍ୟାକୁ ତର୍ଜମା କରାଯାଉଛି। ଖୁବଶୀଘ୍ର ସମାଧାନ ଲାଗି ଉଦ୍ୟମ କରାଯାଉଛି। ଜିଲାରେ ଉନ୍ନତ ପ୍ରଣାଳୀରେ ଚାଷକାର୍ଯ୍ୟ ଏବଂ ଚାଷୀଙ୍କ ଦକ୍ଷତା ବିକାଶ ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯିବ ବୋଲି ସେ ବାରିକ କହିଛନ୍ତି।

### ପଙ୍ଗପାଳ ସମ୍ପର୍କରେ ସଚେତନ କରାଯାଇଛି

କରୋନା ପରେ ବାତ୍ୟା ଅମ୍ଫାନରେ ଚାଷୀ ପ୍ରଭାବିତ ହୋଇଛନ୍ତି। ଏଭଳି ସ୍ଥିତିରେ ପଙ୍ଗପାଳ ଲାଗି ପୁଣି ଚାଷୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏ ନେଇ ଜିଲା ସହକାରୀ କୃଷି ନିର୍ଦ୍ଦେଶକ ଭାସ୍କର ବାରିକ କୁହନ୍ତି, ବର୍ତ୍ତମାନ ସୁଦ୍ଧା ପଙ୍ଗପାଳ ରାଜ୍ୟରେ ପ୍ରବେଶ କରିନାହାନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଚାଷୀଙ୍କୁ ସଚେତନ କରାଯାଇଛି। ନିମ୍ବ ତେଲର ପ୍ରୟୋଗ ସମ୍ପର୍କରେ ଅବଗତ କରାଯାଇଛି। ଏ ନେଇ ଜିଲାର ସମସ୍ତ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ନିୟମିତ ଯୋଗାଯୋଗ ରଖାଯାଉଛି।

**୧୨ନଂ. ୱାର୍ଡକୁ ଶଟ୍‌ଡାଉନ କଲେ ସରପଞ୍ଚ**

**କେନ୍ଦ୍ରାପଡ଼ା ଅଫିସ/ପାଟକୁରା/ ମହାକାଳପଡା (ଡି.ଏନ୍.ଏ.), ୨୯।୫:** କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକରେ ପ୍ରଥମଥର ପାଇଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ପଞ୍ଚାୟତ ୧୨ନଂ. ୱାର୍ଡରେ ଥିବା ସଙ୍ଗରୋଧ କେନ୍ଦ୍ରର ଅନ୍ତେବାସୀ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଏହା ପରେ ସରପଞ୍ଚ ଗୌରାଙ୍ଗ ଚରଣ ପରିଡା ୱାର୍ଡକୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ୱାର୍ଡ ଅଞ୍ଚଳକୁ ବିଶୋଧନ କରାଯାଇଛି।



## ସଂକ୍ଷେପରେ

### ନୟାଗଡ଼ରେ ପୁଣି ୭ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ/ନୂଆଗାଁ/ଭାପୁର, ୨୯।୫(ଡି.ଏନ.ଏ.):** ନୟାଗଡ଼ ଜିଲାରେ ଶୁକ୍ରବାର ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଭାପୁର ବ୍ଲକର ରାକମା ସରକାରୀ ମଧ୍ୟଇଂରାଜୀ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଜଣେ ୫୨ ବର୍ଷିୟ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ଏହି ସେଣ୍ଟରରେ ୩୬ଜଣ ପ୍ରବାସୀଙ୍କ ମଧ୍ୟରୁ ୨୫ଜଣଙ୍କ ସ୍ୱାବ୍ ଟେଷ୍ଟ ହୋଇଥିଲା। ୨୩ ଜଣଙ୍କ ନେଗେଟିଭ୍ ଆସିଥିଲା। ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ବାପାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ପୁଅଙ୍କ ରିପୋର୍ଟ ଏଯାବତ୍ ଆସି ନାହିଁ। ବାପ ପୁଅ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜଣାପଡିଛି। ସେହିପରି ନୂଆଗାଁ ବ୍ଲକ ବାହାଡାଝୋଲା ବାଳିକା ଉଚ୍ଚ ବିଦ୍ୟାଳୟ ସେଣ୍ଟରର ୪୦, ୫୬, ୪୨, ୩୪, ୨୭, ୪୩ ବର୍ଷର ୬ଜଣ ପୁରୁଷ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସୁରଟରୁ ଫେରିଥିଲେ। ଜିଲାରେ ଆକ୍ରାନ୍ତ ସଂଖ୍ୟା ୬୪ରେ ପହଞ୍ଚିଛି। ଏଥିରୁ ୧୦ ଜଣ ସୁସ୍ଥ ହେବା ପରେ ୫୪ ଜଣ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ସିଡିଏମ୍‌ଓ ଶ୍ୱେତ ମହାପାତ୍ର ସୂଚନା ଦେଇଛନ୍ତି।

### ୨ ପଞ୍ଚାୟତର ୩ ଗ୍ରାମ ଶଟ୍‌ଡାଉନ

**ନୂଆଗାଁ,୨୯।୫ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକର ୨ ପଞ୍ଚାୟତର ୩ଗୋଟି ଗ୍ରାମକୁ ସରପଞ୍ଚ ଶଟ୍‌ଡାଉନ ଘୋଷଣା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ବାହାଡାଝୋଲା ବାଳିକା ବିଦ୍ୟାଳୟ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହୁଥିବା ୬ ଜଣ ପ୍ରବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩ ଜଣ ସଙ୍ଗରୋଧ କେନ୍ଦ୍ରରେ ରହିଥିବା ବେଳେ ଅନ୍ୟ ୩ଜଣଙ୍କୁ ସ୍ୱାବ୍ ସଂଗ୍ରହ ପରେ ୨୬ ତାରିଖରେ ଛାଡି ଦିଆଯାଇଥିଲା। ତେବେ ଗୁରବାର ସେମାନଙ୍କ ଟେଷ୍ଟ ରିପୋର୍ଟ କରୋନା ପଜିଟିଭ୍ ଥିବା ଜଣାପଡିଛି। ସିଙ୍ଗାରପଲ୍ଲୀ ପଞ୍ଚାୟତ ଶୁଣ୍ଠିଝୋଲା ଓ ବନ୍ତଳା ଗ୍ରାମର ଦୁଇଜଣ ଏବଂ ଗାତେରୀ ପଞ୍ଚାୟତ ଚଣ୍ଡିଝରୀ ଗ୍ରାମର ଜଣେ ନିଜ ଗୃହରେ ଏକାନ୍ତ ବାସରେ ରହିବା ବଦଳରେ ବାହାର ଲୋକଙ୍କ ସହ ମିଳାମିଶା କରିଥିଲେ। ତେଣୁ ସଂକ୍ରମଣ ରୋକିବା ଲାଗି ଶୁଣ୍ଠିଝୋଲା, ବନ୍ତଳା ଓ ଚଣ୍ଡିଝରୀ ଗ୍ରାମକୁ ସାତଦିନ ପାଇଁ ଅର୍ଥାତ୍ ୨୯ ତାରିଖ ଅପରାହ୍ନ ୨ଟାରୁ ଜୁନ ୫ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସ୍ଥାନୀୟ ସରପଞ୍ଚ ଶଟ୍‌ଡାଉନ ଘୋଷଣା କରିଛନ୍ତି।

### ତହସିଲଦାରଙ୍କୁ ଭେଟିଲେ କୃଷକ ନେତା

**ବିଞ୍ଝାରପୁର, ୨୯।୫ (ଡି.ଏନ୍.ଏ.):** ଚାଷୀ ସମସ୍ୟାର ସମାଧାନ ପାଇଁ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ବିଞ୍ଝାରପୁର ତହସିଲଦାର ଅସ୍ମିତା ଦାଶଙ୍କୁ ଭେଟି ଆଲୋଚନା କରିଛନ୍ତି। ସାମୁଦ୍ରିକ ଝଡ଼ ଅମ୍ଫନ ପ୍ରଭାବରେ ବିଞ୍ଝାରପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଏକର ଏକର ମୁଗ ଓ ପନିପରିବା ଫସଲ କ୍ଷତି ହୋଇଛି। ତେବେ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ସଂଗଠନର ପକ୍ଷରୁ ଦାବି କରାଯାଇଥିଲା। ଆଲୋଚନା ବେଳେ ସଭାପତି ସନାତନ ସାହୁ, ରବୀନ୍ଦ୍ର ପରିଡା, ଭୁବନାନନ୍ଦ ସାମଲ, ସରୋଜ କୁମାର ନାୟକ, ଦୀନବନ୍ଧୁ ଦାସ ପ୍ରମୁଖଙ୍କ ସମେତ ଏକ ପ୍ରତିନିଧି ଦଳ ଉପସ୍ଥିତ ଥିଲେ।

### ଓଡଗାଁ ଥାନା ଅଧିକାରୀଙ୍କ ବାସଭବନରେ ଚଢ଼ାଉ

**ନୟାଗଡ଼ ଅଫିସ/ଓଡଗାଁ, ୨୯।୫(ସ୍ୱ.ପ୍ର.):** ନୟାଗଡ ଜିଲାର ଓଡଗାଁ ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ବଂଶୀଧର ବିଶ୍ୱାଳଙ୍କ ସରକାରୀ ବାସଭବନରେ ଶୁକ୍ରବାର ଅଚାନକ ଚଢ଼ାଉ ହୋଇଛି। ମାଜିଷ୍ଟ୍ରେଟ ନୟାଗଡ ତହସିଲଦାର ଭିକାରୀ ସାହୁଙ୍କ ଉପସ୍ଥିତିରେ ନୟାଗଡ ଡିଏସ୍‌ପି ଅଶୋକ ବେହେରା, ଶରଣକୁଳ ଏସ୍‌ଡିପିଓ ଏସ ଟପ୍ପୋ ଓ ଶରଣକୁଳ ଥାନା ଆଇଆଇସି କିରଣ ହେମ୍ବ୍ରମ ଚଢ଼ାଉ କରି ଝରକା, ଦୁଆର, ଚଉକାଠ, ପଲଙ୍କ, ବହୁ ଅର୍ଦ୍ଧନିର୍ମିତ କାଠ ଜିନଷ ଜବତ କରିଛନ୍ତି। ଓଡଗାଁ ରେଞ୍ଜ କାର୍ଯ୍ୟାଳୟକୁ ଖବର ଆସିବା ପରେ ଏସିଏଫ ଅରବିନ୍ଦ ମହାନ୍ତି, ରେଞ୍ଜର ରବୀନ୍ଦ୍ର ନାଥ ପଣ୍ଡାଙ୍କ ସମେତ ବନ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

## ଗହୀରମଥା ସାମୁଦ୍ରିକ ଅଭୟାଞ୍ଚଳ

# ସାମୁଦ୍ରିକ ପ୍ରାଣୀଙ୍କ ମୃତ୍ୟୁର ଇଲାକା

**କେନ୍ଦ୍ରାପଡ଼ା ଅଫିସ, ୨୯।୫**

ବନ ବିଭାଗ, ତଟରକ୍ଷା ବାହିନୀ, ସାମୁଦ୍ରିକ ଥାନା ପୋଲିସର ଜଗାରଖା ସତ୍ତ୍ୱେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ଭାବେ ମାଛଧରା ଟ୍ରଲର, ସ୍ପିଡ୍ ବୋଟ ଚାଲିଛି। ଫଳରେ ଅଭୟାରଣ୍ୟ ଏବେ ସାମୁଦ୍ରିକ ପ୍ରାଣୀଙ୍କ ପାଇଁ ମୃତ୍ୟୁର ଇଲାକା ପାଲଟିଥିବା ସ୍ଥାନୀୟ ପରିବେଶବିତ୍ ମତ ଦେଇଛନ୍ତି।

ପରିବେଶବିତ୍ ଜଗନ୍ନାଥ ଦାଶ କୁହନ୍ତି, ଭିତରକନିକାର ୬୭୨ ବର୍ଗକିଲୋମିଟର ଅଞ୍ଚଳକୁ ରାଜ୍ୟ ସରକାର ୧୯୭୫ ମସିହାରେ ବନ୍ୟଜନ୍ତୁଙ୍କ ପାଇଁ ଅଭୟାରଣ୍ୟ ଘୋଷଣା କରିଥିବା ବେଳେ କେନ୍ଦ୍ର ସରକାର ୧୯୮୮ରେ ଜାତୀୟ ଉଦ୍ୟାନ ମାନ୍ୟତା ଦେଇଥିଲେ। ଧାମରା ମୁହାଣଠାରୁ ଦକ୍ଷିଣରେ ମହାନଦୀ ମୁହାଣ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲା ଗହୀରମଥା ବେଳାଭୂମି ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ଦେଉଥିବାରୁ ଏହି ଅଞ୍ଚଳକୁ ରାଜ୍ୟ ସରକାର ୧୯୯୭ ମସିହାରେ ସାମୁଦ୍ରିକ ଅଭୟାଞ୍ଚଳ ଭାବେ ଘୋଷଣା କଲେ। ତେବେ ଗତ କିଛିବର୍ଷ ଧରି ଅଭୟାରଣ୍ୟର କଟକଣାକୁ ନ ମାନି



ଗହୀରମଥା ରେଞ୍ଜ ଅଫିସ।

ମାଛ ଧରା ଚାଲିଛି। ଫଳରେ ସାମୁଦ୍ରିକ ମାଛ, ତିମି, ଡଲ୍‌ଫିନ, ବିରଳ କଇଁଛଙ୍କ ମୃତ୍ୟୁର ଇଲାକା ପାଲଟିଛି। ଗତ ୨୩ ତାରିଖରେ ୪୦ ଫୁଟ ଲମ୍ବ ତିମିର ଶବ ଏହି ରେଞ୍ଜ ଅଧୀନ ଅଗରନାଶୀ ନିକଟ ସମୁଦ୍ରରେ ଦେଖାଯାଇଥିଲା। ୨୦୧୯ ଡିସେମ୍ବର ୧୪ରେ ଟ୍ରଲର, ସ୍ପିଡ୍ ବୋଟ ମାଡରେ ୩ଟି ଇରାୱାଡି ପ୍ରଜାତିର ମୃତ ଡଲ୍‌ଫିନ ପେଣ୍ଠଠାରେ ଦେଖିବାକୁ ମିଳିଥିଲା। ସେହିବର୍ଷ ଜାନୁୟାରୀରେ ଅଜଗରପାଟିଆ ଗ୍ରାମ ନିକଟ ବାଉଁଶଗଡି ନଦୀରେ ୪୦ ଫୁଟ ଲମ୍ବ ତିମିର ଶବ ଲାଗିଥିଲା।ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ଭିତରକନିକାର ଜୈବ ବିବିଧତା ପାଇଁ ସାମୁଦ୍ରିକ ପ୍ରାଣୀ ଆକୃଷ୍ଟ ହୋଇଥାନ୍ତି। ଏହାର ସୁରକ୍ଷା ପାଇଁ ସମୁଦ୍ର କୂଳରୁ ୨୦ କିଲୋମିଟର ପର୍ଯ୍ୟନ୍ତ ଟ୍ରଲର, ଗିଲନେଟର ଆଦି ଯନ୍ତ୍ରଚାଳିତ ଯାନର ପ୍ରବେଶ ନିଷିଦ୍ଧ ହୋଇଛି। ସେହିପରି କଇଁଛ ପ୍ରଜନନ ସମୟ ନଭେମ୍ବର ୧ରୁ ମେ ଶେଷ ଯାଏ ମତ୍ସ୍ୟଜୀବୀଙ୍କୁ ସାମୁଦ୍ରିକ ଅଞ୍ଚଳ କଟକଣା ପାଇଁ ୭,୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏହି ସାମୁଦ୍ରିକ ଅଭୟାଞ୍ଚଳରେ ୨୦୧୮ ମସିହାରେ ୩୦୭ଟି ଡଲ୍‌ଫିନ ଥିଲେ। ଗତ ଜାନୁୟରୀ ୧୯ରେ ବନବିଭାଗ ଓ ପରିବେଶବିତ୍‌ଙ୍କ ଗଣନା ସମୟରେ ଏହି ସଂଖ୍ୟା କମି ୧୨୬ ଓ ଚଳିତବର୍ଷରେ ଏମାନଙ୍କ ସଂଖ୍ୟା ୬୨ରେ ଅଛି। ଟ୍ରଲରର ପ୍ରୋପଲିନ ମାଡ ସାମୁଦ୍ରିକ ପ୍ରାଣୀ ପାଇଁ ବିପଦ ସାଜିଛି। ପରିବେଶବିତ୍ ଅଶୋକ କୁମାର ସ୍ୱାଇଁ କହନ୍ତି, ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ଦୁର୍ଗତି ପାଇଁ ବେଆଇନ ମାଛ ଓ ଟ୍ରଲର ବ୍ୟବସାୟୀଙ୍କ ସହ ନିକଟରେ ଥିବା ହୁଇଲର ଦ୍ୱୀପ, ଅନୁପ୍ରବେଶ, ଚିଙ୍ଗୁଡ଼ି ଘେରି ଆଦି ବିପଦ ସାଜିଛି। ହୁଇଲର ଦ୍ୱୀପରେ ପରୀକ୍ଷା କରାଯାଉଥିବା କ୍ଷେପଣାସ୍ତ୍ର ସାମୁଦ୍ରିକ ଜୀବର ଜୀବନ ପ୍ରଣାଳୀକୁ ପ୍ରଭାବିତ କରୁଛି। ସେହିପରି ଅନୁପ୍ରବେଶକାରୀ ଜଙ୍ଗଲ ଜମିକୁ ଜବରଦଖଲ କରି ସମୁଦ୍ରାଞ୍ଚଳକୁ ନିଜର କରିଛନ୍ତି। ଏଥିସହ ଚିଙ୍ଗୁଡି ଘେରିରୁ ନିର୍ଗତ ରାସାୟନିକ ଦ୍ରବ୍ୟ ସାମୁଦ୍ରିକ ଜୀବର ମୃତ୍ୟୁର କାରଣ ହେଉଛି। ବେଆଇନ ଟ୍ରଲର ଚାଳନା ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତିଯେ, ବନ ବିଭାଗ ପକ୍ଷରୁ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳକୁ ସୁରକ୍ଷିତ କରାଯାଇଛି। ଗତ ନଭେମ୍ବରରୁ ଅଦ୍ୟାବଧି ୭୪ଟି ଟ୍ରଲର, ସ୍ପିଡ୍ ବୋଟ ଧରାହେବା ସହିତ ୪୫୦ରୁ ଅଧିକ ଲୋକଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନିର୍ବାହୀ ଅଧିକାରୀ, ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ ଦାବି


ବ୍ଲକ ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା ଭାଜପା କର୍ମୀ।

**ଏରସମା,୨୯।୫(ସ୍ୱ.ପ୍ର.)**

ଏରସମା ବ୍ଲକ ଗଡ଼ବିଶୁନିପୁର ପଞ୍ଚାୟତସ୍ଥିତ ବ୍ରଜକିଶୋର ସାତମୌଜି ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଥିବା ଡିଙ୍କିଆ ପଞ୍ଚାୟତର କୁନାଲ ଦାସଙ୍କୁ ୨୭ ତାରିଖରେ ମାଡ଼ ହୋଇଥିଲା। ସ୍ଥାନୀୟ ସରପଞ୍ଚ ସୁଜାତା ବେହେରାଙ୍କ ସ୍ୱାମୀ ପ୍ରଭାକର ବେହେରା କୁନାଲଙ୍କୁ ଚେୟାର ଫିଙ୍ଗିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପବିତ୍ର ମୋହନ ସ୍ୱାଇଁ ପୋଲିସଠାରୁ ଲାଠି ଛଡ଼ାଇ ନେଇ ପିଟିଥିଲେ। ଏନେଇ ଏକ ଭିଡିଓ ଭାଇରାଲ ହେବା ସହ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଶୁକ୍ରବାର ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ମୋହିତ ମହାନ୍ତି, ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ତପନ ବେହେରା, ଜିଲା ଉପସଭାପତି ନିର୍ଲିପ୍ତ କୁମାର ଜେନା, କୃଷ୍ଣଚନ୍ଦ୍ର ଘଡ଼ାଇ, ଜଟାଧାରୀ

**ପ୍ରବାସୀଙ୍କୁ ନିର୍ବାହୀ ଅଧିକାରୀ ପିଟିବା ଘଟଣା**

ସ୍ୱାଇଁ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ସରପଞ୍ଚଙ୍କ ସ୍ୱାମୀ ଓ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବା ଓ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ହେଉଥିବା ଅବ୍ୟବସ୍ଥା ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଏକ ଲିଖିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନ ନିକଟରେ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଏହି କେନ୍ଦ୍ରରେ ଥିବା ଡିଙ୍କିଆ ପଞ୍ଚାୟତର ୩ ଯୁବକ ବିଶୃଙ୍ଖଳା କରୁଥିବା ନେଇ ସରପଞ୍ଚଙ୍କ ସ୍ୱାମୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଥାନାରେ ଅଭିଯାଗ କରିଛନ୍ତି। କୁନାଲଙ୍କ ପକ୍ଷରୁ ତାଙ୍କ ମା’ ନନ୍ଦିନୀ ଦାସ ପାଲଟା ଅଭିଯୋଗ କରିଛନ୍ତି। ରିପାର୍ଟ ଲେଖାହେବା ବେଳକୁ କାହାରିକୁ ଗିରଫ କରାଯାଇ ନ ଥିବା ଏରସମା ଆଇଆଇସି ପ୍ରଶାନ୍ତ କୁମାର ମାଝି ପ୍ରକାଶ କରିଛନ୍ତି।

# କଟକଣା ସତ୍ତ୍ୱେ ଓଡ଼ଙ୍ଗ ହାଟକୁ ଆସୁଛି ରାଜ୍ୟ ବାହାରୁ ପରିବା

**ରସୁଲପୁର, ୨୯।୫ (ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବାକୁ ରସୁଲପୁର ବ୍ଲକ ଅଧୀନ ବାରବାଟୀସ୍ଥିତ ଦୈନିକ ଓଡ଼ଙ୍ଗ ପରିବା ହାଟରେ ବାହାର ରାଜ୍ୟର ପରିବା ଗାଡ଼ି ପ୍ରବେଶ ଉପରେ ପ୍ରଶାସନ ପକ୍ଷରୁ

**୪ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ତହସିଲଦାର**

ରୋକ ଲଗାଯାଇଛି। ମାତ୍ର କେତେଜଣ ବ୍ୟବସାୟୀ ଏହି କଟକଣା ଉଲ୍ଲଂଘନ କରୁଥିବା ବେଳେ ଏ ନେଇ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଗୁରୁବାର ରାତିଅଧିଆ ଉକ୍ତ ପରିବା ବଜାର ଉପରେ ଚଢ଼ାଉ କରିଥିଲେ। ପରିବା ହାଟ ମଧ୍ୟସ୍ଥଳିରେ ଗଚ୍ଛିତ ଥିବା ପରିବାଗୁଡିକୁ ଠାବ କରାଯାଇଥିଲା। ଏ ନେଇ ହାଟସ୍ଥଳରେ ଉପସ୍ଥିତ ବ୍ୟବସାୟୀମାନଙ୍କୁ ପଚାରା ଉଚୁରା କରିବା ପରେ ହାଟର ୪ଜଣ ବ୍ୟବସାୟୀ ଉକ୍ତ ପରିବା ଗାଡ଼ି ବାହାରୁ ମଗାଇଥିବା ଜଣାପଡିଥିଲା। ତେବେ


ହାଟକୁ ବାହାର ରାଜ୍ୟରୁ ଆସିଥିବା ପରିବା ଗାଡ଼ି।

ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାର ଭୁଜବଳ ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁଙ୍କୁ ଅବଗତ କରାଇଥିଲେ। ମାତ୍ର ଇତିମଧ୍ୟରେ ୨୪ ଘଣ୍ଟା ବିତିଥିଲେ ବି ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୋଲିସ ଓ ସମ୍ପୃକ୍ତ ପରିବା ବ୍ୟବସାୟୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ନେଇ ତହସିଲଦାର ଭୁଜବଳଙ୍କୁ ପଚାରିବାରେ ସମ୍ପୃକ୍ତ ୪ ବ୍ୟବସାୟୀଙ୍କ ନାଁକୁ ଧର୍ମଶାଳା ଥାନାଧିକାରୀଙ୍କୁ ସୁପାରିସ କରିଛନ୍ତି ବୋଲି କହିଛନ୍ତି। ଥାନା ଅଧିକାରୀ ସରୋଜ କୁମାର ସାହୁ କହିଛନ୍ତି, ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ଏସଆଇ ସୁଦାମ ନନ୍ଦିଙ୍କୁ ଦିଆଯାଇଥିଲା। ହେଲେ ରାଜପଥରେ ଗାଡ଼ି ଜାମ୍ ହୋଇଯିବାରୁ ସେ ହାଟସ୍ଥଳକୁ ତଦନ୍ତ ପାଇଁ ଯାଇ ପାରି ନ ଥିବା କହିଛନ୍ତି। ମାତ୍ର ସେହି ସମୟରେ ହାଟସ୍ଥଳରେ ଉପସ୍ଥିତ ଦେଖଣାହାରୀଙ୍କ କହିବା ଅନୁସାରେ, ତହସିଲଦାର ଥାନାକୁ ଅବଗତ କରାଇବା ପରେ ପୋଲିସ ଭ୍ୟାନ୍ ସେଠାକୁ ଆସିଥିଲା। ସମ୍ପୃକ୍ତ ବ୍ୟବସାୟୀମାନେ ହାଟସ୍ଥଳରେ ଉପସ୍ଥିତ ଥିଲେ। ମାତ୍ର ପୋଲିସ ସେମାନଙ୍କୁ ନଦେଖିଲା ଭଳି ଘଟଣାସ୍ଥଳରେ ପଇଁତରା ମାରି ଚାଲିଯାଇଥିଲା।

# ସହକାରୀ ଯନ୍ତ୍ରୀଙ୍କ ବଦଳିକୁ ବିରୋଧ

**ଖଣ୍ଡପଡ଼ା,୨୯।୫(ସ୍ୱ.ପ୍ର.)**

୬ମାସ ତଳେ ଖଣ୍ଡପଡା ବ୍ଲକରେ ଯୋଗଦେଇଥିବା ସହକାରୀ ଯନ୍ତ୍ରୀଙ୍କ ବଦଳିକୁ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ବିରୋଧ କରିଛନ୍ତି। ଏପରି କି ବଦଳି ବାତିଲ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଏଠାରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ବୃନ୍ଦାବନ ବରିହାଙ୍କର ଭାପୁର ବ୍ଲକକୁ ବଦଳି ହୋଇଛି। ଏହା ଜଣାପଡିବା ପରେ ପଞ୍ଚାୟତ ଲୋକପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଓ ପଞ୍ଚାୟତ ଲୋକପ୍ରତିନିଧିଙ୍କ ଏକ ଟିମ୍ ଗୁରୁବାର ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ବଦଳି ବାତିଲ ସମ୍ପର୍କରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। କୋଭିଡ୍-୧୯ ପରିପ୍ରେକ୍ଷୀରେ ରାଜ୍ୟ ସରକାର ନୂତନ ବଦଳି ଓ ନିଯୁକ୍ତି ଉପରେ ରହିତାଦେଶ ଜାରି କରିଥିବା ବେଳେ କେଉଁ ପରିସ୍ଥିତିରେ ସହକାରୀ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି ହେଲା ତାହା ତଦନ୍ତସାପେକ୍ଷ। ବଦଳି ଆଦେଶ ବାତିଲ ନ ହେଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ଝୁଲାଇ ହରତାଳ କରାଯିବ ବୋଲି ବ୍ଲକ ଅଧକ୍ଷ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ଗଣ୍ଡଗୋଳ: ମହିଳା ମୃତ, ୫ ଗିରଫ

**ପଟ୍ଟାମୁଣ୍ଡାଇ, ୨୯।୫ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଶିମିଳିଆ ଗ୍ରାମରେ ଶୁକ୍ରବାର ଗଣ୍ଡଗୋଳ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅଭିଯୋଗ ପରେ ପୋଲିସ ୧୮୮/୨୦ରେ ମାମଲା ରୁଜୁକରି ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ ଓ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ଏଥିନେଇ ଶିମିଳିଆ ଗ୍ରାମର ଭଗବାନ ଜେନା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପରିକ୍ଷିତ ସ୍ୱାଇଁଙ୍କ ପରିବାର ଓ ତାଙ୍କ ପୁତୁରା ଦେବପ୍ରସାଦ ସ୍ୱାଇଁଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ଗଣ୍ଡଗୋଳ ଲାଗିରହିଥିଲା। ଗୁରୁବାର ଉଭୟପକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସେମାନଙ୍କୁ ଡକାଇଥିଲେ ମଧ୍ୟ ସମାଧାନ ହୋଇପାରି ନ ଥିଲା। ରାତି ପାହିବା ପୂର୍ବରୁ ପରିକ୍ଷିତ ସ୍ୱାଇଁ, ସ୍ତ୍ରୀ ନଳିନୀପ୍ରଭା ସ୍ୱାଇଁ, ପୁଅ ଶିବପ୍ରସାଦ ସ୍ୱାଇଁ, ନିକଟସ୍ଥ ଲୋକନାଥପୁର ଗ୍ରାମର କିଶୋର କୁମାର ଜେନା ଓ ପାଟକୁରା ଥାନା ଆୟତପୁର ଗ୍ରାମର ମୁନା ଓରଫ୍ ଦିଲୀପ କୁମାର ନାୟକ ବିଭିନ୍ନ ମାରଣାସ୍ତ୍ରରେ ଦେବପ୍ରସାଦଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମା’ କୁସୁମ ସ୍ୱାଇଁ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତରଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ପୋଲିସ ଆକ୍ରମଣକାରୀ ୫ଜଣଙ୍କୁ ଗିରଫ କରି ଘଟଣାର ଖୋଳତାଡ ଆରମ୍ଭ କରିଛି।

# ଜଗତ୍‌ସିଂହପୁରରେ ପୁଣି ୧୧ ପଜିଟିଭ୍

**ଜଗତ୍‌ସିଂହପୁର ଅଫିସ, ୨୯।୫**

ଜଗତ୍‌ସିଂହପୁର ଜିଲାରେ ପୁଣି ୧୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ସଙ୍ଗରୋଧ କେନ୍ଦ୍ରରେ ଥିବାବେଳେ ଜଣେ ଏହି ଅବଧି ସାରି ଘରେ ରହୁଥିଲେ। ୧୧ ଜଣଙ୍କ ମଧ୍ୟରେ ତିର୍ତ୍ତୋଲ ବ୍ଲକର ୪ ଜଣ, ଏରସମା ୪, କୁଜଙ୍ଗ ୨ ଓ ବାଲିକୁଦା ବ୍ଲକ ଅଞ୍ଚଳର ଜଣେ ରହିଛନ୍ତି। ଶୁକ୍ରବାର ପ୍ରତ୍ୟେକଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ସାଧାରଣରେ ଚିନ୍ତାପ୍ରକଟ କରାଯାଉଥିବା ବେଳେ ଜିଲାର ପୁଣି ୨୩ ଜଣ ସୁସ୍ଥ ହେବା ଖବର ଲୋକଙ୍କୁ ଆଶ୍ୱସ୍ତି ଦେଇଛି। ପୂର୍ବରୁ ୫ ଓ ଏମାନଙ୍କୁ ମିଶାଇଲେ ଜିଲାରେ ଏବେସୁଦ୍ଧା ମୋଟ ୨୮ ଜଣ ସୁସ୍ଥ ହୋଇଥିବାବେଳେ ସଂକ୍ରମିତ ଅଛନ୍ତି ୩୨। ତିର୍ତ୍ତୋଲର ନୂଆ କରୋନା ପଜିଟିଭ୍ ୪ଙ୍କ ମଧ୍ୟରୁ ୨ ସାମନ୍ତରାପୁର ପଞ୍ଚାୟତ ସିରସ୍ଥା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ରହୁଥିଲେ। ଏହି ଦୁହେଁ ସେମାନଙ୍କ ଛୋଟ ଝିଅ ଓ ଝିଅର ମାଉସୀ ମିଶି ମହାରାଷ୍ଟ୍ରରୁ

**ସୁସ୍ଥ ହେଲେ ୨୩**

ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଛୋଟ ଝିଅ ଓ ତାଙ୍କ ମାଉସୀଙ୍କ ସ୍ୱାବ୍ ସଂଗ୍ରହ ହୋଇନାହିଁ। ଅନ୍ୟ ୨ ଜଣ ୨୫ ତାରିଖରୁ ପିପଳମାଧବ ପଞ୍ଚାୟତର ପଞ୍ଚସଖା ହାଇସ୍କୁଲରେ ଥିଲେ। ସେମାନଙ୍କ ମଧ୍ୟରୁ ସୁରଟରୁ ଫେରିଥିବା ବ୍ୟକ୍ତି ସଙ୍ଗରୋଧ ସାରି ଘରେ ଥିଲେ। ଏଥିସହ ସେ ନୂଆପୋଲ ବଜାର ସମେତ କେତେକ ସ୍ଥାନରେ ବୁଲାଚଲା କରିଥିବା ଜଣାଯାଇଛି। ଅନ୍ୟ ଜଣକ ଚେନ୍ନାଇରୁ ଫେରିଛନ୍ତି। ଏରସମାର ୪ ଜଣଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶରୁ ୧, ତେଲଙ୍ଗାନା ୧, ଗୁଜରାଟ ୧ ଓ ତାମିଲନାଡୁରୁ ଜଣେ ଫେରିଥିଲେ। ୨୧ ତାରିଖରେ ଫେରିଥିବା ଜନୈକ ବ୍ୟକ୍ତି ଗଡ଼କୁଜଙ୍ଗ ଉନ୍ନୀତ ସରକାରୀ ଉଚ୍ଚବିଦ୍ୟାଳୟରେ ରହୁଥିଲେ। ଅନ୍ୟ ୩ ଜଣ ଭିତରଅନ୍ଧାରୀ ପଞ୍ଚାୟତର ସାରଳା ହାଇସ୍କୁଲରେ ରହୁଥିଲେ। ସେମାନଙ୍କ ମଧ୍ୟରୁ ଗତ ୧୭ରେ ୨ ଓ ୧୮ ତାରିଖରେ ଜଣେ ଫେରିଛନ୍ତି। ବାଲିକୁଦା ବ୍ଲକ ଅଡ଼ଙ୍ଗା ପ୍ରାଥମିକ ବିଦ୍ୟାଳୟରେ ରହୁଥିବା ଯୁବକଜଣକ ଗତ ୧୪ତାରିଖରେ କୋଲକାତାରୁ ଫେରିଥିଲେ। ସେହିପରି କୁଜଙ୍ଗ ବ୍ଲକର ପଣ୍ଡୁଆ ପ୍ରାଥମିକ ବିଦ୍ୟାଳୟରେ କୋଲକାତା ଫେରନ୍ତା ୨ ଜଣ ରହୁଥିଲେ।

# ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ

**ଖଣ୍ଡପଡ଼ା,୨୯।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ରୟତ ଡୋଲମରା ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ବେହେରାଙ୍କ ମୃତ୍ୟୁ ପରେ ନାଏବ ସରପଞ୍ଚ ସବିତା ରାଉତଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଖଣ୍ଡପଡା ବିଡିଓ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି।

# ଶ୍ରମିକଙ୍କ ସମସ୍ୟା ସମାଧାନ ଦାବି

**ଯାଜପୁର ଟାଉନ୍/ ବିଞ୍ଝାରପୁର/ ଧର୍ମଶାଳା, ୨୯।୫ (ଡି.ଏନ୍.ଏ.)**

**ଏସ୍‌ୟୁସିଆଇ ପକ୍ଷରୁ ଦାବିପତ୍ର ପ୍ରଦାନ**

ଏସ୍‌ୟୁସିଆଇ ଯାଜପୁର ଜିଲା କମିଟି ପକ୍ଷରୁ ୧୭ ଦଫା ଦାବି ସମ୍ବଳିତ ଏକ ପତ୍ର ଶୁକ୍ରବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ପ୍ରବାସୀ ଶ୍ରମିକମାନଙ୍କୁ ୧୦ ହଜାର ଟଙ୍କା ସହାୟତା ସହ ବର୍ଷସାରା କାମ ଯୋଗାଇବା, ଚାଷୀମାନଙ୍କୁ ଋଣ ଛାଡ଼ କରିବା, ଛାତ୍ରୀଛାତ୍ରମାନଙ୍କ ସମସ୍ତ ପ୍ରକାର ଫି’ ଛାଡ, ଭୂମିହୀନଙ୍କୁ ଜମି ପଟ୍ଟା ଯୋଗାଇବା, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଆବଶ୍ୟକ ସୁରକ୍ଷା ଉପକରଣ ଯୋଗାଇବା, ମଦ ବିକ୍ରି ବନ୍ଦ ଆଦି ଦାବି ସମ୍ପର୍କରେ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଥିବା ଜଣାପଡ଼ିଛି। ଦାବିଗୁଡ଼ିକୁ ଅବିଳମ୍ବେ ପୂରଣ କରିବା ପାଇଁ ଏସ୍‌ୟୁସିଆଇ (କ) ଜିଲା ସମ୍ପାଦକ ସୁରେନ୍ଦ୍ର ମଲିକ, ଜିଲା କମିଟି ସଭ୍ୟ ବୀର କିଶୋର ନାୟକ, ସୁଲୋଚନା ପ୍ରଧାନ, ତରଙ୍ଗିଣୀ ଦାସ ଓ ଜଗବନ୍ଧୁ ମଲିକ ପ୍ରମୁଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଏସ୍‌ୟୁସିଆଇ ବିଞ୍ଝାରପୁର ଶାଖା ଆଞ୍ଚଳିକ କମିଟି ପକ୍ଷରୁ ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ବିଡିଓ ମିନତି ଜଗଦେବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଧାବଲ୍ଲଭ ମଲିକ, ସଞ୍ଜୁକ୍ତା ନାୟକ, ବ୍ରହ୍ମାନନ୍ଦ ମଲିକ, ସାର୍ଥକ କର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜାରକା ଆଞ୍ଚଳିକ କମିଟି ପକ୍ଷରୁ ସମ୍ପାଦିକା ମଧୁମିତା ସାହୁଙ୍କ ନେତୃତ୍ୱରେ ଏକ ଦାବିପତ୍ର ଧର୍ମଶାଳା ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଦମୟନ୍ତୀ ପୁଦୁଲି, ବିଚିତ୍ର ଦାସ, ପ୍ରଶାନ୍ତ ସ୍ୱାଇଁ, ସଞ୍ଜୁକ୍ତା ସାହୁ, ସସ୍ମିତା ବେହେରା, ଚୈତନ୍ୟ ସାହୁ ଓ ମଙ୍ଗୁଳି ସାହୁ ପ୍ରମୁଖ ସାମିଲ ଥିଲେ।

# ପ୍ୟାକ୍ସ ଭିତ୍ତିଭୂମି ବହୁ ପଛରେ, କୃଷି ଅବହେଳିତ

**ଯାଜପୁର ଅଫିସ,୨୯।୫**

ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ର ଦାୟିତ୍ୱ ଦିନକୁ ଦିନ ବଢ଼ି ଚାଲିଛି। କିନ୍ତୁ ଯାଜପୁର ଜିଲା ଗଠନ ହେବାର ଇତିମଧ୍ୟରେ ୨୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ୧୨୨ ପ୍ୟାକ୍ସ ମଧ୍ୟରୁ ୫୫ଟିର ନିଜସ୍ୱ କାର୍ଯ୍ୟାଳୟ ନାହିଁ। ପଡୋଶୀ ଭଦ୍ରକ ଜିଲାର ୭ ବ୍ଲକରେ ୨୫ ସାର ଗୋଦାମ ଗୃହ ରହିଥିବାବେଳେ ଯାଜପୁର ଜିଲାରେ ଗୋଟିଏ ବି ସ୍ୱତନ୍ତ୍ର ସାର ଗୋଦାମ ଗୃହ ନାହିଁ। କୃଷିଋଣ ପ୍ରଦାନ କ୍ଷେତ୍ରରେ ରୂପେ କାର୍ଡ ବ୍ୟବହାର ନୈରାଶ୍ୟଜନକ ରହିଛି। ଏହାବାଦ ଆଗ୍ରୋ ସର୍ଭିସ ସେଣ୍ଟର, ଆଗ୍ରୋ କ୍ଲିନିକ, କୃଷକଙ୍କୁ ତାଲିମ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜିଲାରେ ହୋଇ ପାରୁନାହିଁ। ଅନ୍ୟପକ୍ଷେ ଏବେ ବି ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାକୁ ନେଇ କଟକ କେନ୍ଦ୍ର ସେବା ସମବାୟ ସମିତି କାର୍ଯ୍ୟ କରୁଛି। ପଞ୍ଚାୟତସ୍ତରରେ ପ୍ୟାକ୍ସ ଗଠନ ହେବାରେ ମଧ୍ୟ ପ୍ରତିବନ୍ଧକ ସାଜିଛି। କେନ୍ଦ୍ର ସରକାର ନିକଟରେ ୧୦୦ ପ୍ୟାକ୍ସର ଭିତ୍ତିଭୂମି ପାଇଁ ଅନୁଦାନ ଦେଇଥିବାବେଳେ ଯାଜପୁର ଜିଲା ଏଥିରୁ ବାଦ୍ ପଡ଼ିଛି। କାର୍ଯ୍ୟ ବହୁଳତା ଏବଂ ଗୁରୁତ୍ୱକୁ ଉପଲବ୍ଧି କରି ସମିତିଗୁଡିକର ଭିତ୍ତିଭୂମିକୁ ଉନ୍ନତ ଓ ସୁଦୃଢ କରିବା ପାଇଁ ସରକାରଙ୍କ ସକାରାତ୍ମକ ପଦକ୍ଷେପ ଏଠାରେ ପରାହତ ହୋଇଛି। ଯାଜପୁରକୁ ରାଜ୍ୟର ଅନ୍ୟତମ ବିକାଶୋନ୍ମୁଖୀ ଜିଲା ଭାବେ ବିବେଚନା କରାଯାଉଥିବାବେଳେ କୃଷି ଓ କୃଷକଙ୍କୁ ଏଭଳି ଭାବେ ଅବହେଳା ସମ୍ପ୍ରତି ଅର୍ଥନୈତିକ ସଙ୍କଟକୁ ବହୁଗୁଣିତ କରିପାରେ ବୋଲି ମତପ୍ରକାଶ ପାଇଛି।

କୃଷି ଉତ୍ପାଦିତ ଶସ୍ୟର ଉପଯୁକ୍ତ ସଂରକ୍ଷଣ ଜିଲାରେ ଅଭାବ ରହିଛି। ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟକୁ ନିଶ୍ଚିତ କରିବା ପାଇଁ ସମିତିସ୍ତରରେ ଆବଶ୍ୟକ ଶସ୍ୟ ଗୋଦାମଗୃହ ନିର୍ମାଣ ହୋଇ ପାରିନାହିଁ। ୧୨୨ ପ୍ୟାକ୍ସ ମଧ୍ୟରୁ ମାତ୍ର ୪୫ଟିର ଶସ୍ୟ ଗୋଦାମଗୃହ ନିର୍ମାଣ ହୋଇଥିବା ସୂଚନା ମିଳିଛି। ଏହାସହ ଖଇରାବାଦ ଓ କୋରେଇରେ ୨୫୦ ଏମ୍‌ଟି କ୍ଷମତା ବିଶିଷ୍ଟ ୨ଟି ଶସ୍ୟ ଗୋଦାମ ରହିଛି। ବିଭାଗୀୟ ଦୂରଦୃଷ୍ଟି ଅଭାବରୁ ଜମି ସଂକ୍ରାନ୍ତୀୟ ମାମଲା ଛନ୍ଦିହୋଇଥିବାରୁ ସବୁ ସମିତିରେ ଗୋଦାମଗୃହ ନିର୍ମାଣ ହୋଇପାରୁ ନ ଥିବା କୁହାଯାଉଛି। ଅନୁବନ୍ଧିତ କେନ୍ଦ୍ର ସମବାୟ ବ୍ୟାଙ୍କ ସହିତ ପ୍ୟାକ୍ସଗୁଡିକୁ ସଂଯୋଗ କରି କୃଷକମାନଙ୍କୁ ରୂପେ କାର୍ଡ ମାଧ୍ୟମରେ ଋଣ ପ୍ରଦାନ ମଧ୍ୟ ଏ ଯାଏ ସମ୍ପନ୍ନ ହୋଇପାରିନାହିଁ।

ସମସ୍ତ ପ୍ୟାକ୍ସକୁ କମ୍ପ୍ୟୁଟରୀକରଣ କରିବା ପାଇଁ ସରକାର ବହୁ କୋଟି ଟଙ୍କା ପ୍ରଦାନ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଏହାବାଦ୍ ପ୍ୟାକ୍ସଗୁଡ଼ିକରେ ଯୋଗ୍ୟ କର୍ମଚାରୀ ନିଯୁକ୍ତି ହୋଇ ନ ଥିବା କୁହାଯାଉଛି। ବିଭିନ୍ନ ପ୍ୟାକ୍ସରେ ଦୁର୍ନୀତିଖୋର କର୍ମଚାରୀଙ୍କ ମାନମାନି ଯୋଗୁ ଚାଷୀଙ୍କ ନାମରେ ଅତ୍ୟଧିକ ଜମି ଦର୍ଶାଇ କୃଷକଙ୍କ ପାଇଁ ଉଦ୍ଦିଷ୍ଟ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଥିବା ନଜିର ରହିଛି। ସମିତିସ୍ତରରେ ଚାଷୀମାନଙ୍କୁ ସାର, ବିହନ, ପୋକମରା ବିଷ ସରକାରୀ ଦରରେ ଯୋଗାଣ ଅନେକାଂଶରେ ହୋଇପାରୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ଯେ, କୃଷକ ସଭ୍ୟମାନଙ୍କୁ ସମବାୟ ସମ୍ବନ୍ଧରେ ସଚେତନ କରିବା ପାଇଁ ତାଲିମ ପ୍ରଦାନ ବ୍ୟବସ୍ଥା ମଧ୍ୟ ଜିଲାରେ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ ବ୍ରାଞ୍ଚ ମ୍ୟାନେଜର ଜିତେନ୍ଦ୍ର କୁମାର ସିଂସାମନ୍ତଙ୍କୁ ପଚାରିବାରୁ ସେ କହିଛନ୍ତି, କୃଷକ ସଭ୍ୟମାନଙ୍କ ସହ ଋଣ କାରବାରରେ ଉନ୍ନତି ହୋଇଛି। ଆହୁରି ଭିତ୍ତିଭୂମିର ଆବଶ୍ୟକତା ରହିଛି। ଯାଜପୁର ଏଆରସିଏସ୍ ସ୍ୱାତିବାଳା ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଭିତ୍ତିଭୂମି ପ୍ରତିଷ୍ଠା ଦିଗରେ ସେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

**ଯାଜପୁର ଜିଲା**
- ୧୨୨ ପ୍ୟାକ୍ସରୁ ୪୫ରେ ରହିଛି ଶସ୍ୟ ଗୋଦାମ
- ସ୍ୱତନ୍ତ୍ର ସାର ଗୋଦାମ ନାହିଁ
- ଋଣ କାରବାରରେ ରୂପେ କାର୍ଡ ପ୍ରଚଳନ ନୈରାଶ୍ୟଜନକ

# ମୋଟରଯାନ ଭିଡ଼ ରୋକିବାକୁ ଦାବି

**ଏରସମା,୨୯।୫(ସ୍ୱ.ପ୍ର.):** ଏରସମା ବ୍ଲକ୍ ମୁଖ୍ୟାଳୟରେ ମୋଟର ଯାନ ଭିଡ଼ ରୋକିବାକୁ ଶୁକ୍ରବାର ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବ୍ଲକ ପ୍ରଶାସନ ନିକଟରେ ଦାବି ହୋଇଛି। ବ୍ଲକ ଛକଠାରୁ ମଣିଜଙ୍ଗା ରାସ୍ତାର ୟୁବିଆଇ ପର୍ଯ୍ୟନ୍ତ ଓ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠରୁ ଏରସମା ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ପ୍ରତିଦିନ ଭିଡ ହେଉଛି। ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକେ ରାସ୍ତା କଡ଼ରେ ଯାନ ରଖୁଛନ୍ତି। ପରିବା ବିକ୍ରି ପାଇଁ ଭେଣ୍ଡିଂ ଜୋନ ନ ଥିବାରୁ ରାସ୍ତା ଉପରେ ଏସବୁ ବିକ୍ରି ହେଉଛି। ଏହାକୁ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ସରୋଜ ବେହେରା, ଅମ୍ବିକା ପ୍ରସାଦ ମହାନ୍ତି, ସତ୍ୟଭୂଷଣ ତରାଇ ପ୍ରମୁଖ ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀଙ୍କୁ ଦାବିପତ୍ର ଦେଇଛନ୍ତି।

## ସଂକ୍ଷେପରେ

### କ୍ୱାରାଣ୍ଟାଇନ୍ ସେଣ୍ଟର ଛାଡ଼ିଲେଣି ୧୨୧୦ ଅନ୍ତେବାସୀ

ବନ୍ତ,୨୯।୫(ଡି.ଏନ୍.ଏ.) : ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ୨୫ଟି ପଞ୍ଚାୟତର କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୧୨୧୦ ଅନ୍ତେବାସୀ ସଙ୍ଗରୋଧ ଅବଧି କଟାଇ ଘରକୁ ଫେରି ଗଲେଣି। କରୋନା ଲକ୍‌ଡାଉନ୍ ଯୋଗୁ ରାଜ୍ୟ ବାହାରେ ଫସି ରହିଥିବା ଏହି ବ୍ଲକର ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଘରକୁ ଫେରିବା ପାଇଁ ପଞ୍ଜୀକରଣ କରିଥିଲେ। ଶୁକ୍ରବାର ସୁଦ୍ଧା ୨୦୬୫ ପ୍ରବାସୀ ବ୍ଲକକୁ ଫେରିଥିବା ସୂଚନା ମିଳିଛି।

### ଗାଧୁଆ ବେଳ ଫଟୋ ଉଠା ନେଇ ମହିଳାଙ୍କୁ ଆକ୍ରମଣ

ବନ୍ତ,୨୯।୫(ଡି.ଏନ୍.ଏ.) : ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଜନୈକା ମହିଳା ଗାଧୋଉଥିବା ବେଳେ ଜଣେ ଯୁବକ ଫଟୋ ଉଠାଉଥିଲେ। ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ଯୁବକ ଜଣକ ମହିଳାଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବନ୍ତ ଥାନା ଅଞ୍ଚଳର ଜନୈକା ମହିଳା ଗାଧୋଉଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ମୋବାଇଲ ଯୋଗେ ତାଙ୍କର ଫଟୋ ଉଠାଉଥିଲେ। ଏହା ଦେଖି ମହିଳା ଜଣକ ଘର ଭିତରକୁ ପଳାଇ ଲୁଗା ବଦଳାଇ ଆସି ଯୁବକଙ୍କୁ ଏସମ୍ପର୍କରେ ପଚାରିବାରୁ ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୫୯/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### କାଳବୈଶାଖୀରେ ଗଛ ଭାଙ୍ଗି ରାସ୍ତା ଅବରୋଧ

ବନ୍ତ,୨୯।୫(ଡି.ଏନ୍.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ପଞ୍ଚାୟତ ଆମ୍ଭୋର ଗ୍ରାମରେ ଶୁକ୍ରବାର କାଳ ବୈଶାଖୀ ଯୋଗୁ ଏକ ବଡ଼ ଆମ୍ବ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଅପରାହ୍ନ ପ୍ରାୟ ୫ଟା ସମୟରେ ଏହି ଘଟଣା ଘଟିଛି। ଗଛ ଭାଙ୍ଗି ପଡ଼ିବା ଫଳରେ କେନ୍ଦୁଆପଦା ରେଳ ଷ୍ଟେସନ ଠାରୁ ଆମ୍ଭୋର ଗ୍ରାମକୁ ଯାଉଥିବା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି।

### ଗୋପବନ୍ଧୁନଗର ବ୍ଲକରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ

ବାରିପଦା ଅଫିସ,୨୯।୫- ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଞ୍ଚଳରୁ ଶୁକ୍ରବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ବ୍ୟକ୍ତି ଜଣକ ୨୭ ବର୍ଷୀୟ ଯୁବକ ଅଟନ୍ତି। ସେ ତାମିଲନାଡ଼ୁରୁ ଫେରି ବ୍ଲକ ସଙ୍ଗରୋଧ କେନ୍ଦ୍ରରେ ରହି ଆସୁଥିଲେ। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୭କୁ ଛୁଇଁଛି। ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ସୁସ୍ଥ ହୋଇଥିବା ବେଳେ ୬ ଜଣ ଚିକିତ୍ସାଧିନ ଅଛନ୍ତି। ଶୁକ୍ରବାର ପଜିଟିଭ୍ ଚିହ୍ନଟ ହୋଇଥିବା ଯୁବକଙ୍କୁ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

### ଗ୍ରାହକ ସେବା କେନ୍ଦ୍ର ପୋଡ଼ିଲେ ଦୁର୍ବୃତ୍ତ

ଖଇରା, ୨୯।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ରାଇକୁଲା ବଜାରରେ ଥିବା ମିନି ଗ୍ରାହକ ସେବା କେନ୍ଦ୍ରକୁ କୌଣସି ଦୁର୍ବୃତ୍ତ କିରୋସିନ ଢାଳି ପୋଡିବାକୁ ଉଦ୍ୟମ କରିଛନ୍ତି। ଗୁରୁବାର ରାତି ୮ଟା ବେଳେ କେନ୍ଦ୍ରର ପରିଚାଳିକା ଲତାଞ୍ଜଳି ପାଢ଼ୀ କେନ୍ଦ୍ର ବନ୍ଦ କରି ଘରକୁ ଯାଇଥିଲେ। ସକାଳେ ଆସି କେନ୍ଦ୍ର ଖୋଲିବା ସମୟରେ କିଛି ପୋଡା କାଗଜପତ୍ର ପଡିଥିବା ଦେଖିବାକୁ ପାଇଥିଲେ। କେନ୍ଦ୍ର ପରିସରରୁ କିରୋସିନ ଗନ୍ଧ ଆସୁଥିବାରୁ ଏହା କୌଣସି ଦୁର୍ବୃତ୍ତଙ୍କ କାର୍ଯ୍ୟ ବୋଲି ପାଢ଼ୀ ସନ୍ଦେହ କରି ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପୂର୍ବ ପାରିବାରିକ ଶତ୍ରୁତାକୁ ନେଇ ଏଭଳି କାର୍ଯ୍ୟ କରାଯାଇଛି ବୋଲି ବ୍ୟାଙ୍କ ପରିଚାଳିକା ଲତାଞ୍ଜଳି ପାଢ଼ୀ ଜଣାଇଛନ୍ତି। ସ୍କାଏଲାଇଟ ଦେଇ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ଖଇରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବିୟର ସହ ଫ୍ରିଜ୍ ଜବତ

ପଦ୍ମପୁର, ୨୯।୫(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ପୋଲିସ ୪୩ ବୋତଲ ବିୟର ସହ ଏକ ଫ୍ରିଜ୍ ଜବତ କରିଛି। ନାୟକାଣିଡିହୀ ତଳସାହିର ବଳରାମ ସେଠୀ ନାମକ ଜଣେ ବ୍ୟକ୍ତି ଘରେ ଚୋରା ମଦ ବିକ୍ରି କରୁଥିବା ଖବର ପାଇ ପୋଲିସ ତାଙ୍କ ଘରେ ଛାନ୍‌ଭିନ୍ କରିଥିଲା। ତାଙ୍କ ଘରୁ ଏକ ଫ୍ରିଜ୍‌ରେ ୪୩ ବୋତଲ ବିୟର ଥିବା ନାୟକାଣିଡିହୀ ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ବିୟର ସହ ଫ୍ରିଜ୍‌କୁ ଜବତ କରି ଥାନାକୁ ଆଣିବା ସହ ମାମଲା(ନଂ. ୪୮/୨୦) ରୁଜୁ କରିଛି। ଲକ୍‌ଡାଉନରେ ପଡ଼ୋଶୀ ଜିଲାରୁ ଚୋରାରେ ଦେଶୀ ଓ ବିଦେଶୀ ମଦ ଆଣି ଚଢ଼ା ଦାମ୍‌ରେ ବେପାରୀମାନେ ବିକ୍ରି କରୁଛନ୍ତି।

# ମାଛଚାଷ ଦେଇଛି ପରିଚୟ

## ଆତ୍ମନିର୍ଭରଶୀଳ ହେବାର ବାଟ ଦେଖାଇଲେ ଯୁବକ

**ବାରିପଦା ଅଫିସ,୨୯।୫**



ପ୍ରଫୁଲ୍ଲ କରିଥିବା ଜୈବିକ ପ୍ରଣାଳୀର ମାଛ ଟାଙ୍କି।

ବର୍ତ୍ତମାନ ସମୟରେ ଜୀବିକା ବଞ୍ଚାଇବା କଷ୍ଟକର ହୋଇପଡ଼ିଛି। କରୋନା ମହାମାରୀ ଯୋଗୁ ପ୍ରବାସୀମାନେ ଘରମୁହାଁ ହେଉଛନ୍ତି। ସେହିଭଳି ଅନେକ ସ୍ଥାନରେ ଯୁବତୀଯୁବକମାନେ ଚାକିରି ପଛରେ ଗୋଡ଼ାଇ ନ ପାରି ନିରାଶ ହୋଇ ଘରେ ବସି ରହୁଛନ୍ତି। ହେଲେ ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ରଜାବସା ପଞ୍ଚାୟତ କୁକୁଡ଼ାଯୋଡ଼ି ଗ୍ରାମର ଯୁବକ ପ୍ରଫୁଲ୍ଲ ଟିପିରଆ ଜୈବିକ ପ୍ରଣାଳୀରେ ମାଛ ଚାଷ କରି ଅଞ୍ଚଳରେ ପରିଚିତ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।

ପ୍ରାଥମିକସ୍ତରରେ ସେ ଗୋଟିଏ ଟାଙ୍କିରେ ଏହି ଚାଷ ଆରମ୍ଭ କରିଛନ୍ତି। ୩ ମାସ ତଳେ ଏହି ଟାଙ୍କିରେ ମାଛ ଚାଷ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୦ହଜାର ଟଙ୍କାର ମାଛ ବିକ୍ରି କରିସାରିଲେଣି। ଆଗକୁ ଆହୁରି କିଛି ଟଙ୍କାର ମାଛ ବିକ୍ରି ହେବ ବୋଲି କହିଛନ୍ତି। ସେହିଭଳି ଅଧିକ ଟାଙ୍କି କରି ଏହି ଚାଷ ବଢ଼ାଇବେ ବୋଲି ପ୍ରକାଶ କରଛନ୍ତି। ଯୁକ୍ତ ୨ ପଢା ପରେ ପ୍ରଫୁଲ୍ଲ ବ୍ୟବସାୟ କରିବା ପାଇଁ ଚିନ୍ତା କରିଥିଲେ। ପ୍ରଥମେ କୁକୁଡ଼ା ଫାର୍ମ କରିଥିଲେ। ତେବେ ଜୈବିକ ପ୍ରଣାଳୀରେ ମାଛଚାଷ ହେଉଥିବା ଜାଣି ସେ ବାରିପଦାସ୍ଥିତ ୟୁ କ୍ୟାନ ଫାର୍ମର ସହାୟତାରେ ନିଜେ ମାଛ ଚାଷ କରିଥିଲେ। ସେ କୁହନ୍ତି, ପ୍ରଥମେ ଟାଙ୍କି ପାଇଁ ୨୫ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏହା ପରେ ୧୦୦୦ଟି ଦେଶୀ କଉ ଯାଆଁଳଙ୍କୁ ୩ ଟଙ୍କା ଲେଖାଏ ୩ ହଜାର ଟଙ୍କା ଦେଇ କିଣିଥିଲେ। ୩ ମାସରେ ପ୍ରାୟ ୨ ହଜାର ଟଙ୍କାର ଦାନା ଖାଇବାକୁ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଗୋଟାକ ମାଛ ୨୫୦ରୁ ୩୦୦ ଗ୍ରାମ୍ ହୋଇଥିବା ବେଳେ ସେ ୩୦ହଜାର ଟଙ୍କାର ମାଛ ବିକ୍ରିକରି ସାରିଲେଣି। ଏପରି କି ପ୍ରତିଦିନ ଆଖପାଖ ଅଞ୍ଚଳରୁ ଲୋକେ ଯାଇ ତାଙ୍କ ମାଛ ଚାଷ ପ୍ରଣାଳୀ ଦେଖିବା ସହିତ କିଣି ନେଉଥିବା ମଧ୍ୟ କହିଛନ୍ତି ପ୍ରଫୁଲ୍ଲ। ଏହି ଟାଙ୍କିରେ ୧୦ ହଜାର ଲିଟର ପାଣି ରହୁଥିବା ବେଳେ ପ୍ରଥମ କରି ଚାଷ କରୁଥିବାରୁ ସେ ୧୦୦୦ଟି ମାଛ ଯାଆଁଳ ଛାଡ଼ିଥିଲେ। ଟାଙ୍କିରେ ଜଣେ ଚାହିଁଲେ ୫୦୦୦ରୁ ୧୦ହଜାର ଯାଆଁଳ ଛାଡ଼ିପାରିବେ। ଅତି କମ୍‌ରେ ୩ଟି ଟାଙ୍କି କରି ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେ କହିଛନ୍ତି। ସେହିଭଳି ଦିନକୁ ୨ ଥର ମାଛଙ୍କୁ ଦାନା ଦେବା ସହିତ ପ୍ରତି ସପ୍ତାହରେ ଚେକିଂ କରି ପାଣି ବଦଳାଇ ଦିଆଯାଉଥିବା ସେ କହିଛନ୍ତି। ଆଗାମୀ ଦିନରେ ସେ ଚିଙ୍ଗୁଡ଼ି ଚାଷ କରିବେ ବୋଲି ମଧ୍ୟ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଯୁବକମାନେ ଚାକିରି ପଛରେ ଗୋଡ଼ାଇ ହତାଶ ହେଉଥିବା ବେଳେ ଜୈବିକ ପ୍ରଣାଳୀରେ ଚାଷ କରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିବେ ବୋଲି ପ୍ରଫୁଲ୍ଲ କହିଛନ୍ତି।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

## ପିଆରଏମ୍ ମେଡ଼ିକାଲ୍

**ବାରିପଦା ଅଫିସ,୨୯।୫**

ବାରିପଦା ପିଆରଏମ୍ ମେଡ଼ିକାଲ୍‌ରେ ଦିନକୁ ଦିନ ଚିକିତ୍ସା ଅବହେଳା ନେଇ ଅଭିଯୋଗ ଲମ୍ବିବାରେ ଲାଗିଛି। କିଛି ଦିନ ତଳେ ଶିଶୁ ପୁତ୍ର ଅଦଳବଦଳ ହୋଇଥିବା ଘଟଣା ମନରୁ ନ ଲିଭୁଣୁ ପୁଣି ଜଣେ ଶିଶୁକନ୍ୟାର ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବାରିପଦା ଟାଉନ୍ ଥାନା ଅନ୍ତର୍ଗତ ମଧୁବନ ୱାର୍ଡ ନଂ.୭ର ରଜନୀକାନ୍ତ ପୃଷ୍ଟି ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୩ ତାରିଖରେ ବର୍ଷକର ଝିଅ ଲକ୍‌ସିତାଙ୍କ ବାନ୍ତି ହେଉଥିବାରୁ ତାଙ୍କ ବାପା ରଜନୀକାନ୍ତ ତାଙ୍କୁ ପିଆରଏମ୍ ମେଡ଼ିକାଲ୍‌ରେ ଭର୍ତ୍ତି କରାଇଥିଲେ। ଆଡମିଶନ ସମୟରେ ଡ୍ୟୁଟିରେ ଥିବା ଡାକ୍ତର ଆସି ଶିଶୁଟିକୁ ଦେଖି ଇଞ୍ଜେକ୍ସନ ଦେଇଥିଲେ। କିଛି ଘଣ୍ଟା ପରେ ଅନ୍ୟ ଜଣେ ଡାକ୍ତର ଆସି ପୁନର୍ବାର ଏକ ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଭଲ ହେବା ପରିବର୍ତ୍ତେ ଆହୁରି ଜଟିଳ ହୋଇଯାଇଥିଲା। କିଛି ସମୟ ପରେ ଅନ୍ୟ ଜଣେ ଡାକ୍ତର ଆସି ଶିଶୁଟିକୁ ଦେଖିଥିଲେ ଏବଂ ପିଲାକୁ ନିମୋନିଆ ହୋଇଥାଇପାରେ ବୋଲି କହି ତୃତୀୟ ଥର ପାଇଁ ଆଉ ଏକ ଇଞ୍ଜେକ୍ସନ ଦେଇଥିଲେ। ଏହାର କିଛି ସମୟ ପରେ ଶିଶୁଟି ଛାଟିପିଟି ହେଉଥିବା ଦେଖି ମେଡ଼ିକାଲ୍ କର୍ତ୍ତୃପକ୍ଷ ଶିଶୁର ମା' ଦୁର୍ଗାମଣି ସାହୁଙ୍କଠାରୁ ଏକ କାଗଜରେ ଦସ୍ତଖତ କରାଇ ନେବା ସହିତ ଶିଶୁଟି ଗୁରୁତର ଅବସ୍ଥାରେ ଅଛି ଏବଂ ତାକୁ କଟକ ଶିଶୁ ଭବନକୁ ନେଇଯିବା ପାଇଁ କହିଥିଲେ। ପରିବାର ଲୋକେ ଏକ ଆମ୍ବୁଲାନ୍ସ ଯୋଗେ ଶିଶୁକୁ ଶିଶୁଭବନକୁ ନେଇଯାଇଥିଲେ। ମାତ୍ର ସେଠାରେ ପହଞ୍ଚିବାର କିଛି ସମୟ ପରେ ଶିଶୁଟି ମୃତ୍ୟୁବରଣ କରିଥିଲା। ତେଣୁ ଚିକିତ୍ସା ଅବହେଳାରୁ ତାଙ୍କ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାର ଉପଯୁକ୍ତ ତଦନ୍ତ କରି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରଜନୀକାନ୍ତ ଦାବି କରିଛନ୍ତି। ଏ ନେଇ ପିଆରଏମ ମେଡ଼ିକାଲ୍‌ର ଅଧୀକ୍ଷକ ବି.ଏନ୍. ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ।

# ଧାନ ଫସଲରେ ପତ୍ରପୋଡ଼ା ରୋଗ: ଚାଷୀ ହତାଶ

**ଚମ୍ପୁଆ,୨୯।୫(ଡି.ଏନ୍.ଏ.)**



ପତ୍ରପୋଡ଼ା ରୋଗ ଲାଗିଥିବା ଧାନ ବିଲରେ ବସିଥିବା ହତାଶ ଚାଷୀ।

ଚମ୍ପୁଆ କୃଷି ଜିଲା ଅନ୍ତର୍ଗତ ଚମ୍ପୁଆ ବ୍ଲକର ଅଢଙ୍ଗାପାଳ ଗ୍ରାମରେ ପତ୍ରପୋଡା ରୋଗ ଯୋଗୁ ପ୍ରାୟ ୪ ଏକର ଧାନ ଫସଲ ଉଜୁଡ଼ି ଯିବା ଆଶଙ୍କା ପ୍ରକାଶ ପାଇଛି। ଧାନର ଅମଳ ସମୟରେ ତଥା କେତେକ ଧାନର ଫୁଲ ଉଡ଼ାଇବା ସମୟରେ ଏହି ରୋଗ ଦେଖା ଦେଇଥିବାରୁ ଚାଷୀ ହତାଶ ହୋଇପଡ଼ିଛନ୍ତି। ଏ ନେଇ କୃଷି ଜିଲା ଅଧିକାରୀ ଗଜେନ୍ଦ୍ରନାଥ ଗଚ୍ଛାୟତଙ୍କୁ ପଚାରିବାରୁ ଧାନରେ ପତ୍ରପୋଡ଼ା ଓ କବକ ରୋଗ ଲାଗିଛି। ତୁରନ୍ତ ଏହାର ପ୍ରତିକାର ସ୍ୱରୂପ ବ୍ଲକ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯିବା ସହିତ ଆବଶ୍ୟକ ଔଷଧ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ସୂଚନା ଅନୁସାରେ, ଅଢ଼ଙ୍ଗାପାଳ ଗ୍ରାମର ଚାଷୀ ବାହାଦୁର ମହାନ୍ତ, ମାଗଲେନ ମହାନ୍ତ, ଲାଲମୋହନ ମୁଣ୍ଡା, ଧନେଶ୍ୱର ମହାନ୍ତ, ଚେମ୍ପୁ ମହାନ୍ତ, ଛୋଟରାୟ ମହାନ୍ତ, କୁମ୍ଭ ମହାନ୍ତ ପ୍ରମୁଖ ଚାଷୀ ଚଳିତ ସିଜନରେ ପ୍ରାୟ ୪ ଏକରରୁ ଊର୍ଦ୍ଧ୍ୱ ଜମିରେ ହାଇବ୍ରିଡ ଧାନ ଚାଷ କରିଥିଲେ। ଜାନୁୟାରୀରେ ତଳି ପକାଇବା ପରେ ଫେବୃୟାରୀ ମାସ ଆରମ୍ଭରେ ଏହାକୁ ରୋଇ ଥିଲେ। ବର୍ତ୍ତମାନ ସମୟରେ କିଛି ପ୍ରଜାତିର ଧାନ ପାଚି ଯାଇଛି ଓ ଅନ୍ୟ କେତେକ ଧାନଗଛରେ ଫୁଲ ଆସିଥିବା ବେଳେ ପତ୍ରପୋଡ଼ା ରୋଗ ଲାଗିଥିବା ଦେଖିବାକୁ ମିଳିଛି। ଏନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଏହି ଚାଷୀମାନେ ନିଜ ପରିଶ୍ରମର ଫଳ ପାଇବେ କି ନାହିଁ ତାହା ଏବେ ସନ୍ଦେହ ସୃଷ୍ଟି କରିଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ୪ ପିଲା ଏବେ ଅସହାୟ

**କେନ୍ଦୁଝର, ୨୯।୫(ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ବାଂଶପାଳ ବ୍ଲକ ତଲ୍‌କଂସାରି ଗ୍ରାମର ସୁକାନ୍ତି ମୁଣ୍ଡା(୩୨) ନାମ୍ନୀ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ସ୍ଥାନୀୟ ଲୋକମାନେ ଶୁକ୍ରବାର ଜଙ୍ଗଲକୁ ଯାଇଥିବାବେଳେ ଗଛରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୩୦/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁକାନ୍ତି ମୁଣ୍ଡାଙ୍କ ୪ ପିଲା ଥିବା ବେଳେ ସେ ଏବେ ଅସହାୟ ହୋଇରହିଛନ୍ତି। ସେମାନଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଜବତ

**ପଦ୍ମପୁର, ୨୯।୫(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ପୋଲିସ ଏକ ଚୋର କୋଇଲା ବୋଝେଇ ପିକ୍‌ଅପ୍ ଜବତ କରିଛି। ଗାଡିଟି କୋରବାଟିଆରୁ ବିରସ ଆଡ଼କୁ କୋଇଲା ନେଇ ଆସୁଥିଲା। ଖବରପାଇ ନାୟକାଣିଡିହୀ ପୋଲିସ ଏଏସ୍‌ଆଇ ବିଜୟ କୁମାର ଦାସ ମହାପାତ୍ର, କନଷ୍ଟେବଳ କରୁଣାକର ମୁର୍ମୁ ପହଞ୍ଚି ଗାଡିକୁ ରାଜଘରପୋଖରୀ ଛକରେ ଅଟକାଇଥିଲେ। ଏହି ସମୟରେ ଗାଡ଼ି ଚାଳକ କୌଶଳକ୍ରମେ ନିକଟସ୍ଥ ନାଳକୁ ଡେଇଁ ଫେରାର ହୋଇଯାଇଥିଲେ। ଗାଡ଼ିଟିରେ ଦେଢ଼ଟନ୍‌ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଥିବା ଜଣାପଡ଼ିଛି। ଗାଡ଼ି ଆଗରେ କୋଭିଡ-୧୯ ଗ୍ରସେରି ସାମଗ୍ରୀ ପରିବହନ ହେଉଥିବା କାଗଜ ଲଗାଯାଇଥିବା ବେଳେ ଚୋରା କୋଇଲା ଜବତ ହୋଇଛି। ଏନେଇ ଥାନାରେ ମାମଲା(ନଂ. ୪୯/୨୦) ରୁଜୁ ହୋଇଛି।

# କୋଭିଡ୍ ହସ୍ପିଟାଲ ନର୍ସଙ୍କ ସ୍ୱାବ୍ ପରୀକ୍ଷା ଦାବିରେ ବିକ୍ଷୋଭ



ହସ୍‌ପିଟାଲ ସମ୍ମୁଖରେ ନର୍ସମାନେ ବିକ୍ଷୋଭ କରୁଛନ୍ତି।

**ବାଲେଶ୍ୱର ଅଫିସ, ୨୯।୫**

ବାଲେଶ୍ୱର ଜିଲା କୁରୁଡ଼ାସ୍ଥିତ କୋଭିଡ୍-୧୯ ହସ୍‌ପିଟାଲରେ କାର୍ଯ୍ୟରତ ନର୍ସମାନଙ୍କର ସ୍ୱାବ ପରୀକ୍ଷା ନିମନ୍ତେ ଦାବି କରାଯାଇଛି। ଶୁକ୍ରବାର ହସ୍‌ପିଟାଲ ସମ୍ମୁଖରେ ନର୍ସମାନେ ୨ଘଣ୍ଟା କାମ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

କିଛିଦିନ ପୂର୍ବରୁ ଉକ୍ତ ହସ୍‌ପିଟାଲରେ କାର୍ଯ୍ୟ କରୁଥିବା ଦୁଇଜଣ ନର୍ସ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସହକର୍ମୀମାନେ ଭୟଭୀତ ହେବା ସହ ନିଜର ସ୍ୱାବ ପରୀକ୍ଷା ନିମନ୍ତେ ଜିଲା ପ୍ରଶାସନକୁ ଜଣାଇଥିଲେ। ଜିଲା ପ୍ରଶାସନ ସହମତି ପ୍ରକାଶ କରିଥିଲେ। ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବାରୁ ସେମାନେ ପ୍ରତିବାଦ କରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, କୋଭିଡ୍-୧୯ ହସ୍‌ପିଟାଲର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀମାନେ ସ୍ୱତନ୍ତ୍ର ସଙ୍ଗରୋଧ କେନ୍ଦ୍ରରେ ରହୁଛନ୍ତି। ସେମାନଙ୍କର କରୋନାଜନିତ କୌଣସି ଲକ୍ଷଣ ଦେଖାଯାଉ ନ ଥିବାରୁ ସ୍ୱାବ ପରୀକ୍ଷା କରିବାର ଆବଶ୍ୟକ ନାହିଁ। ଲକ୍ଷଣ ଜଣାପଡ଼ିଲେ ସମସ୍ତ ବ୍ୟବସ୍ଥା କରାଯିବାର ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଜିଲା କୋଭିଡ୍-୧୯ ହସ୍‌ପିଟାଲର ସଂଯୋଜକ ଡା. ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି, କୋଭିଡ୍ ହସ୍‌ପିଟାଲରେ କାର୍ଯ୍ୟରତ ନର୍ସମାନଙ୍କର କୌଣସି କରୋନା ଲକ୍ଷଣ ଦେଖାଗଲେ ସଙ୍ଗେ ସଙ୍ଗେ ପରୀକ୍ଷା କରାଯାଇ ସେମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ସରକାରୀ ସ୍ୱୀକୃତିପ୍ରାପ୍ତ ନର୍ସମାନଙ୍କ ପାଇଁ ରାଜ୍ୟ ସରକାର ଯୋଗାଇ ଦିଆଯାଉଥିବା ପ୍ରତିଦିନର ଦେୟ, ସ୍ୱାସ୍ଥ୍ୟବୀମା ଭଳି କେତେକ ଦାବି ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିବା ପ୍ରକାଶ କରିଛନ୍ତି।

# ସଚେତନତାର ବାର୍ତ୍ତା ବାଣ୍ଟିଲା ପୋଲିସ

**ବସ୍ତା, ୨୯।୫(ଡି.ଏନ.ଏ.)**




ପୋଲିସ ପକ୍ଷରୁ ଜଣେ ମହିଳାଙ୍କୁ ସଚେତନ କରାଯାଇ ମାସ୍କ ପିନ୍ଧାଯାଉଛି।

ରାଜ୍ୟରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗୋଟିଏପଟେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଅନ୍ୟପକ୍ଷେ ସରକାର ଲକ୍‌ଡାଉନ ନିୟମକୁ କୋହଳ କରିଛନ୍ତି। ଫଳରେ ଲୋକଙ୍କର ସ୍ୱାଭାବିକ ଚଳପ୍ରଚଳ ଆରମ୍ଭ ହୋଇଛି। ବିଭିନ୍ନ ସରକାରୀ ବେସରକାରୀ ଦୋକାନ ବଜାର ଖୋଲିଛି। ଏଭଳି ସମୟରେ ନିଜେ ସଚେତନ ରହିଲେ କରୋନା ଯୁଦ୍ଧକୁ ଜିତିପାରିବାର ବାର୍ତ୍ତା ନେଇ ଶୁକ୍ରବାର ସକାଳେ ବସ୍ତା ଥାନା ପୋଲିସ ପକ୍ଷରୁ ସଚେତନତା ରାଲିକରାଯାଇଛି। ଥାନା ଆଇଆଇସିମାନସ କୁମାର ଦେଓଙ୍କ ନିର୍ଦ୍ଦେଶରେ ଥାନା ଏସ୍‌ଆଇ ବିକେ ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ରାଜଲକ୍ଷ୍ମୀ ନାୟକଙ୍କ ସମେତ ଥାନାର ପୋଲିସ କର୍ମଚାରୀ ସଚେତନତାର ପ୍ଲାକାର୍ଡ ଧରି ବସ୍ତା ବଜାର ପରିକ୍ରମା ସହିତ ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର ତଥା ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ନେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ମାସ୍କ ପିନ୍ଧି ନ ଥିବା ବରିଷ୍ଠ ନାଗରିକଙ୍କୁ ଏସ୍‌ଆଇ ରାଜଲକ୍ଷ୍ମୀ ମାସ୍କ ପିନ୍ଧାଉଥିବା ଦେଖିବାକୁ ମିଳିଥିଲା। ଏଭଳି କାର୍ଯ୍ୟକ୍ରମ ଅମର୍ଦ୍ଦାରୋଡ, ଗାନ୍ଧିଛକ ସମେତ ବିଭିନ୍ନ ସ୍ଥାନରେ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ରବି ଫସଲ ପାଇଁ ମଣ୍ଡି ଉଦ୍‌ଘାଟିତ

**ଭଣ୍ଡାରିପୋଖରୀ, ୨୯।୫(ଡି.ଏନ.ଏ.)**

ରବି ଫସଲ ପାଇଁ ଶୁକ୍ରବାର ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ସେବା ସମବାୟ ସମିତିଠାରେ ବନ୍ତ ଓ ଭଣ୍ଡାରିପୋଖରୀ ଦୁଇ ବ୍ଲକ ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଛି। ଜଳମଣ୍ଡୁଆ ସେବା ସମବାୟ ସମିତି ସମ୍ପାଦକ ଜୟନ୍ତ କୁମାର ଭୋଇଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସହକାରୀ ନିବନ୍ଧକ ଅମୂଲ୍ୟ କୁମାର ସେଠୀ, ଉପସହକାରୀ ନିବନ୍ଧକ ଦେବାଶିଷ ଦାସ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଦୁଇଜଣ ଚାଷୀ ମାଧବାନନ୍ଦ ବେହେରା, ରଣଜିତ ମାଝିଆ ମୁଗ ଶସ୍ୟ ବିକ୍ରୟ କରିଥିଲେ। ମୁଗ କୁଇଣ୍ଟାଲ ପିଛା ୭୦୫୦ ଟଙ୍କା ଓ ବିରି କୁଇଣ୍ଟାଲ ପିଛା ୫୭୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟରେ ଚାଷୀ ବିକ୍ରୟ କରିପାରିବେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିସିସି ବ୍ୟାଙ୍କ ଶାଖା ପରିଚାଳକ ମାନସ ମହାପାତ୍ର, ଓଡ଼ିଶା ରାଜ୍ୟ ସମବାୟ ମହାସଂଘ ଅଧିକାରୀ ସୁଶୀଲ ବିଶ୍ୱାଳ , ଶସ୍ୟ ମାନ ନିର୍ଦ୍ଧାରଣ ଅଧିକାରୀ ପ୍ରଶାନ୍ତ କୁମାର ମହାରାଜ, ଚାଷୀ କମିଟି ସଦସ୍ୟ ବିଜୟ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମିତିର କର୍ମଚାରୀ ବେଣୁଧର ମହାନ୍ତି, ପଦ୍ମନାଭ ମଲ୍ଲିକ, ନିରଞ୍ଜନ ମହାକୁଡ଼ ପରିଚାଳନା କରିଥିଲେ।

# ୪୨ ୟୁନିଟ୍ ରକ୍ତ ସଂଗ୍ରହ

**ବାଲେଶ୍ୱର ଅଫିସ, ୨୯।୫**

ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ବାଲେଶ୍ୱର ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୪୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଜେଡି ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ, ଯୁବନେତା ମନୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ମହାସଚିବ କୁଶାଳ ଚାଟାର୍ଜୀ, ଟାଉନ ସଭାପତି ବ୍ରଜକିଶୋର ପ୍ରଧାନ, ସାଧାରଣ ସମ୍ପାଦକ କିରଣ କୁମାର ନାଥ, ସଞ୍ଜୀବ ବିଶ୍ୱାଳ, ସାଦିବ କାଦ୍ରୀ, ଉପସଭାପତି ବିଜୟ ଜେନା, ମନୋରଞ୍ଜନ ମହାରଣା, ଟାଉନ କର୍ମକର୍ତ୍ତାଙ୍କ ମଧ୍ୟରେ ଉପସଭାପତି ଶିବଶଙ୍କର ଦାସ, ପ୍ଲାବନ ଦାସ, ରାହୁଲ ନାୟକ ପ୍ରମୁଖ ରକ୍ତଦାନ ସହ ସହଯୋଗ କରିଥିଲେ।



ରକ୍ତଦାନ ଶିବିରରେ ଯୁବକମାନେ ରକ୍ତଦାନ କରୁଛନ୍ତି।

# ବିଡିଓଙ୍କ ନିଲମ୍ବନ ଦାବିକଲେ ବିଭିନ୍ନ ଅନୁଷ୍ଠାନ

## ପ୍ରବାସୀ ଶ୍ରମିକଙ୍କୁ ଦୁର୍ବ୍ୟବହାର ଘଟଣା

**ବାଲେଶ୍ୱର ଅଫିସ, ୨୯।୫**




ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଗତ ୧୩ ତାରିଖରେ ସୁରଟରୁ ଫେରିଥିବା ୪୦ ପ୍ରବାସୀ ଓଡ଼ିଆ ଶ୍ରମିକମାନେ ପହଞ୍ଚିବା ପରେ ଦୀର୍ଘ ୨ଘଣ୍ଟା ଧରି ସେମାନଙ୍କର ସଙ୍ଗରୋଧ କେନ୍ଦ୍ରରେ ରହିବା ଲାଗି କୌଣସି ବ୍ୟବସ୍ଥା କରା ନ ଯିବାରୁ ପ୍ରତିବାଦ କରିଥିଲେ। ପରେ ବିଡିଓ ସେମାନଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ବାଲେଶ୍ୱର ସିଭିଲ୍ ସୋସାଇଟି ନେତୃତ୍ୱରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଡିଓଙ୍କୁ ନିଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସମ୍ବିତ୍ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବାଲିଆପାଳର ସ୍ଥାନୀୟ ସଙ୍ଗଠନ ପକ୍ଷରୁ ଚଳିତମାସ ୧୪ ଓ ୨୬ ତାରିଖରେ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଭିଯୋଗର ତଦନ୍ତ ଚାଲିଛି କହି ରାଜ୍ୟ ସରକାର ସମ୍ପୃକ୍ତ ବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ସିଭିଲ୍ ସୋସାଇଟି ଅଭିଯୋଗ କରିଛି। ରାଜ୍ୟ ସରକାରଙ୍କ ତରଫରୁ ଘଟଣାର ତଦନ୍ତ ଚାଲିଛି କହି କାଳବିଳମ୍ବ ହେଉଥିବାରୁ ସିଭିଲ୍ ସୋସାଇଟି ଉଦ୍‌ବେଗ ପ୍ରକାଶ କରିଛି। ଆସନ୍ତା ୭ଦିନ ମଧ୍ୟରେ ସମ୍ପୃକ୍ତ ବିଡିଓଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସରକାର ଗ୍ରହଣ ନ କଲେ ସିଭିଲ୍ ସୋସାଇଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ସଙ୍ଗଠନ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ବିଭିନ୍ନ ସଙ୍ଗଠନ ପକ୍ଷରୁ ଏଆଇଟିୟୁସିର ରାଜ୍ୟ ନେତୃତ୍ୱ ଜୟନ୍ତ ଦାସ, ବାଲିଆପାଳ 'ଭିଟାମାଟି ସୁରକ୍ଷା ଆନ୍ଦୋଳନ'ର ଆବାହକ ଅରୁଣ ଜେନା, ସୂଚନା ଅଧିକାର ଅଭିଯାନର ସଭାପତି ଅନୁଜ ମହାପାତ୍ର, ଗଣଚେତନା ମଞ୍ଚ ସଭାପତି କୁଶଧ୍ୱଜ ଜେନା, ନାଗରିକ ସୁରକ୍ଷା କମିଟିର ଆକବର ସାହା, ଆଇନଜୀବୀ ନିରଞ୍ଜନ ପରିଡ଼ା, ଜୟନାରାୟଣ ପଣ୍ଡା, ସମାଜସେବୀ ବିଧାନ ଚନ୍ଦ୍ର ରାୟ, ନାରୀନେତ୍ରୀ ଜ୍ୟୋତ୍ସ୍ନା ମହାନ୍ତି, ଆବିଦ୍ ଖାଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ପାଟପୁର,୨୯।୫:** ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ବଡାଗଡ ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ରାଧା ଗୌଡ଼ (୨୪)। ଶାଶୁଘର ଲୋକେ ଯୌତୁକ ପାଇଁ ବିଷ ପିଆଇ ମାରିଦେଇଥିବା ରାଧାଙ୍କ ବାପା ହରି ପାତ୍ର ଶୁକ୍ରବାର



ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ.୧୨୧/୨୦) ରୁଜୁ କରି ରାଧାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ଅନ୍ୟପକ୍ଷରେ ରାଧା ମାନସିକ ଭାରସାମ୍ୟ ହରାଇ ଗୁରୁବାର ବିଷ ପିଇ ଦେଇଥିଲେ। ତାଙ୍କୁ ତୁରନ୍ତ ବ୍ରହ୍ମପୁର ବଡ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ଶୁକ୍ରବାର ମୃତ୍ୟୁ ଘଟିଥିବା ଶାଶୁଘର ଲୋକେ କହିଛନ୍ତି। ପ୍ରକାଶ ଯେ, ଗଜପତି ଜିଲା ଚାନ୍ଦିପୁଟ ଗ୍ରାମର ରାଧା ପାତ୍ର ୪ ବର୍ଷ ପୂର୍ବେ ପାଟପୁର ଥାନା ବଡାଗଡ ଗ୍ରାମର ରିଣ୍ଟୁ ଗୌଡ଼ଙ୍କୁ ବିବାହ କରିଥିଲେ। ବିବାହର ୬ମାସ ପରେ ଶାଶୁଘର ଲୋକେ ରାଧାଙ୍କୁ ନିର୍ଯାତନା ଦେଉଥିବା ତାଙ୍କ ବାପା ପୋଲିସକୁ କହିଛନ୍ତି। ପାଟପୁର ପୋଲିସ ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ପାଟପୁର ଥାନା ଆଇଆଇସି ଅଜୟ କୁମାର କହିଛନ୍ତି।

### ଶିକ୍ଷକ, ସରପଞ୍ଚଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର ଦାବି

**ଭଞ୍ଜନଗର,୨୯।୫(ଡି.ଏନ.ଏ.):** ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ କ୍ଷେତମୁଣ୍ଡାଳି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ନାୟକଙ୍କୁ ଆକ୍ରମଣ ମାମଲା ଦିନକୁ ଦିନ ତେଜିବାରେ ଲାଗିଛି। ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ମଧ ପ୍ରଧାନ ଶିକ୍ଷକ ଓ ସମ୍ପୃକ୍ତ ସରପଞ୍ଚଙ୍କ ବିରୋଧରେ ସଙ୍ଗରୋଧ କେନ୍ଦ୍ର ନିୟମ ଉଲ୍ଲଂଘନ ଅଭିଯୋଗ ହୋଇଛି। ତାରସିଂ ପୋଲିସ ସରପଞ୍ଚ ଓ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଭଞ୍ଜନଗର ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ଓ ଭାଜପା ନେତା ସନ୍ତୋଷ ପାଳ ଶୁକ୍ରବାର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ଓ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ହୋଇଥିବା ମାମଲା ତୁରନ୍ତ ପ୍ରତ୍ୟାହାର ସହ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ସେମାନେ ଦାବି କରିଛନ୍ତି। ପ୍ରକାଶ ଯେ, କ୍ଷେତମୁଣ୍ଡାଳି ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ପରିବାର ଲୋକେ ଭେଟିବାକୁ ନେଇ ଗ୍ରାମର କେତେଜଣ ଯୁବକ ଗତ ୧୯ ତାରିଖରେ ଗଛରେ ବାନ୍ଧି ପ୍ରଧାନ ଶିକ୍ଷକଙ୍କୁ ଆକ୍ରମଣ କରିଥିଲେ।

### କାଳବୈଶାଖୀ: ଘର ଉପରେ ପଡ଼ିଲା ଗଛ

**ବାଲିଗୁଡା,୨୯।୫(ଡି.ଏନ୍.ଏ.):** ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ବ୍ଲକ ଅଞ୍ଚଳରେ ଗୁରୁବାର ରାତିରେ କାଳବୈଶାଖୀ ପ୍ରଭାବରେ ଜୋରରେ ବର୍ଷା ପବନ ହୋଇଥିଲା। ସାରଙ୍ଗଗଡ଼ ଥାନା ବନେଗାଁର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଘର ଉପରେ ଏକ ବଡଗଛ ଉପୁଡି ପଡି ଯିବାରୁ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ମାତ୍ର ଘରେଥିବା କୃଷ୍ଣ ଓ ତାଙ୍କ ସ୍ତ୍ରୀ ଗୁଣ୍ଡୁରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଉଭୟେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଦମକଳ ବାହିନୀ ପହଞ୍ଚି ଗଛଟିକୁ କାଟି ବାହାର କରିଥିଲେ। କୃଷ୍ଣ କ୍ଷତିପୂରଣ ପାଇଁ କ.ନୂଆଗାଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଅନ୍ତେବାସୀଙ୍କ ଟଙ୍କା ଚୋରି

**ଛତ୍ରପୁର,୨୯।୫(ଡି.ଏନ୍.ଏ.):** ଛତ୍ରପୁର ବ୍ଲକ ଭିକାରୀପଲ୍ଲି ଶ୍ରୀହରିହରେଶ୍ୱର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଗୁରୁବାର ରାତିରେ ଜଣେ ଅନ୍ତେବାସୀଙ୍କ ବ୍ୟାଗ ଚୋରି ହୋଇଛି। ଉକ୍ତ ବ୍ୟାଗ୍‌ରେ ୩୦ ହଜାର ଟଙ୍କା, ମୋବାଇଲ ଫୋନ୍, କପଡା, ଆଧାର କାର୍ଡ, ବ୍ୟାଙ୍କ ପାଶ ବୁକ ଆଦି ଥିବା ଅନ୍ତେବାସୀ ତଥା ଛତ୍ରପୁର ବ୍ଲକ ନୂଆପଲ୍ଲୀ ଗାଁର ଝଡ଼ିଆ ଗୌଡ଼ ଅଭିଯୋଗ କରିଛନ୍ତି। ସୁରଟରୁ ଫେରିଥିବା ଝଡ଼ିଆ ଗୁରୁବାର ଏହି କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଆସିଥିଲେ। ରାତିରେ ବ୍ୟାଗ୍‌କୁ ପାଖରେ ରଖି ଶୋଇଥିଲେ। ଶୁକ୍ରବାର ସକାଳେ ବ୍ୟାଗ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ଛତ୍ରପୁର ଥାନା ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିଥିଲା। ସୂଚନାଯୋଗ୍ୟ, ଉକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୧୬ ଜଣ ପ୍ରବାସୀ ରହୁଛନ୍ତି।

# ଏସ୍ଏଚ୍‌ଜି ଦ୍ୱାରା ଅଣ୍ଡା ଯୋଗାଣକୁ ବିରୋଧ

**ବ୍ରହ୍ମପୁର ଅଫିସ,୨୯।୫**

- ପ୍ରତ୍ୟାହାର ଦାବି କଲା ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ
- ଜୁନ ୧୭ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ନିଷ୍ପତ୍ତି

ଅଙ୍ଗନୱାଡି କେନ୍ଦ୍ରକୁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚ୍‌ଜି)ଙ୍କ ଦ୍ୱାରା ଅଣ୍ଡା ଯୋଗାଣ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ଦାବି କରିଛନ୍ତି ଅଙ୍ଗନୱାଡି କର୍ମୀ। ତୁରନ୍ତ ଏହାକୁ ପ୍ରତ୍ୟାହାର ନ କଲେ ଜୁନ ୧୭ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ଗଞ୍ଜାମ ଜିଲା କମିଟି ଚେତାବନୀ ଦେଇଛି। ଶୁକ୍ରବାର ବ୍ରହ୍ମପୁର ଗେଟ୍‌ବଜାର ଏନଜିଓ ହଲ୍‌ଠାରେ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଗତ ଏପ୍ରିଲ ୧୫ରୁ ଗଞ୍ଜାମ ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସଡବ୍ଲ୍ୟୁଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ରହ୍ମପୁର ମହାନଗର




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

ସମେତ ଜିଲାର ୨୨ ବ୍ଲକରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଅଣ୍ଡା ବଣ୍ଟନ କରିବାକୁ ୩ ଏସ୍ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଛି। ଯାହା ସରକାରଙ୍କ ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରୁଥିବା ସଂଘ ଅଭିଯୋଗ କରିଛି। ଏଭଳି ନିର୍ଦ୍ଦେଶନାମା ଏସ୍ଏଚ୍‌ଜି ଗ୍ରୁପ ନାମରେ ଜିଲାରେ ଛତୁଆ ବେପାର କରୁଥିବା ନିର୍ଦ୍ଦିଷ୍ଟ ବେପାରୀଙ୍କୁ ପ୍ରୋତ୍ସାହିତ କରୁଥିବା ସଂଘ ପକ୍ଷରୁ କୁହାଯାଇଛି। ବହୁବାର ଏହି ନିଷ୍ପତ୍ତି ପ୍ରତ୍ୟାହାର ନେଇ ଜିଲାପାଳଙ୍କୁ ଦାବି କରାଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସଂଘ ସମ୍ମିଳନୀରେ ଅଭିଯୋଗ କରିଥିଲା। ଏହାର ପ୍ରତିବାଦରେ ଆସନ୍ତା ଜୁନ୍ ୨ରେ ସିଡିପିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ଓ ଜୁନ୍ ୧୭ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ସଂଘର କାର୍ଯ୍ୟକାରୀ ସଭାପତି ବିଜୟ ଜେନା, ଜିଲା ସଭାପତି ମମତାଜ୍ ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ପ୍ରବୀଣ ଦାଶ, ସମ୍ପାଦିକା ନର୍ମଦା ନାହାକ, ମାଣିକେଶ୍ୱରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୮ ହଜାର ଟଙ୍କା ଜରିମାନା ଗଣିଲେ ଅମାନିଆ

**ବୁଗୁଡ଼ା,୨୯।୫(ଡି.ଏନ.ଏ.)**

ବୁଗୁଡ଼ା ସହରରେ ଲକ୍‌ଡାଉନ୍ ନିୟମ ମାନି ଚଳିବାକୁ ବାରମ୍ବାର ପ୍ରଶାସନ ସଚେତନ କରୁଥିଲେ ମଧ କେତେକ ଅମାନିଆ ଏହାକୁ ଖାତିର କରୁନାହାନ୍ତି। ଶୁକ୍ରବାର ବୁଗୁଡ଼ା ମଦନମୋହନ ଛକଠାରେ ସ୍ଥାନୀୟ ତହସିଲ, ଏନ୍ଏସି ଓ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ କରି ଲକ୍‌ଡାଉନ୍ ନିୟମ ଅନ୍ତର୍ଭୁକ୍ତ ସାମାଜିକ ଦୂରତ୍ୱ ରକ୍ଷା ନ କରିବା, ମାସ୍କ ନ ପିନ୍ଧି ବୁଲିବା, ସର୍ବସାଧାରଣରେ ଛେପ ପକାଇବା, ବାଇକରେ ବେନିୟମ ଭାବେ ଚଳପ୍ରଚଳ ହେବା ଆଦି ଅଭିଯୋଗରେ ୪୦ ଜଣ ଅମାନିଆଙ୍କ ଠାରୁ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍ଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ନୋଡାଲ ଅଧିକାରୀ କାଳୁ ଚରଣ ରଥ, ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରାଙ୍କ ସହ ପୋଲିସ କର୍ମଚାରୀମାନେ ଏଥିରେ ସାମିଲ ଥିଲେ।

## ପ୍ରବାସୀଙ୍କୁ ପ୍ରୋତ୍ସାହନ ରାଶି ବାଣ୍ଟିଲେ ଜିଲାପାଳ



ଜିଲାପାଳ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି।

**ଶେରଗଡ଼/ହିଞ୍ଜିଳିକାଟୁ,୨୯।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ଶେରଗଡ଼ ବ୍ଲକ ଖମାର କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କରିଥିଲେ। ସେଠାରେ ପ୍ରବାସୀମାନଙ୍କ ଭଲମନ୍ଦ ବୁଝିବା ପରେ ୨୧ ଦିନ ସଙ୍ଗରୋଧ ଗୃହରେ ରହିବା ପରେ ୭ଦିନ ହୋମ୍ କ୍ୱାରାଣ୍ଟାଇନ୍ ଶେଷ କରିଥିବା ଗ୍ରାମର ୪୦ ଜଣ ପ୍ରବାସୀ ଓଡ଼ିଆଙ୍କୁ ୧ହଜାର ଟଙ୍କା ପ୍ରୋତ୍ସାହନ ପ୍ରଦାନ କରିଥିଲେ। ପଞ୍ଚାୟତ ତରଫରୁ ଆଉ ୧ହଜାର ଟଙ୍କା ଖୁବ୍‌ଶୀଘ୍ର ସରପଞ୍ଚ ପ୍ରଦାନ କରିବେ ବୋଲ ବିଡ଼ିଓ ସୁରଞ୍ଜନ କୁମାର ସାହୁ କହିଥିଲେ। ସହାୟତା ପ୍ରଦାନ ବେଳେ ତହସିଲଦାର ଡ଼. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ହୃଷିକେଶ ପାଢ଼ୀ, ସରପଞ୍ଚ ଗୋଲାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହିଞ୍ଜିଳିକାଟୁ କଞ୍ଚୁରୁ ଠାରେ ଜିଲାପାଳ ୨୧ଦିନ ସଙ୍ଗରୋଧ ସମ୍ପୂର୍ଣ୍ଣ କରିଥିବା ୪୦ ଜଣଙ୍କୁ ୧ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ତହସିଲଦାର ଗୋପୀନାଥ କୁଅଁର, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ସିଡ଼ିପିଓ ଶୁଭଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୁଗମର ସୁଫଳ ପାଇଲେଣି ୪୭୪୮ ପ୍ରବାସୀ

**ଛତ୍ରପୁର,୨୯।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦେଇ ଜାତୀୟ ରାଜପଥରେ ଯାଉଥିବା ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ଅଞ୍ଚଳକୁ ସୁଗମ କାର୍ଯ୍ୟକ୍ରମରେ ଗାଡିରେ ପ୍ରଶାସନ ପକ୍ଷରୁ ପଠାଯାଉଛି। ଜିଲା ଦେଇ ଯାଉଥିବା ଅନ୍ୟ ଜିଲାର ଶ୍ରମିକମାନେ ବି ଏଥିରେ ଉପକୃତ ହେଉଛନ୍ତି। ପ୍ରବାସୀଙ୍କୁ ଖାଦ୍ୟ ପ୍ୟାକେଟ ଓ ପାଣି ମଧ ବଣ୍ଟନ କରାଯାଉଛି।। ଜିଲାରେ ଏହି କାର୍ଯ୍ୟକ୍ରମ ଶୁକ୍ରବାର ୧୫ ଦିନରେ ପହଞ୍ଚିଛି। ଅନ୍ୟ ରାଜ୍ୟରୁ ଓଡିଶାକୁ କେତେକ ଶ୍ରମିକ ଗାଡିରେ ଓ କେତେକ ଚାଲି ଚାଲି କିମ୍ବା ସାଇକେଲରେ ଗଞ୍ଜାମ ଜିଲା ଦେଇ ପ୍ରବେଶ କରୁଛନ୍ତି। ଚାଲିକି ଆସୁଥିବା ଶ୍ରମିକଙ୍କୁ ନିକଟସ୍ଥ ହଳଦିଆପଦର ବସଷ୍ଟାଣ୍ଡକୁ ନିଆଯାଉଛି। ସେଠାରେ



ପ୍ରବାସୀଙ୍କୁ ବସ୍‌ରେ ନିଆଯାଉଛି।

ଖାଦ୍ୟ ପ୍ୟାକେଟ ଓ ପାଣି ଦିଆଯିବା ପରେ ପ୍ରବାସୀଙ୍କୁ ଗଞ୍ଜାମ ଜିଲାର ହୋଇଥିଲେ ସେମାନଙ୍କ ବ୍ଲକ ଓ ଅନ୍ୟ ଜିଲାର ପ୍ରବାସୀଙ୍କୁ ସେମାନଙ୍କ ଅଞ୍ଚଳକୁ ଗାଡି ଯୋଗେ ପଠାଯାଉଛି। ସୁଗମ କାର୍ଯ୍ୟକ୍ରମରେ ୧୫ ଦିନ ମଧ୍ୟରେ ୪,୭୪୮ ଜଣ ପ୍ରବାସୀଙ୍କୁ ଗାଡି ଯୋଗେ ନିଜ ଘରକୁ ପଠାଯାଇଛି। ଏଥିସହ ୧୭ ହଜାର ପ୍ରବାସୀଙ୍କୁ ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଇଥିବା ଗଞ୍ଜାମ ଡିଆରଡିଏ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି।

## ସହାୟିକାଙ୍କୁ ଦୁର୍ବ୍ୟବହାର ନେଇ ଏତଲା

**ପାତ୍ରପୁର,୨୯।୫(ଡି.ଏନ୍.ଏ.)**

ଜରଡ଼ା ଥାନା ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ଦେଶାରୀ ଗ୍ରାମରେ ଅଙ୍ଗନୱାଡ଼ି ସହାୟିକାଙ୍କୁ ଦୁର୍ବବ୍ୟବହାର ନେଇ ଶୁକ୍ରବାର ଜରଡ଼ା ଥାନାରେ ଏତଲା ହୋଇଛି। ଏତଲା ଅନୁଯାୟୀ, ଗ୍ରାମର ଅଙ୍ଗନୱାଡ଼ି କର୍ମୀଙ୍କ ନିର୍ଦ୍ଦେଶରେ ସହାୟିକା ଜଣକ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଦୁଇ ଜଣଙ୍କ ଫୋଟ ଉଠାଇବାକୁ ଉଭୟଙ୍କ ଘରକୁ ଯିବାବେଳେ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଜରଡ଼ା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଦିନେ ବିଳମ୍ବରେ ଶିବପାର୍ବତୀଙ୍କ ବିବାହ

### ଦିବ୍ୟସିଂହପୁରରେ ନିଆରା ପରମ୍ପରା

**ଛତ୍ରପୁର, ୨୯।୫(ଡି.ଏନ୍.ଏ.)**

ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତ ଅଧୀନ ଦିବ୍ୟସିଂହପୁର ଗାଁରେ ଶିବ ପାର୍ବତୀଙ୍କ ବିବାହର ଏକ ନିଆରା ପରମ୍ପରା ଦେଖିବାକୁ ମିଳେ। ନିର୍ଦ୍ଧାରିତ ତିଥିର ଦିନକ ପରେ ଶିବପାର୍ବତୀଙ୍କ ବିବାହ ଶୁକ୍ରବାର ଭୋରରେ ସମ୍ପନ୍ନ ହୋଇଛି। ଏହିପରିପ୍ରେକ୍ଷୀରର ଗୋଧୂଳି ଲଗ୍ନରେ କନ୍ୟା ବିଦାୟ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଦେବଦମ୍ପତି ନଗର ପରିକ୍ରମା କରି ଗ୍ରାମବାସୀଙ୍କୁ ଦର୍ଶନ ଦେଇଥିଲେ। ରାଧାଗୋବିନ୍ଦ ତ୍ରିପାଠୀ ବର ପିତା ଓ ବାସୁଦେବ ମିଶ୍ର କନ୍ୟା ପିତା ହୋଇଥିଲେ। ପୁରୋହିତ



ନଗର ପରିକ୍ରମା ଚାଲିଛି।

ପୂର୍ଣ୍ଣଚନ୍ଦ୍ର ଶତପଥୀ ବିବାହ କାର୍ଯ୍ୟ କରିଥିଲେ। ନଗର ପରିକ୍ରମା ପରେ ଅସ୍ଥାୟୀ ମଣ୍ଡପରେ ଶିବପାର୍ବତୀ ଆରୁଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରାତିରେ ନିଜସ୍ୱ ମନ୍ଦିର ଫେରିବାର କାର୍ଯ୍ୟକ୍ରମ ରହିଥିବା ମନ୍ଦିର କମିଟି ସୂଚନା ଦେଇଛି। କରୋନା ଯୋଗୁ ଚଳିତ ବର୍ଷ ପଟୁଆର ଓ ରୋଷଣୀ ବନ୍ଦ ରହିଛି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ପୋଲସରା,୨୯।୫(ଡି.ଏନ.ଏ.)**

ପୋଲସରା ବ୍ଲକ ନିମିନା ପଞ୍ଚାୟତ ସାନବରଗାଁର ଜଣେ ବୃଦ୍ଧଙ୍କର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ସାନବରଗାଁର ରଇବାରି ବେହେରା (୬୫)। ରଇବାରି ଶୁକ୍ରବାର ସକାଳୁ ଶୌଚ ଲାଗି ନିକଟସ୍ଥ ପୋଖରୀକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରି ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ରାଇବାରିଙ୍କୁ ମୃତ ଘୋଷଣା କରିଥିଲେ।

## ତାମିଲନାଡୁରୁ ସାଇକେଲରେ ଫେରୁଥିବା ୬ଜଣଙ୍କୁ ଘରକୁ ପଠାଇଲା ପୋଲିସ



**ଦାରିଙ୍ଗବାଡି,୨୯।୫(ଡି.ଏନ୍.ଏ.)**

ଦାରିଙ୍ଗବାଡି ଥାନା ଦେଇ ବଲାଙ୍ଗୀର ଜିଲାକୁ ୬ ପ୍ରବାସୀ ଶୁକ୍ରବାର ତାମିଲନାଡୁରୁ ଫେରୁଥିଲେ। ଦାରିଙ୍ଗବାଡି ପୋଲିସ ସେମାନଙ୍କୁ ଉଦ୍ଧାର କରି ରନ୍ଧାଖାଦ୍ୟ, ପାଣି, ବିସ୍କୁଟ ଦେବାସହ ବିଶ୍ରାମ ପାଇଁ ବ୍ୟବସ୍ଥା କରିଥିଲା। ପରେ ଏକ ଗାଡି କରି ସାଇକଲ ସମେତ ୬ ଜଣଙ୍କୁ ବଲାଙ୍ଗୀର ପଠାଯାଇଥିବା ଦାରିଙ୍ଗବାଡି ଆଇଆଇସି କୌଶିକ ମାଝି କହିଛନ୍ତି। ସମସ୍ତେ ବଲାଙ୍ଗୀର ବାସିନ୍ଦା ହୋଇଥିବା ବେଳେ ସେମାନେ ତାମିଲନାଡୁର ଏକ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ କମ୍ପାନୀ ବନ୍ଦ ପରେ ଖାଇବାକୁ ଅସୁବିଧା ହେବାରୁ ସାଇକେଲରେ ଘର ଅଭିମୁଖେ ବାହାରିଥିଲେ।

# ମାନବ ଶୃଙ୍ଖଳ କରି ଗାନ କରିବେ ବନ୍ଦେ ଉତ୍କଳ ଜନନୀ

**ଛତ୍ରପୁର,୨୯।୫( ଡି.ଏନ୍.ଏ.)**

### ସାମାଜିକ ଦୂରତା ରକ୍ଷା, ମାସ୍କ ବାଧ୍ୟତାମୂଳକ

କୋଭିଡ ଯୋଦ୍ଧାଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଶନିବାର ଅପରାହ୍ନ ସାଢ଼େ ୫ଟାରେ ରାଜ୍ୟବାସୀ ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି। ଛତ୍ରପୁରରେ ମାନବ ଶୃଙ୍ଖଳ କରି ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ନିମନ୍ତେ ଶୁକ୍ରବାର ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ଅଧକ୍ଷତା କରିଥିଲେ। ଜିଲା ହେଡକ୍ୱାର୍ଟର ଛତ୍ରପୁର ସହରର ରିକାପଲ୍ଲି ଛକଠାରୁ ଅପର ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ମାନବ ଶୃଙ୍ଖଳ କରି ବନ୍ଦେ ଉତ୍କଳ ଜନନୀ ଗାନ କରାଯିବ। ସାମାଜିକ ଦୂରତା ରକ୍ଷା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବ। ଏହି ନିଷ୍ପତ୍ତିକୁ ବୈଠକରେ ଉପସ୍ଥିତ ସମସ୍ତ ବ୍ୟବସାୟିକ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଯୋଗଦେଇ ସମ୍ମତି ଜଣାଇଥିଲେ।

# ଅଲେଖଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକ

**ବ୍ରହ୍ମପୁର ଅଫିସ,୨୯।୫**

ଶର୍ଟ ସର୍କିଟରୁ ଘରେ ନିଆଁ ଲାଗି ଶ୍ୱାସରୁଦ୍ଧ ହୋଇ ଶୁକ୍ରବାର ବିସିସି ବ୍ୟାଙ୍କ ପୂର୍ବତନ ସଭାପତି ଅଲେଖ ଚୌଧୁରୀ, ତାଙ୍କ ଶାଳକ ଓ ଜଣେ କେୟାର ଟେକରଙ୍କ ମୃତ୍ୟୁ ଘଟିଛି। ଅଲେଖଙ୍କୁ ୬୫ ବର୍ଷ ହୋଇଥିଲା। ଅତୀତରେ ସେ ୩ଥର ଗଞ୍ଜାମ ଜିଲା କଂଗ୍ରେସ କମିଟିର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ୩ ଥର ବିସିସି ବ୍ୟାଙ୍କର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତୃତୀୟଥର ସଭାପତି କାର୍ଯ୍ୟକାଳ ଗତ ୫ ତାରିଖରେ ଶେଷ ହୋଇଥିଲା। ଜିଲା କଂଗ୍ରେସ ସଭାପତି ଦାୟିତ୍ୱ ନେବା ପୂର୍ବରୁ ଅଲେଖ ପ୍ରଦେଶ ଯୁବ କଂଗ୍ରେସର ଯୁବ ସମ୍ପାଦକ ଥିଲେ। ୧୯୮୪ରେ ବ୍ରହ୍ମପୁର ପୌର ପରିଷଦର କାଉନସିଲର ନିର୍ବାଚିତ ହୋଇଥିଲେ। ୧୯୯୫ରେ ସେ ବ୍ରହ୍ମପୁର ବିଧାନସଭା ଆସନରୁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିଲେ। ୨୦୦୪ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୦୯ରେ ଆସିକା ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ୨୦୧୪ ନିର୍ବାଚନ ପୂର୍ବରୁ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ମିଶିଥିଲେ। ଅଲେଖ ପୂର୍ବତନ ଏମ୍‌ପି ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ପ୍ରତିନିଧି ରୂପେ ଦୀର୍ଘ ସମୟ କାର୍ଯ୍ୟ କରିଥିଲେ। ସହରର ସର୍ବପୁରାତନ ଗୋପାଳକୃଷ୍ଣ ରଙ୍ଗମଞ୍ଚର ସଭାପତି ରହିଥିଲେ ଅଲେଖ। ଅଲେଖ ବିଜେଡି ଦ୍ୱାରା ଗଠିତ ସମବାୟ ସେଲ୍‌ର ଜଣେ ବରିଷ୍ଠ ସଦସ୍ୟ ରହିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ଜରିଆରେ ଏକ ଶୋକବାର୍ତ୍ତା ପଠାଇଛନ୍ତି। ଅଲେଖଙ୍କ ପରଲୋକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ରଥ, ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା, ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀ, ସମବାୟବିତ୍ ସୁଧୀର ରାଉତ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଅଲେଖଙ୍କ ବିୟୋଗ ଜିଲା ରାଜନୀତିରେ ଶୂନ୍ୟସ୍ଥାନ ସୃଷ୍ଟି କରିଥିବା କହିଛନ୍ତି।

## ଇ-ଷ୍ଟାମ୍ପିଙ୍ଗ୍ କେନ୍ଦ୍ରର ଶୁଭାରମ୍ଭ



**ଖଲ୍ଲିକୋଟ,୨୯।୫(ଡି.ଏନ.ଏ.)**

ଖଲ୍ଲିକୋଟ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଇ-ଷ୍ଟାମ୍ପିଙ୍ଗ୍ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଖଲ୍ଲିକୋଟ ତହସିଲଦାର ତଥା ଦାୟିତ୍ୱରେ ଥିବା ସବ୍‌ରେଜିଷ୍ଟ୍ରାର ଚକ୍ରଧର ପାଢ଼ୀ, ଏଟିଓ ଜ୍ୟୋତିର୍ମୟ ଦାସ ଏହାର ଶୁଭାରମ୍ଭ କରିଥିଲେ। ଏହି ଇ-ଷ୍ଟାମ୍ପିଙ୍ଗ୍ ଦ୍ୱାରା ଜନସାଧାରଣ ଜମିଜମା କ୍ରୟ ବିକ୍ରୟ ସମୟରେ ସୁବିଧା ହେବ ବୋଲି ପ୍ରକାଶ କରିଥିଲେ। ଇ-ଷ୍ଟାମ୍ପିଙ୍ଗ୍‌ର ଭେଣ୍ଡର ସକଳେଶ୍ୱର ଦାସଙ୍କ ସମେତ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

# ୨ରୁ ପର୍ଯ୍ୟାୟକ୍ରମେ ଭଞ୍ଜନଗରରେ ଚାଲିବ ବସ୍

**ଭଞ୍ଜନଗର,୨୯।୫(ଡି.ଏନ୍.ଏ.)**

ଭଞ୍ଜନଗରରୁ ବିଭିନ୍ନ ସ୍ଥାନକୁ ଜୁନ୍ ୨ରୁ ଘରୋଇ ବସ୍ ଚଳାଚଳ କରିବ। ପ୍ରଥମେ ଅଳ୍ପ କିଛି ବସ୍ ଚାଲିବ। ଏହାପରେ ଯାତ୍ରୀଙ୍କ ଚାହିଦାକୁ ଦେଖି ବସ୍ ସଂଖ୍ୟା ବୃଦ୍ଧି କରାଯିବ। ଯାତ୍ରୀଙ୍କ ସୁରକ୍ଷାକୁ ଦେଖି ବସ୍‌କୁ ଆବଶ୍ୟକତା ଅନୁସାରେ ସାନିଟାଇଜ କରାଯିବ। ଅସ୍ଥାୟୀ ବସ୍‌ଷ୍ଟାଣ୍ଡରୁ ସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ବସ୍ ଆଣିବା ଯୋଜନା କରାଯିବ। ଫଳରେ ଯାତ୍ରୀମାନେ ସୁବିଧାରେ ଯାତାୟତ କରିପାରିବେ। ଏନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସହ ସଂଘର କର୍ମକର୍ତ୍ତାମାନେ ଆଗାମୀ ଦିନରେ ଆଲୋଚନା କରିବେ। ଭଞ୍ଜନଗର ଘରୋଇ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ବସ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତି ନିଆଯାଇଛି। ବୈଠକରେ ସଭାପତି ଗୋପବନ୍ଧୁ ମହାପାତ୍ର, ସମ୍ପାଦକ ବିପ୍ର ଚରଣ ବାରିକ, ଗୋବିନ୍ଦ ଚନ୍ଦ୍ର ବାରିକ, ଏ.ରେଣୁ ଗୋପାଳ, ସନ୍ତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାସୀଙ୍କୁ ବିପଦ ଗ୍ରୀଷ୍ମପ୍ରବାହ

**ବରଗଡ଼ ଅଫିସ୍, ୨୯।୫**

ବରଗଡ଼ ଜିଲାରେ ତାତି ଥମିବା ନାଁ ନେଉନାହିଁ । ଗତ କିଛିଦିନ ହେଲା ତାପମାତ୍ରା ବଢ଼ି ଚାଲିଛି । ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଗୁଳୁଗୁଳି ଯୋଗୁ ଜନଜୀବନ ଦହଗଞ୍ଜ ହୋଇ ପଡ଼ିଛି। ଏଠାରେ ତାପମାପକ ଯନ୍ତ୍ର ନାହିଁ । ଅଧାପନ୍ତରିଆ ଭାବେ ସେହି ବ୍ୟବସ୍ଥା ପଡ଼ି ରହିଛି। ତଥାପି ଯେଭଳି ତାତି ଲାଗି ରହୁଛି, ତାହା ୪୦ରୁ ୪୭ ଡିଗ୍ରୀ ମଧ୍ୟରେ ରହୁଥିବା ଅନୁମାନ କରାଯାଉଛି । ଏଭଳି ତାତି ଲାଗି ରହିଲେ କରୋନା ଆଗରୁ ଅଂଶୁଘାତରେ ଲୋକଙ୍କ ଜୀବନ ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। କେବଳ ଜିଲାବାସୀ ନୁହେଁ, ଜିଲାର ବିଭିନ୍ନ ରାସ୍ତାରେ ଫେରୁଥିବା ପ୍ରବାସୀଙ୍କ ପାଇଁ ଏହା ଅଧିକ ବିପଦ ସୃଷ୍ଟି କରିଛି। ସୀମାନ୍ତ ଲୁହୁରାଚଟିରେ ପ୍ରବାସୀଙ୍କ ଭିଡ଼ ସହିତ ଟ୍ରକ୍, ବସ୍ ଖୋଲା ଟ୍ରଲ ଉପରେ ଲୋକେ ଯେଭଳି ଫେରୁଛନ୍ତି ସେଥିରୁ ଅଂଶୁଘାତ ଆଶଙ୍କା ବଢ଼ି ଯାଇଛି ।

ସୀମାନ୍ତରେ ଗତ ଅଳ୍ପଦିନ ମଧ୍ୟରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ତାହା ଅଂଶୁଘାତଜନିତ ହୋଇ ଥାଇପାରେ ବୋଲି ଅନୁମାନ କରାଯାଉଛି । ସେହିପରି ଦୁଇଦିନ ତଳେ ଅତାବିରା ବ୍ଲକ ଲରାସରାସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରରେ ଏକ ମାସର ଶିଶୁକନ୍ୟାର ମୃତ୍ୟୁ ହୋଇଥିଲା। କିନ୍ତୁ ଶିଶୁମୃତ୍ୟୁ ଘଟଣାର କାରଣ ମଧ୍ୟ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାହା ସ୍ପଷ୍ଟ ହୋଇଯିବ। ଘରକୁ ଫେରିବା ବାଟରେ ପ୍ରବାସୀଙ୍କ ଏଭଳି ମୃତ୍ୟୁ ଓ ଅସୁସ୍ଥ ହେବା ଏବେ ଚିନ୍ତାର ବିଷୟ ହୋଇ ପଡ଼ିଛି । ଅନ୍ୟବର୍ଷ ଖରାଦିନେ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ଏବଂ ଗାଁରୁ ଆରମ୍ଭ କରି ରାସ୍ତାର ମୁଖ୍ୟଛକ ଗୁଡ଼ିକରେ ଯେଭଳି ଜଳଛତ୍ର ବ୍ୟବସ୍ଥା ହୋଇଥାଏ ତାହା ଏବେ କରୋନା ବିପର୍ଯ୍ୟୟ ସମୟରେ ଦେଖିବାକୁ ମିଳୁନାହିଁ। ସେହିପରି ଲୁହୁରାଚଟିଠାରୁ ସମ୍ବଲପୁର ଅଇଁଠାପାଲି ପର୍ଯ୍ୟନ୍ତ ୪ଲେନ୍ ରାସ୍ତା ନିର୍ମାଣରେ ରାସ୍ତାର ଉଭୟ ପାର୍ଶ୍ୱର ଗଛ କାଟି ଦିଆଯାଇ ଥିବାରୁ ବାଟୋଇଙ୍କୁ ଛାଇ ଟିକିଏ ମିଳୁନି। ସାଇକେଲ କିମ୍ବା ଚାଲି ଚାଲି ଫେରୁଥିବା ଲୋକଙ୍କୁ ଡହ ଡହ ଖରା ସହିବାକୁ ପଡୁଛି । କେଉଁଠି ଯଦି ନଈନାଳ, ପୋଖରୀ, କିମ୍ବା ନଳକୂଅଟିଏ ଆଖିରେ ପଡ଼ିଲା ସେଠାକୁ ଯାଇ ଲୋକେ ପାଣି ପିଉଛନ୍ତି। କାଁ ଭାଁ ଯେଉଁଠି ଗଛ ପାଇଲେ ଆଶ୍ରୟ ନେଉଛନ୍ତି।

କରୋନା ସଂକ୍ରମଣ ସାଙ୍ଗକୁ ଅଂଶୁଘାତ ମୁକାବିଲାକୁ ଯଦି ଯଥେଷ୍ଟ ଗୁରୁତ୍ୱ ଦିଆ ନ ଯାଏ ଆଗକୁ ଜିଲାରେ ଅଂଶୁଘାତଜନିତ ମୃତ୍ୟୁର ଆଶଙ୍କା ରହିଛି। ଗତବର୍ଷ ଜିଲାରେ ଅଂଶୁଘାତଜନିତ ମୃତ୍ୟୁ ହୋଇ ନ ଥିବା ସରକାରୀ ରେକର୍ଡ଼ରୁ ଜଣାପଡ଼ିଛି। ଏଥର ଯେଭଳି ଟାଣଖରା ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳି ଭୟାବହ ରୂପ ନେଲାଣି ସେଥିରୁ ଆଗାମୀ ଦିନରେ ଅଂଶୁଘାତଜନିତ ମୃତ୍ୟୁକୁ ଏଡ଼ାଇ ଦେଇ ହେଉନାହିଁ। ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ପରିସ୍ଥିତିରେ ମୁକାବିଲା ଦାୟିତ୍ୱରେ ଥିବା ଏଡିଏମ୍‌ଓ ଡାକ୍ତର ବୃଳବତୀ ସାହୁ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଅଂଶୁଘାତ ସମ୍ପର୍କରେ କୌଣସି ଅଭିଯୋଗ ଆସିନାହିଁ । ତଥାପି ସବୁ ବସ୍‌ରେ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ଏବଂ ଓଆରଏସ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ସବୁ ଡାକ୍ତରଖାନାରେ ଅଂଶୁଘାତ ଜନିତ ଚିକିତ୍ସା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।



ଏକ ଟ୍ରଲରରେ ବରଗଡ଼ ଜିଲା ସୀମାନ୍ତକୁ ପହଞ୍ଚିଥିବା ପ୍ରବାସୀମାନେ।

## ସଂକ୍ଷେପରେ

### ଟିଟିଲାଗଡ଼ ସହରରୁ ହଟିବ ଉଠା ଦୋକାନ

ଟିଟିଲାଗଡ଼,୨୯।୫ (ଡି.ଏନ.ଏ.): ଟିଟିଲାଗଡ଼ ସହରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି।ଏନେଇ ପୌର ପରିଷଦ ପକ୍ଷରୁ ବାରମ୍ବାର ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ କିଛିଦିନ ପରେ ପୁଣି ପୂର୍ବ ଅବସ୍ଥା ଫେରି ଆସୁଛି। ଏଥିପାଇଁ ଶୁକ୍ରବାର ଟିଟିଲାଗଡ଼ ତହସିଲଦାର ଆନନ୍ଦ ପଣ୍ଡା, ପୌରନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନ ପ୍ରମୁଖ ସହରରେ ବୁଲି ବୁଲି ଦୋକାନୀମାନଙ୍କୁ ୨ ଘଣ୍ଟା ମଧ୍ୟରେ ସ୍ଥାନ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଦୋକାନୀମାନେ ନିଜ ସାମଗ୍ରୀ ଉଠାଇବାରେ ଲାଗି ପଡିଥିଲେ। ସହରରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଇଥିବାରୁ ଉଚ୍ଛେଦ ପ୍ରକ୍ରିୟା ଜରୁରୀ ହୋଇପଡିଛି। ଅନ୍ୟପକ୍ଷେ ସହରର ରାସ୍ତା କଡ଼ରେ ତମ୍ବୁ ବାନ୍ଧି ବର୍ଷ ବର୍ଷ ଧରି ନିଜ ଗୁଜୁରାଣ ମେଣ୍ଟାଇ ଆସୁଥିବା ଫଳ, ଚାଟ୍, ପକୁଡି, ବରା, ଓ ପନିପରିବା ଦୋକାନୀଙ୍କ ପାଇଁ ଅନ୍ୟ କୌଣସି ସ୍ଥାନରେ ଦୋକାନ ଖୋଲିବାର ବ୍ୟବସ୍ଥା କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି ।


ସମ୍ବଲପୁର ମୁଦିପଡାର ଜାଗେଶ୍ୱର ବାବା ମାତା ପାର୍ବତୀଙ୍କ ସହ ମନ୍ଦିର ପ୍ରବେଶ କରୁଛନ୍ତି ।

# ମନ୍ଦିର ପ୍ରବେଶ କଲେ ଦେବଦମ୍ପତି

**ସମ୍ବଲପୁର**
- ବାଲୁଙ୍କେଶ୍ୱରଙ୍କୁ ଲାଗି ହେଲା ଦହି ପଖାଳ ଭୋଗ
- ନିରାଡ଼ମ୍ବରରେ ଶେଷ ହେଲା ଶୀତଳଷଷ୍ଠୀ ଯାତ୍ରା

**ସମ୍ବଲପୁର,୨୯।୫(ବ୍ୟୁରୋ)**

ପାରମ୍ପରିକ ରୀତିନୀତି ଅନୁସାରେ ନବବିବାହିତ ଶିବପାର୍ବତୀ ଶୁକ୍ରବାର ଗୋଧୂଳି ଲଗ୍ନରେ ସ୍ୱମନ୍ଦିର ପ୍ରବେଶ କରିଛନ୍ତି । ଏଥିସହ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶେଷ ହୋଇଛି । ଧାର୍ଯ୍ୟ ଲଗ୍ନକୁ ଆଧାର କରି ଅପରାହ୍ନରେ ନନ୍ଦପଡା ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀ ଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମଙ୍ଗଳଆଳତି ଲାଗି ନୀତି ଅନୁଷ୍ଠିତ ହୋଇଥିଲା । ଏହାପରେ ସ୍ୱତନ୍ତ୍ର ମଣ୍ଡପରେ ସଜ୍ଜିତ ହୋଇଥିବା ସିଂହାସନରୁ ପଣ୍ଡିତ ଓ ପୂଜକ, ଯାତ୍ରା କମିଟି କର୍ମକର୍ତ୍ତାମାନେ ଘଣ୍ଟ ଓ ଶଙ୍ଖ ଧ୍ୱନିରେ ଦେବଦମ୍ପତିଙ୍କୁ ମନ୍ଦିର ପ୍ରବେଶ କରାଇଥିଲେ । ମନ୍ଦିର ଭିତରେ ସିଂହାସନ ନୀତି ପୂର୍ବରୁ ପଞ୍ଚଗବ୍ୟ, ସର୍ବୋଷଧି, ପଞ୍ଚାମୃତ, ଗଙ୍ଗାଜଳ ଓ ଜଳରେ ନବବିବାହିତ ଦେବଦମ୍ପତିଙ୍କୁ ସ୍ନାନ କରାଯାଇଥିଲା। ଫୁଲ, ଚନ୍ଦନ, ଧୂପଦୀପ ଅର୍ପଣ କରି ଶିବପାର୍ବତୀଙ୍କୁ ସିଂହାସନରେ ଉପବିଷ୍ଟ କରାଯାଇଥିଲା। ରାତ୍ରିରେ ଅନ୍ନଭୋଗ ପ୍ରଦାନ କରାଯାଇଥିଲା । କିନ୍ତୁ ପରମ୍ପରାକୁ ଆଧାର କରି ନନ୍ଦପଡା ବାଲୁଙ୍କେଶ୍ୱର ବାବାଙ୍କୁ ଅନ୍ନଭୋଗ ପରିବର୍ତ୍ତେ ଦହି ପଖାଳ ଲାଗି କରାଯାଇଥିଲା । କରୋନା କଟକଣାକୁ ଦୃଷ୍ଟିରେ ରଖି ଯାତ୍ରା କମିଟି ପକ୍ଷରୁ ମନ୍ଦିର ମୁଖ୍ୟ ଫାଟକ ପାଖରେ ଭକ୍ତମାନଙ୍କ ଥର୍ମାଲ ସ୍କ୍ରିନିଂ କରିବା ସହ ସାନିଟାଇଜ କରାଯାଇଥିଲା । ଏହାପରେ ଭକ୍ତମାନେ ଦେବଦମ୍ପତିଙ୍କ ଯୁଗଳମୂର୍ତ୍ତି ଦର୍ଶନ କରିଥିଲେ ।

# ପ୍ରବାସୀଙ୍କ ପାଇଁ ଖୋଲିଲା ସହାୟତା କେନ୍ଦ୍ର

**ସମ୍ବଲପୁର,୨୯।୫(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଛକରେ ବିଜେଡି ପକ୍ଷରୁ ଏକ ସହାୟତା କେନ୍ଦ୍ର ଶୁକ୍ରବାର ଖୋଲିଛି। ରାସ୍ତାରେ ଚାଲି ଚାଲି ଯାଉଥିବା ପ୍ରବାସୀ ଶ୍ରମିକଙ୍କ ସହିତ ସାଇକେଲ, ବାଇକ, ଟ୍ରକ ଓ ବସରେ ଯାତ୍ରା କରୁଥିବା ଶ୍ରମିକମାନଙ୍କୁ ଏହି କେନ୍ଦ୍ରରେ ସହାୟତା ଯୋଗାଇ ଦିଆଯିବ । ସେମାନଙ୍କୁ ରନ୍ଧା ଖାଦ୍ୟ ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବ । ଜରୁରୀ ଔଷଧ ମଧ୍ୟ ଯୋଗାଇ ଦିଆଯିବ। ଏକ ସପ୍ତାହ ପର୍ଯ୍ୟନ୍ତ ଏହି କେନ୍ଦ୍ର ଖୋଲା ରହିବ। ଲକ୍‌ଡାଉନ ସମୟ ସୀମା ବୃଦ୍ଧି ହେଲେ ଏହି କେନ୍ଦ୍ର ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଓ ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା, ଡାକ୍ତର ରମା ବଲ୍ଲଭ ମିଶ୍ର, ଅଶୋକ ମହାପାତ୍ର, ସଞ୍ଜିତ ମହାନ୍ତି, କବିତା ପୁରୋହିତ, ସୃଷ୍ଟି ଅଗ୍ରୱାଲ, ଉଷା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ


ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆହ୍ୱାନ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର ଅଫିସ, ୨୯।୫**

ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ଶ୍ରମିକ ସ୍ପେଶାଲ ଟ୍ରେନ୍ ରହଣିକୁ ତୁରନ୍ତ ବନ୍ଦ କରି ଏହାର ବିକଳ୍ପ ବ୍ୟବସ୍ଥା କରିବା ସହ ଜିଲାରେ ସଫଳ କରୋନା ମୁକାବିଲା କରିବା ଦାବି ନେଇ ବଲାଙ୍ଗୀର ଆହ୍ୱାନ୍ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆହ୍ୱାନ କମିଟି ତରଫରୁ ୫ ଦଫା ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ ସଦସ୍ୟ ଓ ଅନ୍ୟ ସଙ୍ଗଠନ ସଦସ୍ୟମାନେ ସାମିଲ ହୋଇଥିଲେ। ବଲାଙ୍ଗୀର ଭଳି ଏକ ଜନଗହଳିପୂର୍ଣ୍ଣ ରେଳ ଷ୍ଟେଶନରେ ଓଡିଶାର ୩୦ ଜିଲା, ଛତିଶଗଡ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ହଜାର ହଜାର ପ୍ରବାସୀଙ୍କୁ ଓହ୍ଲାଯିବାକୁ ନେଇ କମିଟି ବିରୋଧ କରିଛି। ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି କ୍ୱାରାଣ୍ଟାଇନ୍ ସେଣ୍ଟର ଗୁଡିକର ସୁବ୍ୟବସ୍ଥିତ ପରିଚାଳନା ଏବଂ ପ୍ରବାସୀଙ୍କୁ ଉଚିତ୍ ସୁବିଧା ଯୋଗାଇବା, ଜିଲାର କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧିର ସଫଳ ମୁକାବିଲା ପାଇଁ ଜନସାଧାରଣ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ କୋଭିଡ-୧୯ କମିଟି ଗଠନ କରିବା, କଣ୍ଟେନମେଣ୍ଟ, କର୍ଫ୍ୟୁ, ସାନିଟାଇଜେସନ୍, ଟେଷ୍ଟିଂ ଓ କଣ୍ଟାକ୍ଟ ଟ୍ରେସିଂ ସୁଚାରୁ ରୂପେ କରିବାକୁ ଦାବି କରାଯାଇଛି। ପ୍ରବାସୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌କୁ ସୁନିଶ୍ଚିତ କରିବା ପାଇଁ ଦାବି କରାଯାଇଛି। ଏହି ବିକ୍ଷୋଭ ସମାବେଶରେ କୋଶଳ ରାଜ୍ୟ ସମନ୍ୱୟ ସମିତି ଅଧକ୍ଷ ପ୍ରମୋଦ କୁମାର ମିଶ୍ର, ମନୋରଞ୍ଜନ ସାହୁ, ଆଡଭୋକେଟ ଭବାନୀ ଶଙ୍କର ଶତପଥୀ, ରତନ ମହାରଣା, ରବି ବହିଦାର, ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ ଓ ଅନ୍ୟମାନେ ସାମିଲ ହୋଇଥିଲେ। ୩୦ ତାରିଖ ଅପରାହ୍ନ ସାଢେ ୫ଟାରେ ବନ୍ଦେ ଉତ୍କଳ ଜନନୀ ଗୀତ ଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଥିବାରୁ ଏହାକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବିରୋଧ କରାଯାଇଛି।

# ପଶ୍ଚିମ ଓଡ଼ିଶାରେ ଆଉ ୨୦ କରୋନା ରୋଗୀ ଚିହ୍ନଟ

**ନୂଆପଡା ଅଫିସ,୨୯।୫**

ଶୁକ୍ରବାର ନୂଆପଡା ଜିଲାରେ ଆଉ ୧୨ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୬ରେ ପହଞ୍ଚିଛି। ଚିହ୍ନଟ ୧୨ ନୂଆ ରୋଗୀଙ୍କ ମଧ୍ୟରୁ ନୂଆପଡ଼ା ଏନଏସି ଅଞ୍ଚଳରେ ଥିବା ବସଷ୍ଟାଣ୍ଡ ନିକଟସ୍ଥ ୟୁଜିଏମଇ ସ୍କୁଲ ଟିଏମସିରୁ ୨, ଖଡିଆଳ ବ୍ଲକ ଦୋହେଲପଡା ଟିଏମସିରୁ ୪, ସିନାପାଲି ବ୍ଲକ ନିଲଜି, ଗଣ୍ଡାବାହାଲି ଏବଂ ଘୁଚାଗୁଡା ଟିଏମସିରୁ ଜଣେ ଲେଖାଏ, ବୋଡେନ ଯୁକ୍ତ ୩ କଲେଜର ଟିଏମ୍‌ସିରୁ ଜଣେ ଏବଂ ହାଇସ୍କୁଲ ଟିଏମସିରୁ ୨ଜଣ ରହିଛନ୍ତି ବୋଲି ଜିଲାପାଳ ମଧୁସ୍ମିତା ସାହୁ ସୂଚନା ଦେଇଛନ୍ତି। ସମସ୍ତଙ୍କୁ ବଲାଙ୍ଗୀରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**ସମ୍ବଲପୁର(ବ୍ୟୁରୋ):** ସମ୍ବଲପୁର ଜିଲା କବରାପାଲି କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ଜଣେ ୨୪ ବର୍ଷୀୟ ଯୁବକଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ ବାହାରିଛି । ଏହାକୁ ମିଶାଇ ସମ୍ବଲପୁର ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ଶୁକ୍ରବାର ୮ରେ ପହଞ୍ଚିଛି । ଯୁବକ ଜଣକ ମହାରାଷ୍ଟ୍ରରୁ ଗତ ୧୪ ତାରିଖରେ ସମ୍ବଲପୁର ଆସିଥିଲେ। ୨୨ ତାରିଖରେ ତାଙ୍କ ସ୍ୱାବ୍ ନମୁନା ଟେଷ୍ଟ ପାଇଁ ପଠାଯାଇଥିଲା । ଶୁକ୍ରବାର ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ଯୁବକଙ୍କୁ ତାଳଚେର କୋଭିଡ୍-୧୯ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

**ଝାରସୁଗୁଡ଼ା ଅଫିସ :** ଝାରସୁଗୁଡ଼ା ଜିଲାରେ ଶୁକ୍ରବାର ଆଉ ଜଣେ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ଜିଲାପାଳ ସରୋଜ କୁମାର ସାମଲଙ୍କ ସୂଚନା ମୁତାବକ ଝାରସୁଗୁଡ଼ା ସହର ପୁରୁଣାବସ୍ତି ଅଞ୍ଚଳର ଜଣେ ୨୭ ବର୍ଷ ବୟସ୍କ ଯୁବକ ମୁମ୍ବାଇରୁ ଫେରିଥିଲେ। ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ସ୍ୱାବ୍ ନମୁନା ଟେଷ୍ଟ ପଜିଟିଭ ଜଣାପଡିବା ପରେ ତାଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଜିଲାରେ ଶୁକ୍ରବାର ଆଉ ୬ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୬୨କୁ ବୃଦ୍ଧି ପାଇଛି। ନୂଆ ରୋଗୀମାନେ ବଙ୍ଗୋମୁଣ୍ଡା ବ୍ଲକ୍ ବିରିପାଲି ଗ୍ରାମର ବାସିନ୍ଦା। ସେମାନେ କିଛିଦିନ ତଳେ ମୁମ୍ବାଇରୁ ଫେରିଥିଲେ । ସେମାନଙ୍କୁ ବଲାଙ୍ଗୀର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସରିଲା ଶୀତଳ ଷଷ୍ଠୀ ଯାତ୍ରା

**ସୋନପୁର,୨୯।୫(ନି.ପ୍ର.)**

ସୁବର୍ଣ୍ଣପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଶୁକ୍ରବାର ଶେଷ ହୋଇଛି। ଶିବ ପାର୍ବତୀଙ୍କ ଲୌକିକ ବିବାହ, ଯୁଗଳ ଦର୍ଶନ ଓ ନଗର ପରିକ୍ରମା ପରେ ସ୍ୱ ମନ୍ଦିରକୁ ଫେରିଛନ୍ତି ଦେବଦମ୍ପତି । ଲୋକ ସଂସ୍କୃତି ଓ ଆଧ୍ୟାତ୍ମିକ ପର୍ବ ଶୀତଳଷଷ୍ଠୀ ଚଳିତବର୍ଷ ପାରମ୍ପରିକ ରୀତିନୀତିରେ ନିରାଡମ୍ବର ଭାବେ ସମ୍ପନ୍ନ ହୋଇଛି। ରାଜାରାଜୁଡା ଅମଳରୁ ଚାଲି ଆସିଥିବା ଶତାଧିକ ବର୍ଷର ପୁରୁଣା ଏହି ପରମ୍ପରା। ଏହି ଯାତ୍ରା ଅବସରରେ ସୁବର୍ଣ୍ଣପୁରର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ବୁଧବାର ବ୍ରହ୍ମ ମୁହୂର୍ତ୍ତରେ ନୀଳାଦ୍ରି ବିହାର (ଢେରାପଡା)ରେ ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା । ପରେ ସ୍ଥାନୀୟ ମଣ୍ଡପରେ ଗୁରୁବାର ଦେବଦମ୍ପତିଙ୍କ ଯୁଗଳ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଭୋର ସମୟରେ ମହାପ୍ରଭୁଙ୍କୁ କୈଳାସ ନଗର (ପୂର୍ବ ବିଭାଗ କଲୋନି) ସ୍ଥିତ ବର ପିତା ପ୍ରକାଶ ରଥଙ୍କ ବାସଭବନକୁ ନିଆ ଯାଇଥିଲା। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। କରୋନା କଟକଣା ଯୋଗୁ ପୂର୍ବାହ୍ନରେ ଦେବ ଦମ୍ପତି ନିରାଡମ୍ବର ଭାବେ ସ୍ୱମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁନା ନାଗ ପ୍ରତିମା ବର ବେଶରେ ରୁପା ବିମାନରେ ବିଜେ ହୋଇଥିଲେ। ଆକର୍ଷଣୀୟ ମେଢରେ ସଜ୍ଜିତ ଦେବ ଦମ୍ପତିଙ୍କ ଶୋଭାରାଜି ଭକ୍ତଙ୍କ ମନ ମୋହିଥିଲା । ସୋନପୁରର ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ଶୀତଳ ଷଷ୍ଠୀ ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ ଥିଲା । ଶୋଭାଯାତ୍ରା ଯିବା ବାଟରେ ମହିଳା ଓ ପୁରୁଷମାନେ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ଦେବ ଦମ୍ପତିଙ୍କୁ ବନ୍ଦାଣ କରି ଭୋଗ ଲଗାଇ ଥିଲେ। ଶାସ୍ତ୍ର ଅନୁସାରେ ଦେବ ଦମ୍ପତିଙ୍କ ଏହି ଅପୂର୍ବ ବେଶ ଦେଖିଲେ ଅଭିଶପ୍ତ ଜୀବନରୁ ମୁକ୍ତି ମିଳେ ବୋଲି ଲୋକ ବିଶ୍ୱାସ ରହିଛି। ଚନ୍ଦ୍ରଶେଖରଙ୍କ ମନ୍ଦିରରେ ଦେବଦମ୍ପତି, ଅଷ୍ଟଶମ୍ଭୁ ଓ ଅଷ୍ଟବିଷ୍ଣୁ ପହଞ୍ଚିବା ପରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସନ୍ଧ୍ୟାରେ ଦେବ ଦମ୍ପତି, ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁ ଚନ୍ଦ୍ରଶେଖର ମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୀତଳ ଷଷ୍ଠୀ ଯାତ୍ରା କମିଟି ଓ ଦେବୋତ୍ତର ବିଭାଗ ପକ୍ଷରୁ ଚଳିତ ବର୍ଷ ଯାତ୍ରାକୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରା ଯାଇଥିଲା ।


ଶିବ ପାର୍ବତୀ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

# ଜୁନ୍ ୧ରୁ ଚାଲିବ ଘରୋଇ ବସ୍

**ବଲାଙ୍ଗୀର ଜିଲା**

**ବଲାଙ୍ଗୀର ଅଫିସ, ୨୯।୫**

ବଲାଙ୍ଗୀର ଜିଲାରେ ଜୁନ ୧ତାରିଖରୁ ଘରୋଇ ବସ୍ ଚଳାଚଳ ଆରମ୍ଭ କରିବ। ଜିଲା ଘରୋଇ ବସ୍ ମାଲିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜୁନ୍ ୧ତାରିଖ ପୂର୍ବରୁ ସମସ୍ତ ବସ୍‌କୁ ସଂଘ ପକ୍ଷରୁ ସାନିଟାଇଜ୍ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ ଯାତ୍ରୀ ମାସ୍କ ବ୍ୟବହାର କରି ବସ୍‌ରେ ନିୟୋଜିତ କର୍ମଚାରୀଙ୍କୁ ସହଯୋଗ କରିବା ପାଇଁ ସଂଘ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏ ନେଇ ସଂଘ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସଂଘ ସଭାପତି ହେମନ୍ତ ପଣ୍ଡା ଏହା ଜଣାଇଛନ୍ତି । ଜିଲାବ୍ୟାପୀ ବସ୍ ଚଳାଚଳ ହେଲେ ଜିଲାରେ ଜୀବନଯାତ୍ରା ସ୍ୱାଭାବିକ ହେବା ସହ ଗରିବ, ଖଟିଖିଆ, ଚାଷୀ ମୂଲିଆ ଏବଂ କର୍ମଚାରୀ ଉପକୃତ ହେବେ ବୋଲି ସଭାପତି ପଣ୍ଡା କହିଛନ୍ତି। ସରକାରୀ ବ୍ୟବସ୍ଥା ମଧ୍ୟରେ ରହିଥିବା ନିର୍ଦ୍ଦିଷ୍ଟ କେତେକ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଯାତ୍ରୀଭଡା ରିହାତିକୁ ବାଦ୍ ଦେଲେ ଅନ୍ୟ କୌଣସି ପ୍ରକାର ରିହାତି ଦାବି ନ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଯାତ୍ରୀ ଭଡାରେ ସମସ୍ତ ପ୍ରକାର ରିହାତିକୁ ସଂଘ ପକ୍ଷରୁ ବାରଣ କରାଯାଇଛି । ସରକାରୀ କାର୍ଯ୍ୟରେ ନିୟୋଜିତ ଥିବା କେତେକ ବସ୍‌କୁ ପର୍ଯ୍ୟାୟ କ୍ରମେ ଯାତ୍ରୀ ସେବାରେ ନିୟୋଜିତ କରାଯିବ ବୋଲି ସଂଘ କହିଛି। ଯାତ୍ରୀମାନଙ୍କର ସୁବିଧା ପାଇଁ ଜିଲାର ସମସ୍ତ ବସ୍‌ଷ୍ଟାଣ୍ଡରେ ଥିବା ହୋଟେଲ ଓ ଅନ୍ୟ ଦୋକାନଗୁଡିକୁ ଖୋଲିବା ପାଇଁ ସଂଘ ଦାବି କରିଛି। ଲକ୍‌ଡାଉନ ପୂର୍ବରୁ ମଧ ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ହାତ ଧୋଇ ବସ୍‌ରେ ବସିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଂଘ ସମ୍ପାଦକ ପ୍ରଶାନ୍ତ ଶତପଥୀ, ଉପସଭାପତି ସୌମେନ୍ଦ୍ର ପରିଚ୍ଛା, କୋଷାଧ୍ୟକ୍ଷ ଶିବଶଙ୍କର ପଟେଲ, ସହ ସମ୍ପାଦକ ଲିଙ୍କୁନ ଆଚାର୍ଯ୍ୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାଟି ଅନ୍‌ଲୋଡ ବେଳେ ଟ୍ରାକ୍ଟର ଓଲଟିଲା, ଚାଳକ ମୃତ

**ପାଇକମାଲ,୨୯।୫ (ଡି.ଏନ.ଏ.)**

ମାଟି ଅନ୍‌ଲୋଡ୍ ବେଳେ ଟ୍ରାକ୍ଟର ଓଲଟି ପଡିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଇକମାଲ ପଞ୍ଚାୟତ ଖଣ୍ଡିଝରଣ ଗ୍ରାମର ରାଜେନ୍ଦ୍ର ସେଠ (୨୦)। ସେ ଝାରବନ୍ଧ ଥାନା ଡୁମୁରିପାଣିର ମୂଳ ବାସିନ୍ଦା। ରାଜେନ୍ଦ୍ର ଶୁକ୍ରବାର ପୂର୍ବାହ୍ନରେ ଟ୍ରାକ୍ଟରରେ ମାଟି ଆଣି ଅନ୍‌ଲୋଡ କରୁଥିଲେ । ଏହି ସମୟରେ ଟ୍ରାକ୍ଟର ଆଗ ଚକା ଦୁଇଟି ହଠାତ୍ ଉପରକୁ ଉଠି ଓଲଟିପଡିଥିଲା । ଫଳରେ ଟ୍ରାକ୍ଟର ତଳେ ରାଜେନ୍ଦ୍ର ଚାପିହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୮୬/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି।

# ଗ୍ରୀଷ୍ମପ୍ରବାହ ବେଳେ ଝାରସୁଗୁଡାରେ ବିଦ୍ୟୁତ୍ କାଟ୍

**ବିରୋଧ ପରେ ନିଷ୍ପତ୍ତି ବଦଳିଲା**

**ଝାରସୁଗୁଡ଼ା ଅଫିସ, ୨୯।୫**

ଝାରସୁଗୁଡ଼ା ବିଦ୍ୟୁତ୍ ବିଭାଗ ପକ୍ଷରୁ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ୩ ଦିନ ଧରି ମରାମତି କାମ ଦର୍ଶାଇ ସକାଳ ୮ରୁ ଦିନ ୧ଟା ପର୍ଯ୍ୟନ୍ତ ସହରର ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଥିଲା । ଏହାକୁ ଜିଲା ଓକିଲ ସଂଘ ଓ ସିଭିଲ ସୋସାଇଟି ବିରୋଧ କରିଛି । ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଝାରସୁଗୁଡ଼ାରେ ପାରଦ ୪୨ ଡିଗ୍ରୀ ଉପରେ ରହୁଛି । ଲକ୍‌ଡାଉନ୍ ଯୋଗୁ ଲୋକେ ଘରେ ରହିବାକୁ ବାଧ୍ୟ ହୋଇଛନ୍ତି । ବିଦ୍ୟୁତ୍ କାଟ୍ ହେଲେ ଲୋକେ ଗରମରେ ଛଟପଟ ହେବେ। ସେହିପରି ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ମଧ୍ୟ ପ୍ରବାସୀମାନେ ରହୁଛନ୍ତି । ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ଲିଖିତ ଭାବେ ଝାରସୁଗୁଡ଼ା ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଆଶିଷ ପଣ୍ଡାଙ୍କ ନିକଟରେ ତାପସ ରାୟଚୌଧୁରୀ, ରାମମୋହନ ରାଓ, ସତ୍ୟନାରାୟଣ ବହିଦାର, ଦିନେଶ ଜୈନ, ଦିନେଶ ଶର୍ମା ପ୍ରମୁଖ ଦାବି କରିଥିଲେ । ପରେ ବିଦ୍ୟୁତ୍ ବିଭାଗ ଏହି ନିଷ୍ପତ୍ତି ପରିବର୍ତ୍ତନ କରିଛି।

# ଝଡ଼ତୋଫାନରେ ଘର ଭାଙ୍ଗିଲା, ଫସଲ ନଷ୍ଟ

**ଜହ୍ନାପଙ୍କ,୨୯।୫ (ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ପଦ୍ମନପୁର, ମକୁନ୍ଦପୁର ଓ ତେଲିବନ୍ଧ ପଞ୍ଚାୟତରେ ଗୁରୁବାର ସନ୍ଧ୍ୟାରେ ଝଡତୋଫାନ ହୋଇ କ୍ଷୟକ୍ଷତି ଘଟିଛି । ବର୍ଷା ସହିତ କୁଆପଥର ମାଡ ହେବାରୁ ମକୁନ୍ଦପୁର ନୂଆଁସାହିର ରଞ୍ଜିତ ମେହେରଙ୍କ ୨ଟି ଆଜବେଷ୍ଟସ ଘର ସଂପୂର୍ଣ୍ଣ ଭାଙ୍ଗିଯାଇଛି। ସେହିପରି କାଶଲପୁର ଗ୍ରାମର ଜଗବନ୍ଧୁ କର୍ଣ୍ଣ, ପପୁ ମହାପାତ୍ର, ବିଶ୍ୱାମିତ୍ର ସିଂ, ଧବଳେଶ୍ୱର ନାଏକ, ଅବନ୍ତି ସିଂ, ସୁଦର୍ଶନ ପ୍ରଧାନ, ରାଜେନ୍ଦ୍ର ବାରିକ, ସୁଦର୍ଶନ ବାରିକ, ଶ୍ରୀହରି ବେହେରାଙ୍କ ଘରର ଆଜବେଷ୍ଟସ କୁଆପଥର ମାଡରେ କଣା ହୋଇଯାଇଛି। ଏହି ଗାଁର ପ୍ରାୟ ଅର୍ଦ୍ଧାଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ରାମପୁର, ଜହ୍ନାପଙ୍କ, ପୋଲାମ, ତାଳପଦରରେ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି।

# ସ୍ମାର୍ଟ ସିଟି କାର୍ଯ୍ୟ ମନ୍ଥର

**ରାଉରକେଲା**
- ୩୦୭ କୋଟିରୁ ଖର୍ଚ୍ଚ ହୋଇଛି ୪୯.୧୯କୋଟି
- ୧୮ ପ୍ରକଳ୍ପରୁ ୧୪ଟି କାମ ଆରମ୍ଭ ହୋଇଛି
- ଅସନ୍ତୋଷ ବ୍ୟକ୍ତ କଲେ ସୁନ୍ଦରଗଡ଼ ଏମ୍‌ପି

**ରାଉରକେଲା ଅଫିସ,୨୯।୫**

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ଅମଳରେ ଦେଶର ବିଭିନ୍ନ ସ୍ମାର୍ଟ ସିଟିର ଉନ୍ନୟନ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ହେଲେ ଷ୍ଟିଲ୍‌ସିଟି ରାଉରକେଲାରେ ସ୍ମାର୍ଟ ସିଟି କାମ ମନ୍ଥର ଗତିରେ ଚାଲିଛି । ଏହାକୁ ନେଇ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସେ କେନ୍ଦ୍ର ସହରାଞ୍ଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ନିକଟରେ ଫେରାଦ ହୋଇଥିଲେ। ଯାହାର ଉତ୍ତର ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ। ସେ ଦର୍ଶାଇଛନ୍ତି, ରାଉରକେଲାକୁ ଦିଆଯାଇଥିବା ୩୦୭କୋଟି ଟଙ୍କାର ଅନୁଦାନ ମଧ୍ୟରୁ ଆଜି ପର୍ଯ୍ୟନ୍ତ ମାତ୍ର ୪୯.୧୯କୋଟି ବିନିଯୋଗ ହୋଇପାରିଛି। ୧୪୨୨କୋଟି ଟଙ୍କାର ୧୮ଟି ପ୍ରକଳ୍ପ ମଧ୍ୟରୁ ମାତ୍ର ୧୪ଟି ଆରମ୍ଭ କରାଯାଇଛି। ତାହା ପୁଣି ଶେଷ ହେବାର ନାଁ ନେଉନି। ଏମିତି ଅବସ୍ଥାରେ କେନ୍ଦ୍ରମନ୍ତ୍ରୀଙ୍କୁ ଅଭିଯୋଗ ପରେ ସେ ବିଭାଗୀୟ ମିଶନ ନିର୍ଦ୍ଦେଶକଙ୍କୁ ଉନ୍ନୟନ କାମର ସମୀକ୍ଷା ତଥା ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଉରକେଲା ସ୍ମାର୍ଟ ସିଟି କାମକୁ କିଭଳି ତ୍ୱରାନ୍ୱିତ କରାଯାଇ ପାରିବ ସେ ଦିଗରେ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିବ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ଓରାମ ଗତ ନଭେମ୍ବରରେ ଲୋକ ସଭାରେ ପ୍ରଶ୍ନ ଉଠାଇଥିଲେ। ରାଉରକେଲା ସ୍ମାର୍ଟ ସିଟିର ବିକାଶ ଓ ମନ୍ଥରତା ନେଇ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁଦାନ ରାଶି କାହିଁକି ବିନିଯୋଗ ହୋଇପାରୁନି ଜାଣିବାକୁ ଚାହିଁଥିଲେ। କିଭଳି ରାଉରକେଲା ସହରର ବିକାଶ ଆଗେଇ ପାରିବ ସେ ନେଇ ସହଯୋଗ ଲୋଡିଥିଲେ ଓରାମ। ବିଳମ୍ବରେ ହେଲେ ବି ମନ୍ତ୍ରୀ ଏହାର ଲିଖିତ ଉତ୍ତର ଦେଇଛନ୍ତି।


ରାଉରକେଲାରେ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି ।

## ସଂକ୍ଷେପରେ

### ସହଯୋଗ ନ କରିବାକୁ ସରପଞ୍ଚଙ୍କ ଚେତାବନୀ

**ମୁରିବାହାଲ, ୨୯।୫ (ଡି.ଏନ.ଏ):** ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ଅନ୍ତର୍ଗତ ୨୨ଟି ପଞ୍ଚାୟତର ସରପଞ୍ଚଙ୍କୁ ମୁରିବାହାଲ ବ୍ଲକ୍ ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଛି। ଏଣୁ କୋଭିଡ-୧୯ ମୁକାବିଲାରେ କାର୍ଯ୍ୟ କରୁଥିବା ସରପଞ୍ଚମାନେ ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ଗୁଡିଘାଟ ସରପଞ୍ଚ ମିଥିଲ ମାଝିଙ୍କ ନେତୃତ୍ୱରେ ଅତିରିକ୍ତ ବିଡିଓ ନରେଶ ଚନ୍ଦ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ପୂରଣ ନ କଲେ କୋଭିଡ କାର୍ଯ୍ୟରୁ ଓହରି ଯିବେ ବୋଲି ଚେତାବନୀ ଦେଇଛି।

### ତଦନ୍ତ ସହ ମାମଲା ରୁଜୁ ହେଲା

**ବଡଗାଁ, ୨୯।୫ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ଯୁବକ ଓ ତାଙ୍କ ପରିବାର ଲୋକେ ୩ମାସ ହେଲା ପୀଡ଼ିତାଙ୍କ ପରିବାରକୁ ହଇରାଣ ହରକତ କରୁଛନ୍ତି। ପୁଣି ବଳାତ୍କାର, ହତ୍ୟା ଧମକ ଦେଉଛନ୍ତି। ଏଣୁ ଜୀବନ ପ୍ରତି ବିପଦ ଥିବାରୁ ନାବାଳିକା ଜଣକ ପରିବାର ସହ ଗାଁ ଛାଡି ଅନ୍ୟତ୍ର ରହୁଛନ୍ତି। ଏ ସମ୍ପର୍କରେ ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କୁ ନାବାଳିକାଙ୍କ ଘର ଲୋକେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ କିନ୍ତୁ ହାତବାନ୍ଧି ବସିଛି। ଏ ନେଇ ପୋଲିସ ଉଚ୍ଚ ଅଧିକାରୀଙ୍କୁ ବୁଧବାର ଇ-ମେଲ୍ ଦ୍ୱାରା ଅଭିଯୋଗ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡିଏସ୍‌ପି ସତ୍ୟବ୍ରତ ଦାସ ଗାଁକୁ ଯାଇ ତଦନ୍ତ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ମାମଲା ମଧ ରୁଜୁ କରିଛନ୍ତି। ନାବାଳିକାଙ୍କୁ କିପରି ସରକାରୀ ସହାୟତା ମିଳିପାରିବ ସେ ବ୍ୟବସ୍ଥା କରାଯିବ ବୋଲି ଡିଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଆଇଆଇସିଙ୍କୁ ମେ ୧୮ ତାରିଖରେ ଅଭିଯୋଗ କରାଯାଇଥିଲା। ହେଲେ ଅଭିଯୋଗପତ୍ର ନ ମିଳିବାରୁ ଡିଏସ୍‌ପି ଆଉ ଏକ ଅଭିଯୋଗପତ୍ର ମାଗିଥିଲେ। ଏଣୁ ଆଇଆଇସିଙ୍କ ଭୂମିକା ସନ୍ଦେହ ସୃଷ୍ଟି କରିଛି।

### ଫେରିଲେ ୧୦୧ ପ୍ରବାସୀ ଶ୍ରମିକ

**ଝାରସୁଗୁଡ଼ା ଅଫିସ, ୨୯।୫:** ସୁରଟ ଓ ଗୋଆରୁ ପ୍ରବାସୀ ଶ୍ରମିକଙ୍କୁ ନେଇ ଓଡ଼ିଶା ଆସିଥିବା ୨ଟି ଟ୍ରେନ୍‌ରେ ଗୁରୁବାର ଝାରସୁଗୁଡ଼ା ରେଳ ଷ୍ଟେଶନରେ ୧୦୧ ଜଣ ଶ୍ରମିକ ଓହ୍ଲାଇଛନ୍ତି । ଏହି ଶ୍ରମିକମାନେ ଝାରସୁଗୁଡ଼ା ଓ ପଡ଼ୋଶୀ ଜିଲାର ବାସିନ୍ଦା। ଜିଲା ପ୍ରଶାସନ ସେମାନଙ୍କୁ ବସ୍ ଯୋଗେ ତାଙ୍କ ଗ୍ରାମକୁ ପଠାଇବାର ବ୍ୟବସ୍ଥା କରିଛି। ଷ୍ଟେଶନରେ ଜିଲାପାଳ ଓ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ ।

### ବାପ, ଝିଅକୁ ଧକ୍କା ଦେଇ ପଳାଇଲା ଟ୍ରକ୍

**ଅତାବିରା, ୨୯।୫ (ଡି.ଏନ.ଏ):** ଗୋଡଭଗା-ଡୁ଼ରୁମ-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ସାଲନାରେ ଶୁକ୍ରବାର ସକାଳ ୭ଟାରେ ଏକ ଟ୍ରକ୍ ଗୋଟିଏ ଲୁନାକୁ ଧକ୍କା ଦେଇ ଖସି ପଳାଇଛି। ଏଥିରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କ ଝିଅ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଏହି ବ୍ୟକ୍ତି ଜଣକ ହେଲେ ବଲାଙ୍ଗୀର ଜିଲା ଟିକ୍ରାପଡାର ଧନେଶ୍ୱର ମେହେର (୫୦)।

# ପୁଣି ଗର୍ଜିଲେ ବିସ୍ଥାପିତ ଗ୍ରାମବାସୀ

**ରେଙ୍ଗାଲି, ୨୯।୫ (ଡି.ଏନ.ଏ)**


ବିସ୍ଥାପିତ ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି ।

- ତଲାବିରା ୨ ଓ ୩ କୋଇଲା ଖଣି ଦ୍ୱାରା ଲୋକେ ପ୍ରଭାବିତ
- ୫ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦେଲେ
- ଜୁନ ୧୦ ମଧରେ ଦାବି ପୂରଣ ନ ହେଲେ କମ୍ପାନୀର କାର୍ଯ୍ୟବନ୍ଦ କରିବାକୁ ଚେତାବନୀ

ଆମେ ବିସ୍ଥାପିତ । ଆମର କେହି ନାହାନ୍ତି। ସରକାରଙ୍କ ଆମେ ସାବତ ପୁଅ । କେଉଁ ଜନ୍ମରେ କି ପାପ କରିଥିଲୁ ଯେ ଏ ଜନ୍ମରେ ଆମେ ଖାଲି ବିସ୍ଥାପିତ ହେଉଛୁ। ଥରେ କି ଦୁଇ ଥର ନୁହେଁ ତିନି ଥର ଆମେ ବିସ୍ଥାପିତ ହେଲୁଣି। କିନ୍ତୁ କୌଣସି କ୍ଷତିପୂରଣ ପାଇନାହୁଁ । ଆଜି ଏପରି କହିଥିଲେ ତଲାବିରା ୨ ଓ ୩ କୋଇଲା ଖଣି ଦ୍ୱାରା ପ୍ରଭାବିତ ତଥା ବିସ୍ଥାପିତ ଗ୍ରାମବାସୀ। ରେଙ୍ଗାଲି ବ୍ଲକ ଖଣ୍ଡା ପଞ୍ଚାୟତ ତଲାବିରା ୨ ଓ ୩ କୋଇଲା ଖଣି ଦ୍ୱାରା ପ୍ରଭାବିତ ତଥା ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀ ଶୁକ୍ରବାର ୫ ଦଫା ଦାବି ନେଇ ସମ୍ବଲପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ତହସିଲଦାର ସୁନୀଲ ମେହେରଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

ଗତବର୍ଷ ଡିସେମ୍ବର ୫ ତାରିଖରେ ସମ୍ବଲପୁର ତପସ୍ୱିନୀ ଭବନଠାରେ ଜିଲାପାଳ, ଡିଆଇଜି, ଏସ୍‌ପିଙ୍କ ଉପସ୍ଥିତିରେ ଏନଏଲସି କମ୍ପାନୀ ଏବଂ ଗ୍ରାମବାସୀଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଗୁଡିକ ମଧ୍ୟରୁ କୌଣସିଟି ହେଲେ ପୂରଣ ହୋଇନାହିଁ। ଏବେ କମ୍ପାନୀ କୋଇଲା ଖନନ କାର୍ଯ୍ୟ ଆରମ୍ଭ କରିସାରିଲାଣି । ହେଲେ ଏପର୍ଯ୍ୟନ୍ତ ବିସ୍ଥାପିତଙ୍କ ତାଲିକା ପ୍ରକାଶ ପାଇନାହିଁ କି କେତେ ଘର, ଗଛ କ୍ଷତିଗ୍ରସ୍ତ ହେବ ତାର ସଠିକ୍ ଆକଳ କରି କ୍ଷତିପୂରଣ ଦିଆଯାଇନାହିଁ । ଯେଉଁ ପରିବାର କମ୍ପାନୀଠାରୁ କ୍ଷତିପୂରଣ ନେଇଛନ୍ତି ସେମାନଙ୍କୁ କମ୍ପାନୀ ପ୍ରତି ମାସରେ ୩୫୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ କାହାକୁ କମ୍ପାନୀ ଟଙ୍କାଟିଏ ମଧ ଦେଇନାହିଁ। ପିଢ଼ି ପିଢ଼ି ଧରି ଜଙ୍ଗଲ ଜମି ବସ୍ତି କିସମ ଜମିରେ ବସବାସ କରୁଥିବା ଗ୍ରାମବାସୀ ତଥା ହୀରାକୁଦ ନଦୀବନ୍ଧରୁ ବିସ୍ଥାପିତ ହୋଇଥିବା ପରିବାର ସରକାରୀ ଜମିରେ ରହୁଛନ୍ତି। ସେମାନଙ୍କ ତାଲିକା ରେଙ୍ଗାଲି ତହସିଲଦାର କମ୍ପାନୀକୁ ଦେଇଥିଲେ ମଧ କମ୍ପାନୀ ସେମାନଙ୍କୁ କିପରି ବିସ୍ଥାପିତ କରାଯିବ ତାହା ସ୍ପଷ୍ଟ କରିନାହିଁ । ଯେଉଁ ପ୍ରଜା ମାନେ ନିଜର ଜମି କିସମ ପରିବର୍ତ୍ତନ କରିଛନ୍ତି ସେମାନଙ୍କୁ କମ୍ପାନୀ ଚାଲାକି କରି ପୁରୁଣା କିସମରେ କ୍ଷତିପୂରଣ ଦେବାକୁ କହୁଛି । ଖଣ୍ଡା ପଞ୍ଚାୟତର ଭଗତ ଭୋଇ, ଭୂବନ ପଧାନ, ଗୁଣ ବୁଦ୍ଧିଆ, ବାବୁଲୁ ରାଉତ, ଟିଙ୍କୁ ଶତପଥି, ମନବୋଧ ବିଶ୍ୱାଳ, ପଦ୍ମ ରାଉତ, ଗୋପାଳ ପୁରୋହିତ, ବାସୁଦେବ ବୁଦ୍ଧିଆ, ସୁବଳ ପଧାନ, ଭୀମ ପଧାନ ପ୍ରମୁଖ ଏପରି ୫ ଦଫା ସମ୍ବଳିତ ଦାବିପତ୍ର ତହସିଲଦାରଙ୍କୁ ଦେଇଥିଲେ। ଆଗାମୀ ଜୁନ ୧୦ ତାରିଖ ମଧରେ ଦାବି ଗୁଡିକ ପୂରଣ ନ ହେଲେ ଗ୍ରାମବାସୀ କମ୍ପାନୀର ଖନନ କାର୍ଯ୍ୟ ବନ୍ଦ କରିବାକୁ ବାଧ ହେବେ। ଗ୍ରାମବାସୀ କମ୍ପାନୀ ଓ ପ୍ରଶାସନର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଏଥିରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ କମ୍ପାନୀ ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ୱାଗନରୁ ୭୦ ବସ୍ତା ସାର ଚୋରି

**ବଲାଙ୍ଗୀର ଅଫିସ, ୨୯।୫**

**ଠିକାଦାର-ଆରପିଏଫ୍ ପରସ୍ପର ବିରୋଧରେ ଦୋଷ ଲଦାଲଦି**

ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ମାଲ୍‌ବାହୀ ଟ୍ରେନ୍‌ରୁ ସାର ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଉଭୟ ସାର ଯୋଗାଣକାରୀ ଠିକାଦାର ଓ ରେଳ ସୁରକ୍ଷା ବଳ ପରସ୍ପର ବିରୋଧରେ ଏହାକୁ ନେଇ ଦୋଷାରୋପ କରିଛନ୍ତି। ବିଶାଖାପାଟଣାରୁ ଇଣ୍ଡିଆନ୍ ପଟାସ ଲିମିଟେଡ୍‌ର ଏହି ସାର ଗୁରୁବାର ମଧରାତିରେ ଆସି ଏଠାରେ ପହଞ୍ଚିଛି। ଶୁକ୍ରବାର ସକାଳେ ୭୦ ବସ୍ତାରୁ ଊର୍ଦ୍ଧ୍ୱ ସାର ଚୋରି ହୋଇଯାଇଥିବା ଠିକାଦାର ସୁବାସଚନ୍ଦ୍ର ପୃଷ୍ଟି ଆରପିଏଫ୍ ଥାନାରେ ଅଭିଯୋଗ କରିଛନ୍ତି। ଏହି ଚୋରିରେ ସେ ଆରପିଏଫ୍ କର୍ମଚାରୀଙ୍କ ହାତ ଥିବା ସନ୍ଦେହ କରିଛନ୍ତି। ସାର ଭର୍ତ୍ତି ୱାଗନ୍‌ର ସୁରକ୍ଷା ଦାୟିତ୍ୱରେ ଆରପିଏଫ୍ କର୍ମଚାରୀ ଥିବାବେଳେ ଷ୍ଟେଶନ୍‌ରୁ କିଭଳି ଚୋରି ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏଠାରୁ ପୂର୍ବରୁ ମଧ ଏଭଳି ଭାବେ ୧୫ରୁ ଅଧିକ ଥର ଚୋରି ହୋଇଥିବା ସେ ଗଣମାଧ୍ୟମକୁ କହିଛନ୍ତି। ସାର କମ୍ପାନୀ ଠିକାଦାରଙ୍କ ଏଭଳି ଅଭିଯୋଗକୁ ଆରପିଏଫ୍ ପୋଲିସ କର୍ମଚାରୀ କିନ୍ତୁ ଖଣ୍ଡନ କରିଛନ୍ତି। ହେଡ୍ କନଷ୍ଟେବଳ ଗୋକୁଳ ଚନ୍ଦ୍ର ଜୟପୁରିଆ କହିଛନ୍ତି ଯେ, ଆରପିଏଫ୍ କର୍ମଚାରୀ ଏଠାରେ ଠିକ୍‌ଠାକ୍ ଡ୍ୟୁଟି କରିଛନ୍ତି। ଏଠାରୁ ଚୋରି ହୋଇନାହିଁ। ସାର କମ୍ପାନୀ ଠିକାଦାର ୱାଗନ୍ ସିଲ୍‌କୁ ପୋଲିସଙ୍କ ଉପସ୍ଥିତିରେ ଖୋଲିବା କଥା, ମାତ୍ର ଏ ନେଇ ସେମାନଙ୍କୁ କୁହାଯାଇଥିଲେ ମଧ ସେମାନେ ସିଲ୍ ଖୋଲି ଦେଇଥିଲେ। ଫଳରେ ୱାଗନ୍‌ରେ ସେଠାରୁ ବାସ୍ତବରେ କେତେ ବସ୍ତା ସାର ଆସିଥିଲା ତାହା ଏବେ ପ୍ରଶ୍ନ ସୃଷ୍ଟି କରିଛି। ସାର ଯୋଗାଣ କମ୍ପାନୀ କର୍ମଚାରୀମାନେ ଏଠାକୁ କମ୍ ପରିମାଣର ସାର ଆଣି ପୋଲିସ ଉପରେ ଦୋଷାରୋପ କରୁଛନ୍ତି ବୋଲି ଜୟପୁରିଆ ଗଣମାଧ୍ୟମକୁ କହିଛନ୍ତି। ଅଧିକ ତଦନ୍ତ ହେଲେ ସବୁ ତଥ୍ୟ ଜଣାପଡିବ ବୋଲି ସେ ମଧ ଦାବି କରିଛନ୍ତି।


ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ଲାଗିଥିବା ସାର ବୋଝେଇ ୱାଗନ।

## ମହିଳାଙ୍କୁ କଚାଡ଼ି ମାରିଲା ହାତୀ, ଲୋକେ ତାତିଲେ

**ନାକଟିଦେଉଳ, ୨୯।୫ (ଡି.ଏନ.ଏ.)**


ଗ୍ରାମବାସୀ ଓ ପୋଲିସ ଏବଂ ବନ ବିଭାଗ ଅଧିକାରୀଙ୍କ ମଧରେ ଆଲୋଚନା ଚାଲିଛି।

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅଧୀନ ହିତସରା ଗାଁରେ ଶୁକ୍ରବାର ସକାଳ ୬ଟାରେ ଜଣେ ମହିଳାଙ୍କୁ ହାତୀ କଚାଡି ମାରି ଦେଇଛି। ଏହି ମହିଳା ଜଣଙ୍କ ହେଲେ ହିତସରା ଗାଁର ମିତ୍ରଭାନୁ ଦେହୁରୀଙ୍କ ସ୍ତ୍ରୀ ପ୍ରମିଳା ଦେହୁରୀ (୫୫)। ପୋଲିସ ପ୍ରମିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇବା ସହ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ପ୍ରମିଳା ନିଜ ଘର ଠାରୁ ପ୍ରାୟ ଦେଢ କି.ମି. ଦୂର ଗଙ୍ଗାମୁଣ୍ଡାଠାରେ ଥିବା ନିଜର ଧାନବିଲକୁ ଯାଉଥିଲେ। ଏହି ସମୟରେ ସେ ଏକ ଦନ୍ତାହାତୀ ସହ ମୁହାଁମୁହିଁ ହୋଇଥିଲେ । ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ନେଇ ତଳେ କଚାଡ଼ି ଦେବା ସହ କିଛି ଦୂରକୁ ଘୋଷାଡ଼ି ନେଇଥିଲା । ଫଳରେ ଘଟଣା ସ୍ଥଳରେ ପ୍ରମିଳାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ନାକଟୀଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା, ବନାଞ୍ଚଳାଧିକାରୀ ଅଶ୍ୱିନୀ କୁମାର ବେହେରା ଏବଂ ଫରେଷ୍ଟର ସୌମ୍ୟରଞ୍ଜନ ଖିଲାରୀ ପ୍ରମୁଖ ସଦଳବଳ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ତେବେ ଏହି ସମୟରେ ଗ୍ରାମବାସୀ ସେଠାରେ ଏକତ୍ରିତ ହୋଇ ପାଟିତୁଣ୍ଡ କରିଥିଲେ। ଗାଁରେ ନିୟୋଜିତ ଫରେଷ୍ଟ ୱାଚରମାନେ ଠିକ୍ ଭାବେ କାର୍ଯ୍ୟ ନିର୍ବାହ କରୁ ନାହାନ୍ତି। ଏଣୁ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ, ହାତୀ ଉପଦ୍ରବରୁ ରକ୍ଷା ପାଇଁ ଗ୍ରାମର ଜଙ୍ଗଲ ସୀମାରେ ଚାରିପାଖେ ଟ୍ରେଞ୍ଚ ଖୋଳାଯାଉ, ହାତୀ ଗତିବିଧି ଉପରେ ନଜର ରଖିବାକୁ ସେହି ସ୍ଥାନରେ ଏକ ୱାଚ ଟାୱାର ନିର୍ମାଣ କରାଯାଉ ଓ ମୃତକଙ୍କ ପରିବାର ବର୍ଗଙ୍କୁ ଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯାଉ ବୋଲି ଦାବି କରିଥିଲେ। ଉପସ୍ଥିତ ପୋଲିସ ଓ ବନବିଭାଗ ଅଧିକାରୀମାନେ ଉତ୍ତେଜିତ ଗ୍ରାମବାସୀଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଏହି ଦାବିଗୁଡ଼ିକ ପୂରଣ କରିବାକୁ ରେଞ୍ଜ ଅଫିସର ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ଗତ ୨୩ ତାରିଖ ବାଟଗାଁ ପଞ୍ଚାୟତ ଅନ୍ତର୍ଗତ ବେଠିଆବେର୍ଣ୍ଣୀ ଗ୍ରାମର ଦଇମତୀ ଦେହୁରୀ ନାମ୍ନୀ ଜଣେ ମହିଳାଙ୍କ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା।

## ସେଲୁନ ଖୋଲିଲା, ବିଉଟି ପାର୍ଲର ପାଇଁ ଅନୁମତି ମିଳୁ

**ଝାରସୁଗୁଡ଼ା ଅଫିସ, ୨୯।୫**

ଓଡ଼ିଶା ବିଉଟି ପାର୍ଲର ଆସୋସିଏଶନ୍ ଝାରସୁଗୁଡ଼ା ଜିଲା ଶାଖା ପକ୍ଷରୁ ସହରର ସମସ୍ତ ବିଉଟି ପାର୍ଲର ଖୋଲିବାକୁ ଗୁରୁବାର ଦାବି କରାଯାଇଛି। ସଂଘର ସଭାନେତ୍ରୀ ବିମଳା ରୋଚବାନି ଓ ସମ୍ପାଦିକା ମମତା ପଟ୍ଟଆଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। କରୋନା କଟକଣା ତଥା ଲକ୍‌ଡାଉନ ଯୋଗୁ ସହରର ସମସ୍ତ ବିଉଟି ପାର୍ଲର ବନ୍ଦ ରହିଛି । ଏଥିଯୋଗୁ ସେମାନଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡିଛି । ଦୋକାନ ଘର ମାଲିକଙ୍କୁ ଭଡା ଦେବାକୁ ପଡୁଛି। ଇତିମଧ୍ୟରେ ସରକାର ସେଲୁନ ଖୋଲିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଉଟି ପାର୍ଲର ଖୋଲିବାକୁ ଅନୁମତି ପ୍ରଦାନ କରାଯାଉ। ସରକାରଙ୍କ ସମସ୍ତ କଟକଣା ଆମେ ମାନିବାକୁ ପ୍ରସ୍ତୁତ । ସେଥିପାଇଁ ବିଉଟି ପାର୍ଲର ଖୋଲିବାକୁ ଅନୁମତି ଦିଆଯାଉ ବୋଲି ସଂଘ ଦାବି କରିଛି ।

## ବିନା ଏନ୍‌ଓସିରେ ଆଡମିଶନ

### ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲା ଶିକ୍ଷା ଅଧିକାରୀ

**ଝାରସୁଗୁଡ଼ା ଅଫିସ,୨୯।୫**

ଝାରସୁଗୁଡ଼ା ଜିଲାରେ ଥିବା ବହୁ ଘରୋଇ ସ୍କୁଲର ଏନଓସି ନାହିଁ । ହେଲେ ସେହି ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ବହୁ ଲୋଭନୀୟ କଥା କହି ଛାତ୍ରୀଛାତ୍ରଙ୍କ ଆଡମିଶନ କରି ମୋଟା ଅଙ୍କର ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହୋଇଛି । ସେହିଭଳି ବରଗଡ଼ ଜିଲାରେ ମୁଖ୍ୟାଳୟ ଥିବା ଏକ ନର୍ଦ୍ଦିଷ୍ଟ ଇଂଲିଶ ମିଡିୟମ ସ୍କୁଲର ଶାଖା ଝାରସୁଗୁଡ଼ା ସହର ପୁରନା ଅଞ୍ଚଳରେ ଖୋଲିବାକୁ ଯୋଜନା କରିଛି। ସହରରେ ଉକ୍ତ ସ୍କୁଲ ପାଇଁ କୋଠା ନିର୍ମାଣ ହୋଇନାହିଁ। ଏଣେ ଆଡମିଶନ ପାଇଁ ଜିଲା ଶିକ୍ଷା ବିଭାଗ ଏନଓସି ଦେଇନାହିଁ। ଏହାପରେ ବି ଏହି ସ୍କୁଲ କର୍ତ୍ତୃପକ୍ଷ ସହରର ବହୁ ଅଭିଭାବକଙ୍କୁ ସିଧାସଳଖ ଯୋଗାଯୋଗ କରି ନର୍ସରିରୁ ଷ୍ଟାଣ୍ଡାର୍ଡ ୭ ଯାଏ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଆଡମିଶନ କରିଛି। ମାର୍ଚ୍ଚ ସୁଦ୍ଧା ବିଦ୍ୟାଳୟ କୋଠା ନିର୍ମାଣ ଆରମ୍ଭ ହେବ ଏହା ପରେ ପାଠ ପଢ଼ା ଆରମ୍ଭ କରାଯିବ ବୋଲି ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକମାନଙ୍କୁ କହିଥିଲେ। ହେଲେ ଏଯାଏ କୋଠା ନିର୍ମାଣ କାମ ଶେଷ ହୋଇନାହିଁ। ତଥାପି ଆଡ୍‌ମିଶନ କରିଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ମାସିକ ଫି' ପୈଠ କରିବାକୁ ବିଦ୍ୟାଳୟ ପକ୍ଷରୁ କୁହାଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ସେହି ଫି' ସ୍କୁଲ ଜମାଖାତା ବଦଳରେ କର୍ମଚାରୀଙ୍କ ବ୍ୟକ୍ତିଗତ ଆକାଉଣ୍ଟରେ ଜମା କରିବାକୁ କୁହାଯାଉଛି। ଏନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲା ଶିକ୍ଷା ଅଧିକାରିଣୀ କଳ୍ପନା ପଣ୍ଡା ଏହି ଘଟଣା ସମ୍ପର୍କରେ ଅବଗତ ଥିବା କହିଛନ୍ତି। ଝାରସୁଗୁଡ଼ା ବିଇଓଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିବା ସେ ସ୍ପଷ୍ଟ କରିଛନ୍ତି ।

## ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**ବୌଦ୍ଧ,୨୯।୫ (ସ୍ୱ.ପ୍ର.)**

ଶ୍ରମିକ ସଂଘ ପଞ୍ଜୀକରଣ କରିବା ଦାବିରେ ସଂଘର କର୍ମକର୍ତ୍ତାମାନେ ଶୁକ୍ରବାର ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ରାଇକା ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ମା' ଭୈରବୀ ବସ୍ କର୍ମଚାରୀ ସଂଘ ନାଁରେ ଏକ ଶ୍ରମିକ ସଂଗଠନ ଗଠନ ହୋଇଥିଲେ ମଧ୍ୟ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ପଞ୍ଜୀକରଣ କରାଯିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି । ଏହାର ପ୍ରତିବାଦରେ ସଂଗଠନର ସଭାପତି ଅବକାଶ ସାହୁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏନେଇ ଜିଲା ଶ୍ରମ ଅଧିକାରୀ ରାଇକାଙ୍କୁ ପଚାରିବାରେ ସେମାନେ ଯଦି ୧୦୦ ଟଙ୍କା ଲେଖାଏଁ ଦାଖଲ କରିବେ ,ତେବେ ସରକାରଙ୍କ ଶ୍ରମ ଆଇନ ଅନୁଯାୟୀ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ ।

## ଚାଲି ଚାଲି ଫେରୁଥିବା ଦୁଇ ଶ୍ରମିକ ପରିବାର ଉଦ୍ଧାର

**ବୌଦ୍ଧ,୨୯।୫(ସ୍ୱ.ପ୍ର.)**

ଶୁକ୍ରବାର ବୌଦ୍ଧ ଜିଲାରେ ପୁଣି ୧୩୦ ଜଣ ପ୍ରବାସୀ ଶ୍ରମିକ ପହଞ୍ଚିଥିବା ଜଣାଯାଇଛି। ଫଳରେ ଜିଲାକୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୨୭୬୧ରେ ପହଞ୍ଚିଛି । ସେହିପରି ଅନୁଗୋଳ ଜିଲାର ଦୁଇ ଶ୍ରମିକ ପରିବାରର ୭ ଜଣ ଚାଲି ଚାଲି ଘରକୁ ଫେରୁଥିବା ବେଳେ ଜିଲା ଯୁବ ରେଡକ୍ରସ ପକ୍ଷରୁ ସେମାନଙ୍କୁ ବୌଦ୍ଧ ଟାଉନ ନିକଟରୁ ଉଦ୍ଧାର କରାଯାଇ ଗାଡି ଯୋଗେ ନିଜ ଘରକୁ ପଠାଇ ଦିଆଯାଇଛି । ଏହାଛଡା ଏହାମଧ୍ୟରେ ସମୁଦାୟ ୬୧୩ ଜଣ ଶ୍ରମିକଙ୍କୁ ସ୍ୱତନ୍ତ୍ର ଗାଡିରେ ସେମାନଙ୍କ ନିଜ ରାଜ୍ୟକୁ ପଠାଇ ଦିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ୧୦୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ ହୋଇ ରହିଥିବା ବେଳେ ବର୍ତ୍ତମାନ ୫୩ କେନ୍ଦ୍ରରେ ପ୍ରବାସୀ ଶ୍ରମିକମାନଙ୍କୁ ରଖାଯାଇଛି। କନ୍ଧମାଳ ବ୍ଲକରେ ସର୍ବାଧିକ ୧୯ଟି କେନ୍ଦ୍ରରେ ୬୭୧ ଜଣ,ହରଭଙ୍ଗାରେ ୧୩ କେନ୍ଦ୍ରରେ ୫୧୪ ଜଣ ,ବୌଦ୍ଧ ବ୍ଲକରେ ୨୦ କେନ୍ଦ୍ରରେ ୬୪୭ ଜଣ ଓ ବୌଦ୍ଧ ଏନଏସିରେ ଗୋଟିଏ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୨ ଜଣ ଶ୍ରମିକଙ୍କୁ ରଖାଯାଇଛି । କ୍ୱାରାଣ୍ଟାଇନ ଅବଧି ପୂରଣ ହେବା ପରେ ୮୭୨ ଜଣ ଶ୍ରମିକ ଘରକୁ ଫେରିଥିବା ଜଣାଯାଇଛି। ସେହିପରି ୮୮୯ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ଆଉ ୬୯ ଜଣଙ୍କ ରିପୋର୍ଟ ଆସିବାକୁ ବାକି ରହିଛି।

## ମେଡିକାଲରୁ ରୋଗୀଙ୍କୁ ଫେରାଇ ଦିଆଗଲା

**ବଲାଙ୍ଗୀର ଅଫିସ/ପାଟଣାଗଡ, ୨୯।୫ (ଡି.ଏନ୍.ଏ.)**


ପାଟଣାଗଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସାଧନୀ ।

ରାଜ୍ୟ ସରକାର ଓ ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଜଣେ ପ୍ରବାସୀ ବାଳିକାଙ୍କୁ ଚିକିତ୍ସା ସେବା ଯୋଗାଇବାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ବାଳିକାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ପାଇଁ କର୍ତ୍ତୃପକ୍ଷ ମନା କରିଦେଇଥିଲେ । ଫଳରେ ବାଳିକା ଜଣକ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଫେରିଥିଲେ ।ଜ ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଶୁକ୍ରବାର ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ୍ ସାଲେପାଲି ଗ୍ରାମର ହନୁ ମାଝି, ତାଙ୍କ ସ୍ତ୍ରୀ କଳାମତୀ ଓ ଝିଅ ସାଧନୀ (୧୪) ଇଟା ଗଢ଼ିବା ପାଇଁ ତେଲେଙ୍ଗାନା ଯାଇଥିଲେ । ଲକ୍‌ଡାଉନ୍ ଯୋଗୁ ସେଠାରେ ଫସି ରହିଥିଲେ । ଗତ ସୋମବାର ତେଲେଙ୍ଗାନାର ମେହବୁବନଗରରୁ ଏହି ଦାଦନ ଶ୍ରମିକ ପରିବାର ବଲାଙ୍ଗୀରକୁ ଫେରିବା ପରେ ଲରମ୍ବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ । ହେଲେ ଝିଅ ସାଧନୀ ଗୁରୁବାର ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ନିକଟସ୍ଥ ଘସିଏନ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସାଧନୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେ ଜଣ୍ଡିସରେ ପୀଡିତ ଥିବା ଦର୍ଶାଇ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେବାକୁ ପରାମର୍ଶ ଦେଇଥିଲେ । ସାଧନୀଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା । ହେଲେ ସେ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଆସିଥିବା ଜାଣି ଡାକ୍ତର ତାଙ୍କୁ ଚିକିତ୍ସା କରିବେ ନାହିଁ କହି ସେଠାରୁ ଫେରାଇ ଦିଆଯାଇଥିଲା। ଚିକିତ୍ସା ନ ପାଇ ସାଧନୀ ଶୁକ୍ରବାର ଅପରାହ୍ଣରେ ଗୁରୁତର ହେବାରୁ ତାଙ୍କୁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା । ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ତାଙ୍କ ଝିଅକୁ ଚିକିତ୍ସା ନ କରି ଫେରାଇ ଦେବାରୁ ତାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିବା ହନୁ ଅଭିଯୋଗ କରିଛନ୍ତି । ଝିଅକୁ ମେଡିକାଲ ସୁବିଧା ଯୋଗାଇବାକୁ ସେ ଗୁହାରୀ କରିଛନ୍ତି । ଏନେଇ ମେଡିକାଲ କଲେଜ ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ଡା.ମହେନ୍ଦ୍ର ନାୟକଙ୍କୁ ପଚରାଯିବାରୁ କୌଣସି ରୋଗୀଙ୍କୁ ଚିକିତ୍ସା ନ କରି ଫେରାଇ ଦିଆଯାଇଥିବା ସୂଚନା ତାଙ୍କ ପାଖରେ ନାହିଁ ବୋଲି ସେ କହିଛନ୍ତି।

## ଚାଉଳ ପରେ ଖାଉଟିଙ୍କ କିରୋସିନ ଲୁଟ୍

**ବଲାଙ୍ଗୀର ଅଫିସ, ୨୯।୫**


କିରୋସିନ ବିକ୍ରି ଓ ଲୁଟ୍ ଅଭିଯୋଗ ନେଇ ଖାଉଟି ଜିଲା ଯୋଗାଣ କାର୍ଯ୍ୟାଳୟକୁ ଆସିଛନ୍ତି ।

- ୨ ଲିଟର ବଦଳରେ ଦେଉଥିଲେ ଦେଢ଼ ଲିଟର
- ଲିଟର ପିଛା ନେଉଥିଲେ ୩୫ ଟଙ୍କା
- କିରୋସିନ ଡିଲରଙ୍କ ବିରୋଧରେ ଆଣିଲେ ଅଭିଯୋଗ

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମହୀମୁଣ୍ଡା ଗ୍ରାମପଞ୍ଚାୟତରେ ପିଡିଏସ୍ ହିତାଧିକାରୀଙ୍କ ଚାଉଳ ଆତ୍ମସାତ୍ ଘଟଣାର ପର୍ଦ୍ଦାଫାଶ ହେବା ପରେ ଏବେ ଖାଉଟିଙ୍କ କିରୋସିନ ଚଢ଼ା ଦରରେ ବିକ୍ରି ଓ ଆତ୍ମସାତ୍ ଅଭିଯୋଗ ହୋଇଛି। ଗାଁର ୱାର୍ଡମେମ୍ବର ରାତୃ ମେଶ୍ରା, ଖାଉଟି ଶରତ ବିଶ୍ୱାଳ, ମଞ୍ଜୁଳା ନାଏକ, ସନ୍ଧ୍ୟାରାଣୀ ନାଗ, କୁନ୍ତି ସୁନା ପ୍ରମୁଖ ଶୁକ୍ରବାର ଜିଲା ଯୋଗାଣ କାର୍ଯ୍ୟାଳୟକୁ ଆସି ଏ ନେଇ ବିଧିବଦ୍ଧ ଅଭିଯୋଗ କରିଛନ୍ତି । ଅଭିଯୋଗ ମିଳିବା ପରେ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଅଧିକାରୀ ଜଣାଇଛନ୍ତି।

ମହୀମୁଣ୍ଡା ଗ୍ରାମପଞ୍ଚାୟତରେ କରୋନା ମହାମାରୀ ପରେ ପିଡିଏସ୍ ଚାଉଳ ଆତ୍ମସାତ୍ ଘଟଣା ଜଣାପଡିଥିଲା। ଖୋଦ ସରପଞ୍ଚ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ଯୋଗାଣ ସହାୟକଙ୍କ ଭୂମିକାକୁ ନେଇ ସନ୍ଦେହ କରାଯାଇଥିଲା। ସରପଞ୍ଚଙ୍କ ଅଭିଯୋଗ ପରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଘଟଣାର ତଦନ୍ତ କରିବାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚାଉଳ ଦୁର୍ନୀତି ହୋଇଥିବା ଜଣାପଡିଥିଲା। ଏହି ଘଟଣାରେ ପଞ୍ଚାୟତର ଯୋଗାଣ ସହାୟକଙ୍କୁ ଚାକିରିରୁ ବହିଷ୍କୃତ କରାଯିବା ପରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ପ୍ରଧାନଙ୍କ ଏକ ମାସର ଦରମା ବନ୍ଦ କରାଯାଇଥିଲା। ଏହାସହିତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଡ୍ରାଫ୍ଟଚାର୍ଜ ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ଏହି ଗାଁର ଖାଉଟିମାନଙ୍କୁ ସେଠାକାର କିରୋସିନ ଡିଲର ଲୁଟ୍ କରୁଥିବା ଅଭିଯୋଗ ହୋଇଛି। ଖାଉଟିଙ୍କୁ ୨ ଲିଟର କିରୋସିନ ବଦଳରେ ଡିଲର ଜଣକ ଦେଢ଼ ଲିଟର ଲେଖାଏ ବଣ୍ଟନ କରିଥିବା ଉକ୍ତ ପଡି ବିତରଣ ପୁସ୍ତିକାରେ ଲେଖାଯାଇଛି । ପଡି ପୁସ୍ତିକାରେ ଲିଟର ପ୍ରତି ମୂଲ୍ୟ କେତେ ତାହା ଲେଖାଯାଇନାହିଁ । ଖାଉଟିଙ୍କ ଅଭିଯୋଗ ହେଲା ଯେ, କିରୋସିନ ଲିଟର ପ୍ରତି ସରକାରୀ ମୂଲ୍ୟ ୧୫ ଟଙ୍କା ଥିବାବେଳେ ଡିଲର ଜଣକ ଖାଉଟିଙ୍କ ଠାରୁ ୩୫ ଟଙ୍କା ନେଉଥିଲେ। ପଞ୍ଚାୟତରେ କିଛିଦିନ ତଳେ ଚାଉଳ ଦୁର୍ନୀତି ପଦାକୁ ଆସିବା ପରେ ଖାଉଟିଙ୍କୁ ଇଲେକ୍ଟ୍ରୋନିକ୍ସ ବିଲ୍ ଦିଆଯାଇଥିଲା। ଏହାପରେ ଏହି ଦୁର୍ନୀତି ଧରାପଡିଥିବା ଜଣାପଡିଛି । ଜିଲା ଯୋଗାଣ ଅଧିକାରୀଙ୍କୁ ଏ ନେଇ ଅଭିଯୋଗ କରିବା ପରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଏସିଏସ୍‌ଓ ବୀରକିଶୋର ମାରାଣ୍ଡି କହିଛନ୍ତି ।

**୨୭ ପ୍ରବାସୀ ସଙ୍ଗରୋଧରେ**

ବଇଣ୍ଡା,୨୯।୫(ଡି.ଏନ.ଏ.)- ତାମିଲନାଡୁରୁ ବସ୍ ଯୋଗେ କିଶୋରନଗର ବ୍ଲକ ଅଞ୍ଚଳକୁ ଶୁକ୍ରବାର ଫେରିଥିବା ୨୭ ପ୍ରବାସୀ ଶ୍ରମିକଙ୍କୁ ପ୍ରଶାସନ ପକ୍ଷରୁ କଟରଙ୍ଗା ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ସେଠାରେ ରହିବା କିମ୍ବା ଖାଇବାରେ ଯେପରି କିଛି ଅସୁବିଧା ନ ହୁଏ ସେଥିପାଇଁ ସମସ୍ତ ସାମଗ୍ରୀ ପ୍ରଦାନ କରାଯାଇଛି। କିଛି ଦିନ ପରେ ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ପଠାଯିବ ବୋଲି ସରପଞ୍ଚ ପ୍ରିୟବ୍ରତ ପଲେଇ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୩ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ୟୁନିଟ୍ ଲୋକାର୍ପିତ



**ଢେଙ୍କାନାଳ ଅଫିସ, ୨୯।୫:** ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ୩ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଲୋକାର୍ପିତ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହି ଲୋକାର୍ପଣ କରିଥିଲେ। ଏଥିସହ ନୂତନ ମର୍ଚ୍ଚୁରି କାର୍ଯ୍ୟକ୍ଷମ ହୋଇଛି। ଜିଲାପାଳଙ୍କ ଦ୍ୱାରା ମଞ୍ଜୁର ୧୨ ଲକ୍ଷ ଟଙ୍କା ବ୍ୟୟରେ ଏହି ଟ୍ରମା କେୟାର ସେଣ୍ଟର ପ୍ରସ୍ତୁତ ହୋଇଛି। ଏଥିରେ ଇସିଜି, ଅକ୍ସିଜେନ୍, ବ୍ଲଡ୍‌ପ୍ରେସର କଣ୍ଟ୍ରୋଲ ମେଶିନ ଉପଲବ୍ଧ। ଦୁର୍ଘଟଣା ସମେତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଗୁରୁତର ରୋଗୀଙ୍କୁ ଉନ୍ନତମାନର ସେବା ଯୋଗାଇବାରେ ଏହା ସହାୟକ ହେବ ବୋଲି ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

### ପାଉଁଶ ଉଡ଼ିବାରୁ କର୍ମଚାରୀଙ୍କୁ ମାଡ଼

**ବଅଁରପାଳ, ୨୯।୫(ଡି.ଏନ.ଏ.):** ନାଲ୍‌କୋ ଆଶ୍‌ପଣ୍ଡରୁ ଗୁରୁବାର ପାଉଁଶଗୁଣ୍ଡ ଉଡିବାକୁ ନେଇ କୁକୁଡାଙ୍ଗ ଓ କୁରୁଡୁଲ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇପଡ଼ିଛନ୍ତି। ସେମାନେ ଆଶ୍‌ପଣ୍ଡ ସମ୍ମୁଖରେ ଆନ୍ଦୋଳନ କରିବା ସହ ନାଲ୍‌କୋର ନିଷିଦ୍ଧାଞ୍ଚଳ ପଲ୍ୟୁଶନ କଣ୍ଟ୍ରୋଲ ୟୁନିଟ୍ ପରିସରରେ ପଶି ୪ ନାଲ୍‌କୋ ଅଧିକାରୀ ଓ ଅନ୍ୟ କେତେଜଣ କର୍ମଚାରୀଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଆହତ କର୍ମଚାରୀମାନେ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ଥାନାରେ ନଂ. ୬୦/୨୦ ରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ନାଲ୍‌କୋ ପୋଲିସ କହିଛି। ଏହି ଘଟଣାକୁ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର କାର୍ଯ୍ୟକାରୀ ସଭାପତି ବିଭବ ଜେନା, ନାଲ୍‌କୋ ଅଫିସର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ନଳିନୀ ପଣ୍ଡା, ଉପ ସଭାପତି ବନମାଳୀ ସେଠୀ, ସହ ସମ୍ପାଦକ କେ. କେ. ବେହେରା ପ୍ରମୁଖ ନିନ୍ଦା କରିବା ସହ ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଛନ୍ତି।

### ୪୦ ହଜାର ଜରିମାନା ଆଦାୟ

**ମାଧପୁର, ୨୯।୫:** ଆଠମଲ୍ଲିକ ବ୍ଲକ ଲୁଣହାଣ୍ଡି ପଞ୍ଚାୟତ ଟାଇସର ଗ୍ରାମ ନିକଟରୁ ଶୁକ୍ରବାର ୩ଟି ବାଲି ବୋଝେଇ ଟ୍ରାକ୍ଟରରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବାବେଳେ ଆଠମଲ୍ଲିକ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ ଚଢ଼ାଉ କରିଥିଲେ। ଏହି ସମୟରେ ମାଧପୁର ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।

### ପୋଖରୀରୁ ମୃତଦେହ ଉଦ୍ଧାର

**କଣିହାଁ, ୨୯।୫(ଡି.ଏନ.ଏ.):** କଣିହାଁ ବ୍ଲକ ହନୁମାନପୁର ଗ୍ରାମ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ଜଣାପଡି ନ ଥିବାବେଳେ ଏହା ଗୁରୁବାରଠାରୁ ନିଖୋଜ ଥିବା ବୀରଭୂଇଁ ଗ୍ରାମର ଜଣେ ବ୍ୟକ୍ତିଙ୍କର ବୋଲି ଅଞ୍ଚଳବାସୀ କହିଛନ୍ତି। କଣିହାଁ ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ତଦନ୍ତ ପରେ ମୃତକଙ୍କ ପରିଚୟ ଜଣାପଡିବ।

### ନାଲ୍‌କୋ ପକ୍ଷରୁ ଥାନାରେ ଏତଲା

**ବଅଁରପାଳ, ୨୯।୫(ଡି.ଏନ.ଏ.):** କୋଭିଡ-୧୯ ପାଇଁ ଜାରି ନିୟମକୁ ନାଲ୍‌କୋ ଡିପିଏସ୍ ଅଧକ୍ଷଙ୍କ ପୁଅ ଉଲ୍ଲଂଘନ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅହମ୍ମଦାବାଦରୁ ଅନୁଗୋଳ ଆସିଥିଲେ ହେଁ ନାମ ପଞ୍ଜୀକରଣ ନ କରିବା, କ୍ୱାରାଣ୍ଟାଇନରେ ନ ରହିବା ଏବଂ ବିନା ସ୍ୱାସ୍ଥ୍ୟ ପରୀକ୍ଷାରେ ୩ ଦିନ ଧରି ନାଲ୍‌କୋ କ୍ୱାର୍ଟର୍ସରେ ଲୁଚି ରହିଥିବା ନେଇ ନାଲ୍‌କୋ ପକ୍ଷରୁ ଏତଲାରେ ଦର୍ଶାଯାଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ନାଲ୍‌କୋ ଇଷ୍ଟେଟ ପକ୍ଷରୁ ଚିଠି ନଂ. ୯୨୦/୨୮।୫।୨୦୨୦ରେ ଥାନାରେ ଅଭିଯୋଗ ହୋଇଛି।

### ୫ ସୋଲାର ବ୍ୟାଟେରି ଚୋରି

**ବନ୍ତଳା, ୨୯।୫(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା କଳାପାଟ ଛକ, ରଣେଶ୍ୱର ଛକ, ଏମ୍‌ଇ ଓ ହାଇସ୍କୁଲ ସମ୍ମୁଖ ଏବଂ ନନ୍ଦପୁର ହାଇସ୍କୁଲ ସମ୍ମୁଖ ରାସ୍ତାରେ ଲାଗିଥିବା ସୋଲାର ଲାଇଟ ବ୍ୟାଟେରି ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ବାରମ୍ବାର ଏପରି ଚୋରି ହେଉଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# କ୍ୱାରାଣ୍ଟାଇନ୍‌ରେ ସରିଯାଉଛି କର୍ତ୍ତବ୍ୟ

**ଛେଣ୍ଡିପଦା,୨୯।୫(ସ୍ୱ.ପ୍ର.)**

- ନିଜ ସୁବିଧାରେ ଘରକୁ ଯିବାକୁ କୁହାଯାଉଛି
- ଅଭିଯୋଗ ଆଣିଲେ ପ୍ରବାସୀ ଶ୍ରମିକ
- ଚାଲିକରି ଯାଉଥିଲେ ଆଠମଲ୍ଲିକରୁ ରେଙ୍ଗାଳି

ମଜୁରି ନ ଦେଇ ଖାଲି ହାତରେ ମାଲିକ ବିଦା କରିଦେବା ପରେ ଓଡ଼ିଶା ସରକାରଙ୍କ ଭରସାରେ ସେମାନେ ତେଲଙ୍ଗାନାରୁ ଚାଲିବା ଆରମ୍ଭ କରିଥିଲେ। ବହୁ କଷ୍ଟରେ ଶହ ଶହ କିଲୋମିଟର ଅତିକ୍ରମ କରି ବୌଦ୍ଧ ଓ ଆଠମଲ୍ଲିକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପହଞ୍ଚିଥିଲେ। ଏହାପରେ ଆଉ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ ବୋଲି ସେମାନେ ଭାବି ନେଇଥିଲେ। ହେଲେ ଉଭୟ ସ୍ଥାନରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉପଯୁକ୍ତ ସହଯୋଗ କରାଯାଇ ନ ଥିଲା। ଏପରି କି ୧୦ ଦିନ ସଙ୍ଗରୋଧରେ ରହିବା ପରେ ପୁଣି ଚାଲି ଚାଲି ଘରକୁ ଯିବାକୁ ଛାଡ଼ି ଦିଆଯାଇଥିଲା। ଓଡ଼ିଶା ସରକାର ପ୍ରବାସୀ ଶ୍ରମିକଙ୍କୁ ଘରେ ପହଞ୍ଚାଇବାକୁ କେତେ ଯୋଜନା କରିଥିଲେ ବି ପ୍ରଶାସନ କିନ୍ତୁ ସେମାନଙ୍କୁ କ୍ୱାରାଣ୍ଟାଇନ୍ କରି କର୍ତ୍ତବ୍ୟ ଶେଷ କରିଦେଉଥିବା ଅନୁଗୋଳ ଜିଲା ରେଙ୍ଗାଳି ଅଞ୍ଚଳର ୪ଜଣ ଶ୍ରମିକ ଅଭିଯୋଗ କରିଛନ୍ତି। ତେବେ ଛେଣ୍ଡିପଦା ପୋଲିସ ସେମାନଙ୍କୁ ରାସ୍ତାରୁ ଉଦ୍ଧାର କରି ଘରେ ପହଞ୍ଚାଇବା ବ୍ୟବସ୍ଥା କରିଥିବାରୁ ଶ୍ରମିକମାନେ ସନ୍ତୋଷ ପ୍ରକାଶ କରିଛନ୍ତି।



ଆଠମଲ୍ଲିକ ସଙ୍ଗରୋଧ କେନ୍ଦ୍ରରୁ ଚାଲି ଚାଲି ରେଙ୍ଗାଳି ଯାଉଥିବା ପ୍ରବାସୀମାନେ ବିଶ୍ରାମ ନେଉଛନ୍ତି।

ଅନୁଗୋଳ ଜିଲା ରେଙ୍ଗାଳି ଅଞ୍ଚଳର ପ୍ରଶାନ୍ତ ପାତ୍ର, ମହେଶ ଶର୍ମା, ଆନନ୍ଦ ଦାଶ, ଦୁର୍ଯ୍ୟୋଧନ ବେହେରା କହିଛନ୍ତି, ତେଲଙ୍ଗାନାର ସିଦ୍ଧିପେଟାଠାରେ ସେମାନେ ନିର୍ମାଣ ଶ୍ରମିକ ଭାବେ କାମ କରୁଥିଲେ। ଲକ୍‌ଡାଉନ ଘୋଷଣା ପରଠାରୁ ପ୍ରାୟ ମାସେ ପର୍ଯ୍ୟନ୍ତ ସେମାନେ ସେଠାରେ ବିନା କାମରେ ରହିଥିଲେ। ପରେ ମାଲିକ ପାରିଶ୍ରମିକ ନ ଦେଇ ତଡ଼ି ଦେଇଥିଲେ। ଫଳରେ ସିଦ୍ଧିପେଟାରୁ ଚାଲି ଚାଲି ସେମାନେ ମାଲକାନଗିରିର ମୋଟୁ ଅଞ୍ଚଳକୁ ଆସିବା ପରେ ଏକ ବସ୍ ଯୋଗେ ବୌଦ୍ଧରେ ପହଞ୍ଚିଥିଲେ। ସେଠାକାର ପ୍ରଶାସନ ସେମାନଙ୍କୁ ମାତ୍ର ୨ ଦିନ କ୍ୱାରାଣ୍ଟାଇନରେ ରଖି ଛାଡ଼ି ଦେଇଥିଲା। ସେଠାରୁ ଚାଲି ଆଠମଲ୍ଲିକରେ ପହଞ୍ଚିବା ପରେ ନୀଳକଣ୍ଠପଡା କ୍ୱାରାଣ୍ଟାଇନ ସେଣ୍ଟରରେ ୧୦ ଦିନ ରଖାଯାଇଥିଲା। କିନ୍ତୁ ଆଠମଲ୍ଲିକ ପ୍ରଶାସନ ମଧ୍ୟ ଘରେ ପହଞ୍ଚାଇବା ବ୍ୟବସ୍ଥା ନ କରି ନିଜ ସୁବିଧା ଅନୁସାରେ ଯିବାକୁ କହିଥିଲା। ଚାଲି ଚାଲି ଥକି ଯାଇଥିବାରୁ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେମାନେ ବୁଢାପାଳ-ଛେଣ୍ଡିପଦା ଜାତୀୟ ରାଜପଥ ପାର୍ଶ୍ୱରେ ଶୋଇପଡିଥିଲେ। ଏହା ଦେଖି ସ୍ଥାନୀୟ ଲୋକମାନେ ଛେଣ୍ଡିପଦା ପୋଲିସକୁ ଖବର ଦେଇଥିଲେ। ଛେଣ୍ଡିପଦା ଥାନା ଅଧିକାରୀ କନକ ମାଝି ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ପରେ ଏକ ଅଟୋରେ ରେଙ୍ଗାଳି ପଠାଇଥିଲେ। ଏ ନେଇ ଆଠମଲ୍ଲିକ ବିଡିଓ ସଞ୍ଜୟ ଆଚାର୍ଯ୍ୟ କହିଛନ୍ତି, ଏପରି ଘଟିଥିବା ସମ୍ପର୍କରେ ଅବଗତ ନାହିଁ। ତେବେ କ୍ୱାରାଣ୍ଟାଇନରେ ଥିବା ଶ୍ରମିକଙ୍କୁ ଘରକୁ ପଠାଇବାକୁ ସରକାରଙ୍କ ପକ୍ଷରୁ ସେପରି କିଛି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ନାହିଁ। କ୍ୱାରାଣ୍ଟାଇନ ଅବଧି ପୂରଣ ପରେ ପ୍ରବାସୀଙ୍କୁ କେବଳ ଘରକୁ ଯିବା ପାଇଁ ଅନୁମତି ଦିଆଯାଉଛି। ତେବେ ଘଟଣାର ଅନୁଧ୍ୟାନ କରାଯିବ।

## ଫଟୋରେ ଖବର..




ଅନୁଗୋଳ ପୋଲିସ ପକ୍ଷରୁ ଶୁକ୍ରବାର ଶୋଭାଯାତ୍ରାରେ କରୋନା ସଚେତନତା ବାର୍ତ୍ତା ଦିଆଯାଉଛି। (ଫଟୋ- ବୁବୁ)

# ମୌସୁମୀ ଆସୁଛି, ସଜାଗ ରୁହ

**ଅନୁଗୋଳ ଅଫିସ, ୨୯।୫**

**ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ**

ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମୌସୁମୀ ବର୍ଷା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ଠିକ୍ ମୁକାବିଲା ପାଇଁ ବିଭିନ୍ନ ବିଭାଗ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ସହ ସଜାଗ ରହିବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଏପରି କି ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ମଧ୍ୟ ଜନସାଧାରଣଙ୍କର ଯେପରି ସର୍ବନିମ୍ନ କ୍ଷତି ହୁଏ ସେଥିପାଇଁ ବିଶେଷ ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ବର୍ଷା ଦିନ ପୂର୍ବରୁ ସମସ୍ତ ନଦୀ ଓ ନାଳର ପୁରୁଣା ଘାଇ ସହ ବର୍ଷାମାପକ ଯନ୍ତ୍ର ମରାମତି, ବୃଷ୍ଟିପାତର ସବିଶେଷ ଓ ଠିକ୍ ରିପୋର୍ଟ ନିୟମିତ ପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ଟିକରପଡ଼ା ଓ ଆଠମଲ୍ଲିକର ଅଇଡ଼ା ଅଞ୍ଚଳକୁ ଆଗୁଆ ଗସ୍ତ କରି ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିବା, ପର୍ଯ୍ୟାପ୍ତ ଖାଦ୍ୟ, ପଲିଥିନ ସହ ବନ୍ୟା ଆଶ୍ରୟସ୍ଥଳ ଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନଳକୂପ ଓ ଜଳ ଉତ୍ସ ଗୁଡ଼ିକୁ ବିଶୋଧନ ସହ ସମସ୍ତ ଡାକ୍ତରଖାନାରେ ସାପ କାମୁଡ଼ା ଇଞ୍ଜେକଶନ୍, ବ୍ଲିଚିଂ, ହାଲୋଜିନ୍ ବଟିକା, ଓଆର୍‌ଏସ୍ ଓ ଜୀବନରକ୍ଷାକାରୀ ଔଷଧ ଗଚ୍ଛିତ ରଖିବାକୁ କୁହାଯାଇଥିଲା। ଜୁନ ୧ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଜିଲା ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଓଡ଼ିଶା ମଧ୍ୟକୁ ଆସୁଥିବା ଫଙ୍ଗପାଳ କୀଟମାନଙ୍କ ପ୍ରତିରୋଧ ପାଇଁ ଆଗୁଆ ପଦକ୍ଷେପ ନେବାକୁ କୃଷି ବିଭାଗକୁ ପରାମର୍ଶ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ଜିଲାପାଳ (ରାଜସ୍ୱ), ଅନୁଗୋଳ ସହ ବିଭିନ୍ନ ଉପଖଣ୍ଡର ଉପଜିଲାପାଳ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

# ହଟାଗଲା ହୋଟେଲ, ଚା ଦୋକାନ

**ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଉଚ୍ଛେଦ**

**ଅନୁଗୋଳ ଅଫିସ, ୨୯।୫**

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୀର୍ଘ ବର୍ଷ ହେବ ବେଆଇନ ଭାବେ ଥିବା କେତେଗୁଡ଼ିଏ ଦୋକାନକୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ତହସିଲଦାର ନେହୁରୁ ମାଝି ହୋଟେଲ, ଚା ଦୋକାନ, ଜେରକ୍ସ ଓ ପାନ ଦୋକାନଗୁଡ଼ିକୁ ଉଚ୍ଛେଦ କରିଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଜିଲାପାଳଙ୍କ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣ ଏହା ପରିସରରେ ଥିବା ହୋଟେଲରେ ଖାଇଥାନ୍ତି। ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ଏଠାରେ ଭୋଜନ କରିଥାନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ସମ୍ମୁଖ ରାସ୍ତାକୁ ନୋ ପାର୍କିଂ ଜୋନ୍ କରାଯିବା ପରେ ଉଚ୍ଛେଦ ହୋଇଥିବା ସ୍ଥାନରେ ଗାଡ଼ି ପାର୍କିଂ କରିବାକୁ ଯୋଜନା କରିଥିବା ଜଣାପଡ଼ିଛି। ସେହିପରି ଅନୁଗୋଳ ସମବାୟ ବ୍ୟାଙ୍କ ପରିସରରେ ଥିବା ହୋଟେଲକୁ ଭଙ୍ଗାଯାଇଥିବାବେଳେ ଜିଲା କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଥିବା ହୋଟେଲକୁ ଭଙ୍ଗା ଯାଇଛି। ଜିଲା ନିବନ୍ଧନ କାର୍ଯ୍ୟାଳୟ (ସବ୍‌ରେଜିଷ୍ଟ୍ରାର ଅଫିସ୍) ଓ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଗାଡ଼ି ରଖାଯିବା ଦ୍ୱାରା ରାସ୍ତାରେ ଭିଡ଼ ହେଉଥିବାରୁ ଏହାକୁ ଉଚ୍ଛେଦ କରାଯାଇଛି।

ଏ ସମ୍ପର୍କରେ ଅନୁଗୋଳ ତହସିଲଦାର ମାଝି କହିଛନ୍ତି, ଜିଲା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ଉଚ୍ଛେଦ କରାଯିବା ସହ ପ୍ରଶାସନକୁ ଏ ନେଇ ଅବଗତ କରାଯାଇଛି। ତେବେ ଉକ୍ତ ସ୍ଥାନରେ କ'ଣ କରାଯିବ ସେ ନେଇ ଜଣାନାହିଁ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

**ଢେଙ୍କାନାଳ ଅଫିସ, ୨୯।୫**

ଢେଙ୍କାନାଳ ଜିଲା ଷଡଙ୍ଗୀ ରେଞ୍ଜ୍ ମାଧବୋଲୁଅ ଗ୍ରାମରେ ଶୁକ୍ରବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୌଶଲ୍ୟା ସାହୁ (୭୦)। କୌଶଲ୍ୟା ସକାଳେ ଘର ଆଗରେ ଝାଡୁ କରୁଥିବା ବେଳେ ଏକ ଦନ୍ତାହାତୀ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପଟେ ଗାଁ ଦାଣ୍ଡରେ ହିଂସ୍ରଦନ୍ତାର ଏପରି ଉଗ୍ରରୂପ ଗ୍ରାମବାସୀଙ୍କ ଭିତରେ ଆତଙ୍କ ସୃଷ୍ଟି କରିଥିଲା। ସୂଚନା ପାଇ ରେଞ୍ଜର ଅଶୋକ ଭଞ୍ଜ ସଦଳବଳ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

# ଢେଙ୍କାନାଳରେ ଦୁଇ ଅଙ୍କ ଛୁଇଁଲା କରୋନା

**ଢେଙ୍କାନାଳ ଅଫିସ, ୨୯।୫**

- ୧୬କୁ ବଢ଼ିଲା ସଂଖ୍ୟା
- ଦିନକରେ ୯ ପଜିଟିଭ୍
- ଯୋଡ଼ିହେଲା ଆଉ ୨ ବ୍ଲକ

ଢେଙ୍କାନାଳ ଜିଲାର କରୋନା ମ୍ୟାପ୍‌ରେ ଯୋଡ଼ିହୋଇଛି ଆଉ ଦୁଇ ବ୍ଲକ। ଶୁକ୍ରବାର ପରଜଙ୍ଗ ବ୍ଲକରୁ ୮ ଏବଂ କଙ୍କଡ଼ାହାଡ଼ରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨ ଅଙ୍କକୁ ବଢ଼ିବା ସହ ୧୬ରେ ପହଞ୍ଚିଛି। ପରଜଙ୍ଗ ବ୍ଲକରୁ ଚିହ୍ନଟ ସମସ୍ତ ଆକ୍ରାନ୍ତ ସୁରଟ୍ ଫେରନ୍ତା। ସେମାନେ ୧୭ ତାରିଖରୁ ବସୁଲେଇସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ରହି ଆସୁଥିଲେ। ସେହିପରି କଙ୍କଡାହାଡ଼ ବ୍ଲକର ଚିହ୍ନଟ ବ୍ୟକ୍ତି ଜଣକ ୧୭ ତାରିଖରେ ମହାରାଷ୍ଟ୍ରରୁ ଫେରି ମହାବିରୋଡ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ୨୫ ତାରିଖରେ ସେମାନଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଯାଇଥିଲା। ରିପୋର୍ଟରୁ ସମ୍ପୃକ୍ତ ୯ଜଣ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଏଥିସହ ୨ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇଛି। ନେଗେଟିଭ୍ ଆସିଥିବା ପ୍ରବାସୀଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଛଡ଼ାଯାଇଛି। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ଚିହ୍ନଟ ବ୍ୟକ୍ତିମାନେ ସଙ୍ଗରୋଧ କେନ୍ଦ୍ରରେ ଥିବାରୁ ଗୋଷ୍ଠୀ ସଂକ୍ରମଣର ସମ୍ଭାବନା ନାହିଁ। ଏଥିରେ ଭୟଭୀତ ନ ହେବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପରାମର୍ଶ ଦେଇଛନ୍ତି।

# ୨ ବିଦେଶୀ ମଦ ଦୋକାନ ସିଲ୍

**ଢେଙ୍କାନାଳ ଅଫିସ, ୨୯।୫**

ଢେଙ୍କାନାଳ ସହରରେ ସରକାରୀ ନିର୍ଦ୍ଦେଶ ଅମାନ୍ୟ କରି ଖୋଲାଖୋଲି ମଦ ବିକ୍ରି କରୁଥିବା ଅଭିଯୋଗରେ ୨ ବିଦେଶୀ ମଦ ଦୋକାନକୁ ପୋଲିସ ସିଲ୍ କରିଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ବସ୍‌ଷ୍ଟାଣ୍ଡ ଏବଂ ମହାବୀର ବଜାରସ୍ଥିତ ସମ୍ପୃକ୍ତ ଦୁଇ ବିଦେଶୀ ମଦ ଦୋକାନ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ଦୋକାନର ଲାଇସେନ୍ସ ରଦ୍ଦ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହି ଦୁଇ ଦୋକାନର ବ୍ୟବସାୟୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ଅଭିଯୁକ୍ତ ଫେରାର ଥିବା ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

ମେ ୨୫ରେ ଅନ୍‌ଲାଇନ୍ ମଦ ବ୍ୟବସାୟକୁ ଅନୁମତି ମିଳିଥିଲା। ହେଲେ ଉକ୍ତ ୨ ଦୋକାନର ସାମ୍ନାପଟୁ ତାଲା ପକାଯାଇ ଭିତିରିଆ ଅଫ୍‌ଲାଇନ୍‌ରେ ମଦ ବ୍ୟବସାୟ କରାଯାଉଥିବା ଅଭିଯୋଗ ହୋଇଥିଲା। ସବୁଠାରୁ ବଡ଼ କଥା ସିଲ୍ ହୋଇଥିବା ୨ ବିଦେଶୀ ମଦ ଦୋକାନଠାରୁ ୩୦୦ ମିଟର ଦୂରରେ ଜିଲା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ଏହାସତ୍ତ୍ୱେ ଏପରି ଅନିୟମିତତା କିପରି ଜଣାପଡ଼ିଲା ନାହିଁ, ତାକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି। ଘଟଣା ଜଣାପଡିବା ପରେ ଜିଲାପାଳ ଅବକାରୀ ବିଭାଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଭାଗୀୟ ଅଧିକାରୀଙ୍କ ନୀରବତା ପରେ ପୋଲିସ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।




ବସ୍‌ଷ୍ଟାଣ୍ଡସ୍ଥିତ ବିଦେଶୀ ମଦ ଦୋକାନକୁ ସିଲ୍ କରାଯାଉଛି।

- ଅଫ୍‌ଲାଇନ୍‌ରେ ବ୍ୟବସାୟ କରିବା ମହଙ୍ଗା ପଡ଼ିଲା
- ଦୋଷୀ ସାବ୍ୟସ୍ତ ହେଲେ ଲାଇସେନ୍ସ ରଦ୍ଦ: ଜିଲାପାଳ

# ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ଲାଗି ୩୬.୧୩ କୋଟି

**ଢେଙ୍କାନାଳ ଅଫିସ, ୨୯।୫**

କୋଭିଡ୍-୧୯ ମୁକାବିଲା ଏବଂ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମର ସୁପରିଚାଳନା ଲାଗି ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଢେଙ୍କାନାଳ ଜିଲାକୁ ୩୬.୧୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏ ନେଇ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଲୋକମାନେ ଯେଭଳି ସ୍ୱାସ୍ଥ୍ୟସେବା ପାଇପାରିବେ ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ଜିଲାରେ ଚାଲିଥିବା ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ବ୍ଲକଗୁଡ଼ିକ ଲାଗି ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ଯୋଜନା ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଡା. ଅଭୟ କୁମାର ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।




ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଯୋଜନା ପୁସ୍ତିକା ଉନ୍ମୋଚନ କରାଯାଉଛି।

# ବନ୍ଦେ ଉତ୍କଳ ଜନନୀ ଗାଇବାକୁ ଜିଲାପାଳଙ୍କ ଅନୁରୋଧ

**ଅନୁଗୋଳ ଅଫିସ, ୨୯।୫**

କରୋନା ଯୋଦ୍ଧାଙ୍କ ସମ୍ମାନାର୍ଥେ ୩୦ ତାରିଖ ଅପରାହ୍ନରେ ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଥିବା ବେଳେ ଏହାକୁ ଅନୁଗୋଳ ଜିଲାବାସୀ ପାଳନ କରିବାକୁ ଜିଲାପାଳ ମନୋଜ କୁମାର ମହାନ୍ତି ଶୁକ୍ରବାର ଅନୁରୋଧ କରିଛନ୍ତି। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଜିଲାପାଳ ଏହି ନିବେଦନ କରିବା ସହ ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସହରର ୪୦ଟି ପୂଜା କମିଟି ଓ ଅନ୍ୟାନ୍ୟ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି।

ଜିଲାପାଳ କହିଛନ୍ତି, ସହରାଞ୍ଚଳର ବସ୍ତି ବାସିନ୍ଦା ଓ ବିଭିନ୍ନ ଆପାର୍ଟମେଣ୍ଟରେ ରହୁଥିବା ଲୋକମାନେ ଶନିବାର ଅପରାହ୍ନ ୫ଟା ୩୦ରେ ବନ୍ଦେ ଉତ୍କଳ ଜନନୀ ସମବେତ ଭାବେ ଗାନ କରିବେ। ଏହି ସମୟରେ ଯାନବାହନ ଚଳାଚଳ ଓ ମୋବାଇଲ ବନ୍ଦ ରହିବ। ଅନୁଗୋଳ ସହରର ସମସ୍ତ ପୂଜା କମିଟି, ବଣିକ ସଂଘ, ଅନୁଗୋଳ ନାଗରିକ ମଞ୍ଚ, ବାର୍ ଆସୋସିଏଶନ୍, ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କର୍ମୀ ଅନୁଷ୍ଠାନ, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିଳ୍ପ ସଂସ୍ଥାରେ ନିର୍ଦ୍ଧାରିତ ସମୟରେ ସଙ୍ଗୀତ ଗାନ କରାଯିବ। ଅନୁଗୋଳ ବଜାରର ପ୍ରତ୍ୟେକ ଛକ ସ୍ଥାନରେ ଏହି ସଙ୍ଗୀତ ଗାନ କରିବାକୁ ଜିଲାପାଳ ବଣିକ ସଂଘର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସମୟରେ ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପିନ୍ଧିବା ଜରୁରୀ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ପୌରପରିଷଦର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଅନୁଗୋଳ କେନ୍ଦ୍ରୀୟ ପୂଜା କମିଟି ସାଧାରଣ ସମ୍ପାଦକ ଦିଲୀପ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ଦାସ, ବସ୍ ମାଲିକ ସଂଘ ସମ୍ପାଦକ ରାଜୁ ମିଶ୍ର, ନୃତ୍ୟ ନିଳୟର ଯଜ୍ଞ ରାୟ ପ୍ରମୁଖ ଯୋଗଦେଇଥିଲେ।



ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକ।

**ପ୍ରଶାସନିକସ୍ତରରେ ବିଭିନ୍ନ କମିଟି ସହ ବୈଠକ**

**ବର୍ଷାପବନ ଦେଲା ଆଶ୍ୱସ୍ତି**

ନବରଙ୍ଗପୁର,(ବି.ପ୍ର.)–ଶୁକ୍ରବାର ସନ୍ଧ୍ୟା ୬ଟାରେ ନବରଙ୍ଗପୁର ଅଞ୍ଚଳରେ କୁଆପଥର ସହ ବର୍ଷାପବନ ହୋଇଛି। ଫଳରେ ଗରମ ଓ ଗୁଳୁଗୁଳିରୁ କିଛି ପରିମାଣରେ ଆଶ୍ୱସ୍ତି ମିଳିଛି। ଗତ କିଛିଦିନ ଧରି ଜିଲାର ଚନ୍ଦାହାଣ୍ଡି ବ୍ଲକରେ ୪୪ ଡିଗ୍ରୀ ସେଲସିୟସ ତାପମାତ୍ରା ଥିବାବେଳେ ନବରଙ୍ଗପୁର ସଦର ମହକୁମାରେ ୪୧ ଡିଗ୍ରୀ ତାପମାତ୍ରା ରହିଥିଲା। ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ସହ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଥିଲା।



## ସଂକ୍ଷେପରେ

### କରୋନା ଯୋଦ୍ଧାଙ୍କୁ ସମ୍ମାନ ପାଇଁ ପ୍ରଶାସନର ପ୍ରସ୍ତୁତି



କାଶୀନଗର,୨୯।୫(ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ୩୦ ଅପରାହ୍ନ ସାଢ଼େ ୫ଟାରେ କରୋନା ଯୋଦ୍ଧାଙ୍କୁ ସମୂହ ସମ୍ମାନ ପ୍ରଦର୍ଶନ କରାଯିବ। କାଶୀନଗରଠାରେ ମଧ ସମୂହ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ ପାଇଁ ଶୁକ୍ରବାର ଗଜପତି ଜିଲା କାଶୀନଗର ପଞ୍ଚାୟତ ସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ବ୍ଲକ୍, ଏନ୍ଏସି, ଥାନା, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଗୁରୁତ୍ୱପୂର୍ଣ୍ଣ ଛକ ଏବଂ ବଂଶଧାରା ନଦୀକୂଳରେ ସମୂହ ବନ୍ଦେ ଉତ୍କଳ ଜନନୀ ଗାନ ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ଯେଉଁ ସ୍ଥାନରେ ଲାଇଭ୍ ପ୍ରୋଗ୍ରାମ ସମ୍ଭବ, ସେଠାରେ କଣ୍ଠଶିଳ୍ପୀମାନେ ବାଦ୍ୟଯନ୍ତ୍ର ସାହାଯ୍ୟରେ ଗାନ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅନ୍ୟ ଜାତିରେ ବିବାହ କରିଥିବା ୧୧ ଯୋଡ଼ିଙ୍କୁ ପ୍ରୋତ୍ସାହିତ କଲେ ମନ୍ତ୍ରୀ

ରାୟଗଡ଼ା ଅଫିସ,୨୯।୫: ଅନ୍ୟ ଜାତିରେ ବିବାହ କରିଥିବା ୧୧ ଯୋଡ଼ିଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହିତ କରାଯାଇଛି। ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ଗୁରୁବାର ସେମାନଙ୍କୁ ୫୦ହଜାରରୁ ୨ଲକ୍ଷ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରିଛନ୍ତି। ୨୦୧୭ ଜୁଲାଇ ୨୨ ପୂର୍ବରୁ ବିବାହ କରିଥିବା ଯୋଡ଼ିଙ୍କୁ ୫୦ହଜାର, ଜୁଲାଇ ପରେ ବିବାହ କରିଥିବା ଯୋଡ଼ିଙ୍କୁ ୧ଲକ୍ଷ ଏବଂ ୨୦୧୭ ସେପ୍ଟେମ୍ବର ୧୪ ପରେ ବିବାହ କରିଥିବା ଯୋଡ଼ିଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ଜିଲା ମଙ୍ଗଳ ଅଧିକାରୀ ଉପସ୍ଥିତ ଥିଲେ। ଜାତିଗତ ଭେଦଭାବ ଦୂରକରିବା ପାଇଁ ମହାତ୍ମା ଗାନ୍ଧୀ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ, ତାହାକୁ ସଫଳ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଏହି ଅବସରରେ କହିଛନ୍ତି।

### ମାଟି ଅତଡ଼ା ଖସି ୨ ଗୁରୁତର

ନବରଙ୍ଗପୁର,୨୯।୫(ବି.ପ୍ର.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସରୁଗୁଡ଼ା ଗ୍ରାମ ନିକଟରେ ଥିବା ଲାଲ ମାଟି (ମୋରମ)ଖାଦାନରେ ଖୋଳୁଥିବା ବେଳେ ଉପରୁ ମାଟି ଅତଡା ଧସି ୨ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସରୁଗୁଡ଼ା ଗ୍ରାମର ଗୋବିନ୍ଦ ଗୌଡ଼(୨୭) ଓ କମଲୋଚନ ଗୌଡ଼ (୨୮)। ଉଭୟଙ୍କୁ ପାଖରେ ଥିବା ଶ୍ରମିକମାନେ ନବରଙ୍ଗପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟସ୍ଥିତ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟଯେ ସରୁଗୁଡା ପାଖରେ ଥିବା ଏହି ମୋରମ ଖାଦାନରେ ଅନେକ ସମୟରେ ପ୍ରଶାସନର ଅଜ୍ଞାତରେ ଶ୍ରମିକମାନେ ବେଆଇନ ଭାବରେ ମାଟି ନେଇଥାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଏଠାରେ ବଡଧରଣର ଦୁର୍ଘଟଣା ଯେ ନ ଘଟିବ ତାହାକୁ ଏଡ଼ାଯାଇ ନ ପାରେ।

### ଅର୍ଥାଭାବ ସାଜିଛି ଚିକିତ୍ସାରେ ବାଧକ

ଦଶମନ୍ତପୁର,୨୯।୫(ଡି.ଏନ୍.ଏ.)-କରୋନା ଜନିତ ଲକ୍‌ଡାଉନ ଭୟ ଏବଂ ଅର୍ଥାଭାବ ଯୋଗୁ ସ୍ତ୍ରୀ ଚମ୍ପାଙ୍କ ଚିକିତ୍ସା କରିପାରୁନାହାନ୍ତି କୁଦଲଅଟାଲ ଗ୍ରାମର ସନା ଦିଶାରୀ। ଲକ୍‌ଡାଉନ ପୂର୍ବରୁ ସେ ସ୍ତ୍ରୀଙ୍କୁ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ପଠାଯାଇଥିଲା। ସେଠାରେ ଚମ୍ପାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଏକ୍ସ-ରେ ପରେ ଚମ୍ପାଙ୍କ ଗର୍ଭସ୍ଥ ଶିଶୁଟିର ମୃତ୍ୟୁ ହୋଇଥିବା ଏବଂ ପେଟରେ ଷ୍ଟୋନ ହୋଇଯାଇଥିବା ରିପୋର୍ଟ ଆସିଥିଲା। ଷ୍ଟୋନ ଯୋଗୁ ପେଟ ଫୁଲିଯାଉଛି। ଏହାର ଅଧିକ ଚିକିତ୍ସା ଦରକାର ବୋଲି ଡାକ୍ତର କହିଥିଲେ। ଫଳରେ ଅଧିକ ଚିକିତ୍ସା ପାଇଁ ପାଖରେ ଅର୍ଥ ନ ଥିବାରୁ ସନା ସ୍ତ୍ରୀଙ୍କୁ ଧରି ଗାଁକୁ ଫେରି ଆସିଛନ୍ତି। ୩ ସନ୍ତାନଙ୍କୁ ଧରି ଏବେ ଗାଁରେ ଥିବା ଚମ୍ପାଙ୍କ ୨ଟି ଯାକ ଗୋଡ଼ ଦିନକୁ ଦିନ ଫୁଲିବାରେ ଲାଗିଛି। ଚିକିତ୍ସା ପାଇଁ ସନା ପ୍ରଶାସନର ସହାୟତା ଲୋଡ଼ିଛନ୍ତି।

# ଧାନ ନିମ୍ନମାନ ଆଳରେ ଚାଷୀଙ୍କୁ ଶୋଷୁଛନ୍ତି

- କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲା ବିଜେଡି
- ମିଲ୍ ମାଲିକ, ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ସାମିଲ
- ବାହାର ଜିଲା ଟ୍ରକ୍‌କୁ ସୁଯୋଗ ଦେଲେ ହେବ ବିରୋଧ

ଜୟପୁର,୨୯।୫(ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ସୂଚନା ଦିଆଯାଉଛି ।

ଚାଷୀଙ୍କ ଅମଳ ରବିଧାନ କ୍ରୟ ପାଇଁ ରାଜ୍ୟରେ ବିଭିନ୍ନ ସ୍ଥାନରେ ମଣ୍ଡି ଆରମ୍ଭ ହୋଇଛି। ମାତ୍ର ଚାଷୀଙ୍କ ଅମଳ ଧାନ ନିମ୍ନମାନର ଆଳ ଦେଖାଇ କୁଇଣ୍ଟାଲ ପିଛା ୬ରୁ ୭ କେଜି ଅଧିକ ଧାନ ଦେବାକୁ ଦାବି କରାଯାଉଛି। ଏଥିରେ ସ୍ଥାନୀୟ ମିଲ୍ ମାଲିକ, ମଧ୍ୟସ୍ଥ, ଜଣେ ଯୋଗାଣ ବିଭାଗ ଅଧିକାରୀ, ଲୋକ ପ୍ରତିନିଧି ସାମିଲହୋଇ ମିଳିତ ଭାବେ ଚାଷୀଙ୍କୁ ଶୋଷୁଛନ୍ତି। ତୁରନ୍ତ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବା ସହିତ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ବିଜେଡି ନେତ୍ରୀ ଡା. ଇନ୍ଦିରା ନନ୍ଦଙ୍କ ନେତୃତ୍ୱରେ ରମାକାନ୍ତ ରାଉଳ, ବିନୋଦ ପାତ୍ର, ବାଲିଙ୍କି ରାଓ, ଶିବ ପଟ୍ଟନାୟକ ପ୍ରମୁଖ ଏକ ଖବରଦାତା ସମ୍ମିଳନୀରେ ଏହା ଦାବି କରିଛନ୍ତି। ଚଳିତ ବର୍ଷ ରବିଧାନ ଶୁଖିଲା ରହିବା ସହ ଉନ୍ନତ ମାନରେ ହୋଇଥିଲେ ସୁଦ୍ଧା ନିମ୍ନମାନ ଦର୍ଶାଇ ଚାଷୀଙ୍କୁ କୁଇଣ୍ଟାଲ ପିଛା ୬ରୁ ୭ କିଲୋ ଧାନ ଦେବାକୁ ଚାପ ପକାଉଛନ୍ତି। ଫଳରେ ଚାଷୀ ଏହାକୁ ବିରୋଧ କରିଛି। ଏହାଦ୍ୱାରା ଅଧିକାଂଶ ମଣ୍ଡିରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସେହିପରି କେବଳ ଜୟପୁର, ବୋରିଗୁମ୍ମା, କୋଟପାଡ ଅଞ୍ଚଳର ଟ୍ରକ୍‌ଗୁଡ଼ିକୁ ଧାନ ଚାଲାଣରେ ନିୟୋଜିତ କରାଯାଇ କଷ୍ଟମ ମିଲିଂ ଧାନ ବୋଝେଇ କରାଯାଉ। ବାହାର ଜିଲାର ଟ୍ରକ୍‌ଗୁଡିକକୁ ସୁଯୋଗ ଦେଲେ ବିଜେଡି ପକ୍ଷରୁ ବିରୋଧ କରାଯିବ ବୋଲି କୁହଯାଇଛି। ଏନେଇ ଜିଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମଣ୍ଡିରେ କାଟ୍‌ନି ଛଟ୍‌ନି ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନ ହେଲେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି ।

# ଓଡ଼ିଶା ମୋ ପରିବାର ଅଧକ୍ଷଙ୍କ ସୀମାନ୍ତ ଅଞ୍ଚଳ ପରିଦର୍ଶନ

ମାଲକାନଗିରି/କାଳିମେଳା, ୨୯।୫(ଡି.ଏନ୍.ଏ.)

ବିଜୁ ଜନତା ଦଳର ଓଡ଼ିଶା ମୋ ପରିବାରର ରାଜ୍ୟ ଅଧକ୍ଷ ତଥା ବରିଷ୍ଠ ବିଜେଡି ନେତା ଅରୂପ ପଟ୍ଟନାୟକ ଶୁକ୍ରବାର ମାଲକାନଗିରି ଜିଲା ଗସ୍ତରେ ଆସିଥିଲେ। ମୋଟୁସ୍ଥିତ ଆନ୍ଧ୍ର,ଓଡ଼ିଶା ଛତିଶଗଡ଼, ତେଲଙ୍ଗାନା ସୀମା କାଲେରୁ ପୋଲକୁ ଯାଇ ସେହି ପ୍ରବେଶ ପଥ ଦେଇ ରାଜ୍ୟର ବିଭିନ୍ନ ଜିଲାର ଆସୁଥିବା ଶ୍ରମିକଙ୍କ ସହ ଆଲୋଚନା କରିଥିଲେ । ପ୍ରଶାସନ ପକ୍ଷରୁ କିପରି ଏହି ଶ୍ରମିକମାନଙ୍କୁ ନିଜ ଜିଲାକୁ ପଠାଯାଉଛି ସେ ନେଇ ସେ ତହସିଲଦାର ଶଶାଙ୍କ ମିଶ୍ରଙ୍କ ସହ ଆଲୋଚନା କରିଥିଲେ । ବର୍ତ୍ତମାନ ସୁଦ୍ଧା ସୀମାନ୍ତ ଦେଇ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କଟକ, ଭୁବନେଶ୍ୱରକୁ ଯାଇଥିବା ଏବଂ ପ୍ରତ୍ୟହ ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ କର୍ନାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାରୁ ଆସୁଥିବା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ସେଠାରେ ପ୍ରବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ସମୟରେ ସୀମାନ୍ତରେ ମୋ ପରିବାର ପକ୍ଷରୁ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି,ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ରାଜେନ୍ଦ୍ର ପଣ୍ଡା, ପ୍ରଭାକର ପ୍ରଧାନ, ଗୋପାଳ ପଣ୍ଡା, ଆଡମା ରାବା,ଦୁର୍ଗା ତ୍ରିପାଠୀ,ଆଇନ ପରାମର୍ଶଦାତା ଅବନୀ ସାହୁ, କାଳିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସଭାପତି ଇ. ଭେଙ୍କଟ ରାଓଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।



ଓଡ଼ିଶା ମୋ ପରିବାରର ରାଜ୍ୟ ଅଧକ୍ଷଙ୍କ ସହ ଅନ୍ୟମାନେ ସୀମାନ୍ତ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

# ବାଦାମ ଚୋରା ଚାଲାଣ ବେଳେ ଧରିଲେ ଗ୍ରାମବାସୀ

## ମଣ୍ଡିରୁ ନେଉନାହାନ୍ତି, ଗ୍ରାମାଞ୍ଚଳରୁ ସଂଗ୍ରହ କରୁଛନ୍ତି

ମାଲକାନଗିରି,୨୯।୫(ଡି.ଏନ୍.ଏ.)



ଗ୍ରାମବାସୀ ଧରିଥିବା ବାଦାମ ବୋଝେଇ ଟ୍ରକ ।

ମାଲକାନଗିରି ଜିଲା ବଦଲି ପଞ୍ଚାୟତର ଏମ୍‌ଭି- ୫ ନିକଟରୁ ଅଞ୍ଚଳବାସୀ ଗୁରୁବାର ରାତିରେ ଏକ ଚୋରା ଚିନାବାଦାମ ଟ୍ରକ୍ ଧରି ପୋଲିସ ଜିମା ଦେଇଛନ୍ତି। ଗତ ୧୫ ଦିନ ତଳେ କାଲିମେଳା, ମାଲକାନଗିରି ଓ ପଡିଆ ବ୍ଲକରେ ଚିନାବାଦାମ ମଣ୍ଡି ଆରମ୍ଭ ହୋଇଛି। ଲ୍ୟାମ୍ପ ମାଧ୍ୟମରେ ଚିନାବାଦାମ ଚାଷୀଙ୍କଠାରୁ ଖରିଦ କରିବା ନିୟମ ରହିଛି । ତେବେ ଲ୍ୟାମ୍ପ ବସ୍ତା ନ ଥିବା କହି ମଣ୍ଡିରୁ ଚାଷୀଙ୍କଠାରୁ ବାଦାମ ଖରିଦ କରୁନାହାଁନ୍ତି। ବ୍ୟବସାୟୀଙ୍କୁ ବସ୍ତା ଦେଇ ବିଭିନ୍ନ ଗ୍ରାମାଞ୍ଚଳରୁ କମ୍ ଦରରେ ବାଦାମ କିଣି ଗୋଦାମକୁ ପଠାଯାଉଛି। ଏନେଇ ଚାଷୀଙ୍କ ନାମରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। କମ୍ପ୍ୟୁଟର ପଞ୍ଜୀକରଣ, ଚାଷୀ ନାମରେ ମିଥ୍ୟା ଜମି ପଟ୍ଟାର ନକଲ, ବିଜୁ କୃଷକ କଲ୍ୟାଣ କାର୍ଡ ଦେଇ ଚିନାବାଦାମ ବିକ୍ରି ପାଇଁ ଆଗୁଆ ଟୋକନ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଉଥିବା ଚାଷୀ ସୋମନାଥ ମାଡି, ଦୀନବନ୍ଧୁ ମାଡି, ମୁକା ମାଡକାମି, ଆଡମା ପଡିଆମି, ଦୀପକ ସର୍ଦ୍ଦାର, ଗଣେଶ ମଣ୍ଡଳ, ପୁତୁଲ ସରକାର ଅଭିଯୋଗ କରିଛନ୍ତି। ଗୁରୁବାର ରାତିରେ ଏକ ଟ୍ରକ୍‌ରେ ଚିନାବାଦାମ ବୋଝେଇ ହୋଇ ଯାଉଥିବା ଜାଣି ବଦଲି ଓ ଏମ୍‌ପିଭି-୫ ଗ୍ରାମବାସୀ ଟ୍ରକ୍ ଅଟକାଇ ଅଟକ ରଖିଥିଲେ। ଶୁକ୍ରବାର ପୋଟେରୁ ଥାନାକୁ ଟ୍ରକ୍ ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରିଥିବା କହିଛନ୍ତି। ଏ ନେଇ ଶିଖପାଲି ଲ୍ୟାମ୍ପ ପରିଚାଳକ ଧନେଶ୍ୱର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଚାଷୀମାନେ ବସ୍ତାରେ ମଣ୍ଡିକୁ ବାଦାମ ଆଣିବା ପାଇଁ ବସ୍ତା ମାଗିବାରୁ ମୁଁ ମାର୍କଫେଡ୍‌ର ସିଲ୍ ଥିବା ବସ୍ତା ଦେଇଥିଲି । ତେବେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପ୍ରକୃତ ଚାଷୀ ଯେପରି ମଣ୍ଡିରେ ବାଦାମ ବିକ୍ରି କରିପାରିବେ, ସେମାନେ ତାଙ୍କ ଅର୍ଥ ପାଇପାରିବେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

### ଜୟପୁର ସହର ହେଲା ସାନିଟାଇଜ୍

ଜୟପୁର,୨୯।୫(ନି.ପ୍ର.)

କୋରାପୁଟ ଜିଲା ଜୟପୁରରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ବେଲ୍‌ରୋଡ୍‌କୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା। ଶୁକ୍ରବାର ଅଗ୍ନିଶମ ବିଭାଗ ପକ୍ଷରୁ ଏହି ଅଞ୍ଚଳର ସମସ୍ତ ସ୍ଥାନ ସହ ଜୟପୁର ସହରକୁ ସାନିଟାଇଜ୍ କରାଯାଇଛି। ଜୟପୁର ଥାନା,ସଦର ଥାନା, ବସ୍‌ଷ୍ଟାଣ୍ଡ ଅଞ୍ଚଳକୁ ମଧ ସାନିଟାଇଜ କରାଯାଇଛି ।

### କ୍ଷତିପୂରଣ ପ୍ରଦାନର ପ୍ରମାଣ ମାଗିଲେ ଜାତୀୟ ମାନବାଧିକାର କମିଶନ

ନବରଙ୍ଗପୁର,୨୯।୫(ବି.ପ୍ର.)– ୨୦୧୮ ଜାନୁୟାରୀ ୨୦ରେ ଡାବୁଗାଁ ବ୍ଲକ ମାଳିଗୁଡା ପ୍ରକଳ୍ପ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ମୃତ୍ୟୁବରଣ କରିଥିବା ଛାତ୍ର ଗୁରୁବନ୍ଧୁ ଭତରା ମୃତ୍ୟୁ ମାମଲାରେ ଜାତୀୟ ମାନବାଧିକାର କମିଶନ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପ୍ରମାଣପତ୍ର ଦାଖଲ କରିବାକୁ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ କମିଶନ ନିର୍ଦ୍ଦେଶ ଦେଇଥିଲେ। ତେବେ ମୁଖ୍ୟ ଶାସନ ସଚିବେ ତାଙ୍କର ପ୍ରଦତ୍ତ ରିପୋର୍ଟରେ ନବରଙ୍ଗପୁର ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ୨ ଲକ୍ଷ ଟଙ୍କା କ୍ଷତିପୂରଣର ପ୍ରମାଣ ସମ୍ପର୍କିତ ରିପୋର୍ଟ ଦେଇଥିଲେ। ତେବେ ବକେୟା ୧ ଲକ୍ଷ ଟଙ୍କା କ୍ଷତିପୂରଣର ପ୍ରମାଣପତ୍ର ଦେଇ ନ ଥିଲେ । ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ଏହି ୧ ଲକ୍ଷ ଟଙ୍କା ପ୍ରଦାନ ନେଇ ପ୍ରମାଣପତ୍ର ଦେଇ ନ ଥିବାରୁ କମିଶନ ଅସନ୍ତୋଷ ପ୍ରକାଶ କରିବା ସହ ଆସନ୍ତା ଅଗଷ୍ଟ ୨ ମଧ୍ୟରେ ସମ୍ପୂର୍ଣ୍ଣ ବିବରଣୀ ସହିତ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନର ପ୍ରମାଣପତ୍ର ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଅନୁମତି ପରେ ବି ଗଡ଼ିଲାନି ବସ୍

ପାରଳାଖେମୁଣ୍ଡି,୨୯।୫(ସ୍ୱ.ପ୍ର.): ସରକାରୀ ନିର୍ଦ୍ଦେଶନାମା ଏବଂ ଜିଲା ପ୍ରଶାସନର ଅନୁମତି ସତ୍ତ୍ୱେ ଗଜପତି ଜିଲାରେ ଗଡ଼ିଲାନି ଘରୋଇ ବସ୍। ପାରଳାଖେମୁଣ୍ଡି ସହରରେ ପ୍ରାୟ ୧୦୦ ବସ୍ ରହିଛି। ସେଥିରୁ ୨୦ବସ୍ ବ୍ରହ୍ମପୁର, ପଲାସା, ଇଚ୍ଛାପୁର, ଶ୍ରୀକାକୁଲମ, ବିଜୟନଗରମ, ଭବାନୀପାଟଣା ଚଳାଚଳ କରିଥାଏ। ସେହିପରି ଅନ୍ୟ ୮୦ଟି ବସ୍ ଜିଲା ମଧ୍ୟରେ ଚଳାଚଳ କରିଥାଏ। ଲକ୍‌ଡାଉନ୍ ପରଠାରୁ ବସ୍‌ଗୁଡିକ ପଡିରହିଥିବାରୁ ବିଭିନ୍ନ ଯାନ୍ତ୍ରିକ ସମସ୍ୟା ଦେଖାଦେଇଛି। ସେହିପରି ଚାଳକ ଓ କର୍ମଚାରୀମାନେ ଗ୍ରାମରୁ ଫେରିବାରେ ବିଳମ୍ବ ହେଉଛି। ତେଣୁ ଜୁନ୍ ୧ ସୁଦ୍ଧା ବସ୍ ଚଳାଚଳ କରିବ ବୋଲି ଗଜପତି ଜିଲା ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି।

# ଟାଙ୍ଗିଆରେ ହାଣି ସାଙ୍ଗଙ୍କୁ ହତ୍ୟା

## ବଚସାରୁ ଆକ୍ରମଣ

କାଶୀନଗର,୨୯।୫(ଡି.ଏନ୍.ଏ.):

ଗଜପତି ଜିଲା କାଶୀନଗର ଥାନା ଅଧୀନ ଖାଣ୍ଡବା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ୨ ସାଙ୍ଗଙ୍କ ମଧ୍ୟରେ ବଚସା ଓ ପରେ ଆକ୍ରମଣରେ ଜଣେ ସାଙ୍ଗର ଜୀବନ ଚାଲିଯାଇଛି। ସୂଚନା ଅନୁଯାୟୀ, ଗାଁର ସାମିଏଲ୍ ପାଲକା(୪୦) ଏବଂ ଧନୁର୍ଜୟ ଜେନା(୪୦)ଙ୍କ ମଧ୍ୟରେ କୌଣସି କଥାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ସାମିଏଲ୍ ଉତ୍ତ୍ୟକ୍ତ ହୋଇ ଧନୁର୍ଜୟଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ ; ଯଦ୍ଦ୍ୱାରା ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ କାଶୀନଗର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାରକରି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏ ନେଇ କେସ୍ ନଂ. ୫୧/୨୦ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସାମିଏଲ୍‌ଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ସୂଚନା ଦେଇଛନ୍ତି।

# ଟ୍ରକ୍ ଭଡ଼ାକରି ନିଜ ରାଜ୍ୟକୁ ଗଲେ ଯାଯାବର

## ପ୍ରଶାସନ ଟିକେଟରେ ଗଲେନି

କୋରୁକୋଣ୍ଡା,୨୯।୫(ଡି.ଏନ୍.ଏ.)



ଟ୍ରକ ଭଡା କରି ନିଜ ରାଜ୍ୟକୁ ଗଲେ ଯାଯାବର ।

ମାଲକାନଗିରି ଜିଲା ବାଲିମେଳା ଏନ୍ଏସିର ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପଡ଼ିଆରେ ମଧ୍ୟପ୍ରଦେଶର ୫ଟି ପରିବାରର ୨୪ ଜଣ ସଦସ୍ୟ ଯାଯାବର ଜୀବନ ବିତାଉଥିଲେ। ସେମାନେ ଲୁହା ସାମଗ୍ରୀ ଯଥା– ପନିକି,ଦା, କଟୁରି, କୁରାଢ଼ି ଆଦି ପ୍ରସ୍ତୁତକରି ଜିଲାର ବିଭିନ୍ନ ଅଞ୍ଚଳ ବୁଲି ବିକ୍ରି କରି ଚଳୁଥିଲେ। ଏଥର ସେମାନେ ଗତ ୫ମାସ ତଳେ ବାଲିମେଳାକୁ ଆସି ରହିଥିଲେ। ତେବେ ଲକ୍‌ଡାଉନ ଯୋଗୁ ସେମାନେ ନିଜ ରାଜ୍ୟକୁ ଫେରିପାରି ନ ଥିଲେ। ଏ ସମ୍ପର୍କରେ ପ୍ରଶାସନ ଜାଣିବା ପରେ ସେମାନଙ୍କୁ ୧୨ ନମ୍ବର ୱାର୍ଡରେ ଥିବା ବିଦ୍ୟାଳୟକୁ ସ୍ଥାନାନ୍ତର କରି ଚଳିବା ପାଇଁ ରାଶନ ସାମଗ୍ରୀ ଯୋଗାଇ ଦେଇଥିଲା। ସେମାନଙ୍କ ଅନୁରୋଧକ୍ରମେ ଲକ୍‌ଡାଉନ ପରେ ସେମାନଙ୍କ ଫେରିବା ବ୍ୟବସ୍ଥା କରିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ୪ର୍ଥ ପର୍ଯ୍ୟାୟ ଲକ୍‌ଡାଉନ ଅବସରରେ ସରକାର ଅନେକ କ୍ଷେତ୍ରରେ କୋହଳ କରିବା ସହ ଟ୍ରେନ୍ ଚଳାଚଳ କରିବାରୁ ଏହି ଯାଯାବର ପରିବାରଙ୍କୁ ନିଜ ରାଜ୍ୟକୁ ପଠାଇବା ଲାଗି ପ୍ରଶାସନ ଚିନ୍ତା କରିଥିଲା। ଏନ୍ଏସି ପକ୍ଷରୁ ଜୁନ୍ ୧ରେ ଯିବାପାଇଁ ସେମାନଙ୍କ ଟ୍ରେନ୍ ଟିକେଟ କରାଯାଇଥିଲା। ମାତ୍ର ସେମାନେ ସେମାନଙ୍କ ସମସ୍ତ ସାମଗ୍ରୀ ଧରି ଟ୍ରେନ୍ ଯୋଗେ ଯାଇପାରିବେ ନାହିଁ ବୋଲି ମନା କରିଥିଲେ। ପରେ ସେମାନେ ନିଜ ଟଙ୍କାରେ ଏକ ଟ୍ରକ୍ ଭଡ଼ା କରି ଗୁରୁବାର ନିଜ ରାଜ୍ୟକୁ ଫେରିଛନ୍ତି। ଏନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କୁ ପଚାରିବାରୁ ସେ କହିଲେ ଯେ, ଯାଯାବର ପରିବାରଙ୍କ ଟ୍ରେନ ଯୋଗେ ଯିବା ପାଇଁ ଟିକେଟ କରାଯାଇଥିଲା। ତେବେ ସେମାନେ ନିଜର ବ୍ୟକ୍ତିଗତ କାର୍ଯ୍ୟ ଥିବା ଦର୍ଶାଇ ଟ୍ରକ୍ ଭଡ଼ାକରି ଯାଇଛନ୍ତି।

# ହୋମ୍ କ୍ୱାରାଣ୍ଟାଇନ୍‌ରେ ଡାକ ବିଭାଗ ଅଧିକାରୀ

## ସରକାରୀ ବାସଭବନରେ ଚାଲିଛି ବୈଠକ, ଫାଇଲ ଦେଖା

ଜୟପୁର,୨୯।୫(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ସହରରୁ କେନ୍ଦ୍ର ସରକାରଙ୍କ ଡାକ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଗୁରୁବାର ଫେରିପ୍ରଶାସନର ନିୟମ ଅନୁଯାୟୀ ବାଇପାସ୍‌ରୋଡ୍‌ସ୍ଥିତ ତାଙ୍କ ସରକାରୀ ବାସଭବନରେ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ମାତ୍ର କାର୍ଯ୍ୟାଳୟରୁ ବିଭିନ୍ନ ଫାଇଲ ନିଜ ଘରକୁ କର୍ମଚାରୀଙ୍କ ଦ୍ୱାରା ଆଣି କାର୍ଯ୍ୟ କରୁଛନ୍ତି । ଶୁକ୍ରବାର କାର୍ଯ୍ୟାଳୟର ୫ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଜ ବାସଭବନକୁ ଡକାଇ ଏକ ବୈଠକ କରିଛନ୍ତି। ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ହୋମ୍ କ୍ୱାରାଣ୍ଟାଇନରେ ଥିବା ବ୍ୟକ୍ତି କୌଣସି ବୈଠକ କିମ୍ବା ଫାଇଲ ମଗାଇ ପାରିବେନାହିଁ। ଏନେଇ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଦଳବେହେରା କହିଥିଲେ।

# ମନ୍ତ୍ରୀଙ୍କୁ ଭେଟିଲା ନିଖିଳ ଉତ୍କଳ ଶିକ୍ଷା ନିରୀକ୍ଷକ ସଂଘ

ରାୟଗଡ଼ା ଅଫିସ,୨୯।୫:

ବିଭିନ୍ନ ଦାବି ନେଇ ରାୟଗଡ଼ା ଜିଲା ନିଖିଳ ଉତ୍କଳ ଶିକ୍ଷା ନିରୀକ୍ଷକ ସଂଘ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜିଲାରେ ୧୦ବର୍ଷ ଧରି ଗୋଟିଏ ସ୍ଥାନରେ ରହିଥିବା ଶିକ୍ଷକଙ୍କ ବଦଳି, ବିଏଡ୍ ଶିକ୍ଷକମାନଙ୍କୁ ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ଅନ୍ୱେଷାରେ ଥିବା ପ୍ରଧାନ ଶିକ୍ଷକ ଓ ବିଏଡ୍ ଶିକ୍ଷକଙ୍କୁ ହାଇସ୍କୁଲ ଓ ସେବାଶ୍ରମକୁ ପଠାଇବା, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଆଦି ରହିଛି। ଜିଲାରେ କଲ୍ୟାଣ ବିଭାଗ ନିମନ୍ତେ ପ୍ରତ୍ୟେକ ସେବାଶ୍ରମ, ଆଶ୍ରମ ଓ ହାଇସ୍କୁଲଗୁଡ଼ିକରେ ୧୮୦ ସିସିଏ ପଦବୀ ସୃଷ୍ଟି କରିବା ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ସଂଘ ମନ୍ତ୍ରୀଙ୍କ ନିକଟରେ ଦାବି ରଖିଛି। ଏହା ବ୍ୟତୀତ ସଂଘ କାର୍ଯ୍ୟାଳୟ ପାଇଁ ସ୍ଥାୟୀ ଜାଗାଟିଏ ଲାଗି ମଧ ଅନୁରୋଧ କରାଯାଇଛି। ପର୍ଯ୍ୟାୟକ୍ରମେ ଦାବିଗୁଡ଼ିକ ପୂରଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ମନୋଜ ଗମାଙ୍ଗ, କାର୍ଯ୍ୟକାରୀ ସଭାପତି ବାମନ ମୂର୍ତ୍ତି, ପ୍ରଦୀପ କୁମାର ଚୌଧୁରୀ ଓ ଜିଲାର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

# ୧୫ କି.ମି. ବୁହାହେଲେ ଗର୍ଭବତୀ

## ଗାଁକୁ ନାହିଁ ପକ୍କା ରାସ୍ତା

ଟିକିରି,୨୯।୫:

ପୁଣି ବୁହାହେଲେ ଗର୍ଭବତୀ। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ମାଣ୍ଡିବିଶି ପଞ୍ଚାୟତ ଅଧୀନ ଲେକାପାଲ ଗ୍ରାମରେ ଦେଖିବାକୁ ମିଳିଛି ଏପରି ଚିତ୍ର। ପାହାଡ଼ିଆ ଅଞ୍ଚଳର ଏହି ଗାଁକୁ ପକ୍କା ରାସ୍ତାଟିଏ ନାହିଁ। ତେଣୁ ଆମ୍ବୁଲାନ୍ସ ଯିବା ସମ୍ଭବ ନୁହେଁ। ଏଭଳି ପରିସ୍ଥିତିରେ ଗୁରୁବାର ଅପରାହ୍ନରେ ଗର୍ଭବତୀ ଥିବା ଗାଁର ସୁଦରୀ ମାଝିଙ୍କୁ ୧୫ କି.ମି. ଦୂର ବୋହି ନିଆଯାଇଛି। କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଆମ୍ବୁଲାନ୍ସ ଆସି ଅଧାରାସ୍ତାରେ ଅଟକିଥିଲା। ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସହାୟତାରେ ଷ୍ଟ୍ରେଚରକୁ ଭାର କରି ମହିଳାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା। ପରେ ତାଙ୍କୁ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ପାଇଁ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଏଭଳି ଅନେକ ପାହାଡ଼ିଆ ଅଞ୍ଚଳରେ ରହିଥିବା ଗ୍ରାମକୁ ଆମ୍ବୁଲାନ୍ସ ଯିବା ସମ୍ଭବ ହୋଇପାରୁନାହିଁ। ତେଣୁ ଅନେକ ସମୟରେ ଗର୍ଭବତୀ ଏବଂ ରୋଗୀମାନଙ୍କୁ ଭାର ଓ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ଆଣିବା ନଜରକୁ ଆସୁଛି।



ଆମ୍ବୁଲାନ୍ସ ଡ୍ରାଇଭର ଓ ସ୍ୱାସ୍ଥ୍ୟକର୍ମୀ ମହିଳାଙ୍କୁ ଷ୍ଟ୍ରେଚରରେ ନେଉଛନ୍ତି ।

# ନବରଙ୍ଗପୁର, କୋରାପୁଟରେ ଆଉ ଜଣେ ଲେଖାଏ ପଜିଟିଭ

ନବରଙ୍ଗପୁର/ଜୟପୁର, ୨୯।୫(ବି.ପ୍ର./ଡି.ଏନ.ଏ.)



ଦକ୍ଷିଣ ଓଡ଼ିଶାର ନବରଙ୍ଗପୁର ଓ କୋରାପୁଟ ଜିଲାରେ ଶୁକ୍ରବାର ଆଉ ଜଣେ ଲେଖାଏ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ନବରଙ୍ଗପୁର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨ରେ ପହଞ୍ଚିଥିବା ବେଳେ କୋରାପୁଟ ଜିଲାରେ ଏହି ସଂଖ୍ୟା ୮ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଜିଲାବାସୀଙ୍କୁ ଚିନ୍ତାରେ ପକାଇଛି।

ନବରଙ୍ଗପୁର ଜିଲାରେ ଶୁକ୍ରବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ରେ ପହଞ୍ଚିଛି। ଚିହ୍ନଟ ହୋଇଥିବା ଆକ୍ରାନ୍ତ ଜଣକ ଚନ୍ଦାହାଣ୍ଡି ବ୍ଲକର ବନ୍ଧକନା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିଲେ। ଏଠାରୁ ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ସେହି କେନ୍ଦ୍ରରେ ଥିବା ୬୪ଜଣ ପ୍ରବାସୀଙ୍କ ସ୍ୱାବ୍ ସଂଗ୍ରହକରି ପରୀକ୍ଷା ପାଇଁ ଭୁବନେଶ୍ୱର ସ୍ଥିତ ଆର୍‌ଏମ୍‌ଆର୍‌ସିକୁ ପଠାଇଥିଲା। ସେଥିରୁ ୬୩ ଜଣଙ୍କ ନମୁନା ନେଗେଟିଭ ଆସିଥିବା ବେଳେ ଜଣକର ପଜିଟିଭ ଆସିଛି ବୋଲି ଜିଲାପାଳ ଡକ୍ଟର ଅଜିତ କୁମାର ମିଶ୍ର କହିଛନ୍ତି। ଦ୍ୱିତୀୟ ଆକ୍ରାନ୍ତ ଚିହ୍ନଟ ହେବା ପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ କୋଭିଡ୍–୧୯ ହସ୍ପିଟାଲକୁ ପଠାଯାଇଛି। ଶୁକ୍ରବାର ସୁଦ୍ଧା ୫୯୯୭ ଜଣ ପ୍ରବାସୀ ନବରଙ୍ଗପୁର ଜିଲାକୁ ଆସିଛନ୍ତି । ସେଥିରୁ ୧୮ଶହ ଜଣ କ୍ୱାରାଣ୍ଟାଇନ ଅବଧି ଶେଷ ପରେ ଘରକୁ ଫେରିଛନ୍ତି। ଜିଲାରେ ଏପର୍ଯ୍ୟନ୍ତ ୨୬୩୦ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୨୬୦୪ ଜଣଙ୍କ ରିପୋର୍ଟ ଆସିଛି। ସେଥିରୁ ୨ଜଣଙ୍କ ପଜିଟିଭି ଆସିଥିବା ବେଳେ ଅନ୍ୟ ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ରହିଛି। ଅନ୍ୟ ୨୬ ଜଣଙ୍କ ରିପୋର୍ଟ ବର୍ତ୍ତମାନ ପର୍ଯ୍ୟନ୍ତ ଆସିନାହିଁ ବୋଲି ଜିଲାପାଳ ମିଶ୍ର ସୂଚନା ଦେଇଛନ୍ତି।

କୋରାପୁଟ ଜିଲାରେ ପୁଣି ଜଣେ କାରୋନା ଆକ୍ରାନ୍ତ ଶୁକ୍ରବାର ଠାବ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ଜଣେ ସୁସ୍ଥ ହୋଇ ଫେରିଛନ୍ତି । ଶୁକ୍ରବାର ଚିହ୍ନଟ ଆକ୍ରାନ୍ତଙ୍କୁ ଆମ୍ବୁଲେନ୍ସ ଯୋଗେ ଜୟପୁରସ୍ଥିତ କୋଭିଡ୍–୧୯ ଚିକିତ୍ସାଳୟକୁ ପଠାଯାଇଛି । ସେଠାରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିବା ସିଡିଏମ୍‌ଓ ମକରନ୍ଦ ବେଉରା କହିଛନ୍ତି । ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ଫେରିବା ପରେ ଆକ୍ରାନ୍ତ ଜଣକ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଉପରକୁଟିଙ୍ଗା ପଞ୍ଚାୟତର କ୍ୱାରାଣ୍ଟାଇନ କେନ୍ଦ୍ରରେ ଥିଲେ। ଏହି କେନ୍ଦ୍ରରେ ୩୪ଜଣ ପ୍ରବାସୀ ରହିଛନ୍ତି । ସୂଚନାଯୋଗ୍ୟ ଯେ, ଯେ, ଜିଲାର ଦଶମନ୍ତପୁର, ନନ୍ଦପୁର, ଲକ୍ଷ୍ମୀପୁର ବ୍ଲକର ୨ଜଣ ଲେଖାଏ ଏବଂ ଜୟପୁର ସହରରେ ଜଣେ ଆକ୍ରାନ୍ତ ପୂର୍ବରୁ ଚିହ୍ନଟ ହୋଇଥିଲେ। ଏବେ ଜଣେ ଚିହ୍ନଟ ହେବା ପରେ ଏହି ସଂଖ୍ୟା ୮ରେ ପହଞ୍ଚିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ମେ ୩୦/୨୦୨୦ Saturday, May 30/2020

# ଅଶୋକ ସାହୁ ଜିଏଫ୍‌ଆଇ ଚୟନ କମିଟି ଅଧ୍ୟକ୍ଷ



**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ (ଓଜିଏ) ସମ୍ପାଦକ ଅଶୋକ ସାହୁ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫଆଇ) ଚୟନ କମିଟି ଅଧ୍ୟକ୍ଷଭାବେ ନିଯୁକ୍ତ ହୋଇଛନ୍ତି। ସେ ୪ ବର୍ଷ ପାଇଁ ଏହି ପଦବୀରେ ରହିବେ। ଅନ୍ୟ ୬ ସଦସ୍ୟଙ୍କ ସହ ମିଶି ସେ ଏଣିକି ଜାତୀୟ ଦଳ ଚୟନ କରିବେ। ରାଜ୍ୟରେ କୌଣସି ବ୍ୟକ୍ତି ଏପରି ଏକ ପଦବୀରେ ଅବସ୍ଥାପିତ ହେବା ପ୍ରଥମ ଘଟଣା। ତେଣୁ ଏହି ଖବର ରାଜ୍ୟ କ୍ରୀଡ଼ା ମହଲରେ ଖୁସି ଆଣିଦେଇଛି। କଟକରେ ଜନ୍ମିତ ଅଶୋକ ଜଣେ ଜିମ୍ନାଷ୍ଟିକ ଖେଳାଳି ମଧ୍ୟ। ସେ ରାଜ୍ୟ ପକ୍ଷରୁ ବିଭିନ୍ନ ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିଛନ୍ତି। ସେ ପୂର୍ବରୁ ଜିଏଫଆଇର ଯୁଗ୍ମସମ୍ପାଦକ ଏବଂ ଉପସଭାପତି ଦାୟିତ୍ୱ ତୁଲାଇଥିଲେ। ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ସେ ଭାରତୀୟ ଦଳର ମ୍ୟାନେଜର ଦାୟିତ୍ୱ ମଧ୍ୟ ସଫଳତାର ସହ ତୁଲାଇ ଆସିଛନ୍ତି। ଏହା ମଧ୍ୟରେ ରହିଛି ୨୦୧୦ ଟୋକିଓ ଅନ୍ତର୍ଜାତୀୟ ଜୁନିୟର ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍, ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୧ ଟୋକିଓ ବିଶ୍ୱ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଏବଂ ୨୦୧୪ ଇଞ୍ଚିଅନ (ଦକ୍ଷିଣ କୋରିଆ) ଏସିଆନ ଗେମ୍ସ। ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଓଜିଏ ସଭାପତି ସମୀର ଦେ, ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ଅଭିଜିତ ପାଲ ପ୍ରମୁଖ ଅଶୋକଙ୍କୁ ଅଭିନନ୍ଦନ ଜଣାଇଥିବା ରାଜ୍ୟ ଜିମ୍ନାଷ୍ଟିକ ଆସୋସିଏଶନ ସୂତ୍ରରୁ ପ୍ରକାଶ।

# ଅଲିମ୍ପିକ ସଂହତି ପାଣ୍ଠି କମିଟିରେ ଅଧୀପ



**କଟକ ଅଫିସ, ୨୯।୫:** ଇଣ୍ଡିଆନ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଅଲିମ୍ପିକ ସଂହତି ପାଣ୍ଠି କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ଓଡ଼ିଶାର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଅଧୀପ ଦାସ। ଆଇଓଏ ସଭାପତି ଡ. ନରିନ୍ଦର ଧ୍ରୁବ ବାତ୍ରା ଶୁକ୍ରବାର ଏହି ଘୋଷଣା କରିଛନ୍ତି। ଆଇଓଏ ଉପସଭାପତି କୁଳଦୀପ ଭାଟ୍‌ସଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଏହି କମିଟିରେ ଅଧୀପଙ୍କୁ ସ୍ଥାନ ମିଳିଛି। ସମ୍ପ୍ରତି ଅଧୀପ ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)ର କୋଷାଧ୍ୟକ୍ଷ ପଦବୀର ଅଛନ୍ତି। ଏ ନେଇ ଓଓଏ ସମ୍ପାଦକ ଅଭିଜିତ ପାଲ ଅଧୀପଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଫର୍ମୁଲା ୱାନ୍ ଟିମ୍ ବିକ୍ରି କରିପାରେ ୱିଲିୟମ୍ସ

**ଲଣ୍ଡନ, ୨୯।୫ (ଏଏଫପି):** ଆର୍ଥିକ ସଙ୍କଟ ଦୃଷ୍ଟିରୁ ୱିଲିୟମ୍ସ ଏହାର ଫର୍ମୁଲା ୱାନ୍ ଟିମ୍ ବିକ୍ରି କରିବା ଲାଗି ବିଚାର କରୁଛି। ୨୦୧୯ ବର୍ଷ ଶେଷରେ ୱିଲିୟମ ଗ୍ରାଁପ୍ରି ହୋଲ୍‌ଡିଙ୍ଗ୍ସ ଗ୍ରୁପ୍ ୧୩ ନିୟୁତ ପାଉଣ୍ଡ (୧୫.୯ନିୟୁତ) ଆମେରିକୀୟ ଡଲାର କ୍ଷତି ସହିଛି। କମ୍ପାନୀ କିନ୍ତୁ ୨୦୧୮ରେ ୧୨.୯ ନିୟୁତ ପାଉଣ୍ଡ ଲାଭ କରିଥିଲା। ଆର୍ଥିକ ସଙ୍କଟକୁ ସୁଧାରିବା ଲାଗି କମ୍ପାନୀ ପୁଞ୍ଜି ଖଟାଇବା ଲାଗି ନିବେଶକାରୀଙ୍କୁ ଆହ୍ୱାନ କରିଛି।

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



(ରୋନକ)

**କ୍ରିଭି ଶତପଥୀ**

ରୋନକର ପ୍ରଥମ ଜନ୍ମଦିନରେ ଜଗନ୍ନାଥଙ୍କ ଆଶୀର୍ବାଦ ତୁମ ଉପରେ ସର୍ବଦା ଥାଉ।

—:ଶୁଭେଚ୍ଛା ସହ:—

ନନା, ମାଆ, ଅଜା, ଆଇ, ମାମା, ପାପା, ପିଉସା, ପିଉସୀ, ନା, ମାଇଁ, ରିଶି, ଖୁସି, କ୍ରିସ୍, ରାଣି, ମିଠି।

ଧ–୧୭୩୭୧

## ସଂକ୍ଷେପରେ

### ତେଜୁଛି ସିପକଟାକ୍ର ସଂଘ ବିବାଦ

**କଟକ ଅଫିସ,୨୯।୫:** ରାଜ୍ୟ ସିପକଟାକ୍ର ଆସୋସିଏଶନକୁ ନେଇ ବିବାଦ ଲାଗି ରହିଛି। ଏହି କ୍ରୀଡ଼ା ସଂଘ ଦୁଇଟି ଗୋଷ୍ଠୀରେ ପରିଣତ ହେବା ସହ ବିଭିନ୍ନ ଅରୋପ, ପ୍ରତ୍ୟାରୋପ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ସଂଘର ପୂର୍ବତନ ବରିଷ୍ଠ ପଦାଧିକାରୀ ସହଦେବ ରାଉତ ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ)ରେ ଏକ ଦାବି ପତ୍ର ଦାଖଲ କରିଛନ୍ତି, ଯେଉଁଥିରେ ସଂଘର ସମ୍ପାଦକ ମନୋଜ ପଟ୍ଟନାୟକଙ୍କ କାର୍ଯ୍ୟକାରିତାକୁ ପ୍ରଶ୍ନ କରାଯିବା ସହ ତାଙ୍କ ମନମୁଖି କାର୍ଯ୍ୟକଳାପ ଓ ସେ ଜିଲା ପ୍ରତିନିଧିଙ୍କ ପ୍ରତି ଅସମ୍ମାନ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏପରିକି ରାଜ୍ୟରେ ଏହି କ୍ରୀଡ଼ାର ସ୍ଥିତିକୁ ଭୁଶୁଡାଇବା ପଛରେ ମନୋଜ ହିଁ ଦାୟୀ ବୋଲି ସହଦେବଙ୍କ ସମେତ ଅନ୍ୟ କିଛି କ୍ରୀଡ଼ା ସଙ୍ଗଠକ ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ମନୋଜଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

### ଫେଡରର ସବୁଠାରୁ ଅଧିକ ଆୟକାରୀ ଖେଳାଳି

**ନ୍ୟୁୟର୍କ, ୨୯।୫ (ଏଏଫପି):** ଫୋର୍ବସ ମାଗାଜିନ୍ ପକ୍ଷରୁ ଶୁକ୍ରବାର ୨୦୨୦ ବର୍ଷର ସବୁଠାରୁ ଅଧିକ ଆୟକାରୀ ଖେଳାଳି ତାଲିକା ପ୍ରକାଶ ପାଇଛି। ଏଥିରେ ସୁଇସ୍ ଟେନିସ କିମ୍ବଦନ୍ତୀ ରୋଜର ଫେଡରର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ଆୟ ୧୦୬.୩ ନିୟୁତ ଆମେରିକୀୟ ଡଲାର (୯୫.୫ ନିୟୁତ ୟୁରୋ) ବୋଲି ଏଥିରେ ଦର୍ଶାଯାଇଛି। ପର୍ତ୍ତୁଗିଜ୍ ଫୁଟ୍‌ବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ (୧୦୫ ନିୟୁତ ଡଲାର) ଦ୍ୱିତୀୟ ଏବଂ ଆର୍ଜେଣ୍ଟିନା ଫୁଟ୍‌ବଲ ହିରୋ ଲିଓନେଲ ମେସି (୧୦୪ ନିୟୁତ ଡଲାର) ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ମେସି ଓ ରୋନାଲ୍‌ଡୋ ୪ ବର୍ଷ ଧରି ଟପ୍ ଥ୍ରି ଆୟକାରୀ ରହି ଆସିଛନ୍ତି।

# ୫୫ ଖେଳାଳିଙ୍କୁ ଟ୍ରେନିଂ ପାଇଁ ନିର୍ଦ୍ଦେଶ ଦେଲା ଇସିବି

**ଲଣ୍ଡନ, ୨୯।୫ (ପି.ଟି.):** କୋଭିଡ–୧୯ ସଂକ୍ରମଣ ପାଇଁ ରୁଦ୍ଧଦ୍ୱାରରେ କ୍ରିକେଟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି)। ଏଥିପାଇଁ ବୋର୍ଡ ବିଶ୍ୱକପ୍ ବିଜୟୀ ଅଧିନାୟକ ଇଅନ ମୋର୍ଗାନ, ଦୁଇ ମୁଖ୍ୟ ପେସ୍ ବୋଲର ଜେମ୍ସ ଆଣ୍ଡରସନ ଓ ଜୋଫ୍ରା ଆର୍ଚରଙ୍କ ସମେତ ୫୫ ଖେଳାଳିଙ୍କୁ ଆଉଟଡୋର ଟ୍ରେନିଂ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ଟେଷ୍ଟ କ୍ରିକେଟକୁ ଫୋକସ କରି ଗତ ସପ୍ତାହରେ ୧୮ ବୋଲର ବ୍ୟକ୍ତିଗତ ଟ୍ରେନିଂ ଆରମ୍ଭ କରିଥିଲେ। ଇସିବି ପକ୍ଷରୁ ଏଥିରେ ଆଉ ୩୭ ଜଣଙ୍କୁ ମିଶାଇ ଦିଆଯାଇଛି। ତେବେ ଆହେଲକ୍ସ ହେଲ୍ସ, ଲିଆମ ପ୍ଲଙ୍କେଟ ଏବଂ ଜୋ କ୍ଲାର୍କଙ୍କ ପରି ବଡ଼ ଖେଳାଳି ଏହି ତାଲିକାରେ ସ୍ଥାନ ପାଇ ନାହାନ୍ତି। ୟୁକେ ସରକାର ଅନୁମତି ଦେଲେ ଇସିବି ବିନା ଦର୍ଶକରେ କ୍ରିକେଟ ଆରମ୍ଭ କରିବ। ତେଣୁ ଏଥିପାଇଁ ଖେଳାଳିଙ୍କୁ ଟ୍ରେନିଂ ପାଇଁ ପଡ଼ିଆକୁ ଓହ୍ଲାଇବାକୁ କୁହାଯାଇଛି। କାଉଣ୍ଟି ପାର୍ଟନରଙ୍କ ସହିତ ମିଶି ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖାଯାଇ ଖେଳାଳିଙ୍କ ଟ୍ରେନିଂ ଆରମ୍ଭ କରାଯିବ ବୋଲି ଇସିବି ପକ୍ଷରୁ ପ୍ରକାଶ କରାଯାଇଛି। ଟ୍ରେନିଂ ଆରମ୍ଭ ପାଇଁ ଅନୁମତି ପାଇଥିବା ଅନ୍ୟ ନାମୀ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ମୋଇନ ଅଲୀ, ଜନି ବେୟାରଷ୍ଟୋ, ଷ୍ଟୁଆଟ ବ୍ରଡ୍, ଜୋସ୍ ବଟଲର, ଆଡିଲ ରଶିଦ, ଟମ୍ କୁରାନ, ଡାଭିଡ ୱିଲି, ସାମ୍ ବିଲିଙ୍ଗ୍ସ। ନିର୍ଦ୍ଦିଷ୍ଟ ଫର୍ମାଟ ପାଇଁ ଇଂଲଣ୍ଡ ଦଳ ଉଚିତ ସମୟରେ ଘୋଷଣା କରାଯିବ ବୋଲି ଇସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି।

बैंक ऑफ़ बड़ौदा
Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ ବରୋଦା ଏହାର ବ୍ରହ୍ମପୁର (ଇ-ଦେନା) ଶାଖା ସ୍ଥାନାନ୍ତରିତ ପାଇଁ ଦୁଇଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।

| | |
|---|---|
| ଖଲ୍ଲିକୋଟ କଲେଜ ସ୍କୋୟାର ନିକଟବର୍ତ୍ତୀ ଅଞ୍ଚଳ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ (ଓଡ଼ିଶା) | ୧୭୦୦-୨୦୦୦ ବର୍ଗଫୁଟ କାର୍ପେଟ ଏରିଆ |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୭୦୭୭୭୨୭୦୨୮ରେ ଯୋଗାଯୋଗ କରନ୍ତୁ । ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୨.୦୬.୨୦୨୦ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।

ଉପ ମହା-ପ୍ରବନ୍ଧକ

# ଧାବିକା କିରଣଜିତ୍ ୪ବର୍ଷ ବାସନ୍ଦ



**ନୂଆଦିଲ୍ଲୀ, ୨୯।୫ (ପି.ଟି.):** ଗତବର୍ଷ ଟାଟା ଷ୍ଟିଲ୍ କୋଲକାତା ୨୫କେ ରେସ୍‌ରେ ଭାରତୀୟଙ୍କ ମଧ୍ୟରେ ପ୍ରଥମ ହୋଇଥିବା ଲଙ୍ଗ୍ ଡିଷ୍ଟାନ୍ସ ଧାବିକା କିରଣଜିତ୍ କୌରଙ୍କୁ ୱାର୍ଲ୍ଡ ଆଥଲେଟିକ୍ସ ୪ବର୍ଷ ବାସନ୍ଦ କରିଛି। ଦୋହାଠାରେ ହୋଇଥିବା ଡୋପ୍ ଟେଷ୍ଟରେ ସେ ଧରାପଡ଼ିଥିଲେ। ନ୍ୟାଶନାଲ ଆଣ୍ଟି ଡୋପ୍ ଟେଷ୍ଟିଂ ଲାବୋରେଟୋରିକୁ ସସ୍‌ପେଣ୍ଡ କରାଯାଇଥିବାରୁ କୌରଙ୍କର ଦୋହାସ୍ଥିତ ସାମ୍ପଲ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି(ୱାଡା) ସ୍ୱୀକୃତିପ୍ରାପ୍ତ ଲାବୋରେଟୋରିରେ ସାମ୍ପଲ ଟେଷ୍ଟ ହୋଇଥିଲା। ୩୨ ବର୍ଷୀୟ କୌର ଟାଟା ଷ୍ଟିଲ୍ କୋଲକାତା ୨୫କେ'ରେ ଯେଉଁ ପୁରସ୍କାର ଜିତିଥିଲେ ତାହା ପ୍ରତ୍ୟାହାର କରି ନିଆଯିବ। ଡିସେମ୍ବର ୧୫ରେ ପ୍ରତିଯୋଗିତା ବେଳେ ତାଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିବାରୁ ସେହି ଦିନଠାରୁ ବାସନ୍ଦ ଦଣ୍ଡ ଲାଗୁ ହୋଇଛି। ୱାର୍ଲ୍ଡ ଆଥଲେଟିକ୍ସ କିନ୍ତୁ ଫେବୃୟାରୀ ୨୬ରୁ ଏହି ଆଥଲେଟଙ୍କୁ ସାମୟିକ ବାସନ୍ଦ କରିସାରିଥିଲା। କୌର ୨୦୧୯ ଡିସେମ୍ବର ୧୫ରୁ ୨୦୨୦ ଫେବୃୟାରୀ ୨୬ ମଧ୍ୟରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗିତା ପାଇଁ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଏହି ସମୟ ମଧ୍ୟରେ ସେ ଯଦି କୌଣସି ପୁରସ୍କାର, ଟାଇଟଲ, ପଦକ ଅବା ପଏଣ୍ଟ ହାସଲ କରିଥାନ୍ତି ତାହା ରଦ୍ଦ ହୋଇଯିବ। ଗତବର୍ଷ ଡିସେମ୍ବର ୧୫ରେ ଅନୁଷ୍ଠିତ କୋଲକାତା ୨୫କେ'ରେ କୌର ୧:୩୮:୫୬ ଟାଇମିଂରେ ଓଭରାଲ ୧୧ତମ ସ୍ଥାନରେ ରହିଥିଲେ ହେଁ ଭାରତୀୟଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗତବର୍ଷ ମାର୍ଚ୍ଚରେ ଫେଡେରେଶନ କପ୍ ନ୍ୟାଶନାଲ ଚାମ୍ପିୟନଶିପ୍ ପଟିଆଲାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ୧୦,୦୦୦ ମିଟରରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପ୍ରକୃତରେ ସେ ୩୫:୪୯.୯୬ ଟାଇମିଂରେ ଏହି ରେସ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ମାତ୍ର ଡୋପିଂ ଅପରାଧ ପାଇଁ ସଞ୍ଜୀବନୀ ଯାଦବଙ୍କଠାରୁ ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର କରି ନିଆଯିବାରୁ କୌରଙ୍କୁ ବ୍ରୋଞ୍ଜ ମିଳିଥିଲା।

# ଅଲିମ୍ପିକ୍ ଚାମ୍ପିୟନ ରୁଡିଶା ୧୬ ସପ୍ତାହ ବାଦ୍ ପଡ଼ିଲେ

**ଲଣ୍ଡନ,୨୯।୫(ଏଏଫପି):** ଦୁଇଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା କେନିଆ ତାରକା ଧାବକ ଡେଭିଡ୍ ରୁଡିଶା ଇଞ୍ଜୁରିର ସମ୍ମୁଖୀନ ହୋଇ କ୍ରୀଡ଼ାରୁ ୧୬ ସପ୍ତାହ ବାଦ୍ ପଡିଛନ୍ତି। ବାମ ଗୋଡ଼ର ଗୋଇଠିରେ ସେ ଆଘାତ ପାଇଛନ୍ତି। ୮୦୦ ମିଟର ଦୌଡ଼ରେ ବିଶ୍ୱ ରେକର୍ଡ ସ୍ଥାପନ କରିଥିବା ୩୧ ବର୍ଷୀୟ ରୁଡିଶା ପଶ୍ଚିମ କେନିଆସ୍ଥିତ ନିଜ ଘରୋଇ ସହର କିଲଗୋରିସ୍‌ରେ ଆଘାତ ପାଇଥିଲେ।



ଗୋଇଠିରେ ହାଡ ଭାଙ୍ଗିଥିବା ତାଙ୍କ ଡାକ୍ତର ପରୀକ୍ଷା ପରେ ସ୍ପଷ୍ଟ କରିଛନ୍ତି। ତାଙ୍କର ଅସ୍ତ୍ରୋପଚାର କରାଯାଇଛି। କିଛିଦିନ ସେ ମେଡିକାଲରେ ରହିବେ ବୋଲି ଅର୍ଥୋପେଡିକ ସର୍ଜନ ଭିକ୍ଟର ବାରଗୋରିଆ କହିଛନ୍ତି। ଏବେ ୧୬ ସପ୍ତାହ ଟ୍ରେନିଂରୁ ଦୂରେଇ ରହିବେ ବୋଲି ସେ କହିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସେ ୮୦୦ ମି. ଦୌଡ଼ରେ ୧:୪୦.୯ ମିନିଟ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ନିକଟରେ ସେ ଆଣ୍ଠୁରେ ମଧ୍ୟ ଅସ୍ତ୍ରୋପଚାର କରାଇଥିଲେ ଓ ସେପ୍ଟେମ୍ବରରେ ଆୟୋଜନ ହେବାକୁ ଥିବା ଦୋହା ବିଶ୍ୱ ଚାମ୍ପିୟନଶିପ୍‌ରୁ ବାଦ୍ ପଡିଥିଲେ। ପୁଣି ଲେଗ୍ ଇଞ୍ଜୁରି କାରଣରୁ ସେ ୨୦୧୩ ଓ ୨୦୧୪ରେ ପୂରା ବର୍ଷ ଖେଳରୁ ବାଦ୍ ପଡିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।




# ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ

**ଭୁବନେଶ୍ୱର, ୨୯।୫(କ୍ରୀଡ଼ା ପ୍ରତିନିଧି)**

ମେ' ୨୯ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ଏଭରେଷ୍ଟ ଆରୋହଣକାରୀ ଯୋଗବ୍ୟାସ ଭୋଇଙ୍କ ସହିତ କେସିଙ୍ଗାର ପର୍ବତାରୋହୀ ହରେଶ ବଗର୍ତ୍ତୀ ଓ ମହେଶ କୁମାର କଳାହାଣ୍ଡି ଜିଲ୍ଲା ନର୍ଲାବ୍ଲକ ରୁପ୍ରା ଗ୍ରାମପଞ୍ଚାୟତ ନିକଟସ୍ଥ ୧୦୦୦ ଫୁଟ ଉଚ୍ଚତା ବିଶିଷ୍ଟ ୩ୟ ଟାଙ୍ଗିରି ପାହାଡକୁ ଶୁକ୍ରବାର ସଫଳତାର ସହିତ ଆରୋହଣ କରିଥିଲେ। ଏମାନେ ପାହାଡ ଶିଖରରେ ପହଞ୍ଚି ଡଙ୍ଗରର ରାଜାରାଣୀ ପଥରକୁ ମୁଣ୍ଡିଆ ମାରିବା ସହ ଜାତୀୟ ପତାକା ଉଡାଇ ଏଭରେଷ୍ଟ ଦିବସ ପାଳନ କରିଥିଲେ। ଏଥି ସହିତ ଜଙ୍ଗଲର ସୁରକ୍ଷା ଏବଂ ପାହାଡ, ପର୍ବତକୁ ରକ୍ଷା କଲେ ମାନବଜାତିର ସୁରକ୍ଷା ହୋଇ ପାରିବ ବୋଲି ବାର୍ତ୍ତା ଦେଇଥିଲେ।



ଶୁକ୍ରବାର ଟାଙ୍ଗିରି ପାହାଡ ଆରୋହଣ ପରେ ଯୋଗବ୍ୟାସ ଭୋଇ ଓ ସାଥୀମାନେ।

E Tropical
Inverter Series

GENERAL
AIR CONDITIONERS
The Extreme Machine

TROPICAL COOLING REDEFINED




Presenting tropically designed air conditioners that cool under extreme temperatures. Even at 55°C.
Not just that, they cool even at extremely low and high voltages, and yes, they are built to last longer.

55°C Extreme Hyper Tropical Product Design
Range 155V - 280V Extreme Voltage Operation
700V Extreme Surge Voltage Protection 700V
Extreme Protection with Anti-Corrosion Heat Exchanger
25m Extreme Airflow with Coanda Effect
Extreme Energy Saving with Human sensor
13%↔120% Extreme Cooling Range 800W - 9000W
With 3 Metres Piping Free Standard Installation on Inverter and Fixed Speed Split ACs
5 YEAR WARRANTY* ON INVERTER PCB
10 YEAR WARRANTY* ON INVERTER COMPRESSOR
Paytm Cashback GIFT VOUCHER UPTO ₹20,000*
Credit Card EMI POWERED BY mswipe 50% CASH BACK ON INTEREST ZERO DOWN PAYMENT
Easy EMI Schemes through NBFCs*
*T&C Apply

www.fujitsu-general.com/g-in | / fujitsu.general.india   Customer Care: 1860 2081 007 | 6379 881 007 | General Air Conditioner Customer App

**Fujitsu General (India) Pvt. Ltd., Email:** info@fujitsu-general.com, **For Enquiries:** Jagannath 78730 78714 / 89175 12415, **General Exclusive Arcade: Berhampur:** Kalinga Enterprises 93383 01549, 78095 77777, 94397 21119 / 98613 28990, **Authorised Dealers: Bhubaneshwar: Bapuji Nagar:** Patra Electronics 97782 04054, Great Eastern 70080 15299, **Sahid Nagar:** Cool Care Refrigeration 94370 44416, **Acharya Vihar:** JN Air Condioning 79787 87109, **Khandagiri:** Sahoo Engineering Services 89082 27066, **UNIT-4:** Dew Point 94371 71049, **Baramunda:** Gupta Distributors 99384 69841, Patra Electronics 90904 37166, **Patia:** Great Eastern 92379 44614, Gupta Distributors 97780 47796, **Cuttack: Buxibazar:** L.K. Refrigeration 98610 54355, **CDA:** LS Refrigeration 94371 63278, **Dolomundai:** Rausan Refrigeration 97763 26781, Patra Electronics 94370 61055, Great Eastern 70080 15299, **Badambadi:** Patra Electronics 94375 79644, Great Eastern 91781 44607, **PURI:** JN Enterprises 94370 23688, **Berhampur:** Priyabrata Enterprises 63705 86496, Trupti Agencies 98613 80629, **Talcher:** The Home Makers 95837 97856. **Balasore:** Videozone 94370 69262, Patra Electronics 98617 24244, Great Eastern 90780 65989, **Salipur:** Zinc Electro Bazar 90403 96003, **Bolangir:** Ably Info Solutions 9437025475 **Bargarh:** New Patra Needs 97763 23188, **Rourkela:** PMA Corporation 94370 43020, **Authorised Distributors: Bhubaneswar:** Gupta Distributors 70089 89330, **Coastal Odisha: Baleswar:** Mohapatra Sales Mart 94370 52545, **South Odisha:** Trupti Agencies 93374 47339, **Sambalpur:** G.N.Electronics 89081 12233. **Registered Office:** 1st Floor, 10(26), 80th Street, 18th Avenue, Ashok Nagar, Chennai 600 083. **CIN:** U31100TN2018FTC126102.

Also Available At: Reliance digital

Terms & Conditions apply. Features and specifications may vary from model to model. Please refer to product catalogue for details. Actual product may differ from the one shown above. 10 years warranty on inverter compressor is on select models and includes 5 years standard warranty & 5 years extended warranty. 5 years warranty on inverter PCB is for the outdoor unit PCB on select models and includes 1 year standard warranty & 4 years extended warranty. To avail extended warranty – a) Registration of product within 30 days of purchase & installation by authorised service partner is mandatory and subject to verification by the company; & b) Servicing & maintenance of product during warranty period at a nominal cost by authorised service partner is mandatory. For product registration, call 1860 2081 007 or Whatsapp 6379 881 007 or register through our General air conditioner customer mobile app. Price offered is at the sole discretion of the authorised channel partner. EMI offer is at the sole discretion of the financier. Easy EMI offer is through select NBFCs. Credit card EMI offer can be availed using Mswipe enabled platform only. Cash back offer on interest is eligible only on credit card EMI through Mswipe POS machines. Paytm gift voucher offer is model specific and eligible only on a transaction through Paytm. Paytm gift voucher offer is at the sole discretion of Paytm and the company is not liable for the deliverables of the gift vouchers offered. Cashback offer on Credit card EMI, Paytm gift voucher offer and easy EMI offer through NBFCs are mutually exclusive of each other and the customer can avail only any one of these offers. All offers are valid against installation by authorised service partner and subject to verification by the company. All offers are valid on select models sold through authorized channel partners only. We have not authorised any e-commerce website to sell our products. Offers valid till stocks last and for a limited period only. To dispose e-waste through an authorized recycler please visit www.fujitsu-general.com/g-in/epr-e-waste or call us at 1860 2081 007.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ